ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ଜୁନ୍ ୧୪/୨୦୨୨ | Bhubaneswar, Tuesday, June 14/2022 | ₹ 7.00 | ★★★★
୪୮ଶ ଭାଗ ୧୯୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ₹୭/-

# ଆଜି ଦାରୁଦିଅଁଙ୍କ ହାତୀବେଶ



## ମହାପ୍ରଭୁଙ୍କ ସ୍ନାନଯାତ୍ରା

■ ୫ ଥାକିଆ ସୁରକ୍ଷା ବ୍ୟବସ୍ଥା ଭିତରେ ପୁରୀ ସହର
■ ମରିଚିକୋଟରୁ ଜଗାବଳିଆ ଲଜ୍ ପର୍ଯ୍ୟନ୍ତ ନୋ ଭେହିକିଲ୍ ଜୋନ

**ପୁରୀ ଅଫିସ,୧୩ା୬**

ଦୁଇ ବର୍ଷ ପରେ ଭକ୍ତଙ୍କ ମେଳରେ ହେବ ସ୍ନାନଯାତ୍ରା। ସ୍ନାନବେଦୀରେ ସ୍ନାନ କରି ମଙ୍ଗଳବାର ହାତୀବେଶରେ ଦର୍ଶନ ଦେବେ ଦାରୁଦିଅଁ। ଏଥିପାଇଁ ସଅଳ ନୀତିକାନ୍ତି ନିର୍ଘଣ୍ଟ ହୋଇଛି। ରତ୍ନ ସିଂହାସନରେ ଚାରମାଳ ବନ୍ଧା ସହ ଶ୍ରୀଅଙ୍ଗରେ ସେନାପଟା ଓ ବାହୁଟ କଣ୍ଟ ନୀତି ଦଇତାପତି ସେବାୟତଙ୍କ ଦ୍ୱାରା ସମ୍ପାଦିତ ହୋଇଛି। ମଙ୍ଗଳବାର ଭୋର ୩ଟା ୩୦ରେ ମଙ୍ଗଳାର୍ପଣ କରାଯାଇ ୪ଟା ସୁଦ୍ଧା ପହଣ୍ଡି ଆରମ୍ଭ ହେବ। ସକାଳ ୬ଟା ସୁଦ୍ଧା ପହଣ୍ଡି ଶେଷ ହେବ। ଏହାପରେ ବିଭିନ୍ନ ରୀତିନୀତି ସମ୍ପନ୍ନ ହୋଇ ପୂର୍ବାହ୍ନ ୯ଟା ୩୦ରେ ଜଳବିଜେ ଓ ପୂଜା, ସ୍ନାନ ଇତ୍ୟାଦି ସମ୍ପାଦନ ହେବ। ମଧ୍ୟାହ୍ନ ୧୨ଟା ୧୫ରୁ ୧୨ଟା ୪୫ ମଧ୍ୟରେ ଛେରାପହଁରା ଏବଂ ଗଜାନନ ବେଶ ମଧ୍ୟାହ୍ନ ୧୨ଟା ୪୫ରୁ ଅପରାହ୍ନ ୨ଟା ୩୦ରେ ସମ୍ପନ୍ନ ହେବ। ସାହାଣମେଳା ଦର୍ଶନ ସନ୍ଧ୍ୟା ୬ରୁ ରାତ୍ର ୯ଟା ୩୦ ପର୍ଯ୍ୟନ୍ତ ଚାଲିବ। ୧୦ଟାରୁ ରାତି ଗୋଟାଏ ମଧ୍ୟରେ ବାହୁଡ଼ା ପହଣ୍ଡି ସରିବା ପରେ ୧ଟା ୩୦ରେ ସୁନାଚିତା ଓ ରାହୁରେଖା ମଇଲମ କରାଯିବ। ନିର୍ଦ୍ଧାରିତ ସମୟ ପୂର୍ବରୁ ନୀତିକାନ୍ତି ଶେଷ କରିବା ପାଇଁ ସେବାୟତମାନଙ୍କୁ ଶ୍ରୀମନ୍ଦିର ପ୍ରଶାସନ ନିର୍ଦ୍ଦେଶ ଜାରି କରିଛି। ☞ପୃଷ୍ଠା-୪

# ବସ୍ ଓଲଟି ୬ ଯାତ୍ରୀ ମୃତ, ୩୦ ଆହତ

**ମାଲକାନଗିରି/ନବରଙ୍ଗପୁର, ୧୩ା୬ (ଡି.ଏନ.ଏ./ବି.ପ୍ର.)**

କଳାହାଣ୍ଡି ଜିଲା ଭବାନୀପାଟଣାରୁ ହାଇଦ୍ରାବାଦ ଅଭିମୁଖେ ଯାଉଥିବା କେଜିଏନ୍ ନାମକ ଘରୋଇ ଯାତ୍ରୀବାହୀ ବସ୍ ରବିବାର ରାତି ପ୍ରାୟ ସାଢ଼େ ଗୋଟାଏ ବେଳେ ମାଲକାନଗିରି ସୀମାନ୍ତ ଆନ୍ଧ୍ରପ୍ରଦେଶର ବୋଡୁଗୁଡମ୍‌ଠାରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୬ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୩୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୬ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ମୃତକମାନେ ହେଲେ କଳାହାଣ୍ଡି ଜିଲା ଆମ୍ବପାଣି ପଞ୍ଚାୟତ ଅନ୍ତର୍ଗତ କୁନ୍ଦାଗଡ ଗ୍ରାମର ଧନେଶ୍ୱର ଦଳପତି(୨୪), ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ କନ୍ହେଇମୁଣ୍ଡା ଗ୍ରାମର ଲକ୍ଷ୍ମଣ ହରିଜନଙ୍କ ପୁଅ ଜିତୁ ହରିଜନ(୫) ଓ ଝିଅ ସୁନେନା ହରିଜନ(୨), ନବରଙ୍ଗପୁର ସଦର ବ୍ଲକ ଅଞ୍ଚଳର ଡୁମର ହରିଜନ(୩୯), ନୂଆପଡା ଜିଲା ଗୋଟି ଗ୍ରାମର ଦାମୁ ରାଇ (୩୨) ଏବଂ ୪ ବର୍ଷିୟା ନାବାଳିକା କୋଟା ☞ପୃଷ୍ଠା-୪



ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିବା ବସ୍।

## ଦୁଃଖ ପ୍ରକାଶ କଲେ ମୁଖ୍ୟମନ୍ତ୍ରୀ

# ସିବିଆଇ ଜାଲରେ ପୋଷ୍ଟାଲ ଇନ୍ସପେକ୍ଟର

୬ ମାସର ଦରମା ବିଲ୍ କରିଦେବାକୁ ୫ ହଜାର ଲାଞ୍ଚ ନେଉଥିଲେ



ଉଜ୍ଜ୍ୱଳ କୁମାର

**ସୁନ୍ଦରଗଡ଼,୧୩ା୬ (ଡି.ଏନ୍.ଏ.)**

ସୁନ୍ଦରଗଡ଼ ଟାଉନରେ ଥିବା ମୁଖ୍ୟ ପୋଷ୍ଟ ଅଫିସର ପୋଷ୍ଟାଲ ଇନ୍ସପେକ୍ଟର ସୋମବାର ସିବିଆଇ ଜାଲରେ ଧରାପଡ଼ିଛନ୍ତି। ସେ ହେଲେ ଉଜ୍ଜ୍ୱଳ କୁମାର। ନିଜ ଅଧସ୍ତନ କର୍ମଚାରୀଙ୍କ ୬ ମାସର ବକେୟା ଦରମା ବିଲ୍ କରିଦେବା ପାଇଁ ଉଜ୍ଜ୍ୱଳ ୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏନେଇ ଉକ୍ତ କର୍ମଚାରୀ ଜଣକ ସିବିଆଇ ନିକଟରେ ଅଭିଯୋଗ କରିଥିଲେ। ଦିନ ବେଳା କାର୍ଯ୍ୟାଳୟରେ ଉକ୍ତ କର୍ମଚାରୀଙ୍କଠାରୁ ଉଜ୍ଜ୍ୱଳ ୫ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟର ସିବିଆଇ ଟିମ୍ କାବୁ କରିଥିଲେ। ଏହାପରେ ସିବିଆଇ ଟିମ୍‌ର ଅଧିକାରୀମାନେ ଉଜ୍ଜ୍ୱଳଙ୍କ ସୁନ୍ଦରଗଡ଼ସ୍ଥିତ ଭଡ଼ାଘରେ ଚଢ଼ାଉ ଜାରି ରଖିଛନ୍ତି। ତାଙ୍କୁ ସିବିଆଇ ପକ୍ଷରୁ ଅଟକ ରଖାଯାଇ ପଚରାଉଚରା କରାଯାଉଛି। ହେଲେ ଏନେଇ ସିବିଆଇ ପକ୍ଷରୁ କୌଣସି ସୂଚନା ମିଳିପାରିନାହିଁ।

ଆଜିର ସମ୍ପାଦକୀୟ
ଔରଙ୍ଗଜେବଙ୍କ ଦୋଷ


## ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ
## ରଜ ଶୁଭେଚ୍ଛା



DADLS-23

ଓଡ଼ିଆଙ୍କ ପ୍ରିୟ ପର୍ବ ରଜ ଅବସରରେ ଓଡ଼ିଶାବାସୀ ବିଶେଷକରି ଆମର ମା' ଓ ଝିଅମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ରଜ ଧରଣୀମାତାଙ୍କ ଉପାସନାର ଅନନ୍ୟ ପର୍ବ । ନାରୀତ୍ୱର ମହନୀୟତାର ପର୍ବ । ସମାଜରେ ନାରୀର ଅବଦାନକୁ କୃତଜ୍ଞତା ଜଣାଇବାର ପର୍ବ ।

ଏହି ଅବସରରେ ଆସନ୍ତୁ, ଛୋଟ ଝିଅଙ୍କ ଠାରୁ ଆରମ୍ଭ କରି ଆମର ମା'ମାନଙ୍କ ପର୍ଯ୍ୟନ୍ତ ସମସ୍ତଙ୍କର ପୋଷଣ, ସ୍ୱାସ୍ଥ୍ୟ ଓ ଶିକ୍ଷା ପ୍ରତି ଯତ୍ନଶୀଳ ହେବା ଏବଂ ସେମାନଙ୍କ ପାଇଁ ସୁନ୍ଦର ଭବିଷ୍ୟତ ଓ ଏକ ସୁସ୍ଥ ସମାଜ ଗଠନ ପାଇଁ କାମ କରିବା ।

ନବୀନ ପଟ୍ଟନାୟକ
(ନବୀନ ପଟ୍ଟନାୟକ)

OIPR-15001/13/0063/2223





ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ଜୁନ୍ ୧୪/୨୦୨୨ (୧୬ ପୃଷ୍ଠା) | Bhubaneswar, Tuesday, June 14/2022 | Page 16 | ₹ 7.00 | ★★★★
୪୮ଶ ଭାଗ ୧୯୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ₹୭/-

# ଆଜି ଦାରୁଦିଅଁଙ୍କ ହାତୀବେଶ



## ମହାପ୍ରଭୁଙ୍କ ସ୍ନାନଯାତ୍ରା

■ ୫ ଥାକିଆ ସୁରକ୍ଷା ବ୍ୟବସ୍ଥା ଭିତରେ ପୁରୀ ସହର

■ ମରିଚିକୋଟରୁ ଜଗାବଳିଆ ଲଜ୍ ପର୍ଯ୍ୟନ୍ତ ନୋ ଭେହିକିଲ୍ ଜୋନ

**ପୁରୀ ଅଫିସ,୧୩।୬**

ଦୁଇ ବର୍ଷ ପରେ ଭକ୍ତଙ୍କ ମେଳରେ ହେବ ସ୍ନାନଯାତ୍ରା। ସ୍ନାନବେଦୀରେ ସ୍ନାନ କରି ମଙ୍ଗଳବାର ହାତୀବେଶରେ ଦର୍ଶନ ଦେବେ ଦାରୁଦିଅଁ। ଏଥିପାଇଁ ସଅଳ ନୀତିକାନ୍ତି ନିର୍ଘଣ୍ଟ ହୋଇଛି। ରତ୍ନ ସିଂହାସନରେ ଚାରମାଳ ବନ୍ଧା ସହ ଶ୍ରୀଅଙ୍ଗରେ ସେନାପଟା ଓ ବାହୁଟ କଣ୍ଟ ନୀତି ଦଇତାପତି ସେବାୟତଙ୍କ ଦ୍ୱାରା ସମ୍ପାଦିତ ହୋଇଛି। ମଙ୍ଗଳବାର ଭୋର ୩ଟା ୩୦ରେ ମଙ୍ଗଳାର୍ପଣ କରାଯାଇ ୪ଟା ସୁଦ୍ଧା ପହଣ୍ଡି ଆରମ୍ଭ ହେବ। ସକାଳ ୬ଟା ସୁଦ୍ଧା ପହଣ୍ଡି ଶେଷ ହେବ। ଏହାପରେ ବିଭିନ୍ନ ରୀତିନୀତି ସମ୍ପନ୍ନ ହୋଇ ପୂର୍ବାହ୍ନ ୯ଟା ୩୦ରେ ଜଳବିଜେ ଓ ପୂଜା, ସ୍ନାନ ଇତ୍ୟାଦି ସମ୍ପାଦନ ହେବ। ମଧ୍ୟାହ୍ନ ୧୨ଟା ୧୫ରୁ ୧୨ଟା ୪୫ ମଧ୍ୟରେ ଛେରାପହଁରା ଏବଂ ଗଜାନନ ବେଶ ମଧ୍ୟାହ୍ନ ୧୨ଟା ୪୫ରୁ ଅପରାହ୍ନ ୨ଟା ୩୦ରେ ସମ୍ପନ୍ନ ହେବ। ସାହାଣମେଳା ଦର୍ଶନ ସନ୍ଧ୍ୟା ୬ରୁ ରାତ୍ର ୯ଟା ୩୦ ପର୍ଯ୍ୟନ୍ତ ଚାଲିବ। ୧୦ଟାରୁ ରାତି ଗୋଟାଏ ମଧ୍ୟରେ ବାହୁଡ଼ା ପହଣ୍ଡି ସରିବା ପରେ ୧ଟା ୩୦ରେ ସୁନାଚିତା ଓ ରାହୁରେଖା ମଇଲମ କରାଯିବ। ନିର୍ଦ୍ଧାରିତ ସମୟ ପୂର୍ବରୁ ନୀତିକାନ୍ତି ଶେଷ କରିବା ପାଇଁ ସେବାୟତମାନଙ୍କୁ ଶ୍ରୀମନ୍ଦିର ପ୍ରଶାସନ ନିର୍ଦ୍ଦେଶ ଜାରି କରିଛି। ☞ପୃଷ୍ଠା–୪

# ବସ୍ ଓଲଟି ୬ ଯାତ୍ରୀ ମୃତ, ୩୦ ଆହତ

**ମାଲକାନଗିରି/ନବରଙ୍ଗପୁର, ୧୩।୬ (ଡି.ଏନ.ଏ./ବି.ପ୍ର.)**

କଳାହାଣ୍ଡି ଜିଲା ଭବାନୀପାଟଣାରୁ ହାଇଦ୍ରାବାଦ ଅଭିମୁଖେ ଯାଉଥିବା କେଜିଏନ୍ ନାମକ ଘରୋଇ ଯାତ୍ରୀବାହୀ ବସ୍ ରବିବାର ରାତି ପ୍ରାୟ ସାଢ଼େ ଗୋଟାଏ ବେଳେ ମାଲକାନଗିରି ସୀମାନ୍ତ ଆନ୍ଧ୍ରପ୍ରଦେଶର ବୋଡୁଗୁଡମ୍‌ଠାରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୬ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୩୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୬ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ମୃତକମାନେ ହେଲେ କଳାହାଣ୍ଡି ଜିଲା



ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିବା ବସ୍।

## ଦୁଃଖ ପ୍ରକାଶ କଲେ ମୁଖ୍ୟମନ୍ତ୍ରୀ

ଆମ୍ବପାଣି ପଞ୍ଚାୟତ ଅନ୍ତର୍ଗତ କୁନ୍ଦାଗଡ ଗ୍ରାମର ଧନେଶ୍ୱର ଦଳପତି(୨୪), ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ କନ୍ହେଇମୁଣ୍ଡା ଗ୍ରାମର ଲକ୍ଷ୍ମଣ ହରିଜନଙ୍କ ପୁଅ ଜିତୁ ହରିଜନ(୫) ଓ ଝିଅ ସୁନେନା ହରିଜନ(୨), ନବରଙ୍ଗପୁର ସଦର ବ୍ଲକ ଅଞ୍ଚଳର ଡୁମର ହରିଜନ(୩୯), ନୂଆପଡା ଜିଲା ଗୋଟି ଗ୍ରାମର ଦାମୁ ରାଇ (୩୨) ଏବଂ ୪ ବର୍ଷିୟା ନାବାଳିକା କୋଟା ☞ପୃଷ୍ଠା–୪

# ସିବିଆଇ ଜାଲରେ ପୋଷ୍ଟାଲ ଇନ୍ସପେକ୍ଟର

୬ ମାସର ଦରମା ବିଲ୍ କରିଦେବାକୁ ୫ ହଜାର ଲାଞ୍ଚ ନେଉଥିଲେ




**ସୁନ୍ଦରଗଡ଼,୧୩।୬ (ଡି.ଏନ୍.ଏ.)**

ସୁନ୍ଦରଗଡ଼ ଟାଉନରେ ଥିବା ମୁଖ୍ୟ ପୋଷ୍ଟ ଅଫିସର ପୋଷ୍ଟାଲ ଇନ୍ସପେକ୍ଟର ସୋମବାର ସିବିଆଇ ଜାଲରେ ଧରାପଡ଼ିଛନ୍ତି। ସେ ହେଲେ ଉଜ୍ଜ୍ୱଳ କୁମାର। ନିଜ ଅଧସ୍ତନ କର୍ମଚାରୀଙ୍କ ୬ ମାସର ବକେୟା ଦରମା ବିଲ୍ କରିଦେବା ପାଇଁ ଉଜ୍ଜ୍ୱଳ ୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏନେଇ ଉକ୍ତ କର୍ମଚାରୀ ଜଣକ ସିବିଆଇ ନିକଟରେ ଅଭିଯୋଗ କରିଥିଲେ। ଦିନ ବେଳା କାର୍ଯ୍ୟାଳୟରେ ଉକ୍ତ କର୍ମଚାରୀଙ୍କଠାରୁ ଉଜ୍ଜ୍ୱଳ ୫ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟର ସିବିଆଇ ଟିମ୍ କାବୁ କରିଥିଲେ। ଏହାପରେ ସିବିଆଇ ଟିମ୍‌ର ଅଧିକାରୀମାନେ ଉଜ୍ଜ୍ୱଳଙ୍କ ସୁନ୍ଦରଗଡ଼ସ୍ଥିତ ଭଡ଼ାଘରେ ଚଢ଼ାଉ ଜାରି ରଖିଛନ୍ତି। ତାଙ୍କୁ ସିବିଆଇ ପକ୍ଷରୁ ଅଟକ ରଖାଯାଇ ପଚରାଉଚରା କରାଯାଉଛି। ହେଲେ ଏନେଇ ସିବିଆଇ ପକ୍ଷରୁ କୌଣସି ସୂଚନା ମିଳିପାରିନାହିଁ।

**ଆଜିର ସମ୍ପାଦକୀୟ**

ଔରଙ୍ଗଜେବଙ୍କ ଦୋଷ




## ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ
## ରଜ ଶୁଭେଚ୍ଛା

DADLS-23

ଓଡ଼ିଆଙ୍କ ପ୍ରିୟ ପର୍ବ ରଜ ଅବସରରେ ଓଡ଼ିଶାବାସୀ ବିଶେଷକରି ଆମର ମା' ଓ ଝିଅମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ରଜ ଧରଣୀମାତାଙ୍କ ଉପାସନାର ଅନନ୍ୟ ପର୍ବ । ନାରୀତ୍ୱର ମହନୀୟତାର ପର୍ବ । ସମାଜରେ ନାରୀର ଅବଦାନକୁ କୃତଜ୍ଞତା ଜଣାଇବାର ପର୍ବ ।

ଏହି ଅବସରରେ ଆସନ୍ତୁ, ଛୋଟ ଝିଅଙ୍କ ଠାରୁ ଆରମ୍ଭ କରି ଆମର ମା'ମାନଙ୍କ ପର୍ଯ୍ୟନ୍ତ ସମସ୍ତଙ୍କର ପୋଷଣ, ସ୍ୱାସ୍ଥ୍ୟ ଓ ଶିକ୍ଷା ପ୍ରତି ଯତ୍ନଶୀଳ ହେବା ଏବଂ ସେମାନଙ୍କ ପାଇଁ ସୁନ୍ଦର ଭବିଷ୍ୟତ ଓ ଏକ ସୁସ୍ଥ ସମାଜ ଗଠନ ପାଇଁ କାମ କରିବା ।

(ନବୀନ ପଟ୍ଟନାୟକ)

OIPR-15001/13/0063/2223



# ବିକ୍ରମ ଆରୁଖ ନୂଆ ବାଚସ୍ପତି

ଭୁବନେଶ୍ୱର, ୧୩।୬(ବ୍ୟୁରୋ)

ଓଡ଼ିଶା ବିଧାନସଭାର ନୂଆ ବାଚସ୍ପତି ଭାବେ ବିକ୍ରମ କେଶରୀ ଆରୁଖ ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଛନ୍ତି। ବାଚନିକ ଭୋଟ ପରେ ଆରୁଖଙ୍କୁ ଉପବାଚସ୍ପତି ରଜନୀକାନ୍ତ ସିଂ ବାଚସ୍ପତି ଭାବେ ଘୋଷଣା କରିଛନ୍ତି ।

ବାଚସ୍ପତି ନିର୍ବାଚନ ପାଇଁ ସୋମବାର ପୂର୍ବାହ୍ନରେ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ବସିଥିଲା । ଆରୁଖଙ୍କୁ ବାଚସ୍ପତି କରିବା ପାଇଁ ଗୃହର ନେତା ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକ ପ୍ରସ୍ତାବ ଆଗତ କରିଥିଲେ। ଉପବାଚସ୍ପତିଙ୍କ ନିର୍ଦ୍ଦେଶ ଅନୁଯାୟୀ ମୁଖ୍ୟମନ୍ତ୍ରୀ ପ୍ରସ୍ତାବିତ ବାଚସ୍ପତି ଆରୁଖଙ୍କ ସମ୍ପର୍କରେ ବିବୃତି ରଖିଥିଲେ। ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ ଏହି ପ୍ରସ୍ତାବକୁ ସମର୍ଥନ ଜଣାଇଥିଲେ। ଏହା ପରେ ବାଚନିକ ଭୋଟରେ ଆରୁଖ ନିର୍ବାଚିତ ହେଲେ ବୋଲି ଉପବାଚସ୍ପତି ସିଂ ଗୃହକୁ ଅବଗତ କରାଇଥିଲେ।



ନୂତନ ବାଚସ୍ପତି ଭାବେ ସୋମବାର ବିକ୍ରମ କେଶରୀ ଆରୁଖ ନିର୍ବାଚିତ ହେବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବିରୋଧୀ ଦଳ ନେତା ନରସିଂହ ମିଶ୍ର ଓ ଅନ୍ୟମାନେ ତାଙ୍କୁ ସ୍ୱାଗତ କରୁଛନ୍ତି।

ପରମ୍ପରା ଅନୁଯାୟୀ, ବାଚସ୍ପତି ଭାବେ ନିର୍ବାଚିତ ହେବା ପରେ ଆରୁଖଙ୍କୁ ମୁଖ୍ୟମନ୍ତ୍ରୀ, କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର, ସଂସଦୀୟ ବ୍ୟାପାର ମନ୍ତ୍ରୀ, ସରକାରୀ ମୁଖ୍ୟ ସଚେତକ, ଉପ ମୁଖ୍ୟ ସଚେତକ, କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି, ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ, ଅର୍ଥମନ୍ତ୍ରୀ ପ୍ରଦୀପ କୁମାର ଅମାତ ପ୍ରମୁଖ ବାଚସ୍ପତିଙ୍କୁ ପୋଡିୟମ ନିକଟକୁ ପାଛୋଟି ନେଇଥିଲେ। ନବନିର୍ବାଚିତ ବାଚସ୍ପତିଙ୍କୁ ସ୍ୱାଗତ କରିବା ସହ ସାମ୍ବିଧାନିକ ଦାୟିତ୍ୱ ତୁଲାଇବା ବେଳେ ବାଚସ୍ପତିଙ୍କୁ ସହଯୋଗ କରିବା ପାଇଁ ଗୃହର ନେତା ସମସ୍ତ ସଦସ୍ୟଙ୍କୁ ଅନୁରୋଧ କରିଥିଲେ। ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝି ନବନିର୍ବାଚିତ ବାଚସ୍ପତିଙ୍କୁ ନିଜ ଦଳ ତରଫରୁ ସ୍ୱାଗତ କରି କହିଥିଲେ ଯେ, ବାଚସ୍ପତି ନିଜ ଦାୟିତ୍ୱ ସମ୍ପନ୍ନ କରିବା ବେଳେ ଗୃହର ସମସ୍ତ ସଦସ୍ୟଙ୍କୁ ସମାନ ଭାବେ ଗୃହରେ ନିଜର ବକ୍ତବ୍ୟ ରଖିବାର ସୁଯୋଗ ଦେବେ ବୋଲି ଦଳ ଆଶା କରୁଛି। କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ନବନିର୍ବାଚିତ ବାଚସ୍ପତିଙ୍କୁ ସ୍ୱାଗତ କରିଥିଲେ। ସେ କହିଥିଲେ ଯେ, ଏକ ପ୍ରଥା ରହିଛି। ଯଦି କୌଣସି ସଦସ୍ୟ ବାଚସ୍ପତି ଭାବେ ନିର୍ବାଚିତ ହୁଅନ୍ତି ତେବେ ସେ ଦଳରୁ ଇସ୍ତଫା ଦେଇଥାଆନ୍ତି। ହେଲେ ଏବେ ଏହାକୁ କୌଣସି ଦଳ ଅନୁସରଣ କରୁନାହାନ୍ତି। ନବନିର୍ବାଚିତ ବାଚସ୍ପତି ଜଣେ ପୁରୁଖା ସଦସ୍ୟ। ସେ ସଂସଦୀୟ ବ୍ୟାପାର ମନ୍ତ୍ରୀ ସହିତ ଅନେକ ଦାୟିତ୍ୱ ସଫଳତାର ସହ ତୁଲାଇଛନ୍ତି। ବାଚସ୍ପତି ଭାବେ ଗୃହରେ ଦଳଗତ ନିର୍ବିଶେଷରେ ସମସ୍ତ ସଦସ୍ୟଙ୍କ କଥା ଶୁଣିବା ନେଇ ସେ ଆଶାବ୍ୟକ୍ତ କରିଛନ୍ତି। ବାଚସ୍ପତିଙ୍କ ନାମ ଘୋଷଣା ପୂର୍ବରୁ ଶାସକ ଦଳ ବିରୋଧୀ ଦଳଙ୍କ ସହ ଆଲୋଚନା କରିପାରିଥାଆନ୍ତା। ଏହାସତ୍ତ୍ୱେ ଗୃହର ନେତାଙ୍କୁ ସମର୍ଥନ ଜଣାଇ ବିରୋଧୀ ଦଳ କୌଣସି ପ୍ରାର୍ଥୀ ଦେଇନାହାନ୍ତି। ଯଦି ଏହା ପୂର୍ବରୁ ବିରୋଧୀଙ୍କୁ ବିଶ୍ୱାସକୁ ନିଆଯାଇଥାଆନ୍ତ ତେବେ ଏହା ଏକ ସୁସ୍ଥ ଗଣତନ୍ତ୍ରର ବାତାବରଣ ସୃଷ୍ଟି କରିଥାଆନ୍ତା। ନବନିର୍ବାଚିତ ବାଚସ୍ପତିଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁଭେଚ୍ଛା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ଟୁଇଟ୍ କରି କହିଛନ୍ତି, ପବିତ୍ର ଗୃହର ଗରିମା ଅକ୍ଷୁର୍ଣ୍ଣ ରଖିବା ସହ ସାମ୍ବିଧାନିକ ପଦ, ମର୍ଯ୍ୟାଦା ପ୍ରତି ସମ୍ମାନ ରଖି ତାଙ୍କ ଉତ୍ତମ ଗୃହ ପରିଚାଳନା ଗଣତନ୍ତ୍ରକୁ ଆହୁରି ମଜଭୁତ କରିବ।

ଏଠାରେ ଉଲ୍ଲେଖଯୋଗ୍ୟ, ଶୁକ୍ରବାର ବିଧାୟକ ବିକ୍ରମ କେଶରୀ ଆରୁଖ ବିଧାନସଭା ସଚିବଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରିଥିଲେ। କିଛିଦିନ ପୂର୍ବରୁ ସୂର୍ଯ୍ୟନାରାୟଣ ପାତ୍ର ଅସୁସ୍ଥ ହେବା ପରେ ବାଚସ୍ପତି ପଦରୁ ଇସ୍ତଫା ଦେଇଥିଲେ। ଏହାପରେ ବାଚସ୍ପତି ଆସନ ଖାଲି ପଡ଼ିଥିଲା। ପ୍ରକାଶ ଯେ, ବିକ୍ରମ କେଶରୀ ଆରୁଖ ଭଞ୍ଜନଗରରୁ ୬ଥର ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ପୂର୍ବରୁ ସେ ସରକାରୀ ଦଳ ମୁଖ୍ୟ ସଚେତକ ସହ ବିଭିନ୍ନ ବିଭାଗର ମନ୍ତ୍ରୀ ଭାବେ ମଧ କାର୍ଯ୍ୟ କରିଛନ୍ତି। ନିକଟରେ ସେ ଜଙ୍ଗଲ ଓ ପରିବେଶ, ସଂସଦୀୟ ବ୍ୟାପାର ମନ୍ତ୍ରୀ ପଦରୁ ଇସ୍ତଫା ପ୍ରଦାନ କରିଥିଲେ।

# ଶପଥ ନେଲେ ବ୍ରଜରାଜନଗର ବିଧାୟିକା ଅଳକା



ବିଧାୟିକା ଭାବେ ବ୍ରଜରାଜନଗରରୁ ନିର୍ବାଚିତ ହୋଇଥିବା ଅଳକା ମହାନ୍ତି ବିଧାନସଭାରେ ଶପଥ ନେଉଛନ୍ତି।

ଭୁବନେଶ୍ୱର, ୧୩।୬(ବ୍ୟୁରୋ)

ବ୍ରଜରାଜନଗର ବିଧାୟିକା ଅଳକା ମହାନ୍ତି ସୋମବାର ବିଧାନସଭାରେ ଶପଥ ଗ୍ରହଣ କରିଛନ୍ତି। ଅଳକାଙ୍କୁ ବାଚସ୍ପତି ବିକ୍ରମ କେଶରୀ ଆରୁଖ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ବ୍ରଜରାଜନଗର ଉପନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ କିଶୋର ପଟେଲଙ୍କ ଠାରୁ ୬୬ ହଜାରରୁ ଅଧିକ ଭୋଟ୍ ବ୍ୟବଧାନରେ ବିଜୟୀ ହୋଇଥିଲେ। ଅଳକା ଶପଥ ନେବାପରେ ବିଧାନସଭାରେ ବିଜେଡି ବିଧାୟକଙ୍କ ସଂଖ୍ୟା ୧୧୪କୁ ବୃଦ୍ଧି ପାଇଛି। ବ୍ରଜରାଜନଗର ଆସନରୁ କିଶୋର ମାହାନ୍ତି ବିଜେଡିରୁ ବିଧାୟକ ହୋଇଥିଲେ। ହେଲେ ତାଙ୍କ ଦେହାନ୍ତ ପରେ ବିଜେଡି ତାଙ୍କ ସ୍ତ୍ରୀ ଅଳକା ମହାନ୍ତିଙ୍କୁ ଉପନିର୍ବାଚନରେ ପ୍ରାର୍ଥୀ କରିଥିବା ବେଳେ ସେ ବିଜୟୀ ହେଲେ। ଭାଜପା ଏହି ଉପନିର୍ବାଚନରେ ପୂର୍ବତନ ବିଧାୟିକା ରାଧାରାଣୀ ପଣ୍ଡାଙ୍କୁ ପ୍ରାର୍ଥୀ କରିଥିଲା। ତେବେ ବିକ୍ରମ କେଶରୀ ଆରୁଖ ବାଚସ୍ପତି ଭାବେ ଦାୟିତ୍ୱ ନେବାପରେ ପ୍ରଥମେ ଅକଳାଙ୍କୁ ଶପଥ ପାଠ କରାଇଛନ୍ତି।

# ରାହୁଲଙ୍କୁ ଇଡି ଜେରା
# ଆନ୍ଦୋଳନକୁ ଓହ୍ଲାଇଲା ରାଜ୍ୟ କଂଗ୍ରେସ

ଭୁବନେଶ୍ୱର, ୧୩।୬(ବ୍ୟୁରୋ)

ଏଆଇସିସି (ଅଖିଳ ଭାରତ କଂଗ୍ରେସ କମିଟି)ର ପୂର୍ବତନ ସଭାପତି ରାହୁଲ ଗାନ୍ଧୀଙ୍କ ବିରୋଧରେ ନ୍ୟାଶନାଲ ହେରାଲ୍ଡ ଖବରକାଗଜକୁ ନେଇ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଯେଉଁ ମନିଲଣ୍ଡରିଂ ମାମଲା କରିଛି ତାହା ସମ୍ପୂର୍ଣ୍ଣ ଭାବେ ଅମୂଳକ। ଏଥିରେ ତିଳେମାତ୍ର ସତ୍ୟତା ନାହିଁ। ଏହି ଘଟଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ନିଜର ହୀନ ରାଜନୈତିକ ଉଦ୍ଦେଶ୍ୟକୁ ଚରିତାର୍ଥ କରିବାକୁ ଇଡିକୁ ଯେଉଁଭଳି ବ୍ୟବହାର କରୁଛନ୍ତି ତାହା ଅତ୍ୟନ୍ତ ନିନ୍ଦନୀୟ ଓ ଘୃଣ୍ୟ ବୋଲି ରାଜ୍ୟ କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ସୋମବାର ରାହୁଲଙ୍କୁ ଇଡିର ଡାକରା ନେଇ ପ୍ରଦେଶ କଂଗ୍ରେସ କମିଟି(ପିସିସି) ପକ୍ଷରୁ ଭୁବନେଶ୍ୱର ଇଡି କାର୍ଯ୍ୟାଳୟ ସମ୍ମୁଖରେ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ପ୍ରତିବାଦ ଶୋଭାଯାତ୍ରା, ସଭା ଓ ଘେରାଉ କରାଯାଇଛି। କଂଗ୍ରେସ କର୍ମୀ ଓ ନେତାମାନେ ପଦଯାତ୍ରାରେ ଆସି ଇଡି କାର୍ଯ୍ୟାଳୟ ସମ୍ମୁଖରେ ପ୍ରଥମେ ପହଞ୍ଚିଥିଲେ। ଏହାପରେ ସେଠାରେ ସେମାନେ ଧାରଣାରେ ବସିବା ସହ କେନ୍ଦ୍ର ସରକାରଙ୍କ ବିରୋଧରେ ବର୍ଷିଛନ୍ତି। ତେବେ ରାହୁଲଙ୍କୁ ଜେରା ପରେ ଛାଡିବାର ଖବର ଶୁଣିବା ପରେ କଂଗ୍ରେସ ନେତା ଓ କର୍ମୀମାନେ ଧାରଣା ସ୍ଥଳରୁ ଉଠିଥିଲେ।



ଭୁବନେଶ୍ୱର ଇଡି କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସର ପ୍ରତିବାଦ।

ଏହି କାର୍ଯ୍ୟକ୍ରମକୁ ଏଆଇସିସି ସଭ୍ୟ ଶୁଭେନ୍ଦୁ ମହାନ୍ତି ପରିଚାଳନା କରିଛନ୍ତି। ଏହି ଅବସରରେ ପିସିସି ସଭାପତି କହିଛନ୍ତି, ଭାରତବର୍ଷକୁ ଶକ୍ତିଶାଳୀ କରିବା ପାଇଁ ଗାନ୍ଧୀ ପରିବାର ସବୁକିଛି ବଳିଦାନ ଓ ତ୍ୟାଗ କରିଛନ୍ତି। ତେଣୁ ଯେଉଁ ଘଟଣାରେ ମନିଲଣ୍ଡରିଂ ହୋଇନି ସେଭଳି ଏକ ମିଛ ମାମଲା ଇଡି କିପରି, କାହିଁକି ଓ କାହା ଉଦ୍ଦେଶ୍ୟ ସାଧନ କରିବା ପାଇଁ କଲା ବୋଲି ଶରତ ପ୍ରଶ୍ନ କରିଛନ୍ତି।

# କଂଗ୍ରେସର ବିକ୍ଷୋଭ ଲଜ୍ଜାଜନକ: ଭାଜପା

ଭୁବନେଶ୍ୱର, ୧୩।୬(ବ୍ୟୁରୋ)

୧୯୩୦ରେ ଖବରକାଗଜ ପ୍ରକାଶନ ପାଇଁ ଏଜେଏଲ୍ କମ୍ପାନୀ ପ୍ରତିଷ୍ଠା ହୋଇଥିଲା ନା ନାହିଁ ବୋଲି ଭାଜପା ପ୍ରଶ୍ନ କରିଛି। ଏହିଭଳି ଭାଜପା ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଏକାଧିକ ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି, ୫ ହଜାରରୁ ଊର୍ଦ୍ଧ୍ୱ ସ୍ୱାଧୀନତା ସଂଗ୍ରାମୀଙ୍କ ଆର୍ଥିକ ସହାୟତାରେ ଏଜେଏଲ୍ କମ୍ପାନୀ ପ୍ରତିଷ୍ଠା ହୋଇଛି ନା ନାହିଁ। ଗାନ୍ଧୀ ପରିବାର ଅଧୀନରେ ଥିବା ୟଙ୍ଗ ଇଣ୍ଡିଆ କମ୍ପାନୀ ଜରିଆରେ ରିୟଲ ଇଷ୍ଟେଟ୍ ବ୍ୟାପାର କରାଯାଉ ନାହିଁ କି। ୨୦୧୦ରେ ମାତ୍ର ୫ ଲକ୍ଷ ଟଙ୍କା ବିନିଯୋଗ କରାଯାଇ ପ୍ରତିଷ୍ଠା ହୋଇଥିବା ୟଙ୍ଗ୍ ଇଣ୍ଡିଆ କମ୍ପାନୀରେ ୭୬ ପ୍ରତିଶତ ଅଂଶଧନ ଗାନ୍ଧୀ ପରିବାରର ନା ନୁହେଁ। ୟଙ୍ଗ୍ ଇଣ୍ଡିଆ କମ୍ପାନୀ ଜରିଆରେ ସ୍ୱାଧୀନତା ସଂଗ୍ରାମୀଙ୍କ ସହଯୋଗରେ ପ୍ରତିଷ୍ଠିତ ଏଜେଏଲ୍‌ର ୨ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତିକୁ ନିର୍ଦ୍ଦିଷ୍ଟ ଗୋଟିଏ ପରିବାରକୁ ପ୍ରଦାନ କରାଯାଇଛି। ଏ ସମସ୍ତ ପ୍ରଶ୍ନର ଉତ୍ତର ନ ଦେଇ ନ୍ୟାଶନାଲ ହେରାଲ୍ଡ ମାମଲାରେ ଜାମିନରେ ଥିବା ରାହୁଲ ଗାନ୍ଧୀ ତଦନ୍ତକାରୀ ସଂସ୍ଥା ଉପରେ ରାଜନୈତିକ ଚାପ ପ୍ରୟୋଗ କରିବା ଉଦ୍ଦେଶ୍ୟରେ ଦିଲ୍ଲୀରେ ନେତାଙ୍କୁ ଏକାଠି କରିବା ଏବଂ ତଦନ୍ତକାରୀ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିବା ଲଜ୍ଜାଜନକ ବୋଲି ଗୋଲକ କହିଛନ୍ତି।



ଧରିତ୍ରୀ
DHARITRI
ମଙ୍ଗଳବାର, ଜୁନ୍ ୧୪/୨୦୨୨ Tuesday, June 14/2022




# ଏଥର ହେବ କଟକ ବାଲିଯାତ୍ରା

- ଡିଆର୍‌ଡିଏ ପିଡି ରହିବେ ନୋଡାଲ ଅଫିସର
- ବଢ଼ିବ ଷ୍ଟଲ୍ ସଂଖ୍ୟା
- ମିଶନ ଶକ୍ତି ମହିଳାଙ୍କୁ ମିଳିବ ପ୍ରାଧାନ୍ୟ

**କଟକ ଅଫିସ,୧୩।୬**

ଚଳିତବର୍ଷ କଟକରେ ଐତିହାସିକ ବାଲିଯାତ୍ରା ଅନୁଷ୍ଠିତ ହେବ। କରୋନା ମହାମାରୀ ପାଇଁ ୨୦୨୦ରେ ବାଲିଯାତ୍ରା ବାତିଲ୍ କରାଯାଇଥିଲା। ୨୦୨୧ରେ ମଧ୍ୟ କରୋନା ଯୋଗୁ ଜିଲା ପ୍ରଶାସନ ବାଲିଯାତ୍ରା ବନ୍ଦ ପାଇଁ ନିଷ୍ପତ୍ତି ନେଇଥିଲା। ଏବେ କରୋନା ସ୍ଥିତିରେ ସୁଧାର ଆସିଥିବାରୁ ବାଲିଯାତ୍ରା ହେବ ବୋଲି ସୋମବାର କଟକ ବାରବାଟୀ ପ୍ୟାଲେସ୍‌ରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ସୂଚନା ଦେଇଛନ୍ତି। ସେ କହିଛନ୍ତି, ବାଲିଯାତ୍ରା ପାଇଁ ଏବେଠାରୁ ଆମକୁ ପ୍ରସ୍ତୁତ ହେବାକୁ ପଡିବ। ଏଥର ମିଶନ ଶକ୍ତି ମହିଳାମାନଙ୍କୁ ଏଥିରେ ପ୍ରାଧାନ୍ୟ ଦିଆଯିବ। ଚଳିତଥର ବାଲିଯାତ୍ରାର ପରିସୀମା ବୃଦ୍ଧି ସହ ଷ୍ଟଲ୍ ସଂଖ୍ୟା ବଢାଇବା ପାଇଁ ଯୋଜନା ରହିଛି। ବାଲିଯାତ୍ରା ପାଇଁ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ(ଡିଆର୍‌ଡିଏ ପିଡି) ଅମ୍ବର କୁମାର କରଙ୍କୁ ନୋଡାଲ ଅଫିସର କରାଯିବ। ତାଙ୍କ ଅଧୀନରେ ରହି କାର୍ଯ୍ୟ କରିବା ପାଇଁ ୭ ଜଣିଆ କମିଟି ଗଠନ କରାଯିବ। ଏହି କମିଟିରେ ଜିଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର, ଡେପୁଟି କଲେକ୍ଟର ଅନିତା ପାତ୍ର, ଡେପୁଟି କମିଶନର ସଞ୍ଜୀବିତା ରାୟ, ଅଜୟ ମହାନ୍ତି, କଟକ ସଦର ସବ୍ କଲେକ୍ଟର ପ୍ରତାପ ଚନ୍ଦ୍ର ବେଉରା ଓ ସଦର ତହସିଲଦାର ☞ପୃଷ୍ଠା–୪

# ପାଳନ ହେଉନି ସର୍କୁଲାର

## ୧୨ ବର୍ଷରେ ମଲେଣି ୯୪୭ ହାତୀ

**ଭୁବନେଶ୍ୱର, ୧୩।୬(ବ୍ୟୁରୋ)**



ଆଠଗଡ଼ ବନଖଣ୍ଡର ବଡ଼ମ୍ବା ରେଞ୍ଜରେ ମାଟି ତଳୁ ଦୁଇଟି ହାତୀ କଙ୍କାଳ ଜବତ ହୋଇଥିଲା। ଏହି ଦୁଇଟି ହାତୀ କଙ୍କାଳକୁ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଗତ ୨ ଓ ୩ ତାରିଖରେ ଜେସିବି ଦ୍ୱାରା ଖୋଳି ବାହାର କରିଥିଲା। ଏହି ଘଟଣାରେ ବଡ଼ମ୍ବା ରେଞ୍ଜର, ଦୁଇଜଣ ଫରେଷ୍ଟର ଓ ଦୁଇଜଣ ଫରେଷ୍ଟଗାର୍ଡଙ୍କୁ ନିଲମ୍ବନ କରାଯାଇଥିଲା। ଆଉ ଜଣେ ଫରେଷ୍ଟର ଗିରଫ ଭୟରେ ଡିଏଫ୍‌ଓଙ୍କ ଅଫିସ ପାଚେରି ଡେଇଁ ଫେରାର ହୋଇଯାଇଥିଲେ। ତେବେ ସେ ଫେରାର ହୋଇଯାଇଥିଲେ ନା ତାଙ୍କୁ ଜାଣିଶୁଣି ଫେରାର କରାଇଦିଆଗଲା ତାହା ସନ୍ଦେହ ଘେରରେ ରହିଛି। ଆଠଗଡ଼ ବନଖଣ୍ଡ ଅଧୀନରେ ୫ଟି ରେଞ୍ଜ ରହିଛି। ସେଗୁଡ଼ିକ ହେଲା ଆଠଗଡ଼, ବଡ଼ମ୍ବା, ଖୁଣ୍ଟୁଣୀ, ନରସିଂହପୁର ପୂର୍ବ ଓ ପଶ୍ଚିମ। ଏଥିମଧ୍ୟରୁ ୪ଟି ବନାଞ୍ଚଳର ରେଞ୍ଜ ଅଧିକାରୀ ଏବେ ନିଲମ୍ବନରେ ଅଛନ୍ତି। ଏସବୁ ଘଟଣାକୁ ଦେଖିଲେ ଆଠଗଡ଼ ବନଖଣ୍ଡ ବନ୍ୟପ୍ରାଣୀଙ୍କ ପାଇଁ ଅସୁରକ୍ଷିତ ସ୍ଥାନ ବୋଲି ବନ୍ୟପ୍ରାଣୀ ବିଶେଷଜ୍ଞମାନେ କହୁଛନ୍ତି। ସବୁଠାରୁ ବଡ଼ କଥା ହେଲା, ଏତେ ସବୁ ପରେ ବି ୨୦୧୨ ସର୍କୁଲାରକୁ ବନବିଭାଗ ପାଳନ କରୁନାହିଁ। କାରଣ ଆଠଗଡ଼ ଡିଏଫ୍‌ଓଙ୍କ ବିରୋଧରେ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ ବୋଲି ବନ୍ୟପ୍ରାଣୀ ବିଶେଷଜ୍ଞ ବିଶ୍ୱଜିତ ମହାନ୍ତି କହିଛନ୍ତି।

ସୋମବାର ଓଡ଼ିଶା ବନ୍ୟପ୍ରାଣୀ ସମିତି ଓ ଆନିମଲ ୱେଲଫେୟାର ଟ୍ରଷ୍ଟ ଏକାମ୍ର ତରଫରୁ ଆୟୋଜିତ ମିଳିତ ଖବରଦାତା ସମ୍ମିଳନୀରେ ବିଶ୍ୱଜିତ ରାଜ୍ୟରେ ହାତୀ ଶିକାର ରୋକିବାରେ ବନ ବିଭାଗର ବିଫଳତାକୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି, ଗତ ୧୨ବର୍ଷ ଭିତରେ ଓଡ଼ିଶାରେ ୯୪୭ଟି ହାତୀଙ୍କର ମୃତ୍ୟୁ ଘଟିଛି। ହାତୀ ମୃତ୍ୟୁ ଲୁଚାଇବା ପାଇଁ ବନ କର୍ମଚାରୀ ବିଭିନ୍ନ ଉପାୟ କରୁଛନ୍ତି। ହାତୀ ମୃତ୍ୟୁ ଘଟଣା ପାଇଁ ଡିଏଫ୍‌ଓ ଦାୟୀ ରହିବେ ବୋଲି ୨୦୧୨ରେ ରାଜ୍ୟ ବନ ବିଭାଗ ସର୍କୁଲାର ଜାରି କରିଥିଲା। କିନ୍ତୁ ଏହି ସର୍କୁଲାରକୁ ଅଦ୍ୟାବଧି ପାଳନ କରାଯାଇ ନାହିଁ। ସବୁଠି ତଳିଆ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇ ବଡ଼ ଅଧିକାରୀଙ୍କୁ ଛାଡ଼ି ଦିଆଯାଉଛି ବୋଲି ବିଶ୍ୱଜିତ ପ୍ରକାଶ କରିଛନ୍ତି।

## ତଦନ୍ତ ପରିସରଭୁକ୍ତ ହେବେ ଆଠଗଡ଼ ଡିଏଫ୍‌ଓ: ପିସିସିଏଫ୍

**ଭୁବନେଶ୍ୱର, ୧୩।୬(ବ୍ୟୁରୋ)**

ଆଠଗଡ଼ ବନଖଣ୍ଡର ବଡ଼ମ୍ବା ରେଞ୍ଜରେ ମାଟି ତଳୁ ଦୁଇଟି ହାତୀ କଙ୍କାଳ ଜବତ ଘଟଣାରେ ଆଠଗଡ଼ ଡିଏଫ୍‌ଓଙ୍କୁ ତଦନ୍ତ ପରିସରଭୁକ୍ତ କରାଯିବ ବୋଲି ପିସିସିଏଫ୍ (ବନ୍ୟପ୍ରାଣୀ) ଶଶୀ ପଲ କହିଛନ୍ତି। ପଲ୍ କହିଛନ୍ତି ଯେ, ଗୋଟିଏ ରେଞ୍ଜରେ ଯେତେବେଳେ କର୍ମଚାରୀମାନେ ମିଳିମିଶି ହାତୀ ମୃତ୍ୟୁକୁ ଚାପିଦେଲେ, ସେ ଜାଗାରେ ଡିଏଫ୍‌ଓ ମଧ୍ୟ ସନ୍ଦେହ ଘେରକୁ ଆସିବା ସ୍ୱାଭାବିକ। ତେଣୁ ଆଠଗଡ଼ ଡିଏଫ୍‌ଓଙ୍କୁ ତଦନ୍ତ ପରିସରଭୁକ୍ତ କରାଯିବ। କେବଳ ସେତିକି ନୁହେଁ, ଆମର ତଦନ୍ତ ସରିଲେ ନିଲମ୍ବିତ କର୍ମଚାରୀଙ୍କ ବିରୋଧରେ ଆହୁରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ଆବଶ୍ୟକ ପଡ଼ିଲେ ଚାକିରିରୁ ବହିଷ୍କାର ମଧ୍ୟ କରାଯାଇପାରେ ବୋଲି ପିସିସିଏଫ୍ ପ୍ରକାଶ କରିଛନ୍ତି।

**ଆବଶ୍ୟକ ପଡ଼ିଲେ ନିଲମ୍ବିତ ଅଧିକାରୀ ବହିଷ୍କୃତ ହୋଇପାରନ୍ତି**

# 'ଅନ୍‌ଲାଇନ ବେଟିଂ ବିଜ୍ଞାପନରୁ ଦୂରେଇ ରୁହ'

- ପ୍ରିଣ୍ଟ, ଡିଜିଟାଲ, ଇଲେକ୍ଟ୍ରୋନିକ ମିଡିଆକୁ କେନ୍ଦ୍ରର ନିର୍ଦ୍ଦେଶ

**ନୂଆଦିଲ୍ଲୀ,୧୩।୬(ପି.ଟି.)**

ବେଟିଂ ଓ ଜୁଆ ଦେଶର ଅଧିକାଂଶ ଅଞ୍ଚଳରେ ବେଆଇନ ହୋଇଥିବାବେଳେ ଏହା ଗ୍ରାହକଙ୍କର ଗୁରୁତର ସାମାଜିକ ଓ ଆର୍ଥିକ କ୍ଷତି ଘଟାଇଥାଏ। ବିଶେଷ କରି ଯୁବପିଢ଼ି ଓ ପିଲାମାନେ ଏଭଳି ଅନ୍‌ଲାଇନ ଗେମ୍ ବିଜ୍ଞାପନ ଦ୍ୱାରା ଅଧିକ ପ୍ରଭାବିତ ହେଉଛନ୍ତି। ତେଣୁ ଅନ୍‌ଲାଇନ ବେଟିଂ ପ୍ଲାଟଫର୍ମଗୁଡ଼ିକର ବିଜ୍ଞାପନରୁ ଦୂରେଇ ରହିବା ଲାଗି ସୂଚନା ପ୍ରସାରଣ ମନ୍ତ୍ରଣାଳୟ ସୋମବାର ସମସ୍ତ ଛାପା, ଇଲେକ୍ଟ୍ରୋନିକ ଓ ଡିଜିଟାଲ ଗଣମାଧ୍ୟମକୁ ପରାମର୍ଶ ଦେଇଛି। ବିଭିନ୍ନ ଗଣମାଧ୍ୟମରେ ବହୁସଂଖ୍ୟାରେ ଅନ୍‌ଲାଇନ ବେଟିଂ ୱେବ୍‌ସାଇଟ/ପ୍ଲାଟଫର୍ମଗୁଡ଼ିକର ବିଜ୍ଞାପନ ଆସୁଥିବାରୁ ମନ୍ତ୍ରଣାଳୟ ପକ୍ଷରୁ ଆଡଭାଇଜରି ଜାରି କରାଯାଇଛି। ସେଗୁଡ଼ିକୁ ନ ଛାପିବା ଓ ପ୍ରସାରଣ ନ କରିବାକୁ ପ୍ରିଣ୍ଟ ଓ ଇଲେକ୍ଟ୍ରୋନିକ୍ ଗଣମାଧ୍ୟମକୁ କୁହାଯାଇଛି। ସେହିପରି ଅନ୍‌ଲାଇନ ଓ ସୋସିଆଲ ମିଡିଆଗୁଡ଼ିକ ଭାରତରେ ଏଭଳି ବିଜ୍ଞାପନ ନ ଦେଖାଇବାକୁ ପରାମର୍ଶ ଦିଆଯାଇଛି।

ଅନ୍‌ଲାଇନ ବେଟିଂ ବିଜ୍ଞାପନଗୁଡ଼ିକ ବିଭ୍ରାନ୍ତିକର। ଏଭଳି ବିଜ୍ଞାପନ ପ୍ରକାଶନ ଓ ପ୍ରସାରଣରେ ଖାଉଟି ସୁରକ୍ଷା ଆଇନ, ୨୦୧୯, କେବୁଲ ଟେଲିଭିଜନ ନେଟ୍‌ୱର୍କସ ନିୟନ୍ତ୍ରଣ ☞ପୃଷ୍ଠା–୪



**ଆଜିର ମନ୍ତବ୍ୟ**

"ବିରୋଧୀଙ୍କ ସ୍ୱର ଚପାଇବା ପାଇଁ ଭାଜପା ତଦନ୍ତକାରୀ ସଂସ୍ଥାଗୁଡ଼ିକର ଅପବ୍ୟବହାର କରୁଛି। ପୂରା ଦେଶ ଶାସକ ଦଳର ଏକଛତ୍ରବାଦୀ ଶାସନର ସାକ୍ଷୀ।

– ଭୂପେଶ ବାଘେଲ, ଛତିଶଗଡ଼ ମୁଖ୍ୟମନ୍ତ୍ରୀ



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: .............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖାଇବ ପେୟ, ପିନ୍ଧିବ ଅଖା**
**କେଭେଁ ନ ଛାଡ଼ିବ ରଜାର ପଖା।**

ବଡ଼ ଲୋକଙ୍କ ଆଗରେ ନିଜକୁ ଛୋଟ କରିଦେଲେ ସେମାନଙ୍କ ଅନୁକମ୍ପା ସହଜରେ ହାସଲ କରିହୁଏ। ସେହିପରି ଖାଦ୍ୟପେୟ ଓ ପୋଷାକ ପତ୍ରରେ ନିଜକୁ ନ୍ୟୁନ କରି ବଡ଼ଲୋକଙ୍କ ପଛରେ ବୁଲିଲେ ଜୀବନ ସମୃଦ୍ଧ ହେବା ସହ ଅଭିଷ୍ଟ ଆଶା ପୂର୍ଣ୍ଣ ହୁଏ ବୋଲି ଏଠାରେ ଦର୍ଶାଯାଇଛି।

**ଖାଇଲ ପେଟେ ପିନ୍ଧିଲ ମୋଟେ**
**ଚାଲି ଯାଉଅଛ ବାଟେ ବାଟେ।**

ଆଜିର ସ୍ୱାର୍ଥପର ଦୁନିଆରେ ସମସ୍ତେ ନିଜ ସ୍ୱାର୍ଥ ପୂରଣ ପାଇଁ ସଦା ଚେଷ୍ଟିତ, ସଦା ଚିନ୍ତିତ। ଏପରିସ୍ଥଳେ ତାଙ୍କଠାରୁ କୌଣସି ପ୍ରକାର ସାହାଯ୍ୟ, ସହାନୁଭୂତିର ଆଶା ରଖିବା ନିରର୍ଥକ। ସ୍ୱାର୍ଥୀ ପ୍ରକୃତିର ବ୍ୟକ୍ତି ସବୁବେଳେ ନିଜ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଇଥାନ୍ତି। ନିଜ ସ୍ୱାର୍ଥ ପୂରଣ ହୋଇଗଲେ ସେ ସ୍ଥାନ ଛାଡ଼ି ଚାଲିଯିବାକୁ ଉଚିତ ମଣୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:

# ୨୦ ସୁଦ୍ଧା ଚୂଡ଼ାନ୍ତ ରିପୋର୍ଟ ଦାଖଲ ନିର୍ଦ୍ଦେଶ

## ମାହାଙ୍ଗା ଡବଲ ମର୍ଡର ଘଟଣା

## ପୋଲିସକୁ ପୁଣି କୋର୍ଟ ତାଗିଦ୍

**ନିଶ୍ଚିନ୍ତକୋଇଲି, ୧୩।୬(ସ୍ୱ.ପ୍ର.)**

କଟକ ଜିଲା ମାହାଙ୍ଗା ଡବଲ ମର୍ଡର ଘଟଣାରେ ସାଲେପୁର ଜେଏମ୍‌ଏଫସି କୋର୍ଟ ପୁଣିଥରେ ପୋଲିସକୁ ତାଗିଦା କରିଛନ୍ତି। ଉକ୍ତ ମାମଲାର ଚୂଡ଼ାନ୍ତ ରିପୋର୍ଟ ଆସନ୍ତା ୨୦ ତାରିଖ ସୁଦ୍ଧା ଦାଖଲ କରିବାକୁ ମାହାଙ୍ଗା ପୋଲିସକୁ ନୋଟିସ ଜାରି କରାଯାଇଛି। ମାହାଙ୍ଗାର ପୂର୍ବତନ ଥାନା ଅଧିକାରୀ ନୀହାର ରଞ୍ଜନ ମହାନ୍ତିଙ୍କ ବଦଳି ପରେ ଏହି ମାମଲାର ତଦନ୍ତ ଭାର କାହାରିକୁ ଦିଆଯାଇ ନ ଥିବା ଜଣାପଡ଼ିଛି। ଉକ୍ତ ମାମଲାର ବିଚାର ପ୍ରକ୍ରିୟା କାହିଁକି ଶିଥିଳ ହୋଇଛି ସେ ସମ୍ପର୍କରେ ଜଣାଇବାକୁ କୋର୍ଟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ମାମଲାର ତଦନ୍ତ ପ୍ରକ୍ରିୟା କାହିଁକି ବିଳମ୍ବ ହେଉଛି ସେ ସମ୍ପର୍କରେ ବିଚାର କରିବାକୁ ଗତ ମେ ୪ ତାରିଖରେ ସ୍ୱର୍ଗତ କୁଳମଣି ବରାଳଙ୍କ ପୁଅ ରମାକାନ୍ତ କୋର୍ଟରେ ଆବେଦନ କରିଥିଲେ। ଜେଏମ୍‌ଏଫ୍‌ସି କୋର୍ଟ ଏହାର ବିଚାର କରି ତୁରନ୍ତ ରିପୋର୍ଟ ଦେବା ପାଇଁ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି।

୨୦୨୧ ଜାନୁୟାରୀ ୨ ସନ୍ଧ୍ୟାରେ ମାହାଙ୍ଗାର ବରିଷ୍ଠ ଭାଜପା ନେତା କୁଳମଣି ବରାଳ (୭୫) ଓ ତାଙ୍କ ସହଯୋଗୀ ଦିବ୍ୟସିଂହ ବରାଳଙ୍କୁ ନିର୍ମମଭାବେ ହତ୍ୟା କରାଯାଇଥିଲା। ଉଭୟ ବାଇକ୍‌ରେ ଘରକୁ ଫେରୁଥିବା ବେଳେ ଜଅଁକୋଠି ନିକଟରେ ସେମାନଙ୍କୁ ଅତର୍କିତଭାବେ ଆକ୍ରମଣ କରାଯାଇଥିଲା। ଫଳରେ ଘଟଣାସ୍ଥଳରେ କୁଳମଣିଙ୍କ ମୃତ୍ୟୁ ହୋଇଥିଲା। ଦିବ୍ୟସିଂହଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏହି ଘଟଣାରେ ପୂର୍ବତନ ମନ୍ତ୍ରୀ ତଥା ମାହାଙ୍ଗା ବିଧାୟକ ପ୍ରତାପ ଜେନାଙ୍କ ସମେତ ୧୩ ଜଣଙ୍କ ନାମରେ ରମାକାନ୍ତ ମାହାଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି ମାମଲା(ନଂ.୫/୨୧) ରୁଜୁ କରାଯାଇଥିଲା। ଏହି ଘଟଣାରେ ପୋଲିସ ୯ ଜଣଙ୍କୁ ଗିରଫ କରିଥିଲାବେଳେ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ପ୍ରଫୁଲ୍ଲ ବିଶ୍ୱାଳଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ହୋଇଥିଲା। ଅନ୍ୟ ଜଣେ ଅଭିଯୁକ୍ତ ଏବେବି ଫେରାର ରହିଛନ୍ତି। ଏହି ଘଟଣା ସମଗ୍ର ରାଜ୍ୟରେ ହଟଚମଟ ସୃଷ୍ଟି କରିଥିଲା। ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ତତ୍କାଳୀନ ମନ୍ତ୍ରୀ ତଥା ମାହାଙ୍ଗା ବିଧାୟକ ଜେନାଙ୍କ ଗିରଫ ଦାବି କରି ବିଭିନ୍ନ ସ୍ଥାନରେ ବିକ୍ଷୋଭ ଓ ପ୍ରତିବାଦ ସଭା କରାଯାଇଥିଲା। ପରମୁହୂର୍ତ୍ତରେ ଏହି ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ବିଜେଡି ନେତା ଭିକାରୀ ସ୍ୱାଇଁଙ୍କୁ ପୋଲିସ ଗିରଫ କରିଥିଲା। ତେବେ ଚାର୍ଜସିଟରୁ ପୋଲିସ ବିଧାୟକ ଜେନାଙ୍କ ନାମ କାଟି ଦେଇଥିଲା। ପୁନର୍ବାର ଏନେଇ କୋର୍ଟରେ ମାମଲା ଦାଏର ହୋଇଥିଲା।

ଏ ସମ୍ପର୍କରେ ସାଲେପୁର ଏସ୍‌ଡିପିଓ ବିମଳ କୁମାର ବାରିକ୍ କହିଛନ୍ତି, ମାହାଙ୍ଗା ଥାନା ଅଧିକାରୀଙ୍କ ବଦଳି ପରେ ଉକ୍ତ ମାମଲାର ତଦନ୍ତ ଭାର କାହାରିକୁ ଦିଆଯାଇନାହିଁ। ଖୁବଶୀଘ୍ର ଏନେଇ ପଦକ୍ଷେପ ନିଆଯିବ। କୋର୍ଟ ଆଦେଶ ସମ୍ପର୍କରେ ସେ କିଛି ଜାଣିନାହାନ୍ତି ବୋଲି କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**

ପାରିବାରିକ ଶାନ୍ତି ଅକ୍ଷୁଣ୍ଣ ରହିଥିଲେ ମଧ୍ୟ ମାନସିକ ସ୍ତରରେ ଅଶାନ୍ତ ରହିପାରନ୍ତି। ବନ୍ଧୁଙ୍କ ସହଯୋଗ ଲାଭକରି ବହୁଦିନରୁ ଅଟକି ରହିଥିବା କାର୍ଯ୍ୟଗୁଡ଼ିକ ତ୍ୱରାନ୍ୱିତ କରିପାରିବେ। ଫେରନ୍ତା ବାଟରୁ ଗୃହକୁ ସୌଖୀନ ପଦାର୍ଥ କିମ୍ବା ମୂଲ୍ୟବାନ୍ ଜିନିଷ ଆଣିପାରନ୍ତି। ଆର୍ଥିକ ଦିଗଟି ବହୁତ ଭଲ ରହିବା କାରଣରୁ ମନ ପ୍ରଫୁଲ୍ଲ ରହିବ।

**ବୃଷ**

ଅପ୍ରିୟ ସତ୍ୟ ପ୍ରକାଶ କରିବା ଆକସ୍ମିକ କଳହର କାରଣ ହୋଇପାରେ। ଅତୀତରୁ ରହିଆସିଥିବା ରୋଗପୀଡ଼ା, ଶତ୍ରୁତା ଓ ଧାରକରଜ ସକାଶେ ଚିନ୍ତାକୁ ବଢ଼ାଇବ। କର୍ମକ୍ଷେତ୍ର, ଯାନବାହନ, ଦୋକାନ ବାଡ଼ି, ସଭାସମିତି, ସାଂସ୍କୃତିକ କାର୍ଯ୍ୟକ୍ରମରୁ ଉପକୃତ ହେବେ। ପ୍ରଶାସନିକ ସ୍ତରରେ ଟେନ୍‌ସନ କିଛି ମାତ୍ରାରେ ଲାଗିରହିବ।

**ମିଥୁନ**

ଯାତ୍ରା ସମୟରେ ଅନ୍ୟମନସ୍କତା ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିପାରେ। କୌଣସି ଅଭାବ ନ ଥିଲେ ମଧ୍ୟ ପାରିବାରିକ କ୍ଷେତ୍ରରେ ବିଭିନ୍ନ ପ୍ରକାର ସମସ୍ୟା ମନକୁ ବିଚଳିତ କରିବ। ଅନ୍ୟମାନଙ୍କ ଦ୍ୱାରା ପ୍ରେରିତ ନ ହୋଇ ଲକ୍ଷ୍ୟହୀନ ଯାତ୍ରାରୁ ବିରତ ରହିବା ଭଲ । ସଭାରେ ଆଲୋଚନା ଅସମାପ୍ତ ରହିପାରେ।

**କର୍କଟ**

ଆଜି ନୂତନ ବସ୍ତ୍ର, ଅଳଙ୍କାର କିମ୍ବା ଗାଡ଼ି ମୋଟର ଆଦି କ୍ରୟ କରିବା ସକାଶେ ମନ ବଳାଇପାରନ୍ତି। ଦୀର୍ଘ ସମୟ ଗୋଟିଏ ସ୍ଥାନରେ ଅଟକି ରହି ଓ କାର୍ଯ୍ୟବ୍ୟସ୍ତ ଯୋଗୁ ଖାଦ୍ୟପେୟ ଠିକ୍ ରହିବ ନାହିଁ। କଚେରି ମାମଲା ମନ୍ଥର ହୋଇପାରେ, ଏଣୁ ଚିନ୍ତିତ ରହିପାରନ୍ତି। ପୁରାତନ ରୋଗର ପୀଡ଼ା ବୃଦ୍ଧି ପାଇପାରେ। ସତର୍କ ରହିବା ଭଲ ହେବ।

**ସିଂହ**

ଆର୍ଥିକ ଅନଟନ ଓ ପାରିବାରିକ ଦୁଶ୍ଚିନ୍ତା ମାନସିକ ଅଶାନ୍ତି ସୃଷ୍ଟି କରିବ। ଶାରୀରିକ ଅସୁସ୍ଥତା କାମକୁ ବିଳମ୍ବିତ କରିବ। ସ୍ତ୍ରୀଙ୍କ ଆଚରଣ ମନକୁ କଷ୍ଟ ଦେଇପାରେ। କର୍ମକ୍ଷେତ୍ରର ପାରିପାର୍ଶ୍ୱିକ ପରିସ୍ଥିତି ଭଲ ରହିବ। ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ଭଲ ଲାଭ ପାଇବେ। କାର୍ଯ୍ୟଦକ୍ଷତା ହେତୁ ମହିଳାମାନେ ପ୍ରଶଂସିତ ହେବେ।

**କନ୍ୟା**

ଗୋଟିଏ ସ୍ଥାନରେ ଜିନିଷ କିମ୍ବା କାଗଜପତ୍ର ରଖିଦେଇ ବ୍ୟସ୍ତ ହେବେ। ସ୍ନାୟବିକ ଦୁର୍ବଳତା କାରଣରୁ ଆଣ୍ଠୁଠାରୁ ଗୋଡ଼ ତଳକୁ ମାଂସପେଶୀରେ ଯନ୍ତ୍ରଣା ଅନୁଭବ କରିବେ। ଅଟକି ରହିଥିବା କାମଟିକୁ ଆରମ୍ଭ କରିବାକୁ ମନ ବଳାଇପାରନ୍ତି। ମକଦ୍ଦମା କିମ୍ବା ବିବାଦୀୟ ଘଟଣାରେ ଆପଣଙ୍କ ବିଜୟଲାଭ ଅବଶ୍ୟମ୍ଭାବୀ।

**ତୁଳା**

ଆଜିର ଯାତ୍ରା, ପ୍ରତିଯୋଗିତା, ପରିବାର ଓ କର୍ମକ୍ଷେତ୍ର ସକାଶେ ଦିନଟି ବହୁତ ଭଲ। ସାହିତ୍ୟ ଚର୍ଚ୍ଚା, ସାମ୍ବାଦିକତା, ଆଧ୍ୟାତ୍ମିକ ସଭା ସମିତିରେ ପ୍ରଶଂସିତ ହେବେ। ଗବେଷଣା, ଅନୁସନ୍ଧାନ, କୃଷି, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହୋଇପାରେ। ଅଭାବ ନ ଥିଲେ ମଧ୍ୟ କେତେକ ସମସ୍ୟା ହେତୁ ସ୍ୱାତୀ ନକ୍ଷତ୍ର ଚିନ୍ତିତ ରହିବେ।

**ବିଛା**

ଆର୍ଥିକ ଅଭିବୃଦ୍ଧି ଓ ସମ୍ମାନ, ପ୍ରତିଷ୍ଠା ମାନସିକ ସ୍ଥିତିକୁ ଋଦ୍ଧିମନ୍ତ କରିବ। ଶିଳ୍ପ, ବାଣିଜ୍ୟ ତଥା ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ଅଫିସ୍ କ୍ଷେତ୍ରରେ ପରିଚାଳନାଗତ ସମସ୍ୟା ବୃଦ୍ଧି ପାଇବ। ବୈଷୟିକ ସୁଖ, ସମୃଦ୍ଧି, ଦ୍ରବ୍ୟଲାଭ, ଭ୍ରମଣ ଓ କାର୍ଯ୍ୟସିଦ୍ଧି ଯୋଗୁ ମନ ପ୍ରଫୁଲ୍ଲ ରହିବ।

**ଧନୁ**

ଆଜି ହଠାତ୍ ଆପଣ ସମସ୍ୟା ସମାଧାନର ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ। ସାମାଜିକ ସ୍ତରରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିବେ। ପରିବାର ମଧ୍ୟରେ ନିଜର ମନୋଭାବ ହଠାତ୍ ପ୍ରକାଶ କଲେ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ। ସନ୍ତାନଙ୍କ ଗୌରବରେ ଗୌରବାନ୍ୱିତ ହୋଇପାରନ୍ତି।

**ମକର**

ଆନୁଷଙ୍ଗିକ ସାହାଯ୍ୟ ସହଯୋଗରୁ କାମ ହାସଲ ସହଜ ହୋଇଯିବ। ଧନିଷ୍ଠା ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ତଥା ବିଭିନ୍ନ ପ୍ରକାର ଝାମେଲା ହେତୁ ବ୍ୟସ୍ତ ରହିବେ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ଅର୍ଥ ସମ୍ପର୍କରୁ ଖୁସି ରହିବେ ଏବଂ ଆପୋସ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ।

**କୁମ୍ଭ**

କର୍ମକ୍ଷେତ୍ରର ବିବଦମାନ ସ୍ଥିତିରୁ ମୁକ୍ତି ମିଳିବ, କିନ୍ତୁ ଶାନ୍ତି ପାଇବେ ନାହିଁ। ନିର୍ମାଣ କାର୍ଯ୍ୟ କିମ୍ବା ନୂଆ ଯୋଜନାର ପରିକଳ୍ପନା ଉପରେ ଗୁରୁତ୍ୱ ଦେବେ। ପ୍ରବାସୀ ବନ୍ଧୁ ନିଃସଙ୍ଗତା ବୋଧ କରିପାରନ୍ତି ଓ ଘର କଥା ମନକୁ ବାରମ୍ବାର ଆଲୋଡ଼ିତ କରିବ। ନୀଚ ସଂସର୍ଗରୁ ଦୂରେଇ ରହନ୍ତୁ,ଅନ୍ୟଥା ବିବଦମାନ ପରିସ୍ଥିତିର ସାମ୍‌ନା କରିବାକୁ ପଡ଼ିପାରେ।

**ମୀନ**

ପାରିବାରିକ ସ୍ଥିରତା ସାଙ୍ଗକୁ ସ୍ୱାସ୍ଥ୍ୟରେ ଉନ୍ନତି ମନକୁ ସାନ୍ତ୍ୱନା ଦେବାରେ ସହାୟକ ହେବ। ଆଜି ହଠାତ୍ କୌଣସି ନୀଚ ଜାତିର ବ୍ୟକ୍ତିବିଶେଷଙ୍କ ସହାୟତାରୁ ଉପକୃତ ହେବେ। ଅଫିସରେ ଫାଇଲ୍ ଚାପର ସମ୍ମୁଖୀନ ହୋଇପାରନ୍ତି। ସମ୍ପର୍କୀୟଙ୍କ ସହ ସମ୍ପର୍କହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି।

# classifieds Everyday

0674-2580101, 2549302

real estate

**SALE**

ଘରବାରି ପ୍ଲଟ୍ ଭୁବନେଶ୍ୱର ସମ୍ ହସ୍ପିଟାଲ ଠାରୁ ୪କି.ମି. ରେ ଘଙ୍ଗପାଟଣା, କଣ୍ଟାବାଡ଼ ଠାରେ ୩୦ଫୁଟ୍ ରୋଡ୍ ଇଲେକ୍ଟ୍ରି ସହ ମିଳୁଅଛି। 8658219495. D-487

200 ଫୁଟ ରାସ୍ତାକୁ ଲାଗି ନାଇଜର ବର୍ଗଫୁଟ ୨୫୦/- ଟଙ୍କାରେ ଜାଗାବିକ୍ରି ହେଉଛି। 7609803855. D-73614

Residential cum Commercial road side plot, Niali Road @750sqft. residential plots with Boundarywall, Electricity System, Homely Temple, Nakhara 7K.M., BBSR 12 K.M. 8249851363, 7809525452. D-73919

2& 3BHK ready to move flat for sale at Chintamaniswar & near Palm Heights Sum Hospital and a new construction 3BHK flat start at Nandan Vihar Patia, Bhubaneswar. Contact -9861882233, 9437231479. D-73324

Sthitiban gharabari plot for sale in 1.5k.m. distance from Patia Railway Station with boundarywall, electricity, water supply available. 7978159231. D-73263

ଭୁବନେଶ୍ୱର Sum Hospital ଠାରୁ 6k.m. ଦୂରତାରେ କଣ୍ଟାବାଡ଼ NH 16 ରୁ 50mtr ଦୂରରେ boundary, electricity 30ft. ରୋଡ୍ ଥାଇ ଘରବାରି plot ମିଳୁଛି। 9348444368. D-73261

ଭୁବନେଶ୍ୱର ସୁନ୍ଦରପଦା ବେଣାବିଲ ମୌଜାରେ ରାସ୍ତାଥାଇ 5000 ବର୍ଗଫୁଟକୁ 20 ଲକ୍ଷରେ ବିକ୍ରି କରିବି। 9938016295. D-73262

Immediate ଘରକରି ରହିବା ପାଇଁ ଭିଙ୍ଗାରପୁରଠାରେ sqft. 500/ ବାଳକାଟିରେ sqft.1000/-. 8114929186. D-73915

Khordha Municipalityରେ PN College-Collectorate Office ମଧ୍ୟରେ boundary, electricity, Water ସହିତ plot ମିଳୁଅଛି। 9439101373, 7735888421. D-718

Bhubaneswar KIIT ପାଖ ODM Global Schoolକୁ ଲାଗି କରି yellowzone ଘରବାରି, boundary plot ନେଇ immediate ଘର କରନ୍ତୁ। 9437033320. D-73250

ଜଟଣୀଗେଟ୍ NHରୁ କିଛି ଦୂରତାରେ sqft.-570/-ରେ ଘରପଯୋଗୀ ପ୍ଲଟ୍ ମିଳୁଛି। 9348232008, 9556055607. D-642

Sameday registration & possesion plot near IIT Bhubaneswar @ 4.99lakh. 9777608369, 9777680369. D-73259

ଭୁବନେଶ୍ୱର ହଂସପାଳ ଛକ ପାଖରେ ମୋର ଘର ବିକ୍ରି କରାଯିବ। Contact: 9178660666. D-73821

ଭୁବନେଶ୍ୱର ହଂସପାଳ ନିକଟବର୍ତ୍ତି Sudhananda Schoolକୁ ଲାଗି 30' road, electricity ସୁବିଧା ଥାଇ gated society ଘରବାରି plot @9,00,000/- ଘର କରନ୍ତୁ (Bank loan available). 9437691481. D-73260

ଭୁବନେଶ୍ୱର Sum Hospitalରୁ 6K.M. ଦୂରତାରେ 200' NH ପାଖରେ Electricity, 30'road, boundary ଘରବାରି ଥାଇ ଘର କରିବା ପାଇଁ plot ମିଳୁଛି। 9090963952. D-73255

**AFFIDAVIT**

I, Sri Sanatan Das, At/PO.- Mahisara, Via-Jenapur, Dist.- Jajpur do hereby declare that I want to change my Son's name from Hrushikesh Das which has been mentioned in his LIC Policy No.- 586225712 to Soham Das as per his Birth Certificate and all other documents. D-736

construction

Construct your home @850/-, 1330/- includes architecture structure with 3year FMC, provide BDA plan approval boring/interiorwork. SNV Construction. 9439295469. D-73254

healthcare

Relax, Refresh your body, Mind at Saikrupa Spa with best therapies. 8984068077. D-668

Newly open SPA positively health benefit with expert. Contact: 7749976301. D-73819

Refreshments rejuvenation body massage therapy with experienced therapists, Bhubaneswar. 7854099233. D-73822

Refreshments rejuvenation body massage therapy with experience the therapist, Ashirvad Panchakarma herbal SPA, Keshari Mall, Bhubaneswar. 8926173473. D-73816

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ୧୫ରେ ଓଡ଼ିଶା ଛୁଇଁପାରେ ମୌସୁମୀ

**ଭୁବନେଶ୍ୱର, ୧୩।୬(ବ୍ୟୁରୋ)**

ଆସନ୍ତା ୧୫ କିମ୍ବା ୧୬ ତାରିଖ ସୁଦ୍ଧା ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶା ଛୁଇଁପାରେ ବୋଲି ଭାରତୀୟ ପାଣିପାଗ ବିଭାଗ ଅନୁମାନ କରିଛି। ସୋମବାର ମହାରାଷ୍ଟ୍ର, ଗୁଜରାଟ, ବିହାରର କିଛି ଅଞ୍ଚଳରେ ମୌସୁମୀ ପ୍ରବେଶ କରିଛି। ଆସନ୍ତା ଦୁଇ ତିନିଦିନ ମଧ୍ୟରେ ଓଡ଼ିଶାରେ କିଛି ଅଞ୍ଚଳକୁ ମୌସୁମୀ ପ୍ରବେଶ କରିବ। ପ୍ରଥମେ ଦକ୍ଷିଣ ଓଡ଼ିଶାରେ ବର୍ଷା ଆରମ୍ଭ ହେବା ନେଇ ଅନୁମାନ କରାଯାଇଛି।

ନିର୍ଦ୍ଧାରିତ ସମୟ ଅର୍ଥାତ୍ ଜୁନ୍ ୧୦ ପୂର୍ବରୁ ରାଜ୍ୟରେ ମୌସୁମୀ ପ୍ରବେଶ କରିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଥିଲା। ମେ'୨୯ରେ ମୌସୁମୀ କେରଳ ଛୁଇଁଥିବା ପାଣିପାଗ ବିଭାଗ ପକ୍ଷରୁ ଘୋଷଣା କରାଯାଇଛି। ତେବେ ପାଗ ଅନୁକୂଳ ହେଉ ନ ଥିବାରୁ ଏହା ଆଗକୁ ଆଉ ବଢ଼ିପାରୁନାହିଁ। ଏଥିଯୋଗୁ ରାଜ୍ୟକୁ ମୌସୁମୀ ପ୍ରବେଶ ବିଳମ୍ବ ହେଉଛି। ବିଲରେ ଧାନ ବିହନ ବୁଣିବା ପାଇଁ ଚାଷୀ ମୌସୁମୀ ବର୍ଷାକୁ ଚାହିଁ ରହିଛି। ବିଳମ୍ବିତ ମୌସୁମୀ ଚାଷୀଙ୍କ ଚିନ୍ତା ବଢ଼ାଇ ଦେଇଛି। ତେବେ ମୌସୁମୀ ପ୍ରବେଶ କରିବା ଯାଏ ରାଜ୍ୟରେ ତାତି ସାଙ୍ଗକୁ ଗୁଳୁଗୁଳି ଜାରି ରହିବ। ସୋମବାର ରାଜ୍ୟର କେତେକ ଭାଗରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ ଉପରେ ରହିଛି। ସୋନପୁରରେ ସର୍ବାଧିକ ୪୩ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ଆସନ୍ତା ୩ ଦିନ ଯାଏ ରାଜ୍ୟର କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା, ଗଜପତି, କଳାହାଣ୍ଡି, କନ୍ଧମାଳ, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବୌଦ୍ଧ, ଅନୁଗୋଳ, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, ବାଲେଶ୍ୱର ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା ରହିଛି।

## ଆଜି ଦାରୁଦିଅଁଙ୍କ...

ପ୍ରଥମ ପୃଷ୍ଠାରୁ...

ବିଗ୍ରହଙ୍କୁ କେହି ସ୍ପର୍ଶ କରିବେ ନାହିଁ। ହାତୀବେଶକୁ ସୁରକ୍ଷିତ ରଖାଯିବ ଓ ଯତ୍ନରେ ଓଲାଗି କରାଯିବ। ସେବାୟତମାନେ ହାତୀବେଶରୁ ଫୁଲ ନେଇପାରିବେ ନାହିଁ। ଭକ୍ତଙ୍କ ଦର୍ଶନ ନ ସରିବା ପର୍ଯ୍ୟନ୍ତ ବେଶ ସୁରକ୍ଷିତ ରହିବ। ବେଶକୁ ଶ୍ରୀମନ୍ଦିର ଅଫିସ୍‌ରେ ସୁରକ୍ଷିତ ଭାବେ ରଖାଯିବ। ଭକ୍ତମାନେ ସ୍ନାନବେଦୀର ଗୋଟିଏ ପଟେ ଉଠି ଅପରପାର୍ଶ୍ୱରେ ଓହ୍ଲାଇବେ। ଆନନ୍ଦବଜାରରେ ମହାପ୍ରସାଦର ବ୍ୟବସ୍ଥା ହୋଇଛି। ଭକ୍ତମାନେ ମହାପ୍ରସାଦ ସେବନ କରିପାରିବେ। ଆଇନଶୃଙ୍ଖଳା, ଭକ୍ତଙ୍କ ସୁରକ୍ଷା, ଗମନାଗମନ ଓ ଟ୍ରାଫିକ୍ ନିୟନ୍ତ୍ରଣ ଆଦି ଦିଗକୁ ଆହ୍ୱାନ ଭାବେ ଗ୍ରହଣ କରିଛି ପୋଲିସ। ଏନେଇ ସୋମବାର ଅତିରିକ୍ତ ମହାନିର୍ଦ୍ଦେଶକ ଆର. କେ. ଶର୍ମାଙ୍କ ଅଧ୍ୟକ୍ଷତାରେ ଟାଉନ୍ ହଲ୍‌ରେ ଅନୁଷ୍ଠିତ ବୈଠକରେ କଡ଼ା ସୁରକ୍ଷା ବ୍ୟବସ୍ଥା ନେଇ ଆଲୋଚନା କରାଯାଇଛି। ୫ ଥାକିଆ ସୁରକ୍ଷା ବ୍ୟବସ୍ଥା ଭିତରେ ପୁରୀ ସହର ରହିବ। ୩ଜଣ କମାଣ୍ଡାଣ୍ଟ, ୧୧ଜଣ ଅତିରିକ୍ତ ଏସ୍‌ପି, ୨୧ ଡିଏସ୍‌ପି, ୫୦ରୁ ଊର୍ଦ୍ଧ୍ୱ ଇନ୍ସପେକ୍ଟର, ୨୭୦ରୁ ଊର୍ଦ୍ଧ୍ୱ ଏସ୍‌ଆଇ ଓ ଏଏସ୍‌ଆଇ, ୧ ହଜାର କନଷ୍ଟେବଳ ଓ ହୋମଗାର୍ଡଙ୍କ ସହ ୫୨ ପ୍ଲାଟୁନ୍ ଫୋର୍ସ ମୁତୟନ ହେବେ ବୋଲି ଶର୍ମା କହିଛନ୍ତି। ଶ୍ରୀମନ୍ଦିର ଚାରିପାଖରେ ଶୃଙ୍ଖଳିତ ଦର୍ଶନ ସହ ସହରରେ ଭକ୍ତଙ୍କ ସୁରକ୍ଷା ଉପରେ ଧ୍ୟାନ ଦିଆଯାଇଥିବା ଏସ୍‌ପି କନୱର ବିଶାଳ ସିଂ କହିଛନ୍ତି। ସେହିଭଳି ପୁରୀ ଏଏସ୍‌ଆଇ ସର୍କଲ ଅଫିସ ପକ୍ଷରୁ ସ୍ନାନବେଦୀ ମରାମତି କାର୍ଯ୍ୟ ଶେଷ ହୋଇ ପ୍ରଶାସନକୁ ହସ୍ତାନ୍ତର କରାଯାଇଛି। ସ୍ନାନବେଦୀ ସମ୍ପୂର୍ଣ୍ଣ ରୂପେ ସୁରକ୍ଷିତ ଓ ସ୍ନାନଯାତ୍ରା ପାଇଁ ପ୍ରସ୍ତୁତ ରହିଛି ବୋଲି କୁହାଯାଇଛି। ପୁରୀ ସହରରେ ଥିବା ବସଷ୍ଟାଣ୍ଡକୁ ଭୁବନେଶ୍ୱର ଓ କୋଣାର୍କ ପଟରୁ ଆସୁଥିବା ବସ୍ ସେବା ଚାଲୁ ରହିବ। ପୁରୀ ଟାଉନ୍ ବସ୍ ମେଡିକାଲ ଛକ ପର୍ଯ୍ୟନ୍ତ ଆସିପାରିବ। ଗ୍ରାଣ୍ଡ ସେଣ୍ଟରଠାରୁ ମାର୍କେଟ ଛକ ପର୍ଯ୍ୟନ୍ତ ବଡ଼ଦାଣ୍ଡରେ ଦୁଇଚକିଆ ଯାନ ପାର୍କିଂ କରାଯାଇପାରିବ। ଜଗନ୍ନାଥ ବଲ୍ଲଭ, ଶରଧାବାଲି, ଯାତ୍ରିକା, ବ୍ଲୁଫ୍ଲାଗ୍ ବିଚ୍ ଓ ଦିଗବାରେଣୀ ପାଖରେ ଚାରିଚକିଆ ଯାନ ପାର୍କିଂ ହେବ। ମରିଚିକୋଟଠାରୁ ଜଗାବଳିଆ ଲଜ୍ ପର୍ଯ୍ୟନ୍ତ ରାସ୍ତାକୁ ନୋ ଭେହିକିଲ୍ ଜୋନ୍‌ରେ ପରିଣତ କରାଯାଇଛି। ହେଲ୍ପଲାଇନ୍ ନମ୍ବର(୬୩୭୦୯୬୭୧୦୦)ରେ ୨୪ ଘଣ୍ଟିଆ ପୋଲିସ ସହ ଯୋଗାଯୋଗ କରାଯାଇପାରିବ ବୋଲି ଟ୍ରାଫିକ୍ ଆଡ୍‌ଭାଇଜରି ଜାରି ହୋଇଛି। ସ୍ନାନଯାତ୍ରା ଶେଷ ହେବା ପର୍ଯ୍ୟନ୍ତ ଏଭଳି ନିର୍ଦ୍ଦେଶନାମା ଜାରି ରହିବ। ସେହିଭଳି ସିସିଟିଭି ସ୍କାନରରେ ରହିବ ସ୍ନାନବେଦୀ। ସ୍ନାନବେଦୀ ସମ୍ମୁଖ ଓ ପାର୍ଶ୍ୱରେ ସିସିଟିଭି କ୍ୟାମେରା ଲଗାଯାଇଛି ବୋଲି ବୈଠକରୁ ସୂଚନା ମିଳିଛି।

## ବସ୍ ଓଲଟି...

ମାଇ। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଦୁଃଖ ପ୍ରକାଶ କରିବା ସହ ଆହତ ଯାତ୍ରୀଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଖବରରୁ ଜଣାପଡ଼ିଛି, ୪୦ରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କୁ ଧରି ବସ୍‌ଟି ଭବାନୀପାଟଣାରୁ ହାଇଦ୍ରାବାଦ ଅଭିମୁଖେ ଯାଉଥିଲା। ଗାଡିଚାଳକ ନିଶାସକ୍ତ ହୋଇ ଦ୍ରୁତ ଗତିରେ ଗାଡ଼ି ଚଳାଉଥିବାରୁ ତାଙ୍କୁ ଯାତ୍ରୀମାନେ ଗାଡି ନ ଚଳାଇବାକୁ କହିଥିଲେ। ମାତ୍ର ସେ ଶୁଣି ନ ଥିଲେ। ଦ୍ରୁତ ଗତିରେ ଆସୁଥିବାରୁ ବସ୍‌ଟି ବୋଡୁଗୁଡମ୍ ନିକଟରେ ଏକ ମୋଡ ନିକଟରେ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡିଥିଲା। ଫଳରେ ଘଟଣା ସ୍ଥଳରେ ୩ଜଣଙ୍କର ମୃତ୍ୟୁ ହୋଇଥିଲା। ଅନ୍ୟ ୩ଜଣଙ୍କ ଚିନ୍ତୁର ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ଖବରପାଇ ପୋଲିସ ଓ ଆମ୍ବୁଲାନ୍ସ ସେଠାରେ ପହଞ୍ଚି ସମସ୍ତ ଯାତ୍ରୀଙ୍କୁ ଉଦ୍ଧାର କରି ହସ୍ପିଟାଲ ନେଇ ଭର୍ତ୍ତି କରିଥିଲେ। ଗୁରୁତରମାନଙ୍କୁ ଭଦ୍ରାଚଳମ୍ ଓ ଆହତମାନଙ୍କୁ ଚିନ୍ତୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଗୁରୁତରଙ୍କ ମଧ୍ୟରେ ନବରଙ୍ଗପୁର ଜିଲାର ମୃତ ଡୁମର ହରିଜନଙ୍କ ସ୍ତ୍ରୀ ସୁଭଦ୍ରା, ୨ଝିଅ କୁନି(୧୧), ଅଞ୍ଜଳି(୬) ଏବଂ ମୃତ ୨ଶିଶୁ ଜିତୁ ଓ ସୁନେନାଙ୍କ ମାଆ ବାପା ରହିଛନ୍ତି। ବସ୍‌ର ସମସ୍ତ ଯାତ୍ରୀ ଶ୍ରମିକ ଶ୍ରେଣୀର। ସେମାନେ ହାଇଦ୍ରାବାଦରେ କାମ କରିବାକୁ ଯାଉଥିଲେ। ଭଦ୍ରାଚଳମଠାରୁ ୩୦ କି.ମି. ପୂର୍ବରୁ ଏହି ଦୁର୍ଘଟଣା ଘଟିଥିଲା।

## ସିବିଆଇ ଜାଲରେ...

ନେଉଥିବାବେଳେ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟର ସିବିଆଇ ଟିମ୍ କାବୁ କରିଥିଲେ। ଏହାପରେ ସିବିଆଇ ଟିମ୍‌ର ଅଧିକାରୀମାନେ ଉଜ୍ଜ୍ୱଳଙ୍କ ସୁନ୍ଦରଗଡ଼ସ୍ଥିତ ଭଡ଼ାଘରେ ଚଢ଼ାଉ ଜାରି ରଖିଛନ୍ତି। ତାଙ୍କୁ ସିବିଆଇ ପକ୍ଷରୁ ଅଟକ ରଖାଯାଇ ପଚରାଉଚରା କରାଯାଉଛି। ହେଲେ ଏନେଇ ସିବିଆଇ ପକ୍ଷରୁ କୌଣସି ସୂଚନା ମିଳିପାରିନାହିଁ।

## 'ଅନ୍‌ଲାଇନ ବେଟିଂ...

ଆଇନ, ୧୯୯୫ର ବିଜ୍ଞାପନ କୋଡ୍ ଏବଂ ପ୍ରେସ୍ କାଉନସିଲ ଆଇନ, ୧୯୭୮ରେ ଭାରତର ପ୍ରେସ୍ କାଉନସିଲ୍ ଧାର୍ଯ୍ୟ କରିଥିବା ବିଜ୍ଞାପନ ନିୟମ ପାଳନ ହେଉନାହିଁ। ୨୦୨୦ ଡିସେମ୍ବର ୪ରେ ଘରୋଇ ସାଟେଲାଇଟ ଟିଭି ଚ୍ୟାନେଲଗୁଡ଼ିକୁ ମନ୍ତ୍ରଣାଳୟ ପକ୍ଷରୁ ଆଡଭାଇଜରି ଜାରି କରାଯାଇ ଅନ୍‌ଲାଇନ ଗେମ୍ ବିଜ୍ଞାପନ ପ୍ରସାରଣ ବେଳେ ଭାରତର ବିଜ୍ଞାପନ ମାନ ପରିଷଦର (ଏଏସ୍‌ସିଆଇ) ଗାଇଡ୍‌ଲାଇନ ପାଳନ କରିବାକୁ କୁହାଯାଇଥିଲା। ସେହିବର୍ଷ ଡିସେମ୍ବର ୧୫ରେ କାର୍ଯ୍ୟକାରୀ ହୋଇଥିବା ଉକ୍ତ ଗାଇଡ୍‌ଲାଇନ ଅନୁଯାୟୀ ଗେମିଂ ବିଜ୍ଞାପନରେ ୧୮ ବର୍ଷରୁ କମ୍ ପିଲାଙ୍କୁ ଟଙ୍କା ଜିତିବା ପାଇଁ ଅନ୍‌ଲାଇନ ଗେମ୍ ଖେଳୁଥିବା ଦେଖାଯାଇପାରିବ ନାହିଁ କିମ୍ବା ଏଭଳି ପିଲା ଅନ୍‌ଲାଇନ ଗେମ୍ ଖେଳିପାରିବେ ବୋଲି ପ୍ରସ୍ତାବ ଦିଆଯାଇପାରିବ ନାହିଁ। ସେହିପରି ଏହାକୁ ଆୟର ଏକ ସୁଯୋଗ ବା ବିକଳ୍ପ ନିଯୁକ୍ତି ଭାବେ ଉପସ୍ଥାପନ କରାଯାଇପାରିବ ନାହିଁ ବୋଲି ଗାଇଡ୍‌ଲାଇନରେ କୁହାଯାଇଥିଲା। ସେହିପରି ଅନ୍‌ଲାଇନ ଗେମିଂରେ ସମ୍ପୃକ୍ତ ବ୍ୟକ୍ତି ଅନ୍ୟମାନଙ୍କ ତୁଳନାରେ ଅଧିକ ସଫଳ ବୋଲି ବିଜ୍ଞାପନରେ ଦର୍ଶାଯାଇପାରିବ ନାହିଁ। ଗେମିଂ ବିଜ୍ଞାପନ ସହ ଏକ ଘୋଷଣାନାମା ଦେବା ଲାଗି ଛାପା ଗଣମାଧ୍ୟମକୁ କୁହାଯାଇଥିଲା। ଏହି ଗେମ୍ ଆର୍ଥିକ କ୍ଷତି ପହଞ୍ଚାଇବା ସହ ଅଭ୍ୟାସଗତ କରିଦିଏ। ଦାୟିତ୍ୱର ସହ ନିଜ ରିସ୍କରେ ଖେଳିବା ପାଇଁ ଘୋଷଣାନାମାରେ ଲେଖାଯିବାକୁ ଗାଇଡ୍‌ଲାଇନରେ ନିର୍ଦ୍ଦେଶ ଦିଆଯାଇଥିଲା।

## ଏଥର ହେବ କଟକ...

ସମ୍ବିତ ଗଡ଼ନାୟକ ପ୍ରମୁଖ ରହିବେ। ବାଲିଯାତ୍ରା ପାଇଁ ଏହି କମିଟି କାର୍ଯ୍ୟ ଖସଡା ପ୍ରସ୍ତୁତ କରିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାଲିଯାତ୍ରାକୁ ରାଜ୍ୟସ୍ତରୀୟ ମହୋତ୍ସବର ମାନ୍ୟତା ଦେଇଥିଲେ। ତେବେ ଏହାକୁ ଜାତୀୟସ୍ତରୀୟ ମାନ୍ୟତା ଦେବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କେନ୍ଦ୍ର ସରକାରଙ୍କୁ ଅବଗତ କରାଯିବ ବୋଲି ଜିଲାପାଳ କହିଛନ୍ତି । ସୂଚନାଯୋଗ୍ୟ, ପ୍ରତିବର୍ଷ କାର୍ତ୍ତିକ ମାସ ଶେଷକୁ କଟକରେ ବାଲିଯାତ୍ରା ଅନୁଷ୍ଠିତ ହୋଇଥାଏ। ୧୦ ଦିନ ବ୍ୟାପୀ ହେଉଥିବା ଏହି ଯାତ୍ରାରେ ରାଜ୍ୟ ତଥା ରାଜ୍ୟ ବାହାରର ୨୦୦୦ରୁ ଊର୍ଦ୍ଧ୍ୱ ବ୍ୟବସାୟୀ ବ୍ୟବସାୟ କରିଥାନ୍ତି। ହେଲେ କରୋନା ଯୋଗୁ ଦୁଇ ବର୍ଷ ହେବ ବାଲିଯାତ୍ରା ବନ୍ଦ ଫଳରେ ବିଭିନ୍ନ ବର୍ଗର ବ୍ୟବସାୟୀ ପ୍ରଭାବିତ ହୋଇଥିଲେ। ତେବେ ଚଳିତବର୍ଷ ବାଲିଯାତ୍ରା ଅନୁଷ୍ଠିତ ପାଇଁ ଘୋଷଣା ହେବା ପରେ ବ୍ୟବସାୟୀ ଓ ସହରବାସୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୪,୦୬,୭୨,୫୦୧ | ୬୩,୩୧,୭୬୮ | ୫୧,୫୯,୮୩,୨୩୫ |
| ଭାରତ | ୪,୩୨,୩୨,୦୦୪ | ୫,୨୪,୭୭୧ | ୪,୨୬,୫୭,୩୩୫ |
| ଓଡ଼ିଶା | ୧୨,୮୮,୬୫୧ | ୯୧୨୬(+୫୩) | ୧୨,୭୯,୩୩୭ |

ସୋମବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# ଶିକ୍ଷା ହିଁ ଜୀବନରେ ବଡ଼ ପରିବର୍ତ୍ତନ ଆଣେ: ମୁଖ୍ୟମନ୍ତ୍ରୀ

**ଇମାମୀ-କିସ୍ ପକ୍ଷରୁ ନିର୍ମିତ ଆବାସିକ ବିଦ୍ୟାଳୟ ଉଦ୍‌ଘାଟିତ**

- ୧୨ ଏକର ଜମିରେ ନିର୍ମିତ ଏହି ସ୍କୁଲ ଲାଗି ଖର୍ଚ୍ଚ ହେବ ୫୦ କୋଟି
- ୧୨ଶହ ପିଲାଙ୍କୁ ମିଳିବ ମାଗଣା ଶିକ୍ଷା
- ଖର୍ଚ୍ଚ ହେବ କିସ୍‌ର ୩୬, ଇମାମୀର ୧୪ କୋଟି

ଭୁବନେଶ୍ୱର, ୧୩।୬(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଭିଡିଓ କନଫରେନ୍ସ ଜରିଆରେ ବାଲେଶ୍ୱର ଜିଲା ରେମୁଣାସ୍ଥିତ ଅରମଳାଠାରେ ଇମାମୀ ଓ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସ (କିସ୍) ପକ୍ଷରୁ ନିର୍ମିତ ଏକ ବିଦ୍ୟାଳୟକୁ ଉଦ୍‌ଘାଟନ କରିଛନ୍ତି। ୧୨ ଏକର ଜମିରେ ନିର୍ମିତ ଏହି ସ୍କୁଲ ପାଇଁ ୫୦ କୋଟି ଟଙ୍କା ବିନିଯୋଗ ହୋଇଥିବା ବେଳେ କିସ୍ ପକ୍ଷରୁ ୩୬ କୋଟି ଓ ଇମାମୀ ପକ୍ଷରୁ ୧୪ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଏହିଭଳି ଉଦ୍ୟମ ଗୁଣାତ୍ମକ ଶିକ୍ଷା ଲାଗି ରାଜ୍ୟ ସରକାରଙ୍କ ଉଦ୍ୟମକୁ ଆହୁରି ଶକ୍ତିଶାଳୀ କରିବ। ଇମାମୀ ଓ କିସ୍‌ର ଏହି ଉଦ୍ୟମ ପାଇଁ ସେମାନଙ୍କୁ ଧନ୍ୟବାଦ। କିସ୍ ପକ୍ଷରୁ ଭୁବନେଶ୍ୱର, ମୟୂରଭଞ୍ଜ ଏବଂ ବଲାଙ୍ଗୀର ଭଳି ଅନେକ ସ୍ଥାନରେ ବିଦ୍ୟାଳୟ ପ୍ରତିଷ୍ଠା କରାଯାଇଥିବା ବେଳେ ରାଜ୍ୟର ୩୦ଜିଲାରେ ଏହିଭଳି ବିଦ୍ୟାଳୟ ଖୋଲାଯିବାର ଲକ୍ଷ୍ୟ ରହିଥିବା ଖୁସିର କଥା। ଶିକ୍ଷା ହିଁ ରୂପାନ୍ତରର ସବୁଠାରୁ ଶକ୍ତିଶାଳୀ ମାଧ୍ୟମ। ଶିକ୍ଷା ହିଁ ଜୀବନରେ ସବୁଠାରୁ ବଡ଼ ପରିବର୍ତ୍ତନ ଆଣିଥାଏ। ଏଥିରେ ୧୨୦୦ ଗରିବ ପିଲା ମାଗଣାରେ ପାଠ ପଢ଼ିବାର ବ୍ୟବସ୍ଥା ହୋଇଥିବାରୁ ଏଥିପାଇଁ ମୁଖ୍ୟମନ୍ତ୍ରୀ ଖୁସିବ୍ୟକ୍ତ କରିଛନ୍ତି। ରାଜ୍ୟ ସରକାର ଶିକ୍ଷା ଉପରେ ସବୁଠାରୁ ଅଧିକ ଗୁରୁତ୍ୱ ଦେଇଛନ୍ତି। ୫-ଟି ଉପକ୍ରମରେ ବିଦ୍ୟାଳୟ ରୂପାନ୍ତରଣକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି।

ରାଜ୍ୟରେ ବର୍ତ୍ତମାନ ପ୍ରାୟ ୪୦୦୦ ରୂପାନ୍ତରିତ ହାଇସ୍କୁଲ ପ୍ରତିଷ୍ଠା ହୋଇସାରିଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହିସବୁ ସ୍କୁଲରେ ହୋଇଥିବା ସୁବିଧା ଓ ଭିତ୍ତିଭୂମି ପିଲାଙ୍କ ଭିତରେ ପାଠ ପ୍ରତି ବହୁ ଉତ୍ସାହ ଓ ଆଗ୍ରହ ସୃଷ୍ଟି କରିଛି। ପିଲାଙ୍କ ମନରେ ଭବିଷ୍ୟତ ପାଇଁ ଦୃଢ଼ସଂକଳ୍ପ ସୃଷ୍ଟି କରିଛି। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପର୍ଯ୍ୟଟନ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ ପାତ୍ର ରାଜ୍ୟରେ ଶିକ୍ଷାର ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମକୁ ପ୍ରଶଂସା କରିବା ସହିତ ବାଲେଶ୍ୱରରେ ଇମାମୀ ଓ କିସ୍ ଉଦ୍ୟମରେ ନବନିର୍ମିତ ସ୍କୁଲ ପାଇଁ ଧନ୍ୟବାଦ ଦେଇଛନ୍ତି । ଏହି ଅବସରରେ ଏମ୍‌ପି ପ୍ରତାପ ଷଡ଼ଙ୍ଗୀ, ରେମୁଣା ବିଧାୟକ ସୁଧାଂଶୁ ପରିଡ଼ା ପ୍ରମୁଖ ବକ୍ତବ୍ୟ ରଖି ଏହାଦ୍ୱାରା ବାଲେଶ୍ୱରରେ ଜନଜାତି ପିଲାଙ୍କ ମଧ୍ୟରେ ଶିକ୍ଷାର ପ୍ରସାରରେ ସହାୟକ ହେବ ବୋଲି ଆଶାପ୍ରକଟ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମକୁ ସଂଯୋଜନା କରିଛନ୍ତି। କିଟ୍ ଓ କିସ୍ ସଂସ୍ଥାପକ ତଥା ଅଚ୍ୟୁତ ସାମନ୍ତ ସ୍ୱାଗତ ଭାଷଣ ଦେଇ ଦୁର୍ବଳ ଶ୍ରେଣୀର ପିଲାଙ୍କ ମଧ୍ୟରେ ଶିକ୍ଷାର ପ୍ରସାର ପାଇଁ କିସ୍ ପଦକ୍ଷେପ ଉପରେ ଆଲୋକପାତ କରିଛନ୍ତି। ବାଲେଶ୍ୱର ଜିଲାପାଳ ଧନ୍ୟବାଦ ଅର୍ପଣ କରିଛନ୍ତି।



ବାଲେଶ୍ୱର ଜିଲା ରେମୁଣାସ୍ଥିତ ଅରମଳାଠାରେ ଇମାମୀ ଓ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସ (କିସ୍) ପକ୍ଷରୁ ନିର୍ମିତ ଏକ ବିଦ୍ୟାଳୟକୁ ଭିଡ଼ିଓ କନଫରେନ୍ସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରୁଛନ୍ତି। ନିକଟରେ ୫-ଟି ସଚିବ ଭି.କେ. ପାଣ୍ଡିଆନ।

## ଅଧ୍ୟାପକଙ୍କ ଆକାଉଣ୍ଟରୁ ୧ ଲକ୍ଷ ଗାଏବ

ହିଞ୍ଜିଳିକାଟୁ, ୧୩।୬(ଡି.ଏନ୍.ଏ.)

ଜଣେ କଲେଜ ଅଧ୍ୟାପକଙ୍କ ଆକାଉଣ୍ଟରୁ ୧ଲକ୍ଷ ଟଙ୍କା ହଡ଼ପ ହୋଇଥିବା ନେଇ ରବିବାର ହିଞ୍ଜିଳି ଥାନାରେ ଅଭିଯୋଗ ହୋଇଛି। ଋଷିକୁଲ୍ୟା ଡିଗ୍ରୀ କଲେଜ ସୋରଡ଼ାର ଅଧ୍ୟାପକ ରମେଶ ଚନ୍ଦ୍ର ପାଢ଼ୀ କଲେଜ ରୋଡ୍ ହିଞ୍ଜିଳିକାଟୁରେ ରୁହନ୍ତି। ସେ ସୋରଡ଼ାସ୍ଥିତ ଏସ୍‌ବିଆଇ ଶାଖାରେ ଜମାଖାତା ଖୋଲିବା ସହ ଉକ୍ତ ବ୍ୟାଙ୍କର ୟୋନୋ ଏସ୍‌ବିଆଇ ଆପ୍ ବ୍ୟବହାର କରି ମୋବାଇଲରେ ଅନ୍‌ଲାଇନରେ ବିଭିନ୍ନ ଦେଣନେଣ କରନ୍ତି। କିଛିଦିନ ତଳେ ଉକ୍ତ ଆପ୍‌ଟି କାର୍ଯ୍ୟ କରି ନ ଥିଲା। ଗତ ୭ରେ ଏକ ଅଜଣା ନମ୍ବରରୁ ତାଙ୍କ ମୋବାଇଲକୁ ଫୋନ୍ ଆସିଥିଲେ। ସମ୍ପୃକ୍ତ ବ୍ୟକ୍ତି ଜଣକ ଅଧ୍ୟାପକଙ୍କୁ ନିଜ ଫୋନ୍‌ରେ ଥିବା ଆପ୍‌କୁ ଅପ୍‌ଡେଟ କରିବା ପାଇଁ ସହଯୋଗ କରିବେ ବୋଲି କହିଲେ। ଏଥିରେ ବିଶ୍ୱାସ କରି ଅଧ୍ୟାପକ ନିଜ ମୋବାଇଲରେ ଅନ୍ୟ ଏକ ଆପ୍ ଡାଉନଲୋଡ୍ କରିଥିଲେ। କିଛି ସମୟ ପରେ ଅଧ୍ୟାପକଙ୍କ ଆକାଉଣ୍ଟରୁ ୧ଲକ୍ଷ ଟଙ୍କା ଅନ୍ୟ ଏକ ଆକାଉଣ୍ଟକୁ ଟ୍ରାନ୍ସଫର ହୋଇଥିବା ମେସେଜ୍ ଆସିଥିଲା। ଫଳରେ ସେ ଠକାମିର ଶିକାର ହୋଇଥିବା ଜାଣି ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ନଂ.୨୯୭/୨୨ରେ ଏକ ମାମଲା ରୁଜୁକରି ପୋଲିସ ତଦନ୍ତ ଚଳାଇଛି।




# ବସ୍‌ରେ ଲାଇବ୍ରେରି

- ପୁସ୍ତକ ପଠନ ପ୍ରତି ଆଗ୍ରହ ସୃଷ୍ଟି ଉଦ୍ଦେଶ୍ୟ
- ବକୁଳ ଫାଉଣ୍ଡେଶନର ନିଆରା ପ୍ରୟାସ



ରାଜ୍ୟ ସଭା ସଦସ୍ୟ ଅମର ପଟ୍ଟନାୟକ ବସ୍ ଲାଇବ୍ରେରିକୁ ଉଦ୍‌ଘାଟନ କରୁଛନ୍ତି।



ସଜେଇ ହୋଇଥିବା ବସ୍ ଲାଇବ୍ରେରି।

ଭୁବନେଶ୍ୱର, ୧୩।୬(ବ୍ୟୁରୋ)

ବସ୍‌ରେ ହୋଇଛି ଲାଇବ୍ରେରି। କଲେଜ ପିଲାଙ୍କ ଯାତାୟତ ପାଇଁ ବ୍ୟବହାର କରାଯାଉଥିବା ପୁରୁଣା ବସ୍‌କୁ ଲାଇବ୍ରେରିର ରୂପ ଦିଆଯାଇଛି। ଏହାର ଭିତର ଏବଂ ବାହାର ପାର୍ଶ୍ୱରେ ବିଭିନ୍ନ ଚିତ୍ର ଅଙ୍କାଯାଇ ପୁସ୍ତକ ପଠନ ପ୍ରତି ଆଗ୍ରହ ସୃଷ୍ଟି କରିବାର ପ୍ରୟାସ ଆରମ୍ଭ କରାଯାଇଛି। କଳାଭୂମିଠାରେ ବକୁଳ ଫାଉଣ୍ଡେଶନ୍ ଦ୍ୱାରା ପ୍ରସ୍ତୁତ ଏହି ବସ୍ ଲାଇବ୍ରେରି ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଓଏସ୍‌ଆର୍‌ଟିସି ଦ୍ୱାରା ଦାନ କରାଯାଇଥିବା ଏକ ପୁରୁଣା ପରିତ୍ୟକ୍ତ ବସ୍‌ରେ ଏହି ଲାଇବ୍ରେରି ତିଆରି ହୋଇଛି। ଏହାକୁ ଭିନ୍ନ ରୂପ ଦିଆଯାଇ ହସ୍ତତନ୍ତ, ହସ୍ତଶିଳ୍ପ ଓ ବୟନଶିଳ୍ପ ବିଭାଗ ଏବଂ ସିଡାକ୍ ବିଭାଗ ଦ୍ୱାରା 'କଳାଭୂମି' ସଂଗ୍ରହାଳୟ ନିକଟରେ ସ୍ଥାପନ କରାଯାଇଛି। ଏହା ମୋବାଇଲ୍ ବା ଭ୍ରମଣଶୀଳ ଲାଇବ୍ରେରି ନୁହେଁ ବରଂ କ୍ରାଫ୍ଟ ମ୍ୟୁଜିୟମର ପାର୍କିଂ ସ୍ଥାନରେ ସ୍ଥାୟୀ ଲାଇବ୍ରେରି ଭାବେ ରହିଛି।

ଏହି ଲାଇବ୍ରେରୀକୁ ସୋମବାର ରାଜ୍ୟସଭା ସଦସ୍ୟ ଅମର ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଉପଦେଷ୍ଟା ଉପେନ୍ଦ୍ର ତ୍ରିପାଠୀ, ହସ୍ତତନ୍ତ ଓ ହସ୍ତଶିଳ୍ପ ବିଭାଗ କମିଶନର ତଥା ସଚିବ ଶୁଭା ଶର୍ମା, ଶିକ୍ଷାବିତ ପ୍ରଫେସର ଡି.ପି. ପଟ୍ଟନାୟକ, ସିଡାକ୍‌ର ମେମ୍ବର ସେକ୍ରେଟାରୀ ଶିଶିର କୁମାର ରଥ, ହସ୍ତଶିଳ୍ପ ନିର୍ଦ୍ଦେଶକ ଶ୍ୟାମଭକ୍ତ ମିଶ୍ର, ବକୁଳ ଫାଉଣ୍ଡେଶନ୍‌ର ପ୍ରତିଷ୍ଠାତା ସୁଜିତ୍ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସଂଗ୍ରହାଳୟକୁ ଆସୁଥିବା ଲୋକେ ସଂଗ୍ରହାଳୟ ବୁଲି ଦେଖିବା ସହ ବହିପଢ଼ାର ସୁଯୋଗ ପାଇବେ। ବସ୍‌ର ସିଟ୍‌ଗୁଡ଼ିକୁ ଉଠାଇ ଦିଆଯିବା ସହ ବ୍ୟାଗେଜ୍ ର୍ୟାକ୍ ସହିତ ଗୋଟିଏ ପାର୍ଶ୍ୱରେ ବୁକ୍ ର୍ୟାକ୍ ପ୍ରସ୍ତୁତ କରାଯାଇଛି। ପାଠକ ସୁବିଧାରେ ବସିବା ପାଇଁ ବେଞ୍ଚ ବ୍ୟବସ୍ଥା କରାଯାଇଛି। ବସ୍‌ଯାତ୍ରା ଅନୁଭୂତି ସହିତ ବହିପଢ଼ାର ମଜା ପାଇପାରିବେ। ସେହିପରି ଡ୍ରାଇଭରଙ୍କ ଚେୟାର ଓ ଷ୍ଟିଅରିଂ ଚକକୁ ପାଠକମାନଙ୍କ ପାଇଁ ସେଲ୍ଫି ପଏଣ୍ଟ କରାଯାଇଛି। ପଟ୍ଟଚିତ୍ର ଓ ଅନ୍ୟାନ୍ୟ ପାରମ୍ପରିକ ଚିତ୍ରକଳାକୁ ବସ୍‌ର ବାହ୍ୟରେ ଡିଜାଇନ୍ କରାଯାଇଛି। ପାଠକମାନେ ବସ୍ ଭିତରେ କିମ୍ବା ବାହାରେ ଥିବା ଶୀତଳ ପରିବେଶରେ ବହି ପଢ଼ିପାରିବେ। ଏହି ଲାଇବ୍ରେରିରେ କାହାଣୀ କହିବା ଓ ହସ୍ତଶିଳ୍ପ କର୍ମଶାଳା ଉପରେ ମଧ୍ୟ ବିଭିନ୍ନ ଅଧିବେଶନ ଆୟୋଜନ କରାଯିବ। ଲାଇବ୍ରେରିକୁ ଅପରାଜିତା ମହାନ୍ତି ଓ ପିଣ୍ଟୁ ଭଟ୍ଟାଚାର୍ଯ୍ୟ ପରିଚାଳନା କରିବେ। ଏଠାରେ ପିଲାଙ୍କଠାରୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ବିଭିନ୍ନ ପୁସ୍ତକ ରହିଛି।

## ବଜ୍ରପାତରେ ୩ ବ୍ୟକ୍ତି, ୪ ଗୋରୁ ମୃତ

ରାଇଘର/ଉମରକୋଟ, ୧୩।୬(ଡି.ଏନ୍.ଏ.)/(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ରାଇଘର ଥାନା ମୁଣ୍ଡିବେଢ଼ା ପଞ୍ଚାୟତର ପାତ୍ରିମାଲ ଗ୍ରାମରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଯାଇଛି। ଅପରାହ୍ଣରେ ବଜ୍ରପାତରେ ଜଣେ ମହିଳାଙ୍କ ସମେତ ୩ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଖରଖରାପାରା ଗ୍ରାମର ନକୁଳ ନାୟକଙ୍କ ପୁଅ ଅମରୁ ନାୟକ(୨୨), ପାତ୍ରିମାଲ ଗ୍ରାମର ନରସିଂହ ଗଣ୍ଡଙ୍କ ସ୍ତ୍ରୀ ରାଇମନି(୫୦) ଏବଂ ଛତିଶଗଡ଼ ଚଇଲା ଗ୍ରାମର ଦଶରୁ ଅଣ୍ଟିଙ୍କ ପୁଅ ଜନସିଂ ଅଣ୍ଟି(୨୩) ।

ସୂଚନା ଅନୁଯାୟୀ, ରାଇମନି ଚାଷ ପାଇଁ ଟ୍ରାକ୍ଟର ଯୋଗାଡ଼ କରି ନିଜ ଜମିକୁ ଯାଇଥିଲେ। ଧାନ ବୁଣିବା ସମୟରେ ହଠାତ ବର୍ଷା ଏବଂ ବଜ୍ରପାତ ହୋଇଥିଲା। ଏଥିରେ ରାଇମନିଙ୍କ ସମେତ ଟ୍ରାକ୍ଟର ଚାଳକ ଅମରୁ ଏବଂ ଶ୍ରମିକଭାବେ କାମ କରୁଥିବା ଜନସିଂଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଖବର ପାଇ ରାଇଘର ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ୩୮/୨୨ରେ ଏକ ମାମଲା ରୁଜୁ କରାଯାଇଛି। ବଜ୍ରପାତରେ ୪ ଗୋରୁଙ୍କ ମଧ୍ୟ ମୃତ୍ୟୁ ଘଟିଛି। ମୃତକଙ୍କ ପରିବାର ଏବଂ ଗୋରୁ ମାଲିକଙ୍କୁ ସରକାରୀ କ୍ଷତିପୂରଣ ପ୍ରଦାନ ନିମନ୍ତେ ଗ୍ରାମବାସୀ ଦାବି କରିଛନ୍ତି।




# 'ବଜ୍ରପାତ, ସାପକାମୁଡ଼ା, ଅଗ୍ନିକାଣ୍ଡ ମୃତ୍ୟୁ ସମସ୍ୟା ଓଡ଼ିଶାକୁ ଆହ୍ୱାନ'

- ସାପକାମୁଡ଼ା ରୋଗୀଙ୍କୁ ବଞ୍ଚାଇପାରିବ ଆଣ୍ଟିଭେନମ୍
- ଆଣ୍ଟିଭେନମ୍ ଷ୍ଟକ୍ ଜଣାଇବ ମୋବାଇଲ ଆପ୍

ଭୁବନେଶ୍ୱର, ୧୩।୬(ବ୍ୟୁରୋ)

ଆଉ ପୂର୍ବଭଳି ଋତୁ ଅନୁଯାୟୀ ସଂଘଟିତ ନ ହୋଇ ବର୍ଷର ଯେକୌଣସି ସମୟରେ ବାତ୍ୟା ଭଳି ପରିସ୍ଥିତି ଉପୁଜୁଛି । ଏଥିସହ ବଜ୍ରପାତ, ସାପକାମୁଡ଼ା, ଅଗ୍ନିକାଣ୍ଡ ଓ ପାଣିରେ ବୁଡ଼ି ମୃତ୍ୟୁ ଭଳି ସମସ୍ୟା ଆମ ପାଇଁ ଆହ୍ୱାନ ହୋଇଛି । କେରଳ ଓ ଆସାମ ଭଳି ରାଜ୍ୟ ସାପକାମୁଡ଼ା କ୍ଷେତ୍ରରେ ଭଲ କାର୍ଯ୍ୟ କରୁଛନ୍ତି । ଏ କ୍ଷେତ୍ରରେ ପ୍ରାରମ୍ଭିକ ଅବସ୍ଥାରେ ଆକ୍ରାନ୍ତ ବ୍ୟକ୍ତିଙ୍କୁ ଆଣ୍ଟିଭେନମ୍ ଦିଆଗଲେ ଜୀବନ ବଞ୍ଚାଇହେବ ବୋଲି ସ୍ୱତନ୍ତ୍ର ରିଲିଫ କମିଶନର ପ୍ରଦୀପ ଜେନା କହିଛନ୍ତି।

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ପ୍ରମିଳା ମଲ୍ଲିକ ନୂତନ ଭାବେ ପଦ ଗ୍ରହଣ କରିବା ପରେ ସୋମବାର ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ଅଫିସ୍ ପରିଦର୍ଶନରେ ଯାଇଛନ୍ତି। ଏହି ଅବସରରେ ପ୍ରଦୀପ ଜେନା କହିଛନ୍ତି, ସାପ କାମୁଡ଼ା ସମ୍ପର୍କିତ ତଥ୍ୟ ଜାଣିବା ଲାଗି ବିଭାଗ ପକ୍ଷରୁ ଏକ ମୋବାଇଲ୍ ଆପ୍ ଲଞ୍ଚ କରାଯିବ। ଏହାଦ୍ୱାରା ରାଜ୍ୟର ପ୍ରତି ସ୍ୱାସ୍ଥ୍ୟସେବା କେନ୍ଦ୍ରରେ ଥିବା ଆଣ୍ଟିଭେନମ୍ ଷ୍ଟକ୍ ବିଷୟରେ ଜାଣିହେବ । ସେହିଭଳି ପାଣିରେ ବୁଡ଼ି ମୃତ୍ୟୁକୁ ରୋକାଯିବା ପାଇଁ ପ୍ରତ୍ୟେକ ଅଞ୍ଚଳରେ କିଛି ସ୍ୱେଚ୍ଛାସେବୀଙ୍କୁ ସନ୍ତରଣ ତାଲିମ ପ୍ରଦାନ କରାଯିବ। ବର୍ତ୍ତମାନ ରାଜ୍ୟରେ ମୋଟ ୮୮୯ ବାତ୍ୟା ଆଶ୍ରୟସ୍ଥଳୀ ଥିବାବେଳେ ନୂଆକରି ୫୫ଟିର କାମ ଚାଲିଛି । ଚିଲିକା କୂଳରେ କିଛି ସମ୍ବେଦନଶୀଳ ଅଞ୍ଚଳରେ ବାତ୍ୟା ଆଶ୍ରୟସ୍ଥଳୀର ଆବଶ୍ୟକତା ରହିଛି। ରାଜ୍ୟରେ ପ୍ରଥମ କରି ସାତଭାୟା ଅଞ୍ଚଳକୁ କ୍ଲାଇମେଟ୍ ରିଫ୍ୟୁଜି ରିହାବିଲିଟେଶନ୍ ପଲିସିରେ ବଗପାଟିଆକୁ ସ୍ଥାନାନ୍ତର କରାଯାଇଛି । ଏବେ ରାଜ୍ୟରେ ସୁନାମି ପ୍ରସ୍ତୁତି ଗ୍ରାମ ଭାବେ ୨ଟି ଗ୍ରାମ ରହିଥିବାବେଳେ ଆଗକୁ ଅଧିକ ଗ୍ରାମକୁ ସୁନାମି ମୁକାବିଲା କ୍ଷେତ୍ରରେ ପ୍ରସ୍ତୁତ ରହିବାକୁ ତାଲିମ ଦିଆଯିବ । ଏହି ଅବସରରେ ମନ୍ତ୍ରୀ କହିଛନ୍ତି, ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଓଡ଼ିଶା ଆଜି କେବଳ ଦେଶ ମଧ୍ୟରେ ନୁହେଁ, ଅନ୍ତର୍ଜାତୀୟ ସ୍ୱୀକୃତି ହାସଲ କରିଛି।

# ୩ ବର୍ଷ ମଧ୍ୟରେ ନିଯୁକ୍ତ ଶିକ୍ଷକଙ୍କ ସାର୍ଟିଫିକେଟ ଯାଞ୍ଚ ହେବ

**ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି**

ଭୁବନେଶ୍ୱର, ୧୩।୬(ବ୍ୟୁରୋ)

ରାଜ୍ୟରେ ନକଲି ଶିକ୍ଷକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଥିଲାଗି ଗତ ୩ବର୍ଷ ମଧ୍ୟରେ ନିଯୁକ୍ତି ପାଇଥିବା ସମସ୍ତ ଶିକ୍ଷକଙ୍କ ସାର୍ଟିଫିକେଟ୍ ଯାଞ୍ଚ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏ ନେଇ ସୋମବାର ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ, ମାଧ୍ୟମିକ ଶିକ୍ଷା ପରିଷଦର ସଭାପତି, ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଅଧ୍ୟକ୍ଷ, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରମୁଖ ଉପସ୍ଥିତ ଥିଲେ।

ବୈଠକର ନିଷ୍ପତ୍ତି ଅନୁଯାୟୀ ଗତ ତିନିବର୍ଷ ମଧ୍ୟରେ ନିଯୁକ୍ତି ପାଇଥିବା ସମସ୍ତ ଶିକ୍ଷକଙ୍କ ସାର୍ଟିଫିକେଟ୍ ଏବଂ ପ୍ରମାଣପତ୍ର ଯାଞ୍ଚ କରାଯିବ। ରାଜ୍ୟ ବାହାରର ବିଶ୍ୱବିଦ୍ୟାଳୟ ଏବଂ ସମ୍ପୃକ୍ତ ରାଜ୍ୟର ଶିକ୍ଷା ବିଭାଗକୁ ଏ ସମ୍ପର୍କରେ ଯାଞ୍ଚ ଲାଗି ଚିଠି ଲେଖାଯିବ। ଆବଶ୍ୟକ ପଡ଼ିଲେ ଯାଞ୍ଚ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ସ୍ୱତନ୍ତ୍ର ଅଧିକାରୀଙ୍କୁ ରାଜ୍ୟ ବାହାରର ବିଶ୍ୱବିଦ୍ୟାଳୟକୁ ପଠାଯିବ। ମାଧ୍ୟମିକ ଶିକ୍ଷା ପରିଷଦ ଏବଂ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦରେ ଚଳିତ ବର୍ଷରୁ ଡିଜିଲକ୍ ବ୍ୟବସ୍ଥା ପ୍ରଚଳନ କରାଯିବ। ଦୁଇଟି ପରିଷଦର ସମସ୍ତ ସାର୍ଟିଫିକେଟ୍‌କୁ ଡିଜିଟାଇଜେଶନ୍ କରାଯିବ। ଏଥିପାଇଁ ଆଇଟି ବିଭାଗର ସଚିବଙ୍କୁ ପତ୍ର ଲେଖାଯିବାକୁ ନିଷ୍ପତ୍ତି ନିଆଯାଇଛି। ଓସେପାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଦ୍ୱାରା ସମସ୍ତ ଶିକ୍ଷକଙ୍କ ଡାଟାବେସ୍ ପ୍ରସ୍ତୁତ କରାଯିବ। ସମସ୍ତ ମାମଲାର ତୁରନ୍ତ ଫଇସଲା ପାଇଁ ପଦକ୍ଷେପ ନିଆଯିବା ସହିତ ଏଫ୍‌ଆଇଆର୍ ଦାଖଲ କରାଯିବ। ଏଥିସହ ଚିହ୍ନଟ ଶିକ୍ଷକମାନଙ୍କଠାରୁ ଦରମା ଅର୍ଥ ଅସୁଲ କରିବା ପାଇଁ ଚିଠି ଲେଖାଯିବାକୁ ନିଷ୍ପତ୍ତି ହୋଇଛି।

ଧରିତ୍ରୀ
DHARITRI
ମଙ୍ଗଳବାର, ୧୪ ଜୁନ୍, ୨୦୨୨



# ଔରଙ୍ଗଜେବଙ୍କ ଦୋଷ

ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କା ସବୁଦିନ ଖସିବାରେ ଲାଗିଛି। ଅର୍ଥାତ୍ ଡଲାର ତୁଳନାରେ ଟଙ୍କା ଦୁର୍ବଳ ହେବାରେ ଲାଗିଛି। କୁହାଯାଉଛି, ପ୍ରତ୍ୟେକ ଦିନ ଟଙ୍କା ଏକ ନୂଆ ରେକର୍ଡ ସୃଷ୍ଟି କରୁଛି। ପିଲାଦିନେ ଶୁଣିଥିଲୁ, ଭଲଭାବେ ଦୌଡ଼ିପାରିଲେ ମପାଯାଇଥିବା ସମୟର ରେକର୍ଡ ଭାଙ୍ଗିବାକୁ ଚେଷ୍ଟା କରାଯାଏ। ଏବେ ଜନସାଧାରଣ କୌଣସି ରେକର୍ଡ ଭାଙ୍ଗିବାକୁ ଅନିଚ୍ଛୁକ ଥିବା ସତ୍ତ୍ୱେ ସରକାରୀ ଉଦ୍ୟମରେ ଏଭଳି ଐତିହାସିକ ରେକର୍ଡ ଭଙ୍ଗା ପ୍ରତ୍ୟେକ ଦିନ ଚାଲିଛି। ପ୍ରଥମେ କହିଲେ, ୬୦ରୁ ୭୦ ବର୍ଷ ପୂର୍ବେ ଶାସନ କରୁଥିବା ନେହେରୁ ଆଜିର ଦୁର୍ବଳ ଅର୍ଥନୀତି ପାଇଁ ଦାୟୀ। ଏବେ ପଛୁଆ ଦୂରଦୃଷ୍ଟିରେ କହୁଛନ୍ତି, ୩୦୦ ବର୍ଷ ପୂର୍ବରୁ ଦୀର୍ଘ ୫୦ ବର୍ଷ ପର୍ଯ୍ୟନ୍ତ ଶାସନ କରିଥିବା ଔରଙ୍ଗଜେବଙ୍କ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ଭାରତୀୟ ଟଙ୍କାକୁ ତଳିତଳାନ୍ତ କରିଦେଲାଣି।

ଜୁନ୍ ୧୩ରେ ଡଲାର ସହ ଟଙ୍କାର ବିନିମୟ ମୂଲ୍ୟ ସର୍ବକାଳୀନ ନିମ୍ନସ୍ତରକୁ ଖସି ୭୮ ଟଙ୍କା ୨୮ ପଇସାରେ ପହଞ୍ଚିଛି। ରୁଷିଆର ୟୁକ୍ରେନ୍ ଆକ୍ରମଣ ଯୋଗୁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ, ଗହମ, ଖାଇବା ତେଲ ସମେତ ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ଅହେତୁକ ମୂଲ୍ୟ ବୃଦ୍ଧି ଟଙ୍କାକୁ ନିମ୍ନକୁ ଟାଣିବାରେ ଲାଗିଛି। ମୋଦି ସରକାରଙ୍କ କାର୍ଯ୍ୟକାଳ ପୂର୍ବରୁ ୨୦୧୩ରେ ଡଲାର ପିଛା ଭାରତୀୟ ମୁଦ୍ରାର ବିନିମୟ ମୂଲ୍ୟ ୫୬.୫୭ ଟଙ୍କା ଥିଲା। ପ୍ରତି ବର୍ଷ ଏହା ତଳକୁ ଖସି ରେକର୍ଡ ଭାଙ୍ଗୁଛି। ସମ୍ପ୍ରତି ଡଲାର ସର୍ବକାଳୀନ ମଜଭୁତ ସ୍ଥିତିରେ ଥିବାବେଳେ ଟଙ୍କା ସର୍ବକାଳୀନ ଦୁର୍ବଳ ହୋଇଛି। ଫଳରେ ଭାରତୀୟ ଶେୟାର ବଜାରରୁ ବିଦେଶୀ ସଂସ୍ଥାଗତ ନିବେଶକ (ଏଫ୍ଆଇଆଇ) କ୍ରମାଗତ ଭାବେ ପୁଞ୍ଜି ପ୍ରତ୍ୟାହାର କରି ଲାଭ କମାଉଛନ୍ତି। ଚଳିତ ବର୍ଷ ଏଫ୍ଆଇଆଇମାନେ ୧.୮୧ ଲକ୍ଷ କୋଟି ଟଙ୍କା ଉଠାଇ ନେଲେଣି। ଏହାର ଚାପ ଭାରତୀୟ ପୁଞ୍ଜି ବଜାର ଉପରେ ପଡ଼ିଛି। ଏହି ଧାରା ଲାଗି ରହିଲେ ଭାରତର ଅର୍ଥନୀତି ଶ୍ରୀଲଙ୍କା ଭଳି ଦଶା ଭୋଗିପାରେ ବୋଲି ଆଶଙ୍କା କରାଗଲାଣି।

ଭାରତରେ ଖୁଚୁରା ମୁଦ୍ରାସ୍ଫୀତି ଗତ ଏପ୍ରିଲରେ ୭.୭୯% ରହିଥିଲା, ଯାହାକି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶାସନ କାଳରେ ସର୍ବାଧିକ। ଏବେ ମଧ୍ୟ ସମାନ ସ୍ଥିତି ରହିଛି। ଏହାକୁ ଦୃଷ୍ଟିରେ ରଖି ଭାରତୀୟ ରିଜର୍ଭ ବ୍ୟାଙ୍କ ଗତ ମେ' ୪ରେ ରେପୋ ରେଟ୍ ୪୦ ବେସିସ୍ ପଏଣ୍ଟସ (ବିପିଏସ୍) ଏବଂ ଜୁନ୍‌ର ମୁଦ୍ରା ନୀତି ସମୀକ୍ଷା ପରେ ୫୦ ବିପିଏସ୍ ବଢ଼ାଇବା ପରେ ୪.୯୦%ରେ ପହଞ୍ଚିଛି, ଯାହାକି ଗତ ଦଶନ୍ଧି ମଧ୍ୟରେ ସର୍ବାଧିକ। ଅଗଷ୍ଟରେ ରେପୋ ରେଟ୍ ଆହୁରି ବଢ଼ିବା ସଙ୍କେତ ମିଳିଥିବାରୁ ଆଗକୁ ଗୃହ, ଗାଡ଼ି ଓ ବ୍ୟକ୍ତିଗତ ଋଣ ବାବଦ ଇଏମ୍ଆଇ ବୋଝ ଅସହ୍ୟ ହେବା ନିଶ୍ଚିତ। ମୁଦ୍ରାସ୍ଫୀତି ନିୟନ୍ତ୍ରଣକୁ ଆଣିବା ପାଇଁ କେନ୍ଦ୍ର ସରକାରଙ୍କ ପାଖରେ କୌଣସି ନୀତି ଥିବା ଭଳି ମନେ ହେଉନାହିଁ। ପୂର୍ବରୁ ରିଜର୍ଭ ବ୍ୟାଙ୍କ ଗଭର୍ନର ରଘୁରାମ ରାଜନଙ୍କ ସମୟରେ ଆର୍ଥିକ ନୀତି ପାଇଁ ଯେଉଁ ଦୂରଦୃଷ୍ଟି ରହିଥିଲା, ଆଜିର ଦିନରେ ତାହାର ଘୋର ଅଭାବ ପରିଲକ୍ଷିତ ହେଉଛି। ଏବେକାର ନୀତିଗୁଡ଼ିକ ଅର୍ଥନୀତିରେ ସୁଧାର ଆଣିବା ପରିବର୍ତ୍ତେ ଏହାକୁ ରସାତଳଗାମୀ କରିବାରେ ଲାଗିଛି। ଦେଖିବାକୁ ଗଲେ ଭାରତର ଏହି ଆର୍ଥିକ ଦୁରବସ୍ଥା ହଠାତ୍ ସୃଷ୍ଟି ହୋଇନାହିଁ। ଏଥିପାଇଁ ପୁନର୍ବାର ୩୦୦ ବର୍ଷ ପୂର୍ବର ଔରଙ୍ଗଜେବଙ୍କ କୁଶାସନ ଦାୟୀ ବୋଲି କୁହାଗଲାଣି। ବିରୋଧୀ କହୁଛନ୍ତି, ଏହା ବିଗତ ୮ ବର୍ଷର ସରକାରୀ ସ୍ତରରେ ଭୁଲ୍ ନୀତିର ପରିଣାମ। ମୋଦି ସରକାର କେବଳ ଭୋଟ ରାଜନୀତିରେ ବ୍ୟସ୍ତ ରହିଛନ୍ତି। ଦେଶର ଅର୍ଥନୀତିକୁ ଯେଉଁ ଧାରାରେ ଆଣିବା ପାଇଁ ପଦକ୍ଷେପ ନେବା କଥା ସେପରି ଉଦ୍ୟମ କରୁନାହାନ୍ତି। ଏମିତି ବି ହୋଇପାରେ ଯେ, କେଉଁ ପ୍ରକାର ଉଦ୍ୟମର ଚାହିଦା ରହିଛି ତାହା ଆଜିର ସରକାରରେ କେହି ଜାଣିନାହାନ୍ତି।

ମୋଟାମୋଟି ଭାବେ ଭାରତ ଡଲାର ଏବଂ ଅଶୋଧିତ ତେଲର ଚକ୍ରବ୍ୟୂହରେ ଫସିଯାଇଛି, ଯହିଁରୁ ମୁକୁଳିବା ଏହି ସରକାର ଅମଳରେ ଅସମ୍ଭବ ମନେହେଲାଣି। ଅନ୍ତର୍ଜାତୀୟ ବଜାରରେ ତୈଳ ମୂଲ୍ୟ ବୃଦ୍ଧି ଘଟିଚାଲିଥିବାବେଳେ ଭାରତୀୟ ରାଜକୋଷ ଚାପଗ୍ରସ୍ତ ହେବାରେ ଲାଗିଛି। ଯେଉଁ ରୁଷିଆ କାଲି ଯାଏ ଭାରତକୁ ୩୦% ରିହାତିରେ ତୈଳ ଦେବା କଥା କହୁଥିଲା ଜୁନ୍ ୯ରେ ନିଜ ପ୍ରତିଶ୍ରୁତିରୁ ଓହରିବା ଘୋଷଣା କରିସାରିଛି। କିଛିଦିନ ତଳେ ଭାରତୀୟ ତୈଳ ବିପଣନ କମ୍ପାନୀ ହିନ୍ଦୁସ୍ଥାନ ପେଟ୍ରୋଲିୟମ୍ ଏବଂ ଭାରତ ପେଟ୍ରୋଲିୟମ୍ ରୁଷିଆଠାରୁ ତୈଳ ଆଣିବା ପାଇଁ ଆଗଭର ହେଉଥିଲେ। କିନ୍ତୁ ଶତାଧିକ ଦିନର ଯୁଦ୍ଧ ପରେ ରୁଷିଆ ଆର୍ଥିକ ଭାବେ କ୍ଷତିଗ୍ରସ୍ତ ହୋଇଥିବାରୁ କମ୍ ଦାମ୍‌ରେ ତେଲ ଦେବାକୁ ରାଜି ହେଉନାହିଁ। ଏବେ ଭାରତକୁ ରୁଷିଆର ରୋସ୍‌ନେଫ୍ଟ ପରିବର୍ତ୍ତେ ସଫ୍ଟ ମାର୍କେଟରୁ ବ୍ୟାରେଲ ପିଛା ୧୨୧-୧୨୪ ଡଲାରରେ ତେଲ କିଣିବାକୁ ପଡ଼ିବ। ଏଭଳି ସ୍ଥିତିରେ ଭାଜପା ନେତାଙ୍କ ପ୍ରଫେଟ୍ ବିରୋଧୀ ମନ୍ତବ୍ୟରେ କ୍ଷୁବ୍ଧ ଉପସାଗରୀୟ (ଗଲ୍ଫ) ରାଷ୍ଟ୍ରଗୁଡ଼ିକର ପରିବର୍ତ୍ତିତ ବାଣିଜ୍ୟିକ ଆଭିମୁଖ୍ୟ ମୋଦି ସରକାରଙ୍କୁ ଅଧିକ ଡଲାର ଦେଇ ତୈଳ କିଣିବାକୁ ବାଧ୍ୟ କରିବ।

ଭାରତ ସବୁ କ୍ଷେତ୍ରରେ ରପ୍ତାନି ତୁଳନାରେ ଆମଦାନୀ ଅଧିକ କରିଥାଏ। ଦେଶକୁ ଆସୁଥିବା ସମସ୍ତ ସାମଗ୍ରୀ ପାଇଁ ସରକାର ଡଲାରରେ ଅର୍ଥ ପଇଠ କରିଥାଆନ୍ତି। ୨୦୧୪ ମେ'ରେ ମୋଦି ସରକାର କ୍ଷମତାସୀନ ହେବା ପରଠାରୁ ଭାରତୀୟ ମୁଦ୍ରା ୨୦ ଟଙ୍କାରୁ ଅଧିକ ଦୁର୍ବଳ ହୋଇସାରିଛି। ବିଶ୍ୱ ବଜାରରୁ ରେକର୍ଡ ପରିମାଣର ଆମଦାନୀ କରାଯାଉଥିବାରୁ ଭାରତକୁ ଏଥିପାଇଁ ୫ ଲକ୍ଷ କୋଟି ଟଙ୍କା ଅଧିକ ଦେବାକୁ ପଡୁଛି। ଭାରତୀୟ ଟିକସଦାତାଙ୍କ କଷ୍ଟ ଉପାର୍ଜିତ ଅର୍ଥରୁ ଏହି କ୍ଷତି ଭରଣା କରାଯାଉଛି। ଦେଶବାସୀଙ୍କୁ ବିକାଶର ମିଛ ଛବି ଦେଖାଇ ପରିସଂଖ୍ୟାନର ଜାଲରେ ଛନ୍ଦିଲେ ଅର୍ଥନୀତିରେ ସୁଧାର ଆସିବ ନାହିଁ। ତେବେ ନେହେରୁ ଏବଂ ଔରଙ୍ଗଜେବଙ୍କ ତ୍ରୁଟିକୁ ଭୁଲି ହେବ ନାହିଁ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 9 | | 7 | | | | | 5 | |
| | | | | | | 7 | 3 | 6 |
| 8 | | | | | | | | |
| | | | | 4 | | 5 | 8 | |
| | | 3 | | 5 | | | | |
| | 6 | | 2 | 9 | | | | |
| 6 | | 9 | | | 5 | 8 | | |
| | | | | | | | | |
| | | | 3 | | 7 | 6 | | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 7 | 1 | 2 | 9 | 5 | 4 | 6 | 8 |
| 9 | 4 | 6 | 3 | 8 | 1 | 7 | 5 | 2 |
| 5 | 2 | 8 | 4 | 6 | 7 | 1 | 3 | 9 |
| 1 | 9 | 4 | 5 | 2 | 6 | 8 | 7 | 3 |
| 8 | 3 | 2 | 9 | 7 | 4 | 6 | 1 | 5 |
| 7 | 6 | 5 | 1 | 3 | 8 | 9 | 2 | 4 |
| 2 | 5 | 7 | 6 | 4 | 9 | 3 | 8 | 1 |
| 4 | 8 | 3 | 7 | 1 | 2 | 5 | 9 | 6 |
| 6 | 1 | 9 | 8 | 5 | 3 | 2 | 4 | 7 |

ଗତକାଲିର ଉତ୍ତର

> ସବୁବେଳେ ପ୍ରକୃତ ଅସୁବିଧା ରହିଛି ଆମ ଭିତରେ- ଆମ ପରିପାର୍ଶ୍ୱରେ ନୁହେଁ। ଅସୁବିଧାଗୁଡ଼ିକ ଉପରେ ବିଜୟ ଲାଗି ତୁମର ତିନୋଟି କଥା ଆବଶ୍ୟକ। ଏକରେ ସଂକଳ୍ପ- ତା'ପରେ ନିର୍ଲିପ୍ତତା ଓ ଶେଷରେ ବିଶ୍ୱାସ। **-ଶ୍ରୀଅରବିନ୍ଦ**

# ଗଳାବାଟର ଦେଶ



ନିରଞ୍ଜନ ସାହୁ

ଯେ କୌଣସି କାମ କରିବା ପାଇଁ ଏକ ଅନୁସୃତ ପଦ୍ଧତି ରହିଛି। ଏପରିକି ଆମ ଦେଶର ଆଇନ ମଧ୍ୟ ସେଇକଥା କହେ। ଯାହା ହେଲା-Procedure established by law। ଅର୍ଥାତ୍ କାମଟି ଠିକ୍ କି ନା ବିଚାର କଲାବେଳେ ସେଇ କଥା ତର୍ଜମା କରାଯାଏ ଯେ ସେଇ ପ୍ରତିଷ୍ଠିତ ପଦ୍ଧତି ଅନୁସରଣ କରାଯାଇଛି କି ନାହିଁ; ମାତ୍ର ଆମ ଦେଶରେ ଯାହା ଘଟେ ଏବଂ ସେଥିରୁ ଯେଉଁସବୁ ମନୋମାଳିନ୍ୟ ଉତ୍ପନ୍ନ ହୁଏ ତା'ର ଏକ କ୍ଷୁଦ୍ର ଶତାଂଶ କୋର୍ଟ କଚେରିରେ ସମାଧାନ ହୁଏ। ଏହାର ବହୁଳାଂଶ ସମାଧାନ ହୋଇଯାଏ କୋର୍ଟ ବାହାରେ ସାମାଜିକ ରୀତିନୀତି ମାଧ୍ୟମରେ କିମ୍ବା ଆପୋସ ମିଳାମିଶା ଜରିଆରେ, ଯାହା ନିୟମ ବିରୁଦ୍ଧ ହେଲେ ବି କେତେକାଂଶରେ ଗ୍ରହଣୀୟ ହୋଇଗଲାଣି ପ୍ରାୟତଃ।

ଧରନ୍ତୁ ଆପଣ ହସ୍ପିଟାଲ୍‌କୁ ଯାଉଛନ୍ତି। ଦେଖିଲେ ଅସମ୍ଭବ ଭିଡ଼। ଆପଣ ଯଦି ଲାଇନର ଶେଷରେ ଠିଆହେବେ, ସେଇଠୁ ଯାଇ ଡାକ୍ତରଙ୍କ ପାଖରେ ପହଞ୍ଚିବା ପର୍ଯ୍ୟନ୍ତ ଦୂରତା ଲାଗିବ ଏକ ଅସରନ୍ତି ରାସ୍ତା। ଏତିକିବେଳେ ଆପଣଙ୍କର ଚିହ୍ନା ଲୋକ ଜଣେ ଦେଖା ହୋଇଗଲେ ଯିଏକି ହସ୍ପିଟାଲର ପ୍ରଶାସନ ସହିତ ସମ୍ପୃକ୍ତ। ଦେଖା ହେଉ ହେଉ ସେ ପଚାରିବେ, ଆପଣ କ'ଣ ଡାକ୍ତରଙ୍କୁ ଦେଖେଇବା ପାଇଁ ଆସିଛନ୍ତି କି? ସିଧାସଳଖ ଆପଣଙ୍କୁ ନେଇ ଡାକ୍ତରଙ୍କ ପାଖରେ ପହଞ୍ଚେଇଦେବେ। ଆଉ କେହି ଆପଣଙ୍କୁ ପଦେ ବି କହିବେନି କିମ୍ବା କହିବାକୁ ସାହସ କରିବେନି। ଏଇମିତି ଅନେକ ଗଳାବାଟ ଦେଇ ଆମେ କାମ କରନ୍ତି ନିତିଦିନ। ଅନ୍ୟ କେହି ସେମିତି କଲେ ଆମ ମନ ଭିତରେ ବେଳେ ବେଳେ ଅଶାନ୍ତି ସୃଷ୍ଟି ହୁଏ; ମାତ୍ର ଆମେ ନିଜର ସୁଖସୁବିଧା ପାଇଁ ଗଳାବାଟ ଦେଇ କାମ କରିଯାଉ। ସାମାନ୍ୟତମ ବିବେକ ସଙ୍କଟ ଅନୁଭବ କରୁନାହିଁ।

ସଭିଏ ଜାଣନ୍ତି ଭାରତରେ ଆଇନ ହେଉଛି ସବୁଠୁ ଉପରେ। ଅର୍ଥାତ୍ ଆଇନର ଶାସନ ଚାଲିଛି ବୋଲି ଆମେ ସବୁଠି ଚିତ୍କାର କରୁ। ଆଇନ ଉଲ୍ଲଂଘନ କରି କାମ ହୋଇଗଲେ ଆମେ କେବେ ବିବେକ ବିରୋଧତତ୍ତ୍ୱର ସାମ୍ନା କରୁନାହୁଁ। ଆମର ଆଇନ ବସ୍ତୁତଃ ଦୁଇ ପ୍ରକାର। ଗୋଟିଏ ସର୍ବସାଧାରଣଙ୍କ ପାଇଁ ଆଇନ ଆଉ ଏକ ହେଉଛି ବିଶେଷାଧିକାର ଆଇନ ଯାହାକି ମାନ୍ୟବରଙ୍କ ପାଇଁ ସଂରକ୍ଷିତ। ଆପଣ ମନ୍ଦିର ଯିବା ପାଇଁ ଠିଆ ହୋଇଥିବେ ଘଣ୍ଟା ଘଣ୍ଟା ଧରି; ମାତ୍ର ଜିଲା ମାଜିଷ୍ଟ୍ରେଟ୍ ଆସିଲେ କୁହାଯିବ ସେ ପରିଦର୍ଶନରେ ଆସିଛନ୍ତି ଏବଂ ତାଙ୍କୁ ପ୍ରୋଟୋକଲ ମାନ୍ୟତା ଦେଇ ଶଙ୍ଖୋଳି ମନ୍ଦିର ଭିତରକୁ ନେଇଯିବେ ମନ୍ଦିର କର୍ମଚାରୀ। ଆପଣ ରେଳ୍‌ୱେରେ ଟିକେଟ କାଟି ଯାଇ ପାରୁ ନ ଥିବେ ସଂରକ୍ଷଣ ଅଭାବରୁ; ମାତ୍ର ଆପଣଙ୍କ ସାମ୍ନାରେ ଅନ୍ୟ କେହି ମନ୍ତ୍ରୀଙ୍କ କୋଟା କିମ୍ବା ଭିଆଇପି କୋଟା କହି ପଛରେ ଟିକେଟ କରି ସଂରକ୍ଷଣ ପାଇଯିବେ। ଚାରିଆଡ଼େ କୁହାହେଉଥିବ ଯେ ଜଣେ ଲୋକ ମାତ୍ର ଗୋଟିଏ ପେନ୍‌ସନ ପାଇବାକୁ ହକ୍‌ଦାର; ମାତ୍ର ସେଇଠି ଆପଣ ଦେଖୁଥିବେ ସରକାରୀ ଚାକିରି ଛାଡ଼ି ଯିଏ ରାଜନୀତିରେ ପଶି ଏମ୍‌ଏଲ୍‌ଏ କିମ୍ବା ଏମ୍‌ପି ହୋଇଗଲେ ସେ ତାଙ୍କ ମୂଳ ପେନ୍‌ସନ ସହିତ ଆହୁରି ଦୁଇଟି ପେନ୍‌ସନକୁ ସାନନ୍ଦେ ସ୍ୱାହା କରୁଛନ୍ତି।



ଉଚ୍ଚଶିକ୍ଷାରେ ଗଳାବାଟ ଏତେ ପଡ଼ିଛି ଯେ ଯଦି ସେ ଆଡ଼କୁ ଆପଣ ଆଖି ପକେଇବେ ତା'ହେଲେ ଆପଣଙ୍କ ଆଖି ଉଲୁସି ଉଠିବ। ସରକାର ବା ବିଶ୍ୱବିଦ୍ୟାଳୟ ଆୟୋଗ ଯେବେ ନିୟମ କରିଦେଲେ ପିଏଚ୍.ଡି. ନିହାତି ଦରକାର ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ କିମ୍ବା ପ୍ରଫେସର ହେବାକୁ ସେତେବେଳେ ଆପଣ ଦେଖିବେ ସବୁ ପ୍ରତିଯୋଗୀ ପିଏଚ୍.ଡି. ହାସଲ କରିଛନ୍ତି; ମାତ୍ର ଯଦି ଅନୁଧ୍ୟାନ କରିବେ ତେବେ ଜାଣିପାରିବେ ଗଳାବାଟ ଦେଇ ପଶିଛନ୍ତି ମାତ୍ରାଧିକ। ପିଏଚ.ଡି. ପାଇବାକୁ ହେଲେ କିମ୍ବା ବିଶ୍ୱବିଦ୍ୟାଳୟର ଅଧ୍ୟାପକ ହେବାକୁ ହେଲେ ଆପଣଙ୍କୁ କିଛି ନିର୍ଦ୍ଦିଷ୍ଟ ପତ୍ରିକାରେ ଆପଣଙ୍କର ଗବେଷଣା ପ୍ରବନ୍ଧ ପ୍ରକାଶ କରିବାକୁ ପଡ଼ିବ। ସେଇଗୁଡ଼ିକ ଭିତରୁ ଅନେକ ହେଉଛନ୍ତି ସେଇ ଗଳାବାଟର ଗୋଟିଏ ଗୋଟିଏ ନମୁନା। ତାକୁ କୁହାଯାଉଛି ପେଡ୍ ଜର୍ନାଲ - ମାନେ ପଇସା ଦିଅ ଓ ଲେଖକ ବନିଯାଅ। ଯେଉଁ ନ୍ୟାୟରେ କୁହାଯାଏ 'ପୈସା ଫେକୋ, ତମାସା ଦେଖୋ।'

ଆପଣମାନେ ଲକ୍ଷ୍ୟ କରିଥିବେ ଗୋଟିଏ ଗୋଟିଏ ସହର ବାଟ ଦେଇ ଯେଉଁ ରାସ୍ତା ଯାଉଥିଲା ସେଗୁଡ଼ିକ ଥିଲା ଅତି ଜନାକୀର୍ଣ୍ଣ। ତେଣୁ ସେଥିରୁ ମୁକ୍ତି ପାଇବା ପାଇଁ ସହର କଡ଼ ଦେଇ ଆଉ ଗୋଟିଏ ବାଇପାସ୍ ରୋଡ କରାଯାଉଥିଲା। କିଛି ବାଟ ଗଲାପରେ ବାଇପାସ୍ ରୋଡ୍‌ଟି ମିଶିଯାଉଥିଲା ମୁଖ୍ୟ ରୋଡ୍ ସହିତ; ମାତ୍ର ଅଳ୍ପ କିଛିଦିନ ପରେ ଆସ୍ତେ ଆସ୍ତେ ଦୋକାନ ଉଠିଆସିବ ବାଇପାସ୍ ପାଖକୁ। ଘର, ଦୋକାନ ପୁଣି ତିଆରି ହୋଇଯିବ ନୂଆ ରାସ୍ତା ପାର୍ଶ୍ୱରେ। କିଛିଦିନ ବେଳକୁ ଜଣାଯିବ ନୂଆ ରୋଡ୍‌ଟି ଯେମିତି ଯାଇଛି ସହର ଭିତରେ। ଅର୍ଥାତ୍ ସରକାରୀ ପଇସା ଶ୍ରାଦ୍ଧ କରି ଯାହା ହୋଇଥିଲା କିଛିବର୍ଷ ତଳେ ତା'ର ଫଳାଫଳ ହେଲା ଶୂନ।

ଆମ ଦେଶରେ ଆପଣ ଯାହା ଚାହିଁବେ ତା'ର ଗୋଟିଏ ଦୁଇନମ୍ବର ମାନକ ଆପଣଙ୍କୁ ମିଳିଯିବ। ଆପଣ ସମ୍ବଲପୁରୀ ଶାଢ଼ି ଭଲ ପାଆନ୍ତି। ପିନ୍ଧିବାକୁ ଚାହାନ୍ତି; ମାତ୍ର ଦର ଅଧିକ। ଆପଣଙ୍କ ବଜେଟ ତାକୁ ପାଉନି। ଆପଣ ଦେଖିବେ ସମ୍ବଲପୁରୀ ପ୍ରିଣ୍ଟରେ ସୌଖୀନ ଲୁଗାମାନ।

ଆଜିକାଲି ଯଦି କୌଣସି ପ୍ରତିଯୋଗିତା ପରୀକ୍ଷା ହୁଏ କିଛି ଦଲାଲ ପରୀକ୍ଷାରେ ସେମାନେ ଅଭିଳଷିତ ଫଳ ଆଣିଦେଇ ପାରିବାର ଦାବି କରନ୍ତି ଆଉ ଗଳାବାଟ ଦେଇ ପଶିବାକୁ ଚାହୁଁଥିବା କିଛି ପ୍ରତିଯୋଗୀ ସେମାନଙ୍କ କବଳରେ ପଡ଼ନ୍ତି। ଆଉ ଯଦି ଭାଗ୍ୟ ଯୋଗରୁ ସେମାନଙ୍କ ଭିତରୁ କେହି ପାଇଯାଆନ୍ତି ଦଲାଲର ହାତ ଚିକ୍କଣ ହୁଏ; ମାତ୍ର ସଂସ୍ଥା ବଦନାମ ହୁଏ। ଗଳାବାଟ ଦେଇ ରେଳ୍‌ୱେ ଚାକିରି କରିବାକୁ ଚାହୁଁଥିବା ଥୋକେ ପ୍ରତିଯୋଗୀ କିଛିବର୍ଷ ତଳେ ପରୀକ୍ଷା ଦେଇଥିଲେ। ସେମାନଙ୍କୁ ଗଳାବାଟ ଦେଇ ପୂରେଇ ଦେବାକୁ କହୁଥିବା ଲୋକ ଏବଂ ସଂସ୍ଥା ଆଉ ଗୋଟେ ପାଦ ଆଗେଇ ଯାଇ ସେମାନଙ୍କୁ ନିଯୁକ୍ତି ପତ୍ର ମଧ୍ୟ ଦେଇ ଦେଇଥିଲେ; ମାତ୍ର ସେମାନେ ଯେତେବେଳେ ଯୋଗଦେବାକୁ ଗଲେ ଜଣାପଡ଼ିଲା ଯେ ସେଇ ନିଯୁକ୍ତି ପତ୍ର ସବୁ ନକଲି। ଆଉ ଧରାପଡ଼ି ହଟହଟା ହେଲେ ମଧ୍ୟସ୍ଥବାବୁ ଏବଂ ତା' ସହିତ ସେଇ ବିଭାଗର କିଛି ସନ୍ଦେହଯୁକ୍ତ ଅଧିକାରୀ।

କମ୍ ପରିଶ୍ରମ କରି କିଛି ବୁଦ୍ଧି ଆଉ ଦୁର୍ବୁଦ୍ଧି ଯୋଡ଼ି ଦେଇ ଯେଉଁମାନେ ସଫଳତା ହାସଲ କରିବାକୁ ଚାହାନ୍ତି ସେମାନେ ଏଇ ଗଳାବାଟ ଖୋଜନ୍ତି; ମାତ୍ର ଯୁଗେ ଯୁଗେ କୁହାଯାଇଛି ସଫଳତା ପାଇଁ କିଛି ସଂକ୍ଷିପ୍ତ ବାଟ ନାହିଁ। ସେଥିପାଇଁ ଦରକାର କଠିନ ଅଧ୍ୟବସାୟ ଓ ତା' ପୂର୍ବରୁ ଏକ ସୁଚିନ୍ତିତ ଯୋଜନା। କଳେବଳେ କୌଶଳେ ଯେଉଁମାନେ ଥରେ ଅଧେ ଗଳାବାଟ ଦେଇ ସଫଳତା ପାଇଯା'ନ୍ତି ସେମାନେ ପହଞ୍ଚୁ ପହଞ୍ଚୁ ତାଙ୍କର କଳା କାରନାମା ଆରମ୍ଭ କରଦିଅନ୍ତି। ଲକ୍ଷ୍ୟ ହାସଲ ହୋଇଗଲେ ତାଙ୍କର ସବୁ ଆଶା ପୂରଣ ହୋଇଗଲା ବୋଲି ସେମାନଙ୍କର ଧାରଣା; ମାତ୍ର ଗାନ୍ଧିଜୀ ଯେଉଁ ଧାରା ସୃଷ୍ଟି କରିଥିଲେ ତାହା ଥିଲା ଏହାର ବିପରୀତ। ତାଙ୍କ ମତରେ ଲକ୍ଷ୍ୟ ଅପେକ୍ଷା ଗୁରୁତ୍ୱପୂର୍ଣ୍ଣ ହେଉଛି ଲକ୍ଷ୍ୟପଥରେ ଯାତ୍ରା। ଆଜିକାଲି ଗଳାବାଟରେ ଯାଇ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାକୁ ଚାହୁଁଥିବା ଲୋକମାନେ ବୁଝିବା ଦରକାର ସେଠାରେ ପହଞ୍ଚିବା ଅପେକ୍ଷା ଲକ୍ଷ୍ୟସ୍ଥଳ ଆଡ଼କୁ ଯେଉଁ ଯାତ୍ରା ତାହା ଅଧିକ ଗୁରୁତ୍ୱ ବହନ କରେ। ତାହା ହୁଏ ଅଧିକ ସ୍ମରଣୀୟ ଓ ମାର୍ମିକ। ସୁବିଧାବାଦରେ ବିଶ୍ୱାସ କରୁଥିବା ଆଜିକାଲିର ସଂଖ୍ୟାଧିକମାନେ କ'ଣ ଏକଥା ଶୁଣିବେ! ଖାଲି ତାଚ୍ଛଲ୍ୟ ପାଇବା ହିଁ ସାର।

ମୋ-୯୪୩୮୪୮୨୯୧୧

# ମାଟି ଓ ମେଘର ମହାମିଳନ



ବିମଳ ପ୍ରସନ୍ନ ଦାସ

ଓଡ଼ିଶାର ରଜପର୍ବ ତା'ର ନିଜସ୍ୱ ସଂସ୍କୃତି ଓ ପରମ୍ପରାର ଅଲିଭା ଆଲେଖ୍ୟ। ମାଟି ଆଉ ମେଘର ହୁଏ ମହାମିଳନ। ଓଡ଼ିଶାର ଉପକୂଳବର୍ତ୍ତୀ ଗାଁ ଗହଳିରେ ମୁଖରିତ ହୁଏ କିଶୋରୀମାନଙ୍କର ମନମତାଣିଆ ସଙ୍ଗୀତର ଝଙ୍କାର।

''ବନସ୍ତେ ଡାକିଲା ରଜ - ବରଷକେ ଥରେ ଆସିଛି ରଜ ଲୋ ଘେନି ନୂଆ ସଜବାଜ।''

x x x ''ଯାରେ ରଜଦୋଳି ଉଡ଼ି ଯା - ମାଟି ମୋର ମରମ କଥା ମେଘ ଲୋକେ କହି ଆ।''

ଏହି ପରିପ୍ରେକ୍ଷୀରେ ସ୍ୱତଃ ମନେ ପଡ଼ିଯାଏ ମହାକବି କାଳିଦାସଙ୍କ ବର୍ଣ୍ଣିତ କାଳଜୟୀ କୃତି 'ମେଘଦୂତମ୍' - ଯେଉଁଥିରେ ନାୟକ ତା'ର ମରମ କଥା ନାୟିକା ନିକଟକୁ ମେଘ ମାଧ୍ୟମରେ ପ୍ରେରଣା କରିଛି। ଜ୍ୟେଷ୍ଠ ଶେଷ, ଆଷାଢ଼ର ଆରମ୍ଭ ଭୂମି ସହ ଭୂମାର, ଧରିତ୍ରୀ ସହ ଆକାଶର ମିଳନ ବେଳା - ତୃଷାର୍ତ୍ତ ଧରିତ୍ରୀ ଆଷାଢ଼ର ଆଶ୍ଳେଷ ପାଇଁ ଚାହିଁ ରହିଥାଏ। ନିଜକୁ ପୁଷ୍ପବତୀ କରିବାର ଦୁର୍ବାର ଆକାଙ୍କ୍ଷା। ଏ ସମୟରେ ନାରୀ ଓ ମାଟି ଉଭୟ ସମାନ। ଉଭୟ ଈଶ୍ୱରଙ୍କ ଅନୁପମ ସୃଷ୍ଟି। ନାରୀ ପ୍ରେମ, ତ୍ୟାଗ, ତିତିକ୍ଷା, ଶ୍ରଦ୍ଧା, ସମ୍ବେଦନା ଏବଂ ସହାନୁଭୂତି ଦେଇ ତା'ର ଉତ୍ତରାଧିକାରୀକୁ ପୃଥିବୀକୁ ଆଣେ, ଲାଳନ ପାଳନ କରେ। ପ୍ରକୃତି ମଧ୍ୟ ଠିକ୍ ଅନୁରୂପ। ତା' ଗର୍ଭରେ ବୀଜ ଅଙ୍କୁରିତ ହୁଏ, ପତ୍ର, ଫୁଲ, ଫଳ ଧରେ। ସକଳଙ୍କ ପାଇଁ ବଞ୍ଚିବାର ମାଧ୍ୟମ ପାଲଟିଯାଏ। ବିରକ୍ତି ଓ ବିରାମ ନାହିଁ। ପ୍ରତିବାଦର ପ୍ରଶ୍ନ ଅବାନ୍ତର। କେତେ ପ୍ରୀତିପଦ, ସୁନ୍ଦର ଓ ଆହ୍ଲାଦିନୀ ସିଏ। ମଣିଷ ମାଟିର ସେବା କରେ। ପ୍ରଣାମ କରେ ତାକୁ।

ରଜ ଆମ ରାଜ୍ୟରେ ଏକ କୃଷି ପ୍ରଧାନ ପର୍ବ ମଧ୍ୟ। ତେଣୁ କୃଷକ ମାଟିକୁ ରଜ ୩ଦିନ ଆରାଧନା କରେ। ଅନ୍ୟ ଅର୍ଥରେ କହିଲେ, ନାରୀ ପରି ମାଟି ରଜ ୩ଦିନ ଋତୁମତି ହୁଏ। ତାକୁ ଛୁଇଁବା ମନା। ସେ ନିଜକୁ ପ୍ରସ୍ତୁତ କରିନିଏ ନିର୍ଦ୍ଦିଷ୍ଟ ଭାବରେ ପୃଥିବୀର କଲ୍ୟାଣ ଲାଗି। କାରଣ ଏକ ସୁଖ, ସମୃଦ୍ଧି ଭବିଷ୍ୟତକୁ ଜନ୍ମଦେବା ତା'ର ଲକ୍ଷ୍ୟ। ଏହି ତ୍ରିଦିବସୀୟ ପର୍ବର ଶେଷ ଦିନଟି ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ। ଏହାକୁ 'ଧରିତ୍ରୀ ସ୍ନାନ' କୁହାଯାଏ। ଏହି ୩ ଦିନ ଲଙ୍ଗଳ ଲୁହା, ଶିଳପୁଆ, କୃଷିର ଅନ୍ୟ ସକଳ ଉପକରଣ ଓ ଉପଯୋଗୀ ଉପାଦାନକୁ ଧୋଇ ପୂଜା କରିବାର ବିଧି ରହିଛି। ହଳଦୀପାଣିରେ ଏ ସବୁକୁ ସ୍ନାନକରାଇ ନୂତନ ବସ୍ତ୍ର ପିନ୍ଧାଇ ଦିଆଯାଏ। ଚନ୍ଦନ, ସିନ୍ଦୂର ଓ କଜଳରେ ମଣ୍ଡି ଦିଆଯାଏ। ପୂଜା ଶେଷରେ ପ୍ରଣାମ କରି ମା 'ଧରିତ୍ରୀର' ଆଶିଷ ଭିକ୍ଷା କରାଯାଏ।



ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳରେ ରଜ ଏକ ବହୁ ଆକାଙ୍କ୍ଷିତ ପର୍ବ। କୃଷକ ସମେତ ସ୍ଥାନୀୟ ଲୋକେ ଆନନ୍ଦରେ ଅପେକ୍ଷା କରିଥାନ୍ତି ଏହି ଗଣପର୍ବକୁ। ଝିଅମାନେ ନୂଆ ବେଶଭୂଷାରେ ମଣ୍ଡିତ ହୋଇଯାନ୍ତି। ଆପାଦମସ୍ତକ ବିଭିନ୍ନ ରଙ୍ଗର ସମାହାର। ପାଦରେ ଅଳତା, ମଥାରେ ଟିପି ଟିପି ଚନ୍ଦନ ଓ ଆଖିରେ ଆକର୍ଷଣୀୟ କଜଳ। ସେମାନଙ୍କ କଣ୍ଠରୁ ଝରି ଆସେ ନିଜ ଭାଇ ନିମନ୍ତେ ଶୁଭ କାମନାର ମନମତାଣିଆ ରଜଦୋଳି ଗୀତ ଯଥା : ''ରଜ ଦୋଳି କଟମଟ - ମୋ ଭାଇ ମୁଣ୍ଡରେ ସୁନା ମୁକୁଟ ଲୋ, ଦିଶୁଥାଏ ଝଟଝଟ।'' ତା' ସହିତ ଆହୁରି ଥଟ୍ଟାମଜା ଓ ହସ କୌତୁକର ମନଛୁଆଁ ଆଳାପ। ସେଇମାନଙ୍କ କଣ୍ଠରୁ ପୁଣି ଝରିଯାଏ ଝିଅ ଜୀବନର ନିରାଟ ବାସ୍ତବତାର ଚିତ୍ର। ଝିଅ ଜନମ ପର ଘରକୁ- ''ଘର ଉପରେ ଘର - ଘରେ ଥିଲାବେଳେ ଘରର ଝିଅ ଲୋ - ଏରୁଣ୍ଡି ଡେଇଁଲେ ପର''। ଅର୍ଥାତ୍ ଏହି ରଜଦୋଳି ଗୀତ ମାଧ୍ୟମରେ ଫୁଟିଉଠେ ଝିଅବୋହୂମାନଙ୍କର ହସ, କାନ୍ଦ ଓ ସୁଖ-ଦୁଃଖର ଦୈନନ୍ଦିନ ଜୀବନର ଚିତ୍ର।

ଓଡ଼ିଶାରେ ରଜଦୋଳି ମୁଖତଃ ୨ପ୍ରକାରର। ଗୋଟିଏ ରଜଦୋଳି ଗୀତ ଓ ଅନ୍ୟଟି କେଳୁଣୀର ଦୋଳି ଗୀତ। ଗାଁ ଗହଳିରେ କେଳୁଣୀମାନେ ବାଉଁଶ ଦୋଳିରେ ବସି ଗୀତ ବୋଲନ୍ତି। ସେମାନେ ଗୀତ ମାଧ୍ୟମରେ ଶ୍ରୀଜଗନ୍ନାଥ ଓ ରଥଯାତ୍ରାର ବର୍ଣ୍ଣନା କରିବାର ପରମ୍ପରା ରହିଛି।

କେବଳ ଓଡ଼ିଶାରେ ନୁହେଁ, ପୃଥିବୀର ବହୁ ସ୍ଥାନରେ ବର୍ଷାଋତୁର ଆରମ୍ଭରେ ଭୂମିପୂଜାର ପରମ୍ପରା ରହିଛି। ମାତ୍ର ଓଡ଼ିଶାର ରଜପର୍ବ ତା'ର ନିଜସ୍ୱ ସଂସ୍କୃତି। ଅନ୍ୟ କୌଣସି ସ୍ଥାନରେ ଏପରି ୩ଦିନ ରଜପର୍ବ ପାଳିତ ହେବାର ଦୃଷ୍ଟାନ୍ତ ପ୍ରାୟ ଦେଖାଯାଏ ନାହିଁ।

ସଜବାଜଠାରୁ ଆରମ୍ଭକରି ରଜ ୪ଦିନ ଯାକ ଘରେ ବହୁ ପ୍ରକାର ପିଠାପଣା - ଯଥା ପୋଡ଼ପିଠା, ଚକୁଳି, ଏଣ୍ଡୁରି, ମଣ୍ଡା, ଆରିଶା, କାକରା ଇତ୍ୟାଦିରେ ପରିବେଶ ମହକି ଯାଏ। କିଶୋରୀମାନେ ଘରକୁ ଘର ବୁଲି ସାଇ ପଡ଼ିଶାରେ ପିଠା ବାଣ୍ଟନ୍ତି। ଆଜି ଆଧୁନିକ ସଭ୍ୟତାରେ ରଜପର୍ବର ମୌଳିକତା ହଜିଗଲାଣି। କେବଳ ବିଧିବିଧାନରେ ସୀମିତ।

ମୋ : ୯୪୩୮୧୮୬୨୨୬

## ଏଇ ଭାରତରେ

ଜୀବନରେ ରିକ୍ସାଚାଳକ ଭାବେ ଏକ କଷ୍ଟକର ଜୀବନ ବଞ୍ଚିବାର ଅନୁଭୂତି ଥିଲା ହରିୟାଣାର ଧରମବୀର କାମ୍ବୋଜଙ୍କର। ଦିଲ୍ଲୀରେ ରିକ୍ସା ଚଳାଇ ଅନେକ ରାତି ବସ୍‌ଷ୍ଟାଣ୍ଡରେ ଶୋଇଛନ୍ତି। ଯମୁନାନଗର ଜିଲାର ଡାମଲା ଗାଁର ଧରମବୀର ଏହି ସଂଘର୍ଷମୟ ଜୀବିକାରେ ସୀମିତ ନ ରହି ଆଗକୁ ବଢ଼ି ସଫଳ ଆବିଷ୍କାରକ ହୋଇ ପାରିଛନ୍ତି। କୃଷିକ୍ଷେତ୍ରରେ ନୂତନ ଚିନ୍ତାଧାରା ତାଙ୍କୁ ଏକ ନୂଆ ପରିଚୟ ଦେଇଛି। ସେଥିପାଇଁ ତାଙ୍କୁ ଲୋକେ କହୁଛନ୍ତି କିଷାନ ଧରମବୀର। ତାଙ୍କ ଦ୍ୱାରା ନିର୍ମିତ ଛୋଟ ମଲ୍ଟିପର୍ପୋଜ ଫୁଡ୍ ପ୍ରୋସେସିଂ(ଏମ୍‌ପିପି) ମେଶିନ ପ୍ୟାଣ୍ଟେଟ ପ୍ରାପ୍ତ ହେବା ପରେ ସେ ବହୁ ଲକ୍ଷ ଟଙ୍କା ରୋଜଗାର କରିବାକୁ ସକ୍ଷମ ହୋଇପାରିଛନ୍ତି। ଧରମବୀରଙ୍କ ବୟସ ୫୯। ସେ କୃଷିକାର୍ଯ୍ୟରେ ବ୍ୟସ୍ତ ରହିବା ସହ କୃଷି ମେଶିନ ଆବିଷ୍କାର କରିଛନ୍ତି ଓ ଜଣେ ଉଦ୍ୟୋଗୀ ବି ହୋଇଯାଇଛନ୍ତି। ତାଙ୍କ ଦ୍ୱାରା ନିର୍ମିତ ଫୁଡ୍ ପ୍ରୋସେସିଂ ମେଶିନରେ ପରିବା, ଫଳ, ମଞ୍ଜି ଆଦି ପ୍ରୋସେସିଂ କରାଯାଉଛି ଓ ଏହା ଏବେ ୧୫ ଦେଶରେ ବ୍ୟବହାର କରାଯାଉଛି। ଧରମବୀର ସାରା ଭାରତରେ ପ୍ରୋସେସିଂ ଉପରେ ୭,୦୦୦ ଲୋକଙ୍କୁ ପ୍ରଶିକ୍ଷଣ ଦେଇସାରିଲେଣି।

## ୨୫ ବର୍ଷ ତଳର ଧରିତ୍ରୀ

୧୪ ଜୁନ୍ ୧୯୯୭

- ଜାତିସଂଘ ମହାସଚିବ କୋଫି ଆନନ ମାନବିକ ଅଧିକାରର ହାଇକମିଶନର ଭାବେ ଆୟର୍ଲାଣ୍ଡର ରାଷ୍ଟ୍ରପତି ମ୍ୟାରି ରବିନସନ୍‌ଙ୍କୁ ନିଯୁକ୍ତ କରିଛନ୍ତି।
- ଦକ୍ଷିଣ ଦିଲ୍ଲୀର ଗ୍ରୀନ୍‌ପାର୍କ ଏରିଆରେ ଅବସ୍ଥିତ 'ଉପହାର' ସିନେମାହଲ୍‌ରେ ଅଗ୍ନିକାଣ୍ଡ ଘଟି ୬୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ମୃତ୍ୟୁ।
- ଥମସନ କଞ୍ଜୁମର ଇଲେକଟ୍ରୋନିକ୍ସ ଗ୍ରୁପ୍ ପକ୍ଷରୁ ଭାରତୀୟ କ୍ରିକେଟ ଦଳର ଅଧିନାୟକ ସଚିନ ତେନ୍ଦୁଲକରଙ୍କୁ 'ମାଷ୍ଟର ବ୍ଲାଷ୍ଟର' ପୁରସ୍କାର ପ୍ରଦାନ।

## ଚିରନ୍ତନୀ

ଯୌବନ ତବ ଟେକି ଧରିଅଛି
ପୂଜାଫୁଲ ସମ ରୂପ
ପୀରତି-ବେଦୀରେ ଜାଳିଦିଅ ସେହି
ସୁବାସିତ ଦେହ-ଧୂପ।
-(ରୂପର ସ୍ତବ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ଆଚରଣ, ଉଚ୍ଚାରଣକୁ ସମୀକ୍ଷା କରିବା ଉଚିତ

ମହାଶୟ,

ବହୁମତରେ ଭାଜପା ୨ଥର ବିଜୟ ହାସଲ କରିବା ପରେ ଏହାର ଦଳୀୟ କର୍ମକର୍ତ୍ତା ଏବଂ ସଙ୍ଗଠନର କର୍ମୀମାନେ ସଂଖ୍ୟାଲଘୁ ସମ୍ପ୍ରଦାୟ ପ୍ରତି କଟୁ ଟିପ୍ପଣୀ ଦେବା ଏକ ନିତିଦିନିଆ ବ୍ୟାପାର ପାଲଟିଛି। ଏହା ସହ କେତେକ ନ୍ୟୁଜ୍ ଚ୍ୟାନେଲ ଏହାର ମଧ୍ୟାମ ପାଲଟିବାରୁ ସମଗ୍ର ଦେଶର ଭାବମୂର୍ତ୍ତି କଳଙ୍କିତ ହେବାରେ ଲାଗିଛି। ଏପରିକି ଏହା ସାମାଜିକ ଗଣମାଧ୍ୟମରେ ଅସଭ୍ୟ ସ୍ତରକୁ ଚାଲିଯାଉଛି। ବିଶେଷକରି ଭାଜପା ନେତା, ମନ୍ତ୍ରୀ, କର୍ମକର୍ତ୍ତାଙ୍କ ଆଚରଣ ଓ ଉଚ୍ଚାରଣ ଯୋଗୁ ସମଗ୍ର ଦେଶରେ ଅସ୍ଥିରତା ସୃଷ୍ଟି ହେଉଛି। ଜାତି, ଧର୍ମ, ସମ୍ପ୍ରଦାୟକୁ ନେଇ ରାଜନୈତିକ ଦଳଗୁଡ଼ିକ ଅଶୋଭନୀୟ ତଥା ବିବାଦୀୟ ମନ୍ତବ୍ୟ ଦେବାରୁ ବିରତ ରହିବା ବାଞ୍ଛନୀୟ ହୋଇ ଥିବାବେଳେ ଭାଜପା ନେତାଙ୍କ ଆଚରଣ ଉଚ୍ଚାରଣ ଯୋଗୁ ବିଭିନ୍ନ ଅଘଟଣ ଘଟି ଦେଶର କ୍ଷତି ହେଉଛି। କେବଳ ସେତିକି ନୁହେଁ, ଏଥିପାଇଁ କେହି ନିନ୍ଦା କରୁ ନ ଥିବାରୁ ସେମାନଙ୍କୁ ଏକ ପ୍ରକାର ଉତ୍ସାହିତ କରାଯାଉଥିବା ମନେହେଉଛି। ବହୁ ସମୟରେ ଆପତ୍ତିଜନକ ଟିପ୍ପଣୀର କାର୍ଯ୍ୟାନୁଷ୍ଠାନ ପରେ ଏଥିପାଇଁ ଉଠିଥିବା ଝଡ଼ ଶାନ୍ତ ହେଉ ନ ଥିବାରୁ ଆନ୍ତର୍ଜାତିକ ସ୍ତରରେ ଭାରତର ଭାବମୂର୍ତ୍ତି ନଷ୍ଟ ହେଉଛି। ଭାରତକୁ ଅନ୍ୟ ରାଷ୍ଟ୍ରଗୁଡ଼ିକଠାରୁ ଶୁଣିବାକୁ ପଡୁଛି ଓ ସେମାନଙ୍କ ନିକଟରେ ନରମିବାକୁ ହେଉଛି। ଏହା ଭାରତୀୟଙ୍କ ପାଇଁ ଲଜ୍ଜାର ବିଷୟ। ଏଭଳି ଆଚରଣ ଉଚ୍ଚାରଣକୁ ଭାଜପା ସମୀକ୍ଷା କରିବା ଉଚିତ।

**-ବିଷ୍ଣୁପ୍ରସାଦ ମହାରଣା, ବାଜିଚୌକ, ଢେଙ୍କାନାଳ**

## ଖୁସି ପାଇବାର ସରଳ ଉପାୟ

ଅଭିଭାବକମାନଙ୍କୁ ଅନୁରୋଧ ସେମାନେ ନିଜ ପୁଅଝିଅଙ୍କର ଜାତକ ମେଳାଇ ବିବାହ କରାନ୍ତୁ। ବିବାହ ପରେ ସ୍ୱାମୀସ୍ତ୍ରୀ ନିଜ ନିଜର ସୀମାରେଖା ଭିତରେ ରୁହନ୍ତୁ ଓ ସାମାଜିକ ନୀତିନିୟମ ମାନି ଚଳନ୍ତୁ। ବାସ୍ତୁ ନିୟମ ମାନିଲେ ଘର ପରିବାରରେ ଖୁସି ବିରାଜମାନ କରେ। ଏଣୁ ଘରୁ ବାହାରିବା ଓ ଘରକୁ ଫେରିବା ବେଳେ ଚଉଁରାକୁ ଦର୍ଶନ କରନ୍ତୁ। ଚଉଁରାକୁ ଦର୍ଶନରେ ମନ ସକାରାତ୍ମକ ରହେ। ଶୋଉଥିବା ଖଟରେ ଯଦି ୬ ଖଣ୍ଡ ପଟା ପଡ଼ିଥାଏ ତେବେ ସେଠାରେ ୭ ଖଣ୍ଡ ପଟା ପକାନ୍ତୁ। କାରଣ ୬ ଖଣ୍ଡ ବାଉଁଶରେ ଶବ ଯାଏ। ତେଣୁ ୬ ଖଣ୍ଡ ପଟାରେ ଶୋଇଲେ ମନ ବିଚଳିତ ହୁଏ। ଘରର ଦକ୍ଷିଣ-ପଶ୍ଚିମ କୋଣରେ ହନୁମାନଙ୍କ ମନ୍ଦିରରେ ଉଡୁଥିବା ପତାକା ଆଣି ଟାଙ୍ଗିଲେ ଅନେକ ସମସ୍ୟାର ସମାଧାନ ହୋଇଯିବ।

**ଚକ୍ରଧର ରାଉତ, ପଦୁଆଁପଦା, ବାଲେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



# ଆଜି ପହିଲି ରଜ

**ଭୁବନେଶ୍ୱର, ୧୩।୬(ବ୍ୟୁରୋ)**

ବନସ୍ତେ ଡାକିଲା ଗଜ... ବରଷକେ ଥରେ ଆସିଛି ରଜ...। ବର୍ଷକ ପରେ ପୁଣି ଆସିଛି ଗଣପର୍ବ ରଜ। ମଙ୍ଗଳବାର ପହିଲି ରଜ। ଘରେ ଘରେ ପୋଡ଼ପିଠାର ମହକ ସାଙ୍ଗକୁ ପାନର ରଙ୍ଗରେ କୁଆଁରୀଙ୍କ ଓଠ ଝଲସିବ। ଏଥିସହ ସେମାନେ ମେହେନ୍ଦୀ କରିବା ସହ ସଜବାଜ ହୋଇ ନୂଆ ଡ୍ରେସ୍ ପିନ୍ଧି ସାଙ୍ଗମାନଙ୍କ ସହିତ ଦୋଳି ଖେଳିବେ। ସେହିପରି ବିଭିନ୍ନ ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନ ପକ୍ଷରୁ ରଜ ଉତ୍ସବ ଆୟୋଜନ କରାଯାଇଛି। ମହାମାରୀ କରୋନା ଯୋଗୁ ୨ବର୍ଷ ହେବ ରଜପର୍ବ ଫିକା ପଡ଼ିଥିଲା। ତେବେ ଚଳିତ ବର୍ଷ ଏହାକୁ କିପରି ଧୁମ୍‌ଧାମ୍‌ରେ ପାଳନ କରାଯିବ ସେ ନେଇ ପ୍ରସ୍ତୁତି ଶେଷ ହୋଇଛି।



## ଓଟିଡିସି ପକ୍ଷରୁ 'ପିଠା ଅନ୍ ହ୍ୱିଲ' ସାଙ୍ଗକୁ ଦୋଳିର ମଜା



ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ (ଓଟିଡିସି) ପକ୍ଷରୁ ଏଥର ମଧ୍ୟ 'ପିଠା ଅନ୍ ହ୍ୱିଲ୍' କାର୍ଯ୍ୟକ୍ରମ କରାଯିବ। କରୋନା କଟକଣା ଉଠିବା ପରେ ଏଥର ଧୁମ୍‌ଧାମ୍‌ରେ ରଜ ପାଳନ ହେବ। ଏହାକୁ ଦୃଷ୍ଟିରେ ରଖି ପାନ୍ଥନିବାସ ଠାରେ ସୋମବାର 'ରଜ ମହୋତ୍ସବ' ଓ 'ପିଠା ଅନ୍ ହ୍ୱିଲ୍' କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ପହିଲି ରଜ ଠାରୁ ୩ଦିନ ପର୍ଯ୍ୟନ୍ତ ଶହୀଦ ନଗର ପୂଜା ମଣ୍ଡପ ପଡ଼ିଆରେ ରଜ ମହୋତ୍ସବ ଓ ସ୍ୱତନ୍ତ୍ର ପ୍ରଦର୍ଶନୀ ହେବ। ସେହିପରି ପୋଡ଼ପିଠା, କାକରା, ଆରିସା, ମହୁଲ ପିଠା ଭଳି ବିଭିନ୍ନ ରକମର ପିଠା ଏହା ମାଧ୍ୟମରେ ବିକ୍ରି କରାଯିବ। ପୋଡ଼ପିଠାର ଦାମ୍ ୪୦୦ ଟଙ୍କା (୧ କେଜି) ଥିବାବେଳେ କାକରା, ଖିରଗଜା, ଆରିସା, ମଣ୍ଡା, ଲବଙ୍ଗଲତା (ଗୋଟା) ୨୦ ଟଙ୍କା, ଛେନାପୋଡ଼ (୧୦୦ ଗ୍ରାମ୍) ୫୦ ଟଙ୍କା, ମହୁଲ ପିଠା (ଗୋଟା) ୪୦ ଟଙ୍କା ରହିଛି। ପାନ୍ଥ ନିବାସ ସମେତ ନିମନ୍ତ୍ରଣ ରେଷ୍ଟୁରାଣ୍ଟ, କିଟ୍ ଛକ, ଶହୀଦ ନଗର ଦୁର୍ଗାପୂଜା ମଣ୍ଡପ ପଡ଼ିଆ ଏବଂ ରାଜ୍ୟ ସଂଗ୍ରହାଳୟ ଠାରେ ସୁସ୍ୱାଦୁ ପାରମ୍ପରିକ ଓଡ଼ିଆ ପିଠା ବିକ୍ରୟ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଏଥିସହ ଶହୀଦନଗର ପୂଜା ମଣ୍ଡପ ପଡ଼ିଆରେ ରଜଦୋଳିର ବ୍ୟବସ୍ଥା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ ବୋଲି ଓଟିଡିସି ପକ୍ଷରୁ ସୂଚନା ଦିଆଯାଇଛି।

## ଗୋଟିଏ କ୍ଲିକ୍‌ରେ ରଜପାନ

ରଜରେ ପାନର ଭିନ୍ନ ଏକ ସ୍ୱତନ୍ତ୍ରତା ରହିଛି। ପୋଡ଼ପିଠା ବିନା ଯେପରି ରଜ ଅଧୁରା, ପାନ ବିନା ସେପରି ଫିକା । ବର୍ଷସାରା ପାନ ଠାରୁ ଯେତେ ଦୂରେଇ ରହିଲେ ବି ରଜ ତିନିଦିନ ପାଇଁ ସବୁ ମାଫ୍। ପାନ ଖାଇ ପାଟି ନାଲି କରିବାକୁ ଝିଅମାନଙ୍କୁ ଏହି ଦିନରେ ଅନୁମତି ମିଳିଯାଏ। ତେଣୁ ରଜରେ ପାନର ଚାହିଦା ବଢ଼ିଯାଏ। ଏହାକୁ ଦୃଷ୍ଟିରେ ରଖି ପାନ ବ୍ୟବସାୟୀଙ୍କ ପକ୍ଷରୁ ବିଭିନ୍ନ ପାନର ବ୍ୟବସ୍ଥା କରାଯାଇଛି। ଏହି ଦୌଡ଼ରେ ସାମିଲ ହୋଇଛି ଶହୀଦ ନଗର ବନାରସ ପାନ ଭଣ୍ଡାର। ଦିଲ୍‌ଖୁସ୍ ପାନ, ଦିଲ୍‌ବାହାର, ଦିଲ୍ ଦିୱାନା, ବର୍ଣ୍ଣି ବବ୍‌ଲି ପାନ, ଲଭର୍ସ ଗିଫ୍ଟ, ଡାଏଟ୍ ପାନ, ମଲାଇ ପାନ, ପାନ ସେକ୍, ପାନ ଲସି ଠାରୁ ଆରମ୍ଭ କରି ବିଭିନ୍ନ ଫ୍ଲେଭରର ପାନ ଯଥା ଷ୍ଟ୍ରବେରୀ ଫ୍ଲେବର, ଚକୋଲେଟ୍ ଫ୍ଲେବର, ଅରେଞ୍ଜ ଫ୍ଲେବର, ପିଲାଙ୍କ ପାଇଁ ଚକୋଜ୍ ପାନ, କିଟ୍‌କାଟ ପାନ, ଟୁସ୍‌କି ପାନ, ଓରିଓ ପାନ, ଲଡ୍ଡୁ ମିଠାଇ ପାନ ଓ ବିଭିନ୍ନ ଡ୍ରିମ୍ ନାଇଟ୍ ପାନ ଭଳି ୧୩୪ ପ୍ରକାରରୁ ଊର୍ଦ୍ଧ୍ୱ ପାନ ଏଠାରେ ମିଳୁଛି।





ଚଳିତ ଥର ଗ୍ରାହକଙ୍କ ଲାଗି ଆସିଛି 'ମ୍ୟାଜିକ୍ ପାନ'। ଏଗୁଡ଼ିକର ଦାମ୍ ୨୦ଟଙ୍କା ଠାରୁ ଆରମ୍ଭ ହୋଇ ୧୧୧୧ ଟଙ୍କା ପର୍ଯ୍ୟନ୍ତ ରହିଛି। ସେହିଭଳି ଟ୍ରାଡ଼ିସିନାଲ୍ ଗିଫ୍ଟ ପ୍ୟାକ୍‌ରେ ରଜ କର୍ପୋରେଟ ଗିଫ୍ଟ, ରଜୱାଡ଼ି ବାସ୍କେଟ, ସିଲ୍କ ପାନ ବାସ୍କେଟ, ଅଲ୍‌ୱେଜ୍ ଫରଏଭର୍, ଫାର୍ଷ୍ଟ ନାଇଟ୍ ପାନ ଭଳି ଗିଫ୍ଟ ପ୍ୟାକ୍ ରହିଛି। ଗୋଟିଏ କ୍ଲିକ୍‌ରେ କିପରି ଘରେ ବସି ଭେରାଇଟି ପାନର ମଜା ନେଇ ପାରିବେ, ସେ ନେଇ ଅନ୍‌ଲାଇନ୍‌ର ବ୍ୟବସ୍ଥା କରାଯାଇଛି ବୋଲି ବନରସ ପାନ ଭଣ୍ଡାରର ମାଲିକ ରମାକାନ୍ତ ସେନାପତି କହିଛନ୍ତି। ସ୍ୱିଗି, ଉପହାର ଡଟ୍ କମ୍, ମୋ ବିବିଏସ୍‌ଆର୍ ଏବଂ www.banarasipanbhandar.com ମାଧ୍ୟମରେ ଗ୍ରାହକ ପାନ ପାଇଁ ଅର୍ଡର କରି ପାରିବେ।

## ପାତ୍ରପଡ଼ାରେ ଜମିବ ଦୋଳି ଖେଳ

ପ୍ରତିବର୍ଷ ପାତ୍ରପଡ଼ାର ମହାରାଜା କ୍ରିକେଟ ଆସୋସିଏଶନ୍ ପକ୍ଷରୁ ଗାଁ ଖେଳପଡ଼ିଆରେ ୧ଶହରୁ ଊର୍ଦ୍ଧ୍ୱ ଦୋଳି ଲାଗିଥାଏ। ଏଥର ମଧ୍ୟ ଦୋଳି ଖେଳ ଜମିବ। ଝିଅମାନେ ଦୋଳି ଖେଳିବା ପାଇଁ ଏଠାକୁ ବହୁ ଦୂରରୁ ଏପରିକି ସହର ବାହାରୁ ଆସିଥାନ୍ତି। ଏଥର ଦୋଳି ଖେଳ ସହ ମୀନାବଜାର ଏବଂ ଖାଦ୍ୟର ପସରା ଜମିବ। ପୁଚି, ଖୋଟି, ହୁଳହୁଳି, ଶଙ୍ଖଫୁଙ୍କା, ମ୍ୟୁଜିକ୍ ଚେୟାର ଠାରୁ ଆରମ୍ଭ କରି କବାଡ଼ି ଏବଂ ଅନ୍ୟାନ୍ୟ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହେବ।

## ବିଭିନ୍ନ ଅନୁଷ୍ଠାନ ପକ୍ଷରୁ 'ରଜ ଉତ୍ସବ'

ପହିଲି ରଜରେ ସଂଭାବନା ଓଡ଼ିଆଣୀ ସମିତି ପକ୍ଷରୁ ସୂଚନା ଭବନରେ 'ରଜ ମଉଜ' ଅନୁଷ୍ଠିତ ହେବ। ଓଡ଼ିଆଣୀମାନଙ୍କୁ ନେଇ ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଓଡ଼ିଆ ମାଟିର ମହକ ଥିବା ପରମ୍ପରା, ସଙ୍ଗୀତ ଓ ନୃତ୍ୟ ପରିବେଷଣ କରାଯିବ। ପୋଡ଼ପିଠା ଓ ରଜ ପାନ ସହ କବିତା ପାଠୋତ୍ସବ, ସଙ୍ଗୀତ ଓ ନୃତ୍ୟ ଆଦିର ସମଷ୍ଟିରେ ଉପସ୍ଥିତ ଓଡ଼ିଆଣୀମାନେ ଭାଗ ନେଇ ଏହି ଉତ୍ସବକୁ ପାଳିବେ। ଅପରାହ୍ଣ ୫ଘଟିକାରୁ କବିତା ପାଠୋତ୍ସବରୁ କାର୍ଯ୍ୟକ୍ରମ ଆରମ୍ଭ ହେବା ପରେ ରଜ ଗୀତ, ଓଡ଼ିଆ ସଙ୍ଗୀତ ସହ ନୃତ୍ୟ ପରିବେଷଣ ହେବ। ଏହା ସହ କଣ୍ଠଶିଳ୍ପୀ ଛନ୍ଦା ମିଶ୍ର, ସିଦ୍ଧାନ୍ତ ଶତପଥୀ, ଅର୍ଣ୍ଣବ ପଣ୍ଡା ପ୍ରମୁଖଙ୍କ ସ୍ୱରରେ ମନଛୁଆଁ ଓଡ଼ିଆ ସଂଗୀତ ମଧ୍ୟ ପରିବେଷିତ ହେବ। ସେହିପରି ଜୟ ମା' ଭବାନୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ 'ରଜ ଉତ୍ସବ' ପାଳନ କରାଯିବ। ଟ୍ରଷ୍ଟ ପକ୍ଷରୁ ଉତ୍କଳ ରଙ୍ଗମଞ୍ଚ ଗୁରୁ କେଳୁଚରଣ ଗବେଷଣା କେନ୍ଦ୍ରରେ ୫ମ ବାର୍ଷିକ ରଜ ଉତ୍ସବ ପାଳନ କରାଯିବ। ଏଥିରେ ସମାଜର ବିଭିନ୍ନ ସ୍ତରରେ ମାନବ କଲ୍ୟାଣ ପାଇଁ କାମ କରୁଥିବା ବ୍ୟକ୍ତିମାନଙ୍କୁ 'ସେବାରତ୍ନ ସମ୍ମାନ'ରେ ସମ୍ମାନିତ କରାଯିବ। ଏଥିସହ ରଜଗୀତ, ନାଚ, ପିଠା, ପାନ, ଦୋଳିର ବ୍ୟବସ୍ଥା କରାଯାଇଛି। ଆଲୋକ ଜ୍ୟୋତି ୟୁଥ୍ ପାୱାର କ୍ଲବ୍, ନଛିପୁର ପକ୍ଷରୁ ମଧ୍ୟ ରଜକୁ ନେଇ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି।

## ବୁଲାବୁଲିରେ କଟିବ ରଜ

ରଜରେ ବୁଲାବୁଲି ଜମିବ। ବିଶେଷକରି ନନ୍ଦନକାନନ, ଖଣ୍ଡଗିରି, ଉଦୟଗିରି, ରାଜ୍ୟ ସଂଗ୍ରହାଳୟ, ପ୍ଲାନେଟାରିୟମ, ଧଉଳି, ଶିଖରଚଣ୍ଡୀ ଭଳି ସ୍ଥାନରେ ଭିଡ଼ ହୋଇଥାଏ। ଏଥର କରୋନା କଟକଣା ହଟିଥିବାରୁ ପର୍ଯ୍ୟଟନସ୍ଥଳୀଗୁଡ଼ିକରେ ଲୋକଙ୍କ ଗହଳି ହେବାର ସମ୍ଭାବନା ରହିଛି।












## ସଂକ୍ଷେପରେ

### ରଜ କବିତା ଆସର

ରାହାମା, ୧୩।୬(ଡି.ଏନ୍.ଏ): କୁଜଙ୍ଗ ବ୍ଲକ ରାହାମାସ୍ଥିତ ତେରମାଣପୁରର ଶ୍ରୀ ଶ୍ରୀ ନୃସିଂହ ମଠ ପରିସରରେ ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ମାଟିଘର ପକ୍ଷରୁ ରଜ ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡ. କ୍ଷୀରୋଦ କୁମାର ଓଝାଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ରମାକାନ୍ତ ଦାସ, ରବୀନ୍ଦ୍ର କୁମାର ସାହୁ, ଅଧାପକ ଡ. ଅଶୋକ କୁମାର ରାଉତ, ଇନ୍ଦୁପ୍ରଭା ବିଶ୍ୱାଳ, ଧୀରେନ୍ଦ୍ର ବେହେରା, କବି ଅଶୋକ ରାଉତ ଓ ପ୍ରତିଭା ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ରଜ ମଉଜକୁ ନେଇ ସ୍ୱରଚିତ କବିତା ପାଠ କରାଯାଇଥିଲା। ସମ୍ପାଦକ ବିଷ୍ଣୁ ପ୍ରସାଦ ସେଠୀ ବିବରଣୀ ପାଠ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

### କଳସପୁର ପଞ୍ଚାୟତରେ ପଲ୍ଲୀରେ ପ୍ରଶାସନ



ଆଳି,୧୩।୬(ଡି.ଏନ୍.ଏ.): ଆଳି ବ୍ଲକ କଳସପୁର ପଞ୍ଚାୟତରେ ସୋମବାର ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଳି ବିଡ଼ିଓ ଦ୍ୱିବେନ୍ଦୁ ଦାସ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ୪୧୬ ଅଭିଯୋଗ ଆସିଥିଲା। ପ୍ରଧାନମନ୍ତ୍ରୀ ଆବାସ ଯୋଜନା,ରାଶନ୍ କାର୍ଡ, ଲେବର କାର୍ଡ, କାଳିଆ ଯୋଜନା,ଭତ୍ତା ଓ ଅନ୍ୟାନ୍ୟ ଯୋଜନାରୁ ବଞ୍ଚିତ ହୋଇଥିବା ବ୍ୟକ୍ତିମାନେ ଅଭିଯୋଗରେ ଦର୍ଶାଇଥିଲେ। ଏହି କାର୍ଯ୍ୟକ୍ରମରେ କନିଷ୍ଠଯନ୍ତ୍ରୀ ସୌମ୍ୟରଞ୍ଜନ ସାହୁ,ସିଡିପିଓ କଳ୍ପନା ଧଳ, ଅତିରିକ୍ତ ସହକାରୀ ଯନ୍ତ୍ରୀ ଦେବସ୍ମିତା ଧଳ,ଏପିଓ ସ୍ନିଗ୍ଧା ସୁଚରିତା ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ସରପଞ୍ଚ ସୁଧିର ଚନ୍ଦ୍ର ମଲିକ ଓ ସମିତି ସଭ୍ୟ ବିକାଶ ଜେନା ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ଆଦର୍ଶ ବିଦ୍ୟାଳୟ ଶିକ୍ଷକ-ଅଭିଭାବକଙ୍କ ବୈଠକ

ଆଳି,୧୩।୬(ଡି.ଏନ.ଏ.): ଆଳି ଆଦର୍ଶ ବିଦ୍ୟାଳୟ ଏବେ ଅସ୍ଥାୟୀ ଭାବେ ସ୍ଥାନୀୟ ଶରତ କୁମାର ଦେବ ଉଚ୍ଚ ବିଦ୍ୟାଳୟ ପରିସରରେ ଚାଲୁଛି। ଏହି ବିଦ୍ୟାଳୟର ଛାତ୍ର ଅଭିଭାବକ - ଶିକ୍ଷକ ପରିଷଦର ଏକ ବୈଠକ ଆଳି ମଣ୍ଡଳ ଶିକ୍ଷା ଅଧିକାରୀ ସରୋଜକାନ୍ତ ବିହାରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଛାତ୍ରାଭିଭାବକମାନଙ୍କ ସହ ଆଲୋଚନା କରିବା ପାଇଁ ଆଳି ମଣ୍ଡଳ ବିଆରସିସି ତଥା ସହକାରୀ ମଣ୍ଡଳ ଶିକ୍ଷା ଅଧିକାରୀ ପାବନୀ କୁମାର ରାଉତ, ଉଦୟନାଥ ସାମଲ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ମଲ୍ଲିକ, ସିଆରସିସି ହଳଧର ସାହୁ, ଅକ୍ଷୟ ଜେନା, ନିରଞ୍ଜନ ଜେନା,ଧିରେଶ ବେହେରା, ପ୍ରିୟରଞ୍ଜନ ରାଉତରାୟପ୍ରମୁଖ ଯୋଗ ଦେଇ ସରକାରଙ୍କ ନୀତିନିୟମ,ଶିକ୍ଷାର ବିକାଶ ଦିଗ, ସରକାରଙ୍କ ସୁବିଧା ସୁଯୋଗ ବିଷୟରେ ଅଣୀରୁ ଉର୍ଦ୍ଧ୍ୱ ପରିଷଦର ସଦସ୍ୟମାନଙ୍କୁ ଅତିଥିମାନେ ଅବଗତ କରାଇଥିଲେ। ଅଧିକାରୀମାନେ ଛାତ୍ରାଭିଭାବକମାନଙ୍କ ସମସ୍ତ କାର୍ଯ୍ୟରେ ସହଯୋଗ କାମନା କରିଥିଲେ। ଅଭିଭାବକ ରତିକାନ୍ତ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରୀଛାତ୍ରମାନଙ୍କୁ ପୁସ୍ତକ ବଣ୍ଟନ କରାଯାଇଥିଲା।

# ୧୬ ବର୍ଷ ବିତିଲା, କଣ୍ଟିଆ ସେତୁ ନିର୍ମାଣ ସରୁନି

- କେନ୍ଦ୍ର-ରାଜ୍ୟ ସରକାରଙ୍କ ମଧ୍ୟରେ ସମନ୍ୱୟ ଅଭାବ
- ୩ ରାଜସ୍ୱ ଗ୍ରାମବାସୀ ମୌଳିକ ସୁବିଧାରୁ ବଞ୍ଚିତ
- ଆମ୍ବୁଲାନ୍ସ ସେବା ମିଳୁନି,ଭାରରେ ବୁହା ହେଉଛନ୍ତି ଗର୍ଭବତୀ

କେନ୍ଦ୍ରାପଡ଼ା ଅଫିସ,୧୩।୬

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ସିଂହଗାଁ ପଞ୍ଚାୟତର କଣ୍ଠିଆ ସେତୁ ନିର୍ମାଣ ୧୬ ବର୍ଷ ତଳେ ଆରମ୍ଭ ହୋଇଥିଲା। ଅଦ୍ୟାବଧି ନିର୍ମାଣ ଶେଷ ହୋଇନି। ଆଗକୁ ବର୍ଷାଋତୁ ଆସୁଥିବା ବେଳେ ଏହି ପଞ୍ଚାୟତର ୩ ରାଜସ୍ୱ ଗ୍ରାମବାସୀ ମୌଳିକ ସୁବିଧାରୁ ବଞ୍ଚିତ ହେବେ ବୋଲି ମତ ପ୍ରକାଶ ପାଇଛି। ଏ ସମ୍ପର୍କରେ ସିଂହଗାଁ ଗ୍ରାମର ହରିହର ଜେନା କୁହନ୍ତି, ସହରଠାରୁ ସିଂହଗାଁ ମାତ୍ର ୨୬ କିଲୋମିଟର। ସିଂହଗାଁର ପ୍ରସୂତିଙ୍କ ପାଇଁ ୧୦୨ ଆମ୍ବୁଲାନ୍ସ ସେବା ଏବେ ବି ଅପହଞ୍ଚ। ଗର୍ଭବତୀ ଭାର ସାହାଯ୍ୟରେ ୧୦ କିଲୋମିଟର ଦୂର ଅଣ୍ଡରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅଥବା ୨୨ କିଲୋମିଟର ଦୂର ଆଳି ସିଏଚ୍‌ସିକୁ ଯାଉଛନ୍ତି। ସିଂହଗାଁ, ରାଉଳିଆଡ଼ିଆ ଓ କୃଷ୍ଣଦାସପୁର ରାଜସ୍ୱ ଗ୍ରାମରେ ଅଗ୍ନିକାଣ୍ଡ ଘଟିଲେ ଦମକଳ ପହଞ୍ଚି ପାରୁନାହିଁ। କେବଳ ଏତିକି ନୁହେଁ, ଏହି ୩ ରାଜସ୍ୱ ଗ୍ରାମର ଛାତ୍ରୀଛାତ୍ର ନିକଟସ୍ଥ ବ୍ରାହ୍ମଣୀ କଲେଜ ଯିବାକୁ କଣ୍ଠିଆ ନାଳ ବାଧା ସାଜିଛି। ବର୍ଷକ ମଧ୍ୟରେ ପ୍ରାୟ ୮ ମାସ ଧୋୟା ଅଞ୍ଚଳରେ ଥିବା ଏହି ୩ ରାଜସ୍ୱ ଗ୍ରାମବାସୀ ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ସମନ୍ୱୟ ଅଭାବରୁ ସିଂହଗାଁ ସେତୁ ନିର୍ମାଣ ହୋଇପାରି ନାହିଁ। ୫ନଂ.ଜାତୀୟ ଜଳପଥ ଏଥିପାଇଁ ବାଧକ ସାଜିଛି।



କଣ୍ଟିଆ ସେତୁ ନିର୍ମାଣ ଚାଲିଛି।

ଏ ସମ୍ପର୍କରେ ବୁଦ୍ଧିଜୀବୀ ଗଣେଶ ଚନ୍ଦ୍ର ସାମଲ କହିଛନ୍ତି, ୨୦୦୮ରେ ଭାରତୀୟ ଅନ୍ତର୍ଦ୍ଦେଶୀୟ ଜଳପଥ ପ୍ରାଧିକରଣ ଅଧୀନରେ ଥିବା ୬୨୩ କି.ମି. ଲମ୍ବର ୫ ନଂ. ଜାତୀୟ ଜଳପଥ ପ୍ରକଳ୍ପକୁ ମଞ୍ଜୁରୀ ମିଳିଥିଲା। ସେଥିରୁ ପଶ୍ଚିମବଙ୍ଗରେ ୯୧ କି.ମି. ଥିବା ବେଳେ ଓଡ଼ିଶାରେ ଅବଶିଷ୍ଟ ୫୩୨ କି.ମି. ରହିଛି। ବ୍ରାହ୍ମଣୀ ନଦୀର ତାଳଚେରଠାରୁ ଧାମରା ପର୍ଯ୍ୟନ୍ତ ପ୍ରାଥମିକ ପର୍ଯ୍ୟାୟରେ ଉପଯୋଗ ପାଇଁ ଅର୍ଥ ଅନୁଦାନ ଦିଆଯାଇଛି। ଏହି ଜଳପଥ ପ୍ରକଳ୍ପ ନିର୍ମାଣ କେତେକ କାରଣରୁ ବନ୍ଦ ରହିଛି। ଏହି ଜଳପଥ ମଧ୍ୟରେ ସିଂହଗାଁ କଣ୍ଠିଆ ନାଳ ଅନ୍ତର୍ଭୁକ୍ତ ହୋଇଛି। ଏଠାରେ ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୦୮ରେ ସେତୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ତେବେ ଏହି ସେତୁ ନିର୍ମାଣ ସମୟରେ ଜାତୀୟ ଜଳପଥ ଅନ୍ତର୍ଭୁକ୍ତ ହେବାରୁ ତାହା ବନ୍ଦ ହୋଇଛି। ଜାତୀୟ ଜଳପଥ ନିର୍ମାଣର ଅହେତୁକ ବିଳମ୍ବ ଏବେ ଜିଲାର ଏହି ଧୋୟାଞ୍ଚଳବାସୀଙ୍କ ପାଇଁ କାଳ ହୋଇଛି।

ସିଂହଗାଁର ପୂର୍ବତନ ସରପଞ୍ଚ ନିର୍ମଳ ଚନ୍ଦ୍ର ମଲ୍ଲିକ କହିଛନ୍ତି, ଏହି ସେତୁ ନିର୍ମାଣ ପରେ ୩ ରାଜସ୍ୱ ଗ୍ରାମର ୩ ହଜାରରୁ ଉର୍ଦ୍ଧ୍ୱ ଅଧିବାସୀଙ୍କ ସମସ୍ୟା ତୁଟିଯିବ। କେନ୍ଦ୍ରାପଡ଼ା ସଦରକୁ ରାସ୍ତା ମିଳିବା ସହିତ କେନ୍ଦ୍ରାପଡ଼ା ଓ ଯାଜପୁର ଜିଲାର ସଂଯୋଗ ହେବ। ୨୦୦୮ରେ ସେତୁ ନିର୍ମାଣ ପାଇଁ ଜମି ସମସ୍ୟା ଦେଖାଦେଇଥିଲା। ୨୦୧୨ରେ ସରପଞ୍ଚ ଦାୟିତ୍ୱ ନେବା ପରେ ସ୍ଥାନୀୟ ଲୋକଙ୍କ ସହ ବୁଝାମଣା କରି ଜମି ଅଧିଗ୍ରହଣ ପ୍ରସ୍ତାବ ସମସ୍ୟାର ସମାଧାନ ହୋଇଛି। ଏହାପରେ ସେତୁ ନିର୍ମାଣ ବିଳମ୍ବକୁ ବରଦାସ୍ତ କରା ନ ଯାଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବାରମ୍ବାର ଆନ୍ଦୋଳନ ହୋଇଛି। କଣ୍ଠିଆ ନାଳରେ ଏବେ କୁମ୍ଭୀର ଆତଙ୍କ ଦେଖାଦେଇଛି। ସେତୁ ନିର୍ମାଣ ହୋଇଥିଲେ ସ୍ଥାନୀୟ ଲୋକଙ୍କ କୁମ୍ଭୀର ଆତଙ୍କ କମିଥା'ନ୍ତା। ସେତୁ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ସେ ଦାବି କରିଛନ୍ତି।

ପୂର୍ବତନ ସରପଞ୍ଚ ଜୟନ୍ତୀ ଦାସ କହିଛନ୍ତି, ସିଂହଗାଁ ସେତୁ ନିର୍ମାଣ ପଞ୍ଚାୟତର ଉନ୍ନୟନ କାର୍ଯ୍ୟକୁ ବାଧା ସୃଷ୍ଟି କରିଛି। ଆବାସ ଯୋଜନାଠାରୁ ଆରମ୍ଭ କରି ଶିକ୍ଷା, ସ୍ୱାସ୍ଥ୍ୟ, ବିଦ୍ୟୁତ୍, ପାନୀୟ ଜଳ ଆଦି ମୌଳିକ ସୁବିଧା ଲୋକଙ୍କ ପାଇଁ କାର୍ଯ୍ୟକାରୀ ହୋଇ ପାରୁନାହିଁ। ଜଳପଥ ପ୍ରକଳ୍ପ ବନ୍ଦ ହୋଇଥିବାରୁ ରାଜ୍ୟ ସରକାର ଏହି ସେତୁ ନିର୍ମାଣକୁ ଗୁରୁତ୍ୱ ଦେବା କଥା। ଏନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ବୃଦ୍ଧି ପାଉଥିବା ଦାସ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଏଡିଏମ୍ ପୀତାମ୍ବର ସାମଲ କୁହନ୍ତି, ସେତୁ ପାଇଁ ପ୍ରାଥମିକ ଅବସ୍ଥାରେ ବାଧା ସୃଷ୍ଟି କରୁଥିବା ଜମି ସମସ୍ୟାର ସମାଧାନ ହୋଇଛି। ଏହି ସ୍ଥାନ ଦେଇ ଜାତୀୟ ଜଳପଥ ଯାଉଥିବାରୁ ସିଂହଗାଁ ସେତୁ ନିର୍ମାଣ ବିଳମ୍ବ ହୋଇଛି। ତେବେ ଏହାର ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ଜିଲା ପ୍ରଶାସନ ପକ୍ଷରୁ ଉଦ୍ୟମ ଅବ୍ୟାହତ ରହିଛି ବୋଲି ଏଡିଏମ୍ ସାମଲ ପ୍ରକାଶ କରିଛନ୍ତି।

## ଚୁଲି ନିଆଁରୁ ଅଗ୍ନିକାଣ୍ଡ, ୧୦ ବଖରା ଜଳିଗଲା

ରାଜନଗର,୧୩।୬(ଡି.ଏନ୍.ଏ.)

ରାଜନଗର ବ୍ଲକ ଭିତରଗଡ଼ ପଞ୍ଚାୟତ ବ୍ରାହ୍ମଣୀ କୋହ୍ଲାଗାଁରେ ଭୟାବହ ଅଗ୍ନିକାଣ୍ଡ ଘଟି ୫ ପରିବାରର ୧୦ ବଖରା ଘର ସହ ସମସ୍ତ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ସୋମବାର ପୂର୍ବାହ୍ନ ୧୧ଟା ବେଳେ ଚୁଲି ନିଆଁରୁ ଏହି ଅଗ୍ନିକାଣ୍ଡ ଘଟିଥିଲା। ଗାଁର ସୁଜିତ୍ ସ୍ୱାଇଁ, ସଞ୍ଜୟ ସ୍ୱାଇଁ, ବିଶ୍ୱଜିତ୍ ସ୍ୱାଇଁ, କାଙ୍ଗାଳି ସ୍ୱାଇଁ ଓ ବାସନ୍ତୀ ସ୍ୱାଇଁ ପ୍ରମୁଖ ୫ ପରିବାରର ୧୦ ବଖରା ପୋଡ଼ିଯାଇଛି। ଅସହ୍ୟ ଗରମ ଓ ଗୁଳୁଗୁଳି ଯୋଗୁ ନିଆଁକୁ ଆୟତ୍ତ କରିବା ଗ୍ରାମବାସୀଙ୍କ ପକ୍ଷେ ସମ୍ଭବ ହୋଇପାରି ନ ଥିଲା। ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ୨ ଘଣ୍ଟା ଅକ୍ଳାନ୍ତ ପରିଶ୍ରମ କରିବା ପରେ ନିଆଁକୁ ଆୟତ୍ତ କରିଥିଲେ। ଏହି ଅଗ୍ନିକାଣ୍ଡରେ ବହୁ ପରିମାଣର ଧାନ, ଚାଉଳ ପୋଡ଼ିଯାଇଛି।



ଅଗ୍ନିକାଣ୍ଡରେ ପୋଡ଼ିଯାଇଥିବା ଆସବାବପତ୍ର।

# ରାସ୍ତାରେ ମଦ, ପୋଚ ଢାଳିଲେ ମହିଳା

ମହାକାଳପଡ଼ା,୧୩।୬(ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଜମ୍ବୁ ପଞ୍ଚାୟତର ଜମ୍ବୁ ଗ୍ରାମରେ ବେଆଇନ୍ ଦେଶୀ ମଦ ବିଭିନ୍ନ ସ୍ଥାନରେ ବିକ୍ରି ହେଉଛି। ପଞ୍ଚାୟତ ମହିଳା ମହାସଂଘ ପକ୍ଷରୁ ଏହାକୁ ବିରୋଧ କରାଯିବା ସହିତ ବେଆଇନ ଦେଶୀ ମଦ ଭାଟିକୁ ସୋମବାର ଭଙ୍ଗାରୁଜା କରିଥିଲେ। ଏପରି କି ପ୍ଲାଷ୍ଟିକ୍ ଜାରକିନ୍‌ରେ ଥିବା ମଦ ଓ ପୋଚକୁ ସେମାନେ ରାସ୍ତାରେ ଢ଼ାଳି ଦେଇଥିଲେ। ଏକ ସପ୍ତାହ ମଧ୍ୟରେ ମହିଳାମାନେ ୫୦ରୁ ଉର୍ଦ୍ଧ୍ୱ ମଦ ଭାଟି ଭଙ୍ଗା ରୁଜା କରିଛନ୍ତି। ଏହାକୁ ନେଇ ସେହି ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଇଛି। ମହାସଂଘର ମହିଳା ସଦସ୍ୟାମାନେ କହିଛନ୍ତି, ଆମ ଅଞ୍ଚଳର ବହୁ ଗରିବ ଶ୍ରେଣୀର ଶ୍ରମିକ ଦୈନିକ ରୋଜଗାର କରୁଥିବା ମଜୁରୀକୁ ମଦପିଇ ଉଡାଇ ଦେଉଛନ୍ତି। ପରିଶ୍ରମର ଉପାର୍ଜିତ ଅର୍ଥ ଯଦି ମଦ ଭାଟିକୁ ଚାଲିଯାଏ ତେବେ ଆମ ପରିବାର ଚଳିବ କେମିତି ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷେ ଦେଶୀ ମଦ ପିଇବା ଦ୍ୱାରା ଯକୃତ ଜନିତ ନାନା ରୋଗ ବଢ଼ିଛି। ଏ ସଂକ୍ରାନ୍ତରେ ଜିଲା ପ୍ରଶାସନ ତୁରନ୍ତ ପଦକ୍ଷେପ ନେଉ ବୋଲି ସେମାନେ ଦାବି କରିଛନ୍ତି। ଶକୁନ୍ତଳା ଘଡାଇ, ଶେଫାଳୀ ମଣ୍ଡଳ, ଆରତୀ ମଣ୍ଡଳ, ଲକ୍ଷ୍ମୀ ମାଲ, ନମିତା କଳା, ରାନୁ ମଣ୍ଡଳ, କମଳା ଦାସ, ସନ୍ଧ୍ୟାରାଣୀ କଳାଙ୍କ ସମେତ ବହୁ ମହିଳା ଏହି ଅଭିଯାନରେ ସାମିଲ ହୋଇଛନ୍ତି।



ଜମ୍ବୁ ଗ୍ରାମ ରାସ୍ତାରେ ମହିଳାମାନେ ମଦଭର୍ତ୍ତି ଜାରକିନ୍ ଭଙ୍ଗାରୁଜା କରୁଛନ୍ତି।

## ନାଟକ ମହୋତ୍ସବ

କୁଜଙ୍ଗ,୧୩।୬ (ଡି.ଏନ୍.ଏ.)

ଏରସମା ବ୍ଲକ ଅନ୍ତର୍ଗତ ନୂଆଗାଁସ୍ଥିତ ସିଦ୍ଧଗୁମ୍ଫା ଆଶ୍ରମ ସମ୍ମୁଖ ପଡ଼ିଆରେ ମା' ବକ୍ରମହାକାଳୀ ନାଟ୍ୟ ପରିଷଦ ତରଫରୁ ନାଟକ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୂଆଗାଁ ପଞ୍ଚାୟତ ସମେତ ଢିଙ୍କିଆ, ଗଡ଼କୁଜଙ୍ଗ, ବାଲିତୁଠ ଓ ବାମଦେଇପୁର ପଞ୍ଚାୟତର ପ୍ରାୟ ୧୦ ହଜାରରୁ ଉର୍ଦ୍ଧ୍ୱ ଦର୍ଶକ ଯୋଗଦେଇଥିଲେ। ପ୍ରଥମ ରଜନୀରେ ଯୁବ ନିର୍ଦ୍ଦେଶକ ରଞ୍ଜନ ବର୍ଦ୍ଧନଙ୍କ ନିର୍ଦ୍ଦେଶିତ ନାଟକ 'ଆଖି ଅବୁଝାକୁ ଲୁହ ଅବୁଝା' ଓ ଦ୍ୱିତୀୟ ରାତିରେ ଦିଲୀପ ଦାସଙ୍କ ନିର୍ଦ୍ଦେଶିତ ନାଟକ 'ବଇନା ଦେଇଛି ବାହାହେବାକୁ' ମଞ୍ଚସ୍ଥ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ଡ. ତମିଲ୍ ପ୍ରଧାନ, ସୁଚିତ୍ରା ମନ୍ତ୍ରୀ, ସମିତି ସଭ୍ୟା ସସ୍ମିତା ପଶାୟତ, ରଞ୍ଜନ ବର୍ଦ୍ଧନ ଓ ପବିତ୍ର ସ୍ୱାଇଁ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଜେଏସ୍‌ଡବ୍ଲ୍ୟୁ ସିଏସ୍‌ଆର୍ ମୁଖ୍ୟ ଅଭିଜିତ୍ କୁମାର ମୁଖ୍ୟ ଅତିଥି, ଲୋକସମ୍ପର୍କ ଅଧିକାରୀ ପ୍ରିୟାଂଶୁ, ଡ. ତମିଲ୍ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

## ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଜବତ

ଆଳି,୧୩।୬(ଡି.ଏନ୍.ଏ.)

ଗତ ରବିବାର ଝିଅ ଘରେ ରଜ ଭାର ଦେଇ ଫେରୁଥିବା ଜଣେ ବ୍ୟକ୍ତି ନଦୀରେ ବୁଡି ନିଖୋଜ ଥିଲେ। ତାଙ୍କର ମୃତଦେହ ସୋମବାର ନଦୀରୁ ଉଦ୍ଧାର କରାଯାଇଛି। ସେ ହେଲେ ଆଳି ଥାନା ମଙ୍ଗରାଜପୁର ଗ୍ରାମର ତପନ ସାମଲ। ପୋଲିସ ମୃତଦେହ ଜବତ କରିବା ପରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏହି ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ୧ ନଂ. ଜୋନ୍ ଜିଲା ପରିଷଦ ସଭ୍ୟା କନକଲତା ବେହେରା, ସଂସିଧା ସରପଞ୍ଚ ଦୀପକ ଭୂୟାଁ, ସମିତି ସଭ୍ୟା ମମତା ଭୂୟାଁ ପ୍ରମୁଖ ଦାବି କରିଛନ୍ତି।

## ମଣିକୁଣ୍ଡା ପଞ୍ଚାୟତରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ




କାର୍ଯ୍ୟକ୍ରମରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀମାନେ।

ମାର୍ଶାଘାଇ,୧୩।୬(ଡି.ଏନ୍.ଏ.)

ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ମଣିକୁଣ୍ଡା ପଞ୍ଚାୟତରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଡିଓ ଉମାଶଙ୍କର ବେହେରା ଏହାକୁ ଉଦ୍‌ଘାଟନ କରିଥିଲେ। ମୋଟ ୨୬୮ ଅଭିଯୋଗ ଗ୍ରହଣ କରାଯାଇଥିଲା। ୭ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ବ୍ୟାଙ୍କ ସୁବିଧା ପ୍ରଦାନ, ୫ ଜଣଙ୍କୁ ଦିନଦୟାଲ ଉପାଧ୍ୟାୟ ଯୋଜନାରେ ବିଜୁଳି, ୧୦ ଅଣସଙ୍ଗଠିତ ଶ୍ରମିକଙ୍କ ନାମ ପଞ୍ଜୀକରଣ, ୩୨ ଜଣଙ୍କ ଗୋପାଳନ ଓ ମତ୍ସ୍ୟଚାଷ ପାଇଁ ଦରଖାସ୍ତ ଗ୍ରହଣ କରାଯାଇଥିଲା। ସେହିପରି ସୁକନ୍ୟା ସମୃଦ୍ଧି ଯୋଜନାରେ ୨୫ ଜଣ, ୮୬ଜଣ ଶିଶୁଙ୍କ ଆଧାର କାର୍ଡ ପଞ୍ଜୀକରଣ, ୭୦ଜଣଙ୍କ ଟିକାକରଣ ଓ ୧୦ଜଣଙ୍କ ମାଟି ପରୀକ୍ଷଣ କରାଯାଇଥିଲା। ବ୍ଲକ ଅଧକ୍ଷା ମଧୁସ୍ମିତା ସାମଲ, ଉପାଧକ୍ଷା ଉର୍ମିଳା ମହାନ୍ତି, ସରପଞ୍ଚ କାମିନୀ ରାଉତ, ସଭ୍ୟ ବିପିନ ବିହାରୀ ସ୍ୱାଇଁ, ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଗୌରୀ ଶଙ୍କର ଦାଶ, ଜିପିଓ ନିରଞ୍ଜନ ଦାସ, ବ୍ଲକ ଜୀବିକା ମିଶନର ସାଗରିକା ପଣ୍ଡା ଓ ଉଦ୍ୟାନ ଅଧିକାରୀ ଶରତ ଚନ୍ଦ୍ର ବେହେରା ଉପସ୍ଥିତ ଥିଲେ।

# ଡିଲର ନିଯୁକ୍ତି, ନିମ୍ନମାନର ରାସ୍ତା କାର୍ଯ୍ୟକୁ ବିରୋଧ

ରଘୁନାଥପୁର,୧୩।୬(ଡି.ଏନ୍.ଏ.)

ରଘୁନାଥପୁର ବ୍ଲକ ଗୁଆଳିପୁର ପଞ୍ଚାୟତରେ ରାଶନ ସାମଗ୍ରୀ ବଣ୍ଟନ ପାଇଁ ଅଯଥାରେ ଆଉ ଜଣେ ଡିଲରଙ୍କୁ ନିଯୁକ୍ତ କରିବାକୁ ନେଇ ମସୁଧା ଚାଲିଥିବା ସ୍ଥାନୀୟ ଲୋକେ ବିଡିଓ ଜିତେନ୍ଦ୍ର କୁମାର ନାୟକଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସେହିପରି ଗୁଆଳିପୁରଠାରୁ ଗଜାଗୋସେଇଁ ପୀଠ ପର୍ଯ୍ୟନ୍ତ ଜଳସେଚନ ବିଭାଗ ରାସ୍ତାରେ ନିମ୍ନମାନର କାର୍ଯ୍ୟ ହୋଇଥିବା ଅଭିଯୋଗ ହୋଇଛି। ଏନେଇ ରବୀନ୍ଦ୍ରନାଥ ସ୍ୱାଇଁଙ୍କ ନେତୃତ୍ୱରେ କେତେଜଣ ଗ୍ରାମବାସୀ ବିଡିଓ ନାୟକଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଉଭୟ ଅଭିଯୋଗର ନକଲ ଜିଲାପାଳ, ପ୍ରକଳ୍ପ ନିର୍ଦ୍ଦେଶକ ଓ ଉପଜିଲାପାଳଙ୍କୁ ପଠାଯାଇଥିବା ବେଳେ ରାଶନ ସମ୍ପର୍କିତ ଅଭିଯୋଗର ଆଉ ଏକ ନକଲ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀଙ୍କ ନିକଟକୁ ପଠାଯାଇଛି।

ସେମାନଙ୍କ ଅଭିଯୋଗ ଅନୁଯାୟୀ, ରାଶନ ସାମଗ୍ରୀ ବଣ୍ଟନ ଦାୟିତ୍ୱରେ ଥିବା ଡିଲର ଜଣକ ଏଠାରେ ଦୀର୍ଘବର୍ଷ ହେବ କାର୍ଯ୍ୟ କରୁଥିବା ବେଳେ ସୁଚାରୁରୂପେ

**ବିଡିଓଙ୍କ ନିକଟରେ ଅଭିଯୋଗ**

ନିଜର ଦାୟିତ୍ୱ ନିର୍ବାହ କରୁଛନ୍ତି। ଏହାସତ୍ତ୍ୱେ କେତେଜଣ ବ୍ୟକ୍ତି ରାଜନୈତିକ ଆକ୍ରୋଶ ରଖି ଅନ୍ୟ ଜଣେ ଡିଲରଙ୍କୁ ନିଯୁକ୍ତ କରିବାକୁ ପ୍ରୟାସ ଚଳାଇଛନ୍ତି। ପଞ୍ଚାୟତ ନିର୍ବାଚନ ପରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ପୂର୍ବତନ ସରପଞ୍ଚ ଜାନକୀ ବଲ୍ଲଭ ସ୍ୱାଇଁ ଅଭିଯୋଗରେ ଦର୍ଶାଇଛନ୍ତି। ସେହିପରି ପୂର୍ବବର୍ଷର ଥିବା ପଞ୍ଚଦଶ କେନ୍ଦ୍ରୀୟ ଅନୁଦାନ ଟଙ୍କାରେ ବିନା ସୂଚନା ଫଳକରେ ଜଳସେଚନ ବିଭାଗ ରାସ୍ତାରେ ନିମ୍ନମାନର କାର୍ଯ୍ୟ ହୋଇଛି। ବିଭାଗୀୟ ଯନ୍ତ୍ରୀଙ୍କ ଅନୁପସ୍ଥିତି ବେଳେ ଏଭଳି କାମ ହୋଇଥିବା ନେଇ ସର୍ବେଶ୍ୱର ପଟ୍ଟନାୟକ ଅଭିଯୋଗ କରିଛନ୍ତି। ନିମ୍ନମାନର କାମ ଯୋଗୁ ବର୍ଷାଦିନେ ଟ୍ରାକ୍ଟର ଚାଲିଲେ ଏହି ରାସ୍ତା ଫାଟିଯିବାର ଆଶଙ୍କା ରହିଛି ବୋଲି ଅଭିଯୋଗକାରୀ ପ୍ରକାଶ କରିଛନ୍ତି। ତୁରନ୍ତ ଏନେଇ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରଦ୍ୟୁମ୍ନ କୁମାର ପାଲ, ଯଜ୍ଞେଶ୍ୱର ପଟ୍ଟନାୟକ, ନିବାସ ଚନ୍ଦ୍ର ଲେଙ୍କା, ବିଶ୍ୱରଞ୍ଜନ ପଟ୍ଟନାୟକ, ପବିତ୍ର ମୋହନ ଦାସ, ଆଶୀର୍ବାଦ ସ୍ୱାଇଁ ପ୍ରମୁଖ ଦାବି କରିଛନ୍ତି।

# ଆବାସ ଯୋଜନାରେ ସର୍ବାଧିକ ଅଭିଯୋଗ

**ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି**

- ୨ ବର୍ଷ ପରେ ପ୍ରଥମ ଜନଶୁଣାଣି
- ୨୨ ସମୂହ, ୩୭ ବ୍ୟକ୍ତିଗତ ଅଭିଯୋଗ

ନାଉଗାଁ,୧୩।୬(ସ୍ୱ.ପ୍ର.)



ଜନଶୁଣାଣିରେ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ଅଭିଯୋଗ ଶୁଣୁଛନ୍ତି।

କରୋନା ମହାମାରୀ ଯୋଗୁ ନାଉଗାଁ ବ୍ଲକରେ ଦୀର୍ଘ ୨ ବର୍ଷ ହେବ ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ବନ୍ଦ ଥିଲା। ଏହି କଟକଣା ଉଠିବା ପରେ ସୋମବାର ବ୍ଲକର ଜ୍ୟୋତିଗୃହରେ ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ପାରୁଲ ପଟୱାରୀ ଏଥିରେ ଅଧକ୍ଷତା କରିଥିଲେ। ଏହି ଅବସରରେ ମୋଟ୍ ୫୯ ଅଭିଯୋଗ ହୋଇଥିଲା। ସେଥିରୁ ୨୨ଟି ସାମୂହିକ ଓ ୩୭ ବ୍ୟକ୍ତିଗତ ଅଭିଯୋଗ ଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ଆବାସ ଯୋଜନାରେ ୧୬, ରେଡ୍‌କ୍ରସ୍‌ରେ ୧, ଜମିଜମା ସଂକ୍ରାନ୍ତରେ ୬, ଭତ୍ତା ସମ୍ପର୍କିତ ୪, ଯୋଗାଣ ସମ୍ବନ୍ଧୀୟ ୩, କାଳିଆ ଯୋଜନାରେ ୧ ଓ ଅନ୍ୟାନ୍ୟ ଅଭିଯୋଗ ୬ଟି ରହିଥିଲା।

ଦେବୀ ନଦୀ ବନ୍ଧ ମରାମତି ପାଇଁ ଗଳଦାରୀ ପଞ୍ଚାୟତ ସମିତି ସଭ୍ୟ ପ୍ରଭାତ କୁମାର ସ୍ୱାଇଁ ଅଭିଯୋଗ କରିଥିଲେ। ସେହିପରି ଓଡ଼ପଏଙ୍ଗା ଗ୍ରାମର ବଟକୃଷ୍ଣ ସାହୁଙ୍କୁ ଆବାସ ଯୋଜନାରେ ସାମିଲ କରିବା ପାଇଁ ଘୋଡାଂଶ ପଞ୍ଚାୟତ ସମିତି ସଭ୍ୟ ଦାବି କରିଥିଲେ। ଜାମୁଗାଁ ପଞ୍ଚାୟତର କଂଟୁଣିଆ ସରକାରୀ ଉଚ୍ଚ ବିଦ୍ୟାଳୟର ପୁରୁଣା ଘରକୁ ରାତିଅଧରେ ଭାଙ୍ଗିବା, ଗୋଚର ଜମିରୁ ମାଟି ଉଠାଣ ଆଦି ସମ୍ପର୍କରେ ଦିଲୀପ ପାଢ଼ୀ ଅଭିଯୋଗ କରିଥିଲେ। ଅଭିଯୋଗଗୁଡ଼ିକର ଯଥାଶୀଘ୍ର ସମାଧାନ କରିବା ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି ଜନଶୁଣାଣିରେ ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରକଳ୍ପ ନିର୍ଦ୍ଦେଶକ ରୁଦ୍ର ନାରାୟଣ ଦାସ, ଉପଜିଲାପାଳ ଧର୍ମେନ୍ଦ୍ର ମଲିକ, ଅତିରିକ୍ତ ଏସ୍‌ପି ଉମେଶ ପଣ୍ଡା, ବିଡିଓ ରଶ୍ମିରେଖା ମଲିକ, ତହସିଲଦାର ଜେ. କଳ୍ପନା, ପଞ୍ଚାୟତ ସମିତି ଅଧକ୍ଷା ତୃଷ୍ଣା ଲେଙ୍କା, ଉପାଧକ୍ଷ ସୁଜିତ ପୁହାଣ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଜିଲା ଅଭିଯୋଗ ଅଧିକାରୀ ବିଜୟଲକ୍ଷ୍ମୀ ନାୟକ ଓ ବରିଷ୍ଠ ରାଜସ୍ୱ ସହାୟକ ଅଭିରାମ ରାଉତରାୟ ପରିଚାଳନା କରିଥିଲେ।

# କଂଗ୍ରେସ ପକ୍ଷରୁ ୫ ଘଣ୍ଟା ରାସ୍ତାରୋକୋ

**ମନ୍ତ୍ରୀ ପ୍ରତାପ ଦେବଙ୍କ କୁଶ ପୁତ୍ତଳିକା ଦାହ**

ଆଳି,୧୩।୬(ଡି.ଏନ.ଏ.)

ସୋମବାର ପୂର୍ବାହ୍ନରେ କଟକ-ଚାନ୍ଦବାଲି ମୁଖ୍ୟ ରାସ୍ତାର ନିଆଳ ହାଟ ନିକଟରେ କଂଗ୍ରେସ ପକ୍ଷରୁ ୫ ଘଣ୍ଟିଆ ରାସ୍ତାରୋକୋ କରାଯାଇଥିଲା। ଗତ ୬ ତାରିଖ ଦିନ ଆଳି ବ୍ଲକ କଣ୍ଟିପୁର ସମବାୟ ସମିତିରେ କଂଗ୍ରେସ ଦଳର ପ୍ରାର୍ଥୀମାନେ ନିର୍ଦ୍ଦେଶକ ପଦବୀ ପାଇଁ ନାମାଙ୍କନ ପତ୍ର ଦାଖଲ କରିବାକୁ ଯିବା ସମୟରେ ଶାସକ ବିଜୁ ଜନତା ଦଳର ସ୍ଥାନୀୟ ନେତୃବୃନ୍ଦ ସେମାନଙ୍କୁ ମାଡ଼ ମାରିଥିଲେ। ଏହି ଘଟଣା ସମ୍ପର୍କରେ ଆଳି ଥାନାରେ ଅଭିଯୋଗ ହୋଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏହାକୁ ବିରୋଧ କରି ସୋମବାର ସକାଳ ୯ ଟାରୁ ଦିନ ୧ ଟା ପର୍ଯ୍ୟନ୍ତ ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମାଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ନିଆଳ ହାଟ ନିକଟରେ ରାସ୍ତାରୋକୋ କରିଥିଲେ। କଣ୍ଟିପୁର ସମବାୟରେ ପୁନର୍ବାର ନାମାଙ୍କନ ଦାଖଲ ଦାବି କରିବା ସହିତ କଂଗ୍ରେସ କର୍ମୀଙ୍କୁ ମାଡ଼ ମାରିବା ଘଟଣାରେ ତୁରନ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିବାକୁ ଦାବି କରାଯାଇଥିଲା। କଂଗ୍ରେସ ପକ୍ଷରୁ ମନ୍ତ୍ରୀ ପ୍ରତାପ ଦେବଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା। ଏହି ରାସ୍ତାରୋକୋ ଯୋଗୁ ରାସ୍ତାର ଉଭୟପାର୍ଶ୍ୱରେ ଶତାଧିକ ଯାନବାହନ ଅଟକି ରହିଥିଲା। ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ନଜର ରଖିବା ନିମନ୍ତେ ପୋଲିସ ମୁତୟନ କରାଯାଇଥିଲା। ଅପରାହ୍ନ ୧ ଟା ସମୟରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏହି ରାସ୍ତାରୋକୋରେ ଆଳି ବ୍ଲକ କଂଗ୍ରେସ କମିଟି ସଭାପତି ରବିନାରାୟଣ ବେହେରା, ରାଜକନିକା ବ୍ଲକ କଂଗ୍ରେସ ସଭାପତି ମଙ୍ଗୁଳି ଚରଣ ବେହେରା, ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ ଦାସ ,ଜିଲା କଂଗ୍ରେସ ଉପସଭାପତି ବାବୁରାମ ଜେନା,ଜିଲା ଯୁବ କଂଗ୍ରେସ ସଭାପତି ସତ୍ୟପ୍ରିୟ ସାମଲ,ରାଜମୋହନ ସ୍ୱାଇଁ, ପ୍ରମୁଖଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।



କଂଗ୍ରେସ କର୍ମୀମାନେ ରାସ୍ତାରୋକୋ କରି ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରୁଛନ୍ତି।

## କୁଳାଧିପତି ପଦରୁ ରାଜ୍ୟପାଳଙ୍କୁ ହଟାଇବା ପାଇଁ ବିଲ୍ ଗୃହୀତ

ପଶ୍ଚିମବଙ୍ଗର ସମସ୍ତ ରାଜ୍ୟ ବିଶ୍ୱବିଦ୍ୟାଳୟର କୁଳାଧିପତି ପଦରୁ ରାଜ୍ୟପାଳଙ୍କୁ ହଟାଯାଇ ତାଙ୍କ ସ୍ଥାନରେ ମୁଖ୍ୟମନ୍ତ୍ରୀ ଉକ୍ତ ପଦବୀରେ ରହିବେ। ଏଥିପାଇଁ ସୋମବାର ପଶ୍ଚିମବଙ୍ଗ ବିଧାନସଭାରେ ବିଲ୍ ଗୃହୀତ ହୋଇଛି। ଏହାକୁ ଭାଜପା ବିଧାୟକମାନେ ବିରୋଧ କରିଥିଲେ। ତେବେ ବିଲ୍ ସପକ୍ଷରେ ୧୮୩ ଭୋଟ ପଡ଼ିଥିବାବେଳେ ବିରୋଧରେ ମାତ୍ର ୪୦ ଭୋଟ ଯାଇଥିଲା।

**ସଂକ୍ଷେପରେ**

## ଦେଶ ଛାଡ଼ିପାରନ୍ତି ୮ ହଜାର ଅତି ଧନୀ

**ନୂଆଦିଲ୍ଲୀ,୧୩।୬:** ଚଳିତ ବର୍ଷ ଭାରତରୁ ପ୍ରାୟ ୮,୦୦୦ ଅତି ଧନୀ ଅନ୍ୟ ଦେଶକୁ ପଳାଇଯାଇପାରନ୍ତି ବୋଲି ଏକ ନୂଆ ଅଧ୍ୟୟନରେ କୁହାଯାଇଛି। ଭାରତରେ କଠୋର ଟିକସ ନିୟମାବଳୀ ଏବଂ ରିପୋର୍ଟିଂ ଆବଶ୍ୟକତା ସହ ଦୃଢ଼ ପାସ୍‌ପୋର୍ଟ ନିୟମ ଦେଶାନ୍ତର ଗମନର ମୁଖ୍ୟ କାରଣ ବୋଲି ହେନ୍‌ଲି ଗ୍ଲୋବାଲ ସିଟିଜେନ୍ସ ରିପୋର୍ଟରେ କୁହାଯାଇଛି। ଏହି ସଂସ୍ଥା ଘରୋଇ ସମ୍ପତ୍ତି ଓ ବିଶ୍ୱବ୍ୟାପୀ ନିବେଶ ସ୍ଥାନାନ୍ତର ଟ୍ରେଣ୍ଡ୍‌କୁ ଚିହ୍ନଟ କରିଥାଏ। ଏହାର ରିପୋର୍ଟ ଅନୁଯାୟୀ ଯୁବ ପ୍ରଯୁକ୍ତି ଉଦ୍ୟୋଗୀମାନେ ବିଶ୍ୱସ୍ତରୀୟ ବ୍ୟବସାୟ ଓ ପୁଞ୍ଜିନିବେଶ ସୁଯୋଗ ହାସଲ ପାଇଁ ଆଗ୍ରହୀ। ତେଣୁ ସେମାନେ ଦେଶ ବାହାରକୁ ଯିବାକୁ ଅଧିକ ପସନ୍ଦ କରୁଛନ୍ତି। ରିପୋର୍ଟରେ ଆହୁରି ଆକଳନ କରାଯାଇଛି ଯେ ଆଗାମୀ ୧୦ ବର୍ଷରେ ଭାରତରେ ଡଲାର ନିୟୁତପତି ଓ ଅରବପତିଙ୍କ ସଂଖ୍ୟା ୮୦ ପ୍ରତିଶତ ବୃଦ୍ଧି ପାଇବ। ଏହା ତୁଳନାରେ ଆମେରିକାରେ ୨୦ ପ୍ରତିଶତ ଏବଂ ଫ୍ରାନ୍ସ, ଜର୍ମାନୀ, ଇଟାଲୀ ଓ ବ୍ରିଟେନରେ ୧୦ ପ୍ରତିଶତ ବଢ଼ିବ ବୋଲି କୁହାଯାଇଛି। ଡଲାର ମିଲିଅନେୟାରଙ୍କ ପ୍ରବେଶ ଓ ପ୍ରସ୍ଥାନକୁ ହିସାବ କଲେ ଚଳିତ ବର୍ଷ ପ୍ରାୟ ୮ ହଜାର ଧନୀଙ୍କୁ ଭାରତ ହରାଇପାରେ ବୋଲି କୁହାଯାଉଛି। ଏହା ତୁଳନାରେ ଦେଶରେ ଅଧିକ ନୂଆ ନିୟୁତପତି ସୃଷ୍ଟି ହେବେ। ଏହା ବ୍ୟତୀତ ଦେଶରେ ଜୀବନଧାରଣ ମାନରେ ଉନ୍ନତି ହେଲେ ଅଧିକ ଧନୀ ଭାରତ ଫେରିବେ ବୋଲି ରିପୋର୍ଟରେ କୁହାଯାଇଛି। ଚଳିତ ବର୍ଷ ୟୁଏଇ ସର୍ବାଧିକ ନିବେଶ ଆକୃଷ୍ଟ କରିବ। ଏହା ପଛକୁ ଅଷ୍ଟ୍ରେଲିଆ, ସିଙ୍ଗାପୁର, ଇସ୍ରାଏଲ୍ ଓ ସ୍ୱିଜରଲାଣ୍ଡ ରହିବ ବୋଲି ହେନ୍‌ଲି ପ୍ରାଇଭେଟ ୱେଲ୍‌ଥ ମାଇଗ୍ରେଶନ ଡ୍ୟାସ୍‌ବୋର୍ଡ ପୂର୍ବାନୁମାନ କରିଛି।

## ବିକ୍ଷୋଭକାରୀ ବିଦେଶୀଙ୍କୁ ବିଦା କରିବ କୁଏତ୍

**କୁଏତ୍ ସିଟି, ୧୩।୬:** ପ୍ରଫେଟ ମହମ୍ମଦଙ୍କ ଉପରେ ବିବାଦୀୟ ମନ୍ତବ୍ୟକୁ କେନ୍ଦ୍ରକରି କୁଏତ୍‌ରେ ବିକ୍ଷୋଭ ପ୍ରଦର୍ଶନ କରିଥିବା ବିଦେଶୀ ନାଗରିକଙ୍କୁ ବିଦା କରିବାକୁ ସେଠାକାର ସରକାର ନିଷ୍ପତ୍ତି ନେଇଛନ୍ତି। ଭାଜପା ପୂର୍ବତନ ନେତ୍ରୀ ନୂପୁର ଶର୍ମା ଓ ନବୀନ କୁମାର ଜିନ୍ଦଲଙ୍କ ମନ୍ତବ୍ୟ ଉପରେ କୁଏତ୍‌ରେ ବେଆଇନ ଭାବେ ବିକ୍ଷୋଭ କରାଯାଇଥିବା କୁହାଯାଇଛି। ଏଥିରେ ଭାରତ, ବାଂଲାଦେଶ, ପାକିସ୍ତାନ ସମେତ ଅନ୍ୟ ଦେଶର ନାଗରିକ ସାମିଲ ହୋଇଥିଲେ। ଏବେ ସେମାନଙ୍କୁ ନିଜ ଦେଶକୁ ପଠାଇବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିସହ ସେମାନେ ପୁନର୍ବାର କୁଏତ୍‌କୁ ଫେରିବା ଉପରେ ମଧ କଟକଣା ଲଗାଯାଇଛି। କୁଏତ୍‌ରେ ପ୍ରଚଳିତ ଆଇନ ଅନୁସାରେ, ସେଠାରେ ପ୍ରବାସୀମାନେ କୌଣସି ପ୍ରକାର ବିକ୍ଷୋଭ କିମ୍ବା ଆନ୍ଦୋଳନ କରିପାରିବେ ନାହିଁ। ଏହା ସତ୍ତ୍ୱେ ସେମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଯଦି ଏବେ ଏହି ଆନ୍ଦୋଳନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆ ନ ଯାଏ ତେବେ ଆଗକୁ ଅନ୍ୟ ଦେଶର ନାଗରିକ ସେଠାରେ ଆଇନକୁ ହାତକୁ ନେବାର ଆଶଙ୍କା ରହିଥିବା କୁଏଟ ସରକାରଙ୍କ ପକ୍ଷରୁ କୁହାଯାଇଛି। ଦେଶର ଆଇନକାନୁନ୍‌କୁ ସମସ୍ତ ବିଦେଶୀ ନାଗରିକ ମାନି କୌଣସି ପ୍ରକାର ଆନ୍ଦୋଳନ କିମ୍ବା ବିକ୍ଷୋଭରେ ସାମିଲ ନ ହେବା ଉଚିତ ବୋଲି କୁଏଟ କର୍ତ୍ତୃପକ୍ଷ କହିଛନ୍ତି।

## ପ୍ରଫେଟ ବିବାଦ ଭାରତର ଆଭ୍ୟନ୍ତରୀଣ ପ୍ରସଙ୍ଗ: ବାଂଲାଦେଶ ମନ୍ତ୍ରୀ


ହାସନ୍ ମହମଦ୍

**ଢାକା, ୧୩।୬:** ଭାଜପାର ଦୁଇ ପୂର୍ବତନ ମୁଖପାତ୍ର ନୂପୁର ଶର୍ମା ଓ ନବୀନ କୁମାର ଜିନ୍ଦଲ ପ୍ରଫେଟ ମହମ୍ମଦଙ୍କ ଉପରେ ଦେଇଥିବା ମନ୍ତବ୍ୟକୁ ନେଇ ଦେଖା ଦେଇଥିବା ବିବାଦ ଭାରତର ଆଭ୍ୟନ୍ତରୀଣ ପ୍ରସଙ୍ଗ ବୋଲି ବାଂଲାଦେଶ ମନ୍ତ୍ରୀ ହାସନ୍ ମହମଦ୍ କହିଛନ୍ତି। ଏହା ବାଂଲାଦେଶ କିମ୍ବା ଅନ୍ୟ କୌଣସି ଇସ୍‌ଲାମୀୟ ରାଷ୍ଟ୍ରରେ ଦୃଷ୍ଟି ଆକର୍ଷଣ କରିବା କଥା ନୁହେଁ ବୋଲି ସୂଚନା ଓ ପ୍ରସାରଣ ମନ୍ତ୍ରୀ ହାସନ୍ ସରକାରଙ୍କ ସମାଲୋଚକଙ୍କୁ ଜବାବ ଦେଇଛନ୍ତି। ଏଥିସହ ନୂପୁର ଓ ନବୀନଙ୍କ ଉପରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନକୁ ସେ ସ୍ୱାଗତ କରିଛନ୍ତି। ଉଭୟଙ୍କ ବିରୋଧରେ ମାମଲା ରୁଜୁ ହୋଇଛି ଏବଂ ସେମାନଙ୍କ ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଆଶା ରହିଥିବା ସେ ପ୍ରକାଶ କରିଛନ୍ତି।

# ରାହୁଲଙ୍କୁ ଇଡି ଜେରା: କଂଗ୍ରେସର ସତ୍ୟାଗ୍ରହ

## ନ୍ୟାଶନାଲ ହେରାଲ୍ଡ ମନିଲଣ୍ଡରିଂ ମାମଲା




କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ଇଡି ଜେରା ପ୍ରତିବାଦରେ ଅଗରତାଲାରେ ଦଳୀୟ କର୍ମୀମାନେ ବିକ୍ଷୋଭ କରୁଛନ୍ତି।

ନୂଆଦିଲ୍ଲୀ,୧୩।୬(ପି.ଟି.)

ନ୍ୟାଶନାଲ ହେରାଲ୍ଡ ଖବରକାଗଜ ସହ ଜଡ଼ିତ ମନିଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସୋମବାର କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ଦିନ ତମାମ ଜେରା କରିଛି। ରାହୁଲ ବହୁସଂଖ୍ୟାରେ ଦଳୀୟ ନେତା ଓ ସମର୍ଥକଙ୍କ ସହ ପୂର୍ବାହ୍ନ ୧୧ଟା ୧୦ ମିନିଟରେ ଇଡି ମୁଖ୍ୟାଳୟରେ ପହଞ୍ଚିଥିଲେ। ତାଙ୍କ ସହ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ, ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ପି. ଚିଦାମ୍ବରମ ପ୍ରମୁଖ ଥିଲେ। କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ତାଙ୍କୁ ଗାଡ଼ିରେ ଇଡି କାର୍ଯ୍ୟାଳୟ ପର୍ଯ୍ୟନ୍ତ ନେଇଥିଲେ। କିଛି ସମୟର ଜେରା ପରେ ରାହୁଲଙ୍କୁ ମଧ୍ୟାହ୍ନ ଭୋଜନ ପାଇଁ ଛଡ଼ାଯାଇଥିଲା। ୩ଟା ୩୦ରେ ରାହୁଲ ଫେରିବା ପରେ ଦ୍ୱିତୀୟ ପର୍ଯ୍ୟାୟ ଜେରା ଆରମ୍ଭ ହୋଇଥିଲା। ପ୍ରଥମ ରାଉଣ୍ଡ ଜେରା ବେଳେ ମନିଲଣ୍ଡରିଂ ପ୍ରତିକାର ଆଇନ (ପିଏମ୍‌ଏଲ୍‌ଏ)ର ଧାରା ୫୦ରେ ରାହୁଲ ନିଜ ବୟାନ ଲେଖିଥିବା ଜଣାପଡ଼ିଛି।

ରାହୁଲ ଇଡି କାର୍ଯ୍ୟାଳୟ ଅଭିମୁଖେ ଯାଉଥିବାବେଳେ ବାହାରେ ହାଇଡ୍ରାମା ଦେଖିବାକୁ ମିଳିଥିଲା। ଦଳୀୟ କର୍ମୀମାନେ କେନ୍ଦ୍ର ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କଂଗ୍ରେସ କର୍ମୀମାନେ ଦୁଇଟି ବ୍ୟାରିକେଡ୍ ଅତିକ୍ରମ କରିବା ପରେ ତୃତୀୟ ବ୍ୟାରିକେଡ୍ ନିକଟରେ ଦିଲ୍ଲୀ ପୋଲିସ ସେମାନଙ୍କୁ ଅଟକାଇଥିଲା। ଅନେକ କଂଗ୍ରେସ ନେତା ସେଠାରେ ଧାରଣାରେ ବସିଥିଲେ। ଆନ୍ଦୋଳନକାରୀଙ୍କୁ ହଟାଇବା ପାଇଁ ପୋଲିସକୁ ବଳ ପ୍ରୟୋଗ କରିବାକୁ ପଡ଼ିଥିଲା। ବହୁସଂଖ୍ୟାରେ କଂଗ୍ରେସ ନେତାଙ୍କୁ ଅଟକ ରଖାଯାଇ ତୋଗଲକ୍ ରୋଡ୍ ଥାନାକୁ ନିଆଯାଇଥିଲା। ପ୍ରିୟଙ୍କା ସେଠାକୁ ଯାଇ ଅଟକ କଂଗ୍ରେସ ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ ଓ ଅନ୍ୟ ନେତାମାନଙ୍କୁ ଭେଟିଥିଲେ।

ଇଡି କାର୍ଯ୍ୟାଳୟ ନିକଟରେ ୧୪୪ ଧାରା ଜାରି ସହ ବିକ୍ଷୋଭ ଶୋଭାଯାତ୍ରା ପାଇଁ ଅନୁମତି ଦେବାକୁ ଦିଲ୍ଲୀ ପୋଲିସ ମନା କରିଦେଇଥିଲା। ଏହା ସତ୍ତ୍ୱେ କଂଗ୍ରେସ ନିଜର ଶକ୍ତି ପ୍ରଦର୍ଶନ ଲାଗି ବିକ୍ଷୋଭ କରିଥିଲା। ସୋମବାର ମଧ୍ୟପ୍ରଦେଶ, ଆସାମ, ମହାରାଷ୍ଟ୍ର, ଉତ୍ତରପ୍ରଦେଶ, କେରଳ ଆଦି ବିଭିନ୍ନ ରାଜ୍ୟରେ କଂଗ୍ରେସ ସତ୍ୟାଗ୍ରହ କରିଥିଲା। ବିରୋଧୀଙ୍କ ମୁହଁ ବନ୍ଦ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା କେନ୍ଦ୍ରୀୟ ଏଜେନ୍ସିକୁ ବ୍ୟବହାର କରୁଥିବା କଂଗ୍ରେସ ଅଭିଯୋଗ କରିଛି। ରାହୁଲଙ୍କ ବିରୋଧରେ ଅଣାଯାଇଥିବା ଅଭିଯୋଗ ମିଥ୍ୟା ଓ ଭିତ୍ତିହୀନ। ଏହା ଭାଜପାର ରାଜନୈତିକ ଷଡ଼ଯନ୍ତ୍ର ବୋଲି କଂଗ୍ରେସ କହିଛି।

କଂଗ୍ରେସ ପରିଚାଳିତ ୟଙ୍ଗ ଇଣ୍ଡିଆନ୍ ପ୍ରା. ଲିଃ ମାଲିକାନାରେ ଥିବା ନ୍ୟାଶନାଲ ହେରାଲ୍ଡ ଖବରକାଗଜ ଆସୋସିଏଟେଡ୍ ଜର୍ନାଲ୍ସ ଲିମିଟେଡ୍ (ଏଜେଏଲ୍) ଦ୍ୱାରା ପ୍ରକାଶିତ ହେଉଛି। ଉକ୍ତ ଖବରକାଗଜରେ ଆର୍ଥିକ ଅନିୟମିତତାକୁ ନେଇ ଇଡି ତଦନ୍ତ ଚଳାଇଛି। ଏହି ମାମଲାରେ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ଇଡି ସମନ କରିଥିଲେ ହେଁ କୋଭିଡ୍ ଆକ୍ରାନ୍ତ ଥିବାରୁ ସେ ଅଧିକ ସମୟ ମାଗିଥିଲେ।

ସୋମବାର ସକାଳେ କଂଗ୍ରେସ ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ ସ୍ପଷ୍ଟୀକରଣ ଦିଆଯାଇଥିଲା ଯେ ୧୯୩୭ରେ ପ୍ରତିଷ୍ଠିତ ଏଜେଏଲ୍ ଗୁରୁତର ଋଣ ବୋଝର ସମ୍ମୁଖୀନ ହୋଇଥିଲାବେଳେ ୨୦୦୨ରୁ ୨୦୧୧ ମଧ୍ୟରେ କଂଗ୍ରେସ ନ୍ୟାଶନାଲ ହେରାଲ୍ଡ ଖବରକାଗଜର ସାମ୍ବାଦିକ ଓ କର୍ମଚାରୀଙ୍କୁ ଦରମା ଦେବା ଲାଗି ୯୦ କୋଟି ଟଙ୍କା ଦେଇଥିଲା। ଏହି ଘଟଣାରେ ଗତ ଏପ୍ରିଲରେ ଇଡି ବରିଷ୍ଠ କଂଗ୍ରେସ ନେତା ମଲ୍ଲିକାର୍ଜୁନ ଖାର୍ଗେ ଏବଂ ପୱନ ବଂଶଲଙ୍କୁ ଜେରା କରିଥିଲା। ୨୦୧୩ରେ ଭାଜପା ଏମ୍‌ପି ସୁବ୍ରମଣ୍ୟମ ସ୍ୱାମୀଙ୍କ ଅଭିଯୋଗ ଆଧାରରେ ଆୟକର ବିଭାଗ ତଦନ୍ତକୁ ନେଇ ଇଡି ସାନି ମାମଲା ରୁଜୁ କରିଥିଲା। ଠକେଇ ଓ ଅର୍ଥ ହେରଫେର ଷଡ଼ଯନ୍ତ୍ର ପଛରେ ସୋନିଆ, ରାହୁଲ ଓ ଅନ୍ୟ ନେତାମାନେ ସମ୍ପୃକ୍ତ। ୟଙ୍ଗ ଇଣ୍ଡିଆନ୍ ପ୍ରା.ଲିଃ ମାତ୍ର ୫୦ ଲକ୍ଷ ପୈଠ କରି ଏଜେଏଲ୍‌ରୁ କଂଗ୍ରେସର ଋଣ ନାମରେ ୯୦.୨୫ କୋଟି ଟଙ୍କା ଆଦାୟ କରିବା ଅଧିକାର ପାଇଥିଲା ବୋଲି ସ୍ୱାମୀ ଅଭିଯୋଗ କରିଥିଲେ।

## ୧୫ରେ ବନ୍ଦ ହେବ ଇଣ୍ଟରନେଟ୍ ଏକ୍ସପ୍ଲୋରର



ୱାଶିଂଟନ୍, ୧୩।୬

ମାଇକ୍ରୋସଫ୍ଟର ସର୍ବପୁରାତନ ବ୍ରାଉଜର ଇଣ୍ଟରନେଟ୍ ଏକ୍ସପ୍ଲୋରର୍ (ଆଇଇ) ଦୀର୍ଘ ୨୭ ବର୍ଷ ଧରି ସେବା ପ୍ରଦାନ ପରେ ଆସନ୍ତା ୧୫ ତାରିଖରେ ବନ୍ଦ ହେବ। ଏ ନେଇ ମାଇକ୍ରୋସଫ୍ଟ ପକ୍ଷରୁ ଘୋଷଣା କରାଯାଇଛି। ଜୁନ୍ ୧୫ ପରେ ଆଇଇ ଡେସ୍କଟପ୍ ଆପ୍ ଆପେ ଆପେ କାମ କରିବା ବନ୍ଦ ହୋଇଯିବ। ଆଇଇ ବ୍ୟବହାର କରୁଥିବା ୟୁଜର୍ସଙ୍କୁ ମାଇକ୍ରୋସଫ୍ଟ ଏଜ୍‌କୁ ରିଡାଇରେକ୍ଟ କରାଯିବ। ଅର୍ଥାତ ଆଇଇରୁ ଯେଉଁ ସେବା ମିଳୁଥିଲା ଏବେ ତାହା ମାଇକ୍ରୋସଫ୍ଟ ଏଜ୍‌ରୁ ୟୁଜର୍ସ ପାଇପାରିବେ। ୧୯୯୫ରେ ପ୍ରଥମେ ଇଣ୍ଟରନେଟ୍ ଏକ୍ସପ୍ଲୋରର ଆଡ୍-ଅନ୍ ପ୍ୟାକେଜ୍ ଭାବେ ୱିଣ୍ଡୋଜ୍ ୯୫ ପାଇଁ ରିଲିଜ ହୋଇଥିଲା। ପରେ କମ୍ପାନୀ ଏହି ବ୍ରାଉଜରକୁ ଉକ୍ତ ପ୍ୟାକେଜର ଅଂଶ ଭାବେ ମାଗଣା କରିଥିଲା। ୨୦୦୩ରେ ଇଣ୍ଟରନେଟ ଏକ୍ସପ୍ଲୋରରକୁ ସର୍ବାଧିକ ୯୩% ୟୁଜର୍ସ ବ୍ୟବହାର କରିଥିବା ରେକର୍ଡ ହୋଇଥିଲା। ହେଲେ ପରେ ଆଇଇ ନିଜ ପୂର୍ବ ସ୍ଥିତି ବଜାୟ ରଖିବାରେ ବିଫଳ ହେବାରୁ ଏହାର ୟୁଜର୍ସ କମିବାରେ ଲାଗିଲେ। ତେଣୁ କମ୍ପାନୀ ଗତ ବର୍ଷ ମେ'ରେ ଏହି ବ୍ରାଉଜରକୁ ବନ୍ଦ କରିବା ପାଇଁ ନିଷ୍ପତ୍ତି ନେଇଥିଲା।

# ଶକ୍ତି କପୁରଙ୍କ ପୁଅ ସିଦ୍ଧାନ୍ତ ଗିରଫ

ବେଙ୍ଗାଲୁରୁ, ୧୩।୬


ସିଦ୍ଧାନ୍ତ କପୁର | ଶକ୍ତି କପୁର

ବେଙ୍ଗାଲୁରୁର ଏକ ପଞ୍ଚତାରକା ହୋଟେଲରେ ରେଭ୍ ପାର୍ଟି ଚାଲିଥିବାବେଳେ ହାଲାସୁରୁ ପୋଲିସ ସୋମବାର ଚଢ଼ାଉ କରି ୫ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରେ ବଲିଉଡ୍ ଅଭିନେତା ଶକ୍ତି କପୁରଙ୍କ ପୁଅ ସିଦ୍ଧାନ୍ତ କପୁର ରହିଛନ୍ତି। ପାର୍ଟିକୁ ନିମନ୍ତ୍ରଣ ହୋଇଥିବା ୩୫ ଗେଷ୍ଟଙ୍କ ରକ୍ତ ନମୁନା ପରୀକ୍ଷା କରାଯାଇଥିଲା। ଅଟକ ଥିବା ୫ ଜଣ ଡ୍ରଗ୍ସ ସେବନ କରିଥିଲେ ବୋଲି ଟେଷ୍ଟ ରିପୋର୍ଟରୁ ଜଣାପଡ଼ିଛି। ସେମାନଙ୍କ ନାମରେ ନାର୍କୋଟିକ୍ ଡ୍ରଗ୍ସ ଆଣ୍ଡ ସାଇକୋଟ୍ରପିକ୍ ସବ୍‌ଷ୍ଟାନ୍ସ (ଏନ୍‌ଡିପିଏସ୍) ଆକ୍ଟରେ ମାମଲା ରୁଜୁ ହୋଇଥିବା ଜିଲା ପୋଲିସ ଅଧିକାରୀ ଭୀମାଙ୍କର ଏସ୍ ଗୁଲେଡ୍ କହିଛନ୍ତି। ସିଦ୍ଧାନ୍ତ 'ଶୁଟ୍‌ଆଉଟ୍ ଆଟ୍ ୱାଡଲା', 'ହସିନା ପାର୍କର', 'ଜଜ୍‌ବା' ଆଦି ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି। ପୁଅ ଗିରଫ ହେବା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଅଭିନେତା ଶକ୍ତି କପୁର କହିଛନ୍ତି, ଏ ସବୁ

### ରେଭ୍ ପାର୍ଟିରେ ଚଢ଼ାଉ

ବିଷୟରେ ତାଙ୍କୁ କିଛି ଜଣାନାହିଁ। ଏକ ଫୋନ୍ କଲ୍ ଆସିବା ପରେ ସିଦ୍ଧାନ୍ତଙ୍କୁ ପୋଲିସ ଅଟକ ରଖିଥିବା ଜାଣିବାକୁ ପାଇଲି। ଏହା ସମ୍ଭବ ନୁହେଁ ବୋଲି ଶକ୍ତି କପୁର କହିଛନ୍ତି। ସୂଚନାଯୋଗ୍ୟ, ୨୦୨୦ରେ ଅଭିନେତା ସୁଶାନ୍ତ ସିଂ ରାଜପୁତ୍‌ଙ୍କ ମୃତ୍ୟୁ ମାମଲାରେ ଡ୍ରଗ୍ସ ଲିଙ୍କ ସାମ୍ନାକୁ ଆସିଥିଲା। ଏହି ମାମଲାରେ ଶକ୍ତି କପୁରଙ୍କ ଝିଅ ଶ୍ରଦ୍ଧା କପୁରଙ୍କୁ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ପଚରାଉଚରା କରିଥିଲା।

### ଡ୍ରଗ୍ସ ମାମଲାରେ ସେଲିବ୍ରିଟି

➡୨୦୨୦ରେ ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କ ମୃତ୍ୟୁ ପରେ ଡ୍ରଗ୍ସ କବଳରେ ବଲିଉଡ୍‌କୁ ନେଇ ଅନେକ ରିପୋର୍ଟ ସାମ୍ନାକୁ ଆସିଥିଲା। ସୁଶାନ୍ତ ଡ୍ରଗ୍ସ ସେବନ କରୁଥିବା ଏବଂ ଏହି କାରବାରରେ ଅନ୍ୟ ସେଲିବ୍ରିଟିଙ୍କ ସମ୍ପୃକ୍ତି ଥିବା ଅଭିଯୋଗ ଆସିବା ପରେ ଏନ୍‌ସିବି ବହୁ ହାଇ-ପ୍ରୋଫାଇଲ ବ୍ୟକ୍ତିଙ୍କୁ ପଚରାଉଚରା କରିଥିଲା।

➡ଅଭିନେତ୍ରୀ ରିଆ ଚକ୍ରବର୍ତ୍ତୀଙ୍କ ସମେତ ଦିପିକା ପାଦୁକୋନ, ଶ୍ରଦ୍ଧା କପୁର, ସାରା ଅଲ୍ଲୀ ଖାନ୍, ରକୁଲ ପ୍ରୀତ୍ ସିଂ, ଅର୍ଜୁନ ରାମପାଲ, ମଡେଲ ଗାବ୍ରିଏଲା ଡେମାଟ୍ରିଏଡ୍‌ସ ପ୍ରମୁଖ ସମନ ପାଇ ଏନ୍‌ସିବି କାର୍ଯ୍ୟାଳୟରେ ହାଜର ହୋଇଥିଲେ। ତେବେ ସେମାନଙ୍କ ବିରୋଧରେ ସେପରି କିଛି ପ୍ରମାଣ ଏନ୍‌ସିବି ହାସଲ କରିପାରି ନ ଥିଲା।

➡ଗତ ବର୍ଷ ଅକ୍ଟୋବରରେ ସୁପରଷ୍ଟାର ଶାହରୁଖ ଖାନ୍‌ଙ୍କ ପୁଅ ଆର୍ଯ୍ୟନ ଖାନ୍‌ଙ୍କୁ ମୁମ୍ବାଇ କ୍ରୁଜ୍‌ରେ ଏକ ରେଭ୍ ପାର୍ଟିରୁ ଗିରଫ କରାଯାଇଥିଲା। ପ୍ରାୟ ମାସେ ଧରି ଜେଲରେ ରହିବା ପରେ ଆର୍ଯ୍ୟନଙ୍କୁ କ୍ଲିନ୍‌ଚିଟ୍ ମିଳିଥିଲା। ଆର୍ଯ୍ୟନଙ୍କ ସାଙ୍ଗ ତଥା ଅଭିନେତ୍ରୀ ଅନନ୍ୟା ପାଣ୍ଡେଙ୍କୁ ମଧ ଏନ୍‌ସିବି ଏହି ମାମଲାରେ ପଚରାଉଚରା କରିଥିଲା।

➡୧୯୮୨ରେ ଅଭିନେତା ସଞ୍ଜୟ ଦତ୍ତ ଡ୍ରଗ୍ସ ରଖିବା ଅଭିଯୋଗରେ ଗିରଫ ହୋଇଥିଲେ। ଡ୍ରଗ୍ସ କବଳରୁ ମୁକ୍ତି ପାଇଁ ତାଙ୍କ ସଂଘର୍ଷକୁ ନେଇ ରାଜକୁମାର ହିରାନିଙ୍କ ଦ୍ୱାରା ନିର୍ମିତ ବାୟୋପିକ୍ 'ସଞ୍ଜୁ'ରେ ଦେଖିବାକୁ ମିଳିଥିଲା।

➡୨୦୦୧ରେ ବଲିଉଡ୍ ଅଭିନେତା ଫର୍ଦିନ ଖାନ୍ ମୁମ୍ବାଇରେ କୋକେନ୍ କିଣିବା ଅଭିଯୋଗରେ ଗିରଫ ହୋଇଥିଲେ। ସେ ଏଥିପାଇଁ ନିଶାମୁକ୍ତି କେନ୍ଦ୍ରରେ ଚିକିତ୍ସିତ ହେବା କଥା ମଧ ସର୍ବସାଧାରଣରେ କହିଥିଲେ।

➡୯୦ ଦଶକର ଲୋକପ୍ରିୟ ଅଭିନେତ୍ରୀ ମମତା କୁଲକର୍ଣ୍ଣିଙ୍କ ନାଁ ଏକ ବଡ଼ ଧରଣର ଡ୍ରଗ୍ସ ର୍ୟାକେଟରେ ସାମ୍ନାକୁ ଆସିଥିଲା। ମାମଲାରେ ମୁମ୍ବାଇ ପୋଲିସ ପ୍ରାୟ ୨ ହଜାର କୋଟି ଟଙ୍କାର ଡ୍ରଗ୍ସ ଜବତ କରିଥିଲା।

➡ଗତ ବର୍ଷ ଅଗଷ୍ଟରେ ବିଗ୍‌ବସ୍ ପ୍ରତିଯୋଗୀ ଅରମାନ୍ କୋହଲିଙ୍କ ମୁମ୍ବାଇସ୍ଥିତ ଘରୁ ଡ୍ରଗ୍ସ ମିଳିବା ପରେ ତାଙ୍କୁ ଗିରଫ କରାଯାଇଥିଲା।

## ସ୍କୁଲ୍ ପିଲାଙ୍କ ଟିକାକରଣ ବଢ଼ାଅ

ନୂଆଦିଲ୍ଲୀ,୧୩।୬

■ରାଜ୍ୟଗୁଡ଼ିକୁ କେନ୍ଦ୍ରର ପରାମର୍ଶ
■ବଢ଼ୁଛି କୋଭିଡ୍ ସଂକ୍ରମଣ
■ମାସ୍କ, ବୁଷ୍ଟର ଡୋଜ୍ ଜରୁରୀ: ବିଶେଷଜ୍ଞ



କୋଭିଡ୍-୧୯ ଭୂତାଣୁ ବାରମ୍ବାର ରୂପ ବଦଳାଇବା ସହ ଏବେ ଦେଶର ବିଭିନ୍ନ ଅଞ୍ଚଳରେ ସଂକ୍ରମଣ ବଢ଼ିଚାଲିଛି। ଏହାର ମୁକାବିଲା ଲାଗି ମାସ୍କ ବ୍ୟବହାର କରିବା ସହ ବୁଷ୍ଟର ଡୋଜ୍ ନେବା ଜରୁରୀ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ସୋମବାର ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ସ୍ୱାସ୍ଥ୍ୟମନ୍ତ୍ରୀମାନଙ୍କ ସହ ଆଲୋଚନା କରି ସ୍କୁଲ୍ ପିଲାଙ୍କ ଟିକାକରଣ ବୃଦ୍ଧି କରିବାକୁ କହିଛନ୍ତି। ବରିଷ୍ଠ ନାଗରିକଙ୍କୁ ପ୍ରିକଶନ ଡୋଜ୍ ଦେବା ସହିତ ଜିନୋମ ସିକ୍ୱେନ୍ସିଂ ବଢ଼ାଇବାକୁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି। କୋଭିଡ୍ ସମ୍ପୂର୍ଣ୍ଣ ଯାଇନାହିଁ। ଏବେ ବିଭିନ୍ନ ରାଜ୍ୟରେ ସଂକ୍ରମଣ ବଢ଼ିଚାଲିଥିବାରୁ ସତର୍କ ରହିବା ଜରୁରୀ ବୋଲି ମାଣ୍ଡବ୍ୟ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀମାନଙ୍କ ସହ ସମୀକ୍ଷା ବୈଠକରେ କହିଛନ୍ତି। ବିଭିନ୍ନ ରାଜ୍ୟରେ କୋଭିଡ୍ ପରୀକ୍ଷା କମିଯାଇଛି। ରୋଗକୁ ଠିକ୍ ସମୟରେ ଚିହ୍ନଟ କରାଗଲେ ସଂକ୍ରମଣ ରୋକିବାରେ ସହାୟକ ହୋଇଥାଏ। ତେଣୁ ପରୀକ୍ଷା ବଢ଼ାଇବା ଉପରେ ସ୍ୱାସ୍ଥ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି।

ସୋମବାର ଦେଶରେ ୮,୦୮୪ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ କ୍ରମାଗତ ୩ ଦିନ ହେଲା ସଂକ୍ରମଣ ୮,୦୦୦ ଉପରେ ରହିଛି। ସେହିପରି ସକ୍ରିୟ ମାମଲା ସଂଖ୍ୟା ୪୭,୯୯୫ରେ ପହଞ୍ଚିଲାଣି। ୨୪ ଘଣ୍ଟାରେ ୧୦ ଜଣଙ୍କ ମୃତ୍ୟୁ ସହ ଦେଶରେ କୋଭିଡ୍ ଜନିତ ମୋଟ ମୃତ୍ୟୁସଂଖ୍ୟା ୫,୨୪,୭୭୧ରେ ପହଞ୍ଚିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟରୁ ଜଣାପଡ଼ିଛି। ଓମିକ୍ରନ୍ ଭାରିଆଣ୍ଟ ବିଏ.୨, ବିଏ.୪ ଏବଂ ବିଏ.୫ ଯୋଗୁ ବର୍ତ୍ତମାନ ସଂକ୍ରମଣ ବଢ଼ୁଥିବା ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କହିଛନ୍ତି। ରୋଗୀ ବିଶେଷ ଗୁରୁତର ହେଉ ନ ଥିଲେ ହେଁ ସଂକ୍ରମଣ ସ୍ତର ଅଧିକ ରହିଛି। ଭାରତରେ ସପ୍ତାହେ ମଧ୍ୟରେ ୫୦,୦୦୦ ସଂକ୍ରମିତ ହେଲେଣି, ଯାହାକି ଜାନୁୟାରୀ ପରେ ସର୍ବାଧିକ। ସପ୍ତାହେ ମଧ୍ୟରେ ମହାରାଷ୍ଟ୍ରରେ ୧୬,୩୭୦ ନୂଆ ମାମଲା ଚିହ୍ନଟ ହୋଇଥିବାବେଳେ କେରଳରେ ୧୫,୩୬୩, କର୍ଣ୍ଣାଟକରେ ୩,୬୫୧, ଦିଲ୍ଲୀରେ ୨,୪୪୨ ଓ ହରିୟାଣାରେ ୧,୬୧୭ ମାମଲା ଚିହ୍ନଟ ହୋଇଛି।

# ଇସ୍ତଫା ଦେଲେ ସିଇବି ମୁଖ୍ୟ

## ଶ୍ରୀଲଙ୍କାରେ ଆଦାନୀ ପାୱାର ପ୍ରୋଜେକ୍ଟ ବିବାଦ

କଲମ୍ବୋ, ୧୩।୬


ଶ୍ରୀଲଙ୍କା ରାଷ୍ଟ୍ରପତି ଗୋଟାବାୟା ରାଜପାକ୍‌ସେଙ୍କ ସହ ଗୌତମ ଆଦାନୀ।


ଏମ୍. ଏମ୍. ସି. ଫର୍ଡିନାଣ୍ଡୋ

ଶ୍ରୀଲଙ୍କାରେ ଏକ ବିଦ୍ୟୁତ୍ ପ୍ରକଳ୍ପ ପ୍ରତିଷ୍ଠା ଦାୟିତ୍ୱ ଆଦାନୀ ଗ୍ରୁପ୍‌କୁ ଦେବା ପାଇଁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚାପ ପକାଇଥିଲେ ବୋଲି ସେଠାକାର ବିଦ୍ୟୁତ୍ କର୍ତ୍ତୃପକ୍ଷ ମୁଖ୍ୟ ଏମ୍. ଏମ୍. ସି. ଫର୍ଡିନାଣ୍ଡୋ ଅଭିଯୋଗ ଆଣିବା ପରେ ତାହା ଚର୍ଚ୍ଚାର ବିଷୟ ପାଲଟିଛି। ଏକ ସଂସଦୀୟ କମିଟି ଆଗରେ ଶୁକ୍ରବାର ଏଭଳି ଅଭିଯୋଗ ଆଣିବାର ଦୁଇ ଦିନ ପରେ ନିଜ କଥାରୁ ଓହରି ଯାଇଥିବା ଫର୍ଡିନାଣ୍ଡୋ ସୋମବାର ସେଲନ୍ ଇଲେକ୍ଟ୍ରିସିଟି ବୋର୍ଡ (ସିଇବି) ମୁଖ୍ୟ ପଦରୁ ଇସ୍ତଫା ଦେଇଛନ୍ତି।

ଶ୍ରୀଲଙ୍କାରେ ୫ ଶହ ମେଗାୱାଟ୍ ବିଶିଷ୍ଟ ପବନଚାଳିତ ବିଦ୍ୟୁତ୍ ପ୍ରକଳ୍ପ ପ୍ରତିଷ୍ଠା ଦାୟିତ୍ୱ ଆଦାନୀ ଗ୍ରୁପ୍‌କୁ ଦେବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜୋର ଦେଇଥିବା ଫର୍ଡିନାଣ୍ଡୋ ପବ୍ଲିକ୍ ଏଣ୍ଟରପ୍ରାଇଜେସ୍ ସମ୍ପର୍କିତ ପାର୍ଲାମେଣ୍ଟାରୀ କମିଟିର ଏକ ଖୋଲା ଶୁଣାଣିରେ ଅଭିଯୋଗ ଆଣିଥିଲେ। ୨୦୨୧ ନଭେମ୍ବର ୨୪ରେ ରାଷ୍ଟ୍ରପତି ରାଜପାକ୍‌ସେ ଏ ନେଇ ଫର୍ଡିନାଣ୍ଡୋଙ୍କୁ ଜଣାଇଥିଲେ ବୋଲି ସିଇବି ପୂର୍ବତନ ମୁଖ୍ୟ ପ୍ରକାଶ କରିଥିଲେ। ଏହାର ଜବାବରେ ଫର୍ଡିନାଣ୍ଡୋ ରାଷ୍ଟ୍ରପତିଙ୍କୁ ପତ୍ର ଲେଖି ଜଣାଇଥିଲେ ଯେ, ଏହି ପ୍ରସଙ୍ଗ ଉପରେ ସିଇବି ନିଷ୍ପତ୍ତି ନେଇପାରିବ ନାହିଁ। ଏହା ନିବେଶ ବୋର୍ଡ ଅଧୀନରେ ଆସୁଥିବାରୁ ଅର୍ଥ ସଚିବ ଆବଶ୍ୟକ ପଦକ୍ଷେପ ନେବା ଉଚିତ। କାରଣ ଏହା ଆନ୍ତଃସରକାରୀ ଡିଲ୍ ବୋଲି ସେ ପ୍ରକାଶ କରିଥିଲେ। ୧୦ ମେଗାୱାଟ୍‌ରୁ ଅଧିକ କ୍ଷମତା ବିଶିଷ୍ଟ ପାୱାର ପ୍ଲାଣ୍ଟ ପାଇଁ ନିଲାମ ପ୍ରକ୍ରିୟା ହେବା କଥା ବୋଲି ମୁଖ୍ୟ ବିରୋଧୀ ଏସ୍‌ଜେବି ଦାବି କରିଥିଲା। କିନ୍ତୁ ଶାସକ ଦଳ ଏମ୍‌ପି ଏହା ବିରୋଧରେ ଭୋଟ ଦେବାରୁ ତାହା ଖାରଜ ହୋଇଥିଲା। ରାଷ୍ଟ୍ରପତି ରାଜପାକ୍‌ସେ ଅଭିଯୋଗକୁ ଖଣ୍ଡନ କରି ଫର୍ଡିନାଣ୍ଡୋଙ୍କୁ ଏଭଳି ନିର୍ଦ୍ଦେଶ ଦେଇ ନ ଥିବା ଜୁନ୍ ୧୧ରେ ଟୁଇଟ୍ କରି କହିଥିଲେ। ଫଳରେ ଫର୍ଡିନାଣ୍ଡୋ ନିଜ ମନ୍ତବ୍ୟରୁ ଓହରି ଯାଇଥିଲେ। ତାଙ୍କ ଉପରେ ବଢ଼ୁଥିବା ଚାପରେ ବିବ୍ରତ ଓ ଭାବପ୍ରବଣ ହୋଇ ସେ ଭାରତର ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ଏଭଳି ଅଭିଯୋଗ ଆଣିଥିବା ପ୍ରକାଶ କରିଥିଲେ। ଏଥିସହ ଫର୍ଡିନାଣ୍ଡୋ କ୍ଷମା ମଧ ମାଗିଥିଲେ। ପ୍ରକାଶ ଯେ, ଗତବର୍ଷ ଅକ୍ଟୋବର ୨୧ରେ ଆଦାନୀ ଗ୍ରୁପ୍ ମୁଖ୍ୟ ଗୌତମ ଆଦାନୀ ଶ୍ରୀଲଙ୍କା ଗସ୍ତ କରିଥିଲେ। ସେହି ସମୟରେ ଆଦାନୀ ଗ୍ରୁପ୍ ଏବଂ ସିଇବି ମଧ୍ୟରେ ମନାର୍ ଓ ପୁନେରନ୍ ପ୍ରଦେଶରେ ୫୦୦ ମେଗାୱାଟ୍ ବିଶିଷ୍ଟ ନବୀକରଣୀୟ ବିଦ୍ୟୁତ୍ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ଚୁକ୍ତିନାମା ହୋଇଥିଲା। ଏଥିରେ ଆଦାନୀ ଗ୍ରୁପ୍ ୫୦୦ ମିଲିୟନ ଡଲାର ନିବେଶ କରିବ ବୋଲି ସ୍ଥିର ହୋଇଥିଲା।

## ନିରାଶଜନକ: ଆଦାନୀ ଗ୍ରୁପ୍

ନୂଆଦିଲ୍ଲୀ, ୧୩।୬

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଚାପରେ ଶ୍ରୀଲଙ୍କାର ଏକ ପାୱାର ପ୍ରୋଜେକ୍ଟ ଭାରତୀୟ ଉଦ୍ୟୋଗପତି ଗୌତମ ଆଦାନୀଙ୍କ ଆଦାନୀ ଗ୍ରୁପ୍‌କୁ ମିଳିଥିବା ରିପୋର୍ଟକୁ ନେଇ ବିବାଦ ସୃଷ୍ଟି ହୋଇଛି। ଏ ନେଇ ଆଦାନୀ ଗ୍ରୁପ୍ ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ ପାଇଛି। ପଡ଼ୋଶୀ ରାଷ୍ଟ୍ର ଶ୍ରୀଲଙ୍କାରେ ନିବେଶ କରିବାର ମୂଳ ଉଦ୍ଦେଶ୍ୟ ଥିଲା ସେଠାକାର ଲୋକଙ୍କ ଆବଶ୍ୟକତା ପୂରଣ କରିବା। ଏକ ଦାୟିତ୍ୱବାନ୍ କର୍ପୋରେଟ ଭାବେ ଦୁଇ ଦେଶର ଭାଗିଦାରୀ ବଢ଼ାଇବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଥିଲା। ଏ ବାବଦରେ ଶ୍ରୀଲଙ୍କା ସରକାର ମଧ ନିଷ୍ପତ୍ତି ନେଇଥିଲେ। କିନ୍ତୁ ସଦ୍ୟ ଅଭିଯୋଗକୁ ନେଇ ସୃଷ୍ଟି ହୋଇଥିବା ବିବାଦ ବେଶ୍ ନିରାଶଜନକ ବୋଲି ଆଦାନୀ ଗ୍ରୁପ୍ ପକ୍ଷରୁ କୁହାଯାଇଛି।

## ପୁଞ୍ଜିବଜାରରେ ଭାରି ହ୍ରାସ

**ମୁମ୍ବାଇ:** ସୋମବାର ଭାରତୀୟ ପୁଞ୍ଜି ବଜାରରେ ଭାରି ହ୍ରାସ ପରିଲକ୍ଷିତ ହୋଇଥିଲା। ଦିନର ଟ୍ରେଡିଂ ସେସନରେ ସେନ୍‌ସେକ୍ସରେ ୧,୪୫୭ (୨.୬୮%) ଏବଂ ନିଫ୍ଟିରେ ୪୨୭ (୨.୬୪%) ପଏଣ୍ଟ ହ୍ରାସ ଦେଖିବାକୁ ମିଳିଥିଲା। ଫଳରେ କାରବାର ଶେଷ ସୁଦ୍ଧା ସେନ୍‌ସେକ୍ସ ୫୨,୮୪୭ ଏବଂ ନିଫ୍ଟି ୧୫,୭୭୪ ଇଣ୍ଡେକ୍ସରେ ବନ୍ଦ ହୋଇଥିଲା। ଦିନରେ ମାତ୍ର ୬୭୦ ଶେୟାରରେ ବୃଦ୍ଧି ଦେଖିବାକୁ ମିଳିଥିବା ବେଳେ ୨୮୨୫ ଶେୟାରରେ ହ୍ରାସ ଦେଖିବାକୁ ମିଳିଛି। ସୋମବାରର ଟପ୍ ଗେନର୍ସ ତାଲିକାରେ ନେସ୍‌ଲେ ଇଣ୍ଡିଆ ଏବଂ ବଜାଜ ଅଟୋ ରହିଥିବା ବେଳେ ଟପ୍ ଲୁଜର୍ସ ତାଲିକାରେ ବଜାଜ୍ ଫିନସର୍ଭ, ବଜାଜ ଫାଇନାନ୍ସ, ଟାଟା ମୋଟର୍ସ, ଇଣ୍ଡସ୍‌ଲ୍ୟାଣ୍ଡ ବ୍ୟାଙ୍କ୍ ଏବଂ ହିଣ୍ଡାଲ୍‌କୋ ରହିଛନ୍ତି।

## ସଂକ୍ଷେପରେ

### ଖସୁଛି କ୍ରିପ୍ଟୋକରେନ୍ସି ବଜାର ମୂଲ୍ୟ

**ନୂଆଦିଲ୍ଲୀ, ୧୩।୬ :** ଗତ କିଛି ମାସ ହେବ କ୍ରମାଗତ ଭାବେ କ୍ରିପ୍ଟୋକରେନ୍ସିର ବଜାର ମୂଲ୍ୟ ଖସି ଚାଲିଛି। ଏପରିକି ବିଶ୍ୱ ବଜାରରେ କ୍ରିପ୍ଟୋ କରେନ୍ସିର ମୂଲ୍ୟ ବର୍ତ୍ତମାନ ୧ ଟ୍ରିଲିୟନ ଆମେରିକୀୟ ଡଲାରରେ ରହିଛି। କ୍ରିପ୍ଟୋ ମାର୍କେଟ ୯୨୬ ବିଲିୟନ ଆମେରିକୀୟ ଡଲାର ତଳକୁ ଖସିଛି ବୋଲି ବୋଲି ଏକ ସଂସ୍ଥା ପକ୍ଷରୁ କୁହାଯାଇଛି। ୨୦୨୧ ନଭେମ୍ବରରେ ବିଶ୍ୱ କ୍ରିପ୍ଟୋକରେନ୍ସି ବଜାର ଉତଥାନ ଦେଖିବାକୁ ମିଳିଥିଲା। ଏହି ସମୟରେ ମାର୍କେଟ୍ ଭାଲ୍ୟୁ ୨.୯ ଟ୍ରିଲିୟନ ଆମେରିକୀୟ ଡଲାର ରହିଥିଲା। ହେଲେ ଚଳିତ ବର୍ଷ କ୍ରିପ୍ଟୋ ବଜାରର ଚାହିଦା ନଥିବାରୁ ଗତ ଦୁଇ ମାସ ମଧ୍ୟରେ କ୍ରିପ୍ଟୋ କରେନ୍ସିରେ ୧ଟ୍ରିଲିୟନ ଆମେରିକୀୟ ଡଲାର ମୂଲ୍ୟ ହ୍ରାସ ପାଇଛି। ଫଳରେ ୧୮ ମାସରେ ମୂଲ୍ୟ ହ୍ରାସ ପାଇ ୨୩,୭୫୦ ଆମେରିକୀୟ ଡଲାରରେ ପହଞ୍ଚିଛି।

### ବୃଦ୍ଧି ପାଉଛି ଅଶୋଧିତ ତୈଳ ଦର

**ନୂଆଦିଲ୍ଲୀ, ୧୩।୬ :** ଅନ୍ତଃରାଷ୍ଟ୍ରୀୟ ବଜାରରେ ଅଶୋଧିତ ତୈଳ ଦର ପୁଣି ଥରେ ବଢ଼ିବା ଆରମ୍ଭ କରିଛି। ଫଳରେ ଅଶୋଧିତ ତୈଳ ଉପରେ ନିର୍ଭରଶୀଳ ରାଷ୍ଟ୍ରଗୁଡ଼ିକର ଚିନ୍ତା ବଢ଼ି ଯାଇଛି। ବିଶେଷକରି ଭାରତ ସରକାର ଯେବେଠାରୁ ପେଟ୍ରୋଲ ଓ ଡିଜେଲ୍ ଉପରେ ଆମଦାନୀ ଶୁଳ୍କ ହ୍ରାସ କରିଛନ୍ତି ସେବେଠାରୁ ଆଜି ପର୍ଯ୍ୟନ୍ତ ଅଶୋଧିତ ତେଲର ଦାମ ବ୍ୟାରେଲ୍ ପିଛା ୧୦ଡଲାର ବୃଦ୍ଧି ପାଇଛି। ଭାରତ ନିଜର ଆବଶ୍ୟକତାର ୮୫% ତୈଳ ଆମଦାନୀ କରିଥାଏ। ତେଣୁ ବର୍ଦ୍ଧିତ ଅଶୋଧିତ ତୈଳ୍ୟ ମୂଲ୍ୟ ସରକାରଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଛି। ଅପରପକ୍ଷରେ ବ୍ଲୁମବର୍ଗ ରିପୋର୍ଟ ଅନୁସାର ୨୦୨୧ ଡିସେମ୍ବର ୩୧ରେ ଗୋଟିଏ ବ୍ୟାରେଲ୍ ଅଶୋଧିତ ତୈଳର ମୂଲ୍ୟ ୭୭.୭୮ ଡଲାର ରହିଥିଲା। ହେଲେ ବର୍ତ୍ତମାନ ଏହା ବୃଦ୍ଧି ଘଟି ୧୨୨.୦୧ ଡଲାରରେ ପହଞ୍ଚିଛି। ଗତ ପାଞ୍ଚ ମାସରେ ତୈଳ ଦର ୪୫ ଡଲାର ବଢ଼ିସାରିଛି।

# ଖୁଚୁରା ମୁଦ୍ରାସ୍ଫୀତିରେ ହ୍ରାସ

**ନୂଆଦିଲ୍ଲୀ, ୧୩।୬**

- ଏପ୍ରିଲର ୭.୭୯% ତୁଳନାରେ ମେ’ରେ ୭.୦୪%କୁ ହ୍ରାସ
- ହ୍ରାସ ସତ୍ତ୍ୱେ ଆର୍‌ବିଆଇ ନିର୍ଦ୍ଧାରିତ ସୀମା ବାହାରେ ରହିଛି ଦରବୃଦ୍ଧି



ଦରବୃଦ୍ଧି କ୍ଷେତ୍ରରେ ସାଧାରଣ ଜନତାଙ୍କୁ କିଛା ମାତ୍ରାରେ ଆଶ୍ୱସ୍ତି ମିଳିଛି। ଫଳରେ ଖାଦ୍ୟ ପଦାର୍ଥ ଦର ସାମାନ୍ୟ ହ୍ରାସ ସହ ଚଳିତ ବର୍ଷ ମେ’ ମାସରେ ଦେଶର ଖୁଚୁରା ଦରବୃଦ୍ଧି ୭.୦୪% ରହିଛି। ଏପରିକି ଏପ୍ରିଲରେ ଖୁଚୁରା ମୁଦ୍ରାସ୍ଫୀତି ୭.୭୯% ରହିଥିବା ବେଳେ ମେ ମାସରେ ଏଥିରେ ସ୍ୱଳ୍ପ ମାତ୍ରାରେ ହ୍ରାସ ପରିଲକ୍ଷିତ ହୋଇଛି। ସେହିଭଳି ମୁଦ୍ରାସ୍ଫୀତିରେ ହ୍ରାସ ସତ୍ତ୍ୱେ ଏହା ଆର୍‌ବିଆଇର ଆକଳନଠାରୁ ଅଧିକ ରହିଛି। ନ୍ୟାଶନାଲ୍ ଷ୍ଟାଟିଷ୍ଟିକାଲ୍ ଅଫିସ୍ (ଏନ୍‌ଏସ୍‌ଓ) ପକ୍ଷରୁ ସୋମବାର ପ୍ରକାଶିତ ତଥ୍ୟ ଅନୁସାରେ ଉପଭୋକ୍ତା ମୂଲ୍ୟ ସୂଚକାଙ୍କ (ସିପିଆଇ) ଆଧାରିତ ଖୁଚୁରା ମୁଦ୍ରାସ୍ଫୀତିରେ ହ୍ରାସ ଘଟିବାର କାରଣ ହେଉଛି ଏପ୍ରିଲ୍ ତୁଳନାରେ ମେ’ ମାସରେ ଖାଦ୍ୟ ପଦାର୍ଥଠାରୁ ଆରମ୍ଭ କରି ପେଟ୍ରୋଲ୍-ଡିଜେଲ୍ ଏବଂ ବିଜୁଳି ଆଦିର ଦର ହ୍ରାସ। ସିପିଆଇ ଆଧାରିତ ମୁଦ୍ରାସ୍ଫୀତି ଏପ୍ରିଲ୍‌ରେ ୭.୭୯% ରହିଥିବା ବେଳେ ମାର୍ଚ୍ଚରେ ୬.୯୫% ଏବଂ ଫେବୃୟାରୀରେ ୬.୦୭% ଓ ଜାନୁୟାରୀରେ ୬.୦୧% ରହିଥିଲା। ଏହା ପୂର୍ବରୁ କୋଭିଡ୍ ମହାମାରୀ ସଙ୍କଟ ସହ ଲଢୁଥିବା ଦେଶ ପାଇଁ ଖାଦ୍ୟପଦାର୍ଥର ବଢୁଥିବା ଦର ଜନସାଧାରଣଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଛି। ସମ୍ପୂର୍ଣ୍ଣ ସିପିଆଇର ପ୍ରାୟ ଭାଗୀଦାରି ରଖୁଥିବା ଖାଦ୍ୟ ମୁଦ୍ରାସ୍ଫୀତି ମେ’ ମାସ ପାଇଁ ୭.୯୭% ସ୍ତରରେ ରହିଛି। ତେବେ ପୂର୍ବ ମାସ ଅର୍ଥାତ୍ ଏପ୍ରିଲ୍‌ରେ ଖାଦ୍ୟ ମୁଦ୍ରାସ୍ଫୀତି ୮.୩୧% ରହିଥିଲା। ଏ ସମ୍ପର୍କରେ ଭାରତୀୟ ଅର୍ଥନୀତିଜ୍ଞ କୁନାଲ୍ କୁଣ୍ଡୁ କହିଛନ୍ତି, ମେ’ ମାସ ପାଇଁ ଖୁଚୁରା ମୁଦ୍ରାସ୍ଫୀତି ହ୍ରାସ ସତ୍ତ୍ୱେ ଲଗାତର ୫ମ ମାସ ପାଇଁ ଏହା ଭାରତର ରିଜର୍ଭ ବ୍ୟାଙ୍କ୍ (ଆର୍‌ବିଆଇ) ନିର୍ଦ୍ଧାରିତ ସୀମା ୬%କୁ ଅତିକ୍ରମ କରିଛି। ତେବେ ଏପ୍ରିଲ୍ ତୁଳନାରେ ମେ’ ମାସରେ କିଛିଟା ଆଶ୍ୱସ୍ତି ମିଳିଛି। ପେଟ୍ରୋଲ୍ ଏବଂ ଡିଜେଲ୍ ଉପରେ କେନ୍ଦ୍ରୀୟ ଉତ୍ପାଦ ଶୁଳ୍କରେ ହ୍ରାସ କରାଯାଇଥିବା ଯୋଗୁ ଖୁଚୁରା ମୁଦ୍ରାସ୍ଫୀତିରେ ହ୍ରାସ ପରିଲକ୍ଷିତ ହୋଇଥିବା କୁଣ୍ଡୁ ମତବ୍ୟକ୍ତ କରିଛନ୍ତି। ସୂଚନାଯୋଗ୍ୟ, ଗତ ଏପ୍ରିଲ୍‌ରେ ଦେଶର ମୁଦ୍ରାସ୍ଫୀତି ଗତ ୮ ବର୍ଷ ମଧ୍ୟରେ ସର୍ବୋଚ୍ଚ ସ୍ତରରେ ରହିଥିଲା। ଆରବିଆଇ ପକ୍ଷରୁ ଚଳିତ ଆର୍ଥିକ ବର୍ଷ ପାଇଁ ପରିବର୍ତ୍ତିତ ମୁଦ୍ରାସ୍ଫୀତି ଆକଳନକୁ ପୂର୍ବର ୫.୭%ରୁ ବୃଦ୍ଧି କରି ୬.୭% ରଖାଯାଇଛି।

## ଫ୍ରିଡମ୍ ସୂର୍ଯ୍ୟମୁଖୀ ତୈଳ ଦର ହ୍ରାସ

**ନୂଆଦିଲ୍ଲୀ, ୧୩।୬**



ପି. ଚନ୍ଦ୍ରଶେଖର ରେଡ୍ଡି

ଫ୍ରିଡମ୍ ରିଫାଇନ୍‌ଡ ସୂର୍ଯ୍ୟମୁଖୀ ତୈଳ ମୂଲ୍ୟ ପୂର୍ବ ସପ୍ତାହରେ ଲିଟର ପିଛା ୧୫ଟଙ୍କା ହ୍ରାସ ଘଟିଥିବା ବେଳେ ଚଳିତ ସପ୍ତାହ ଆରମ୍ଭରେ ୧୫ ଟଙ୍କା ହ୍ରାସ ସମ୍ପର୍କରେ ଘୋଷଣା କରାଯାଇଛି। ପୂର୍ବ ସପ୍ତାହରେ ତୈଳ ଦର ହ୍ରାସ ପାଇ ୨୨୦ ଟଙ୍କାରେ ପହଞ୍ଚିବା ବେଳେ ଚଳିତ ସପ୍ତାହ ଆରମ୍ଭରେ ଲିଟର ପିଛା ୨୦୦ଟଙ୍କାକୁ ହ୍ରାସ ହୋଇଛି। ଫଳରେ କୋଭିଡ ସ୍ଥିତି ଏବଂ ରୁଷିଆ-ୟୁକ୍ରେନ୍ ଯୁଦ୍ଧ କାରଣରୁ ଯୋଗାଣରେ ବ୍ୟବଧାନ ହେବା ଯୋଗୁ ସୂର୍ଯ୍ୟମୁଖୀ ତୈଳ ଦରରେ ବୃଦ୍ଧି ଘଟିଥିଲା। ୟୁକ୍ରେନ୍‌ଠାରୁ ଭାରତ ସର୍ବାଧିକ ସୂର୍ଯ୍ୟମୁଖୀ ତୈଳ ଆମଦାନୀ କରୁଥିଲା। ଗତ କିଛି ସପ୍ତାହ ହେଲା ଆର୍ଜେଣ୍ଟିନା ଏବଂ ରୁଷିଆ ଭଳି ଦେଶଠାରୁ ସୂର୍ଯ୍ୟମୁଖୀ ତୈଳ ଯୋଗାଣ ପୁନଶ୍ଚ ଆରମ୍ଭ ହୋଇଯିବା ଫଳରେ ମୂଲ୍ୟରେ ହ୍ରାସ ଘଟିଛି।

ଏ ସମ୍ପର୍କରେ ଫ୍ରିଡମ୍ ହେଲ୍‌ଥି କୁକିଂ ଅଏଲ୍‌ର ସେଲ୍ସ ଆଣ୍ଡ ମାର୍କେଟିଂ ବିଭାଗର ବରିଷ୍ଠ ଉପସଭାପତି ପି.ଚନ୍ଦ୍ରଶେଖର ରେଡ୍ଡି କହିଛନ୍ତି, ଭାରତରେ ବ୍ୟବହୃତ ହେଉଥିବା ସୂର୍ଯ୍ୟମୁଖୀ ତୈଳର ପ୍ରାୟ ୭୦% ଦକ୍ଷିଣ ରାଜ୍ୟ ଏବଂ ଓଡ଼ିଶାରେ ବ୍ୟବହାର ହୋଇଥାଏ। ବୈଶ୍ୱିକ ମୂଲ୍ୟ ଧାରା, ବୈଶ୍ୱିକ ମୁଦ୍ରାରେ ପରିବର୍ତ୍ତନ, ଆମଦାନୀ ଶୁଳ୍କ, ନିର୍ମାଣ ଏବଂ ପରିବହନ ଖର୍ଚ୍ଚ ଆଧାରରେ କମ୍ପାନୀର ପ୍ରଡ଼କ୍ଟଗୁଡ଼ିକର ଦର ନିର୍ଦ୍ଧାରଣ କରାଯାଉଥିବା ରେଡ୍ଡି କହିଛନ୍ତି। ଚଳିତ ବର୍ଷ ଆରମ୍ଭରୁ ବିଭିନ୍ନ ବୈଶ୍ୱିକ ସମସ୍ୟା ଯୋଗୁ ସୂର୍ଯ୍ୟମୁଖୀ ତୈଳ ଦର ବୃଦ୍ଧି ଘଟି ୨୩୫ ଟଙ୍କାରେ ରହିଥିଲା। ତେବେ ବର୍ତ୍ତମାନ ସମସ୍ୟାରେ ସୁଧାର ଆସୁଥିବାରୁ ତୈଳ ଦର ହ୍ରାସ କରାଯାଇଥିବା ସେ ମତବ୍ୟକ୍ତ କରିଛନ୍ତି।

## ଏଚ୍‌ଏମ୍‌ଏସ୍‌ଆଇଏଲ୍ ପକ୍ଷରୁ ଡ୍ରିମର୍ସ କାଫେର ଶୁଭାରମ୍ଭ

**ନୂଆଦିଲ୍ଲୀ, ୧୩।୬**




ଦେଶର ପ୍ରମୁଖ ଦୁଇ ଚକିଆ ଯାନ ନିର୍ମାତା ହୋଣ୍ଡା ମୋଟରସାଇକେଲ୍ ଆଣ୍ଡ ସ୍କୁଟର୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ (ଏଚ୍‌ଏମ୍‌ଏସ୍‌ଆଇଏଲ୍) ପକ୍ଷରୁ ହରିୟାଣାର ମାନେସରଠାରେ ଥିବା ଏହାର ଗ୍ଲୋବାଲ୍ ରିସୋର୍ସ ଫ୍ୟାକ୍ଟ୍ରି ପରିସରରେ ଡ୍ରିମର୍ସ କାଫେର ଶୁଭାରମ୍ଭ କରାଯାଇଛି। ଏକ ଉପଯୁକ୍ତ ସ୍ଥାନରେ ଲମ୍ବା ଯାତ୍ରାକୁ ଶେଷ କରିବା ନେଇ ରହିଥିବା ଆଶଙ୍କାକୁ ଡ୍ରିମର୍ସ କାଫେ ଦୂର କରିବ, ଯାହାଦ୍ୱାରା ଆଜିର ଚାଳକମାନେ ହୋଣ୍ଡାର ରେସିଂ ଦୁନିଆର ଅତୀତ ବିଷୟରେ ଅବଗତ ହେବା ସହ ହୋଣ୍ଡାର ପରମ୍ପରା ବିଷୟରେ ମଧ୍ୟ ଜାଣିପାରିବେ। ଏ ସମ୍ପର୍କରେ ଏଚ୍‌ଏମ୍‌ଏସ୍‌ଆଇଏଲ୍‌ର ପରିଚାଳନା ନିର୍ଦ୍ଦେଶକ, ସଭାପତି ଓ ସିଇଓ ଆତସୁସି ଓଗାତା କହିଛନ୍ତି, ନିଜର ସପ୍ତାହନ୍ତ ଯାତାୟାତ ପୂରଣ କରିଥିବା ଆମର ଗ୍ରାହକମାନଙ୍କୁ ଡ୍ରିମର୍ସ କାଫେକୁ ଆମନ୍ତ୍ରଣ କରିଥିବାରୁ ଆମେ ଉଲ୍ଲସିତ। ନୂତନ ଭାବେ ସ୍ଥାପିତ ହୋଇଥିବା ଡ୍ରିମର୍ସ କାଫେ ହେଉଛି ହୋଣ୍ଡାର କୌଣସି ଉତ୍ପାଦନ କାରଖାନାରେ ଉପସ୍ଥାପନ କରାଯାଇଥିବା ବାସ୍ତବରେ ସମ୍ପୂର୍ଣ୍ଣ ନୂଆ ପରିକଳ୍ପନା। ଏହା ପଛର ଚିନ୍ତାଧାରା ହେଉଛି ଗୋଟିଏ ପ୍ଲାଟ୍‌ଫର୍ମରେ ଆମର ଗାଡ଼ି ଚାଳକ ଗୋଷ୍ଠୀଙ୍କୁ ଏକତ୍ରିତ କରି ସେମାନଙ୍କୁ ଅନୁପ୍ରାଣିତ କରିବା ଏବଂ ଗାଡ଼ି ଚାଳନା ଅଭିଳାଷକୁ ବାଣ୍ଟିବା। ଆମ ଭିତରେ ଥିବା ଚାଳକମାନଙ୍କୁ ଆହ୍ୱାନ ଦେଇ ଡ୍ରିମର୍ସ କାଫେ ହୋଣ୍ଡାର ରେସିଂ ଡିଏନ୍‌ଏ ଆରମ୍ଭରୁ ଆମର ଆବିର୍ଭାବ ଓ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ, ଯାହା ହୋଣ୍ଡାର ବିଗତ ଦଶନ୍ଧିଗୁଡ଼ିକରେ ହାସଲ କରିଛି ତାହାର ଝଲକ ପ୍ରଦାନ କରିବ।

## ଖସୁଛି ଭାରତୀୟ ମୁଦ୍ରା ମୂଲ୍ୟ

**ନୂଆଦିଲ୍ଲୀ, ୧୩।୬**

ବିଦେଶୀ ମୁଦ୍ରା ବିନିମୟ ବଜାରରେ ସୋମବାର ଆମେରିକୀୟ ଡଲାର ତୁଳନାରେ ଭାରତୀୟ ମୁଦ୍ରାରେ ୧୧ ପଇସା ହ୍ରାସ ଘଟିଛି। ଫଳରେ ଏହି ଭାରି ହ୍ରାସ ସହ ଭାରତୀୟ ମୁଦ୍ରା ଡଲାର ପିଛା ୭୮.୦୪ର ସର୍ବନିମ୍ନ ସ୍ତରରେ ବନ୍ଦ ହୋଇଛି। ଘରୋଇ ପୁଞ୍ଜିବଜାରରେ ହ୍ରାସ ସ୍ଥିତି ଏବଂ ଡଲାରର ମଜଭୁତ ସ୍ଥିତି ଦ୍ୱାରା ନିବେଶକଙ୍କ ବ୍ୟବସାୟିକ ଧାରଣା ପ୍ରଭାବିତ ହେବା ଏହି ହ୍ରାସର ପ୍ରମୁଖ କାରଣ। ଏହାଛଡ଼ା ଏସୀୟ ମୁଦ୍ରାଗୁଡ଼ିକ କମ୍‌ଜୋର ହେବାର ପ୍ରଭାବ ମଧ୍ୟ ଭାରତୀୟ ମୁଦ୍ରା ଉପରେ ଦେଖାଦେଇଛି। ବିଦେଶୀ ମୁଦ୍ରା ବିନିମୟ ବଜାରରେ ଡଲାର ତୁଳନାରେ ଭାରତୀୟ ମୁଦ୍ରା ୭୮.୨୦ ସ୍ତରରେ ଖୋଲିଥିଲା।

## ଏଚ୍‌ସି ପକ୍ଷରୁ ‘ସଂକଳ୍ପ-ଦ ଗ୍ରୀନ୍ କନ୍‌କ୍ଲେଭ’




**ଭୁବନେଶ୍ୱର, ୧୩।୬**

ମିଡିଆ ଷ୍ଟାର୍ଟଅପ୍ କମ୍ପାନୀ ହିନ୍ଦୁସ୍ତାନ୍ କରିଡର୍ (ଏଚ୍‌ସି) ପକ୍ଷରୁ ‘ସଂକଳ୍ପ-ଦ ଗ୍ରୀନ୍ କନ୍‌କ୍ଲେଭ’ ନାମରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶା ରାଜ୍ୟ ହାଉସିଂ ବୋର୍ଡର ପୂର୍ବତନ ଅଧକ୍ଷ ପ୍ରିୟଦର୍ଶୀ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଇସ୍ପାତ ଏବଂ ଖଣି ବିଭାଗ ଓଡ଼ିଶାର ଅତିରିକ୍ତ ସଚିବ ଡ.ଉମେଶ ଚନ୍ଦ୍ର ଜେନା, ଏସିପି (ଆର୍ମଡ଼) ଏବଂ ଇଣ୍ଡିଆନ୍ ରେଡକ୍ରସ୍ ସୋସାଇଟି, ପୋଲିସ୍ କମିଶନରେଟ୍ ଭୁବନେଶ୍ୱର-କଟକର ଯୁଗ୍ମ ସଚିବ ଲଳିତେନ୍ଦୁ ମହାନ୍ତି, ପୂର୍ବତନ ଅଲିମ୍ପିଆନ୍ ଓ କ୍ରୀଡ଼ାବିତ ଅନୁରାଧା ବିଶ୍ୱାଳ, ଇଭୋସ୍ ବିଲ୍ଡକନର ମୁଖ୍ୟ କଳିଙ୍ଗ କେଶରୀ ରଥ ଏବଂ ହିନ୍ଦୁସ୍ତାନ କରିଡର୍‌ର ପ୍ରତିଷ୍ଠାତା ଜଗନ୍ନାଥ ପ୍ରସାଦ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭିକ ସଭା କାର୍ଯ୍ୟ ପରେ ପରିବେଶ ସୁରକ୍ଷା କ୍ଷେତ୍ରରେ ନିରନ୍ତର ଅବଦାନ ରଖିଥିବା କିଛି ଶିଳ୍ପ ପ୍ରତିଷ୍ଠାନ, କର୍ପୋରେଟ୍ ସଂସ୍ଥା, ଷ୍ଟାର୍ଟଅପ୍, ସାମାଜିକ ସଂଗଠନ ଏବଂ ବ୍ୟକ୍ତିବିଶେଷଙ୍କୁ ‘ଗ୍ରୀନ୍ ଆୱାର୍ଡ’ ପ୍ରଦାନ କରାଯାଇଥିଲା।

## ଫୁର୍‌ସତ୍

# ୧୫୦ ମିନିଟ୍‌ରେ ବଡୋଦରାରୁ ମୁମ୍ବାଇ ପହଞ୍ଚିଲା ହୃତ୍‌ପିଣ୍ଡ

**ମୁମ୍ବାଇ**




ମାତ୍ର ୧୫୦ ମିନିଟରେ ଗୁଜରାଟର ଭଡୋଦରାରୁ ମୁମ୍ବାଇରେ ପହଞ୍ଚିଲା ମନୁଷ୍ୟ ହୃତ୍‌ପିଣ୍ଡ। ଇଣ୍ଡିଗୋ ବିମାନ ସହାୟତାରେ ଏହି ଲାଇଭ୍ ଅର୍ଗାନର ସ୍ଥାନାନ୍ତରଣ ପ୍ରକ୍ରିୟା ସମ୍ଭବପର ହୋଇପାରିଛି। ଭଡୋଦରାରୁ ମୁମ୍ବାଇ ମଧ୍ୟରେ ଦୂରତା ୪୧୦.୯ କି.ମି.। ଭଦୋଦରାରେ ଡାକ୍ତରମାନେ ହୃତ୍‌ପିଣ୍ଡକୁ ସଫଳତାର ସହ ମନୁଷ୍ୟ ଶରୀରରୁ ବାହାର କରିବା ପରେ ଜୁନ୍ ୭ରେ ହାର୍ଟ ଟ୍ରାନ୍ସପ୍ଲାଣ୍ଟ ପାଇଁ ଏହି ହୃତ୍‌ପିଣ୍ଡକୁ ମୁମ୍ବାଇର ଗ୍ଲୋବାଲ୍ ହସ୍ପିଟାଲକୁ ପଠାଯାଇଥିଲା। ସୂଚନାଯୋଗ୍ୟ ଜୀବନ୍ତ ହୃତ୍‌ପିଣ୍ଡକୁ ୩ ଘଣ୍ଟା ମଧ୍ୟରେ ମୁମ୍ବାଇ ପହଞ୍ଚାଇବାକୁ ଥିଲା। ତେବେ ତିନି ଘଣ୍ଟାରୁ କମ୍ ସମୟ ଭିତରେ ଇଣ୍ଡିଗୋ ବିମାନ ସ୍ଥାନାନ୍ତରଣ ପ୍ରକ୍ରିୟା ଶେଷ କରିବାକୁ ନେଇ କମ୍ପାନୀ ସିଇଓଙ୍କ ସମେତ ଡାକ୍ତରଖାନା କର୍ତ୍ତୃପକ୍ଷ ଏହି ମିଶନରେ ସାମିଲ ସଦସ୍ୟଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହାପୂର୍ବରୁ ମେ’ ୨୦ରେ ଲାଇଭ୍ ଅର୍ଗାନ୍ ଟ୍ରାନ୍ସପ୍ଲାଣ୍ଟ ପାଇଁ ଏ ଯୋଡ଼ା ଫୁସ୍‌ଫୁସ୍ ପୁଣେରୁ ହାଇଦ୍ରାବାଦ ଅଣାଯିବା ସହ ପ୍ରତିରୋପଣ ପ୍ରକ୍ରିୟା ସଫଳ ହୋଇଥିଲା।

## ସିଗାରେଟ୍‌ରେ ଚେତାବନୀ

**ଓଟାୱା:** ତମାଖୁ, ସିଗାରେଟ, ଖଇନି ସେବନ ଦ୍ୱାରା କ୍ୟାନ୍ସର, ଯକ୍ଷ୍ମା ଭଳି ରୋଗ ହୋଇଥାଏ। ଲୋକଙ୍କୁ ସଚେତନ କରିବା ପାଇଁ ଏହି ଦ୍ରବ୍ୟର ପ୍ୟାକେଟ ଗୁଡ଼ିକରେ ଚେତାବନୀ ମୂଳକ ଚିତ୍ର କିମ୍ବା ଉକ୍ତି ଲେଖାଯାଇଥାଏ। ତେବେ ଏହାଦ୍ୱାରା ଲୋକେ ଅଧିକମାତ୍ରାରେ ସଚେତନ ହେଉ ନ ଥିବା କାରଣରୁ କାନାଡା ସରକାର ଏକ ଐତିହାସିକ ପଦକ୍ଷେପ ନେବାକୁ ଯାଉଛନ୍ତି। ଏଣିକି ସିଗାରେଟ୍‌ରେ ଚେତାବନୀ ଲେଖିବା ନେଇ ନିଷ୍ପତ୍ତି ନିଆଯାଇଛି, ଯାହା ଆସନ୍ତା ବର୍ଷରୁ ଆରମ୍ଭ ହେବ। ଏହାଦ୍ୱାରା ଲୋକେ ଅଧିକ ସଚେତନ ହେବେ ବୋଲି କୁହାଯାଉଛି। ପ୍ୟାକେଟରେ ଛପାଯାଉଥିବା ସଚେତନତାମୂଳକ ମେସେଜ୍‌ର ମହତ୍ତ୍ୱ କମିଯିବା ଫଳରେ ସରକାରଙ୍କ ତରଫରୁ ଏ ପ୍ରକାର ପଦକ୍ଷେପ ନିଆଯାଇଥିବା କାନାଡା ମାନସିକ ସ୍ୱାସ୍ଥ୍ୟ ମନ୍ତ୍ରୀ କରୋଲିନ ବେନେଟ୍ଟ କହିଛନ୍ତି।

## ରିଜେକ୍ସନର ଶିକାର ରାଧିକା



**ମୁମ୍ବାଇ:** ଜଣେ ନାୟିକାର ଶାରୀରିକ ଗଠନ ଆକର୍ଷଣୀୟ ହେବା ଦରକାର। ସୁନ୍ଦର ଶରୀର ଥିବା ନାୟିକାଙ୍କୁ ଦର୍ଶନ ସ୍କ୍ରିନ୍‌ରେ ଦେଖିବାକୁ ଭଲପାଆନ୍ତି ବୋଲି ଏକ ଭୁଲ୍ ଧାରଣା ଫିଲ୍ମ ଇଣ୍ଡଷ୍ଟ୍ରିର ଲୋକଙ୍କ ମଧ୍ୟରେ ରହିଥିବା ହିନ୍ଦୀ ଫିଲ୍ମ ଅଭିନେତ୍ରୀ ରାଧିକା ଆପଟେ କହିଛନ୍ତି। ତେବେ ନିଜର ଦୁର୍ବଳ ଶରୀର ପାଇଁ ରାଧିକାଙ୍କୁ ବହୁବାର ରିଜେକ୍ସନର ଶିକାର ହେବାକୁ ପଡ଼ିଥିବା ସେ ନିଜର ଏକ ସାକ୍ଷାତ୍‌କାର ଜରିଆରେ କହିଛନ୍ତି। ୧୭ ବର୍ଷର ଫିଲ୍ମ କ୍ୟାରିୟର୍ ଭିତରେ ଅନେକ ବାଧାବିଘ୍ନର ସମ୍ମୁଖୀନ ହୋଇଛନ୍ତି। ତେବେ ଯେଉଁ ଅଭିନେତ୍ରୀମାନଙ୍କର ବୃହତ୍ ବକ୍ଷ ଏବଂ ବଡ଼ ଓଠ ରହିଥାଏ ସେମାନଙ୍କୁ ଫିଲ୍ମ ସାଇନ୍ କରାଯାଉଥିବା ସେ ପ୍ରକାଶ କରିଛନ୍ତି। କେବଳ ବକ୍ଷ କି ଓଠ ପାଇଁ ନୁହେଁ କେତେବେଳେ ତାଙ୍କ ନାକ ତ ଆଉ କେତେବେଳେ କେଶ ପାଇଁ ରାଧିକାଙ୍କ ହାତରୁ ଅନେକ ପ୍ରୋଜେକ୍ଟ ଚାଲିଯାଇଛି। ଉଭୟ ହିନ୍ଦୀ ଏବଂ ସାଉଥ୍ ଇଣ୍ଡଷ୍ଟ୍ରିରେ କାମ କରିଥିବା ରାଧିକା ଏବେ ଓଟିଟି ପ୍ଲାଟଫର୍ମରେ ବେଶ୍ ସକ୍ରିୟ। ଏକାଧିକ ହିଟ୍ ୱେବ୍ ସିରିଜ୍‌ରେ ସେ ଅଭିନୟ କରିଛନ୍ତି। ଆଗାମୀ ଦିନରେ ସାଇକୋଲୋଜିକାଲ ଥ୍ରିଲର ଫୋରେନ୍ସିକ୍‌ରେ ସେ ନଜରକୁ ଆସିବେ, ଯେଉଁଥିରେ ତାଙ୍କ ବିପକ୍ଷରେ ବିକ୍ରାନ୍ତ ମେସି ଅଭିନୟ କରିବେ।

## ରକ୍ତଦାନ ମହତ୍ ଦାନ

### ବିଶ୍ୱ ରକ୍ତଦାତା ଦିବସ



**ର**କ୍ତଦାନ ଏକ ମହତ୍ ଦାନ। ଏନେଇ ସଚେତନତା ସୃଷ୍ଟି ଲାଗି ବିଶ୍ୱ ରକ୍ତଦାତା ଦିବସ ପ୍ରତିବର୍ଷ ଜୁନ୍ ୧୪ରେ ପାଳିତ ହୋଇଥାଏ। ୨୦୦୫ରେ ପ୍ରଥମଥର ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ, ଅନ୍ତର୍ଜାତୀୟ ଫେଡେରେଶନ ଅଫ୍ ରେଡ୍‌କ୍ରସ ଏବଂ ରେଡ୍‌କ୍ରିସେଣ୍ଟ ସୋସାଇଟିର ମିଳିତ ଉଦ୍ୟମରେ ନିରାପଦ ରକ୍ତ ଏବଂ ରକ୍ତର ଆବଶ୍ୟକତା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ସହ ରକ୍ତଦାତାମାନଙ୍କୁ ଧନ୍ୟବାଦ ଜଣାଇବା ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସେମାନଙ୍କର ସ୍ୱେଚ୍ଛାକୃତ ରକ୍ତଦାନ ଦ୍ୱାରା ବହୁ ଲୋକଙ୍କ ଜୀବନ ରକ୍ଷା ହୋଇପାରୁଥିବାରୁ ରକ୍ତଦାତାଙ୍କ ସମ୍ମାନାର୍ଥେ ଏହି ଦିବସ ପାଳନ କରାଯାଇଥାଏ। ଅନେକ ଦେଶରେ ନିରାପଦ ରକ୍ତର ପର୍ଯ୍ୟାପ୍ତ ଯୋଗାଣ ନାହିଁ।

ଏହା ୧୪ ଜୁନ୍ ୧୮୬୮ କାର୍ଲ ଲ୍ୟାଣ୍ଡଷ୍ଟାଇନର୍‌ଙ୍କ ଜନ୍ମଦିବସରେ ପାଳନ କରାଯାଇଥାଏ। ସେ ଏ ବି ଓ ରକ୍ତଗ୍ରୁପ୍ ପ୍ରଣାଳୀର ଆବିଷ୍କାର କରିଥିଲେ। ଲ୍ୟାଣ୍ଡଷ୍ଟାଇନରଙ୍କୁ ଏନେଇ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା। ତାଙ୍କ ଜନ୍ମଦିନ ଅବସରରେ ରକ୍ତଦାତାଙ୍କ ଉଦ୍ଦେଶ୍ୟରେ ବିଶ୍ୱ ରକ୍ତଦାତା ଦିବସ ପାଳିତ ହୋଇଥାଏ। ଯୋଜନାବଦ୍ଧ ଚିକିତ୍ସା ଏବଂ ଜରୁରୀ ହସ୍ତକ୍ଷେପ ପାଇଁ ରକ୍ତ ଏକ ଆବଶ୍ୟକୀୟ ଉତ୍ସ। ଦୀର୍ଘଦିନ ବଞ୍ଚିବା ଏବଂ ଉଚ୍ଚମାନର ଜୀବନ ସହିତ ଜୀବନ ପ୍ରତି ବିପଦ ଥିବା ପୀଡ଼ିତ ରୋଗୀଙ୍କ ପାଇଁ ଏହା ସହାୟକ ହୋଇଥାଏ। ଏହା ଜଟିଳ ଚିକିତ୍ସା ଏବଂ ସର୍ଜିକାଲ ପଦ୍ଧତିକୁ ମଧ୍ୟ ସମର୍ଥନ କରିଥାଏ।

## ସେନାରେ ଭର୍ତ୍ତି ସ୍ୱପ୍ନ ଦେଲା ନୂଆ ଜୀବନ

**ଡେରାଡୁନ:** ଉତ୍ତରାଖଣ୍ଡ ମିଲିଟାରି ଏକାଡେମୀର ୨୮୮ ଜଣ ଗ୍ରାଜୁଏଟ୍ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଜମ୍ମୁର ବାବା ଦାନିଶ ଲାଙ୍ଗର ସାମିଲ ଅଛନ୍ତି। ଗୁଲେନ ବାରେ ସିଣ୍ଡ୍ରୋମ୍ (ଜିବିଏସ୍) କାରଣରୁ ୨୦୧୭ରୁ ସେ ପକ୍ଷାଘାତ ରୋଗରେ ଆକ୍ରାନ୍ତ ହୋଇ ଶର୍ଯ୍ୟାସାୟୀ ହୋଇପଡ଼ିଥିଲେ। କିନ୍ତୁ ଏବେ ସେ ମିଲିଟାରୀ ଏକାଡେମୀରୁ ଗ୍ରାଜୁଏଟ ହୋଇଛନ୍ତି। ସେନାରେ ଚାକିରି କରିବା ସ୍ୱପ୍ନ ତାଙ୍କୁ ନୂଆ ଜୀବନ ଦେଇଥିବା ତାଙ୍କ ବାପା ରାଜେଶ ଲାଙ୍ଗର କହିଛନ୍ତି। ପିଲାଟିଦିନରୁ ଦେଶସେବା କରିବାକୁ ତାଙ୍କ ଆଗ୍ରହ ଥିବାବେଳେ ଜେଜେମାଙ୍କ ବାରଣ କାରଣରୁ ୬ଷ୍ଠ ଶ୍ରେଣୀରେ ତାଙ୍କୁ ସୈନିକ ସ୍କୁଲରେ ପାଠ ପଢ଼ିବାରୁ ବଞ୍ଚିତ ହୋଇଥିଲେ। ଲକ୍ଷ୍ୟ ହାସଲ ପାଇଁ ଦାନିଶଙ୍କ ଆଗରେ ବହୁ ବାଧାବିଘ୍ନ ଆସିଥିଲେ ହେଁ ସେ ନିଜର ଆଶା ପୂରଣ କରିବାରେ ସଫଳ ହୋଇଛନ୍ତି। ୬ ମାସ ଧରି ଦାନିଶ ଜିବିଏସ୍ ରୋଗରେ ଆକ୍ରାନ୍ତ ଥିଲେ। ଏହା ଏକ ରେୟାର୍ କଣ୍ଡିଶନ୍, ଯେଉଁଥିରେ ଇମ୍ୟୁନ୍ ସିଷ୍ଟମ ସାଙ୍ଗକୁ ନର୍ଭସ୍ ସିଷ୍ଟମ ମଧ୍ୟ ଅଚଳ ହୋଇପଡ଼ିଥାଏ। ଇମ୍ୟୁନୋଥେରାପୀ ତଥା ପ୍ଲାଜ୍‌ମା ଏକ୍ସଚେଞ୍ଜ ଜରିଆରେ ଏହି ରୋଗର ଚିକିତ୍ସା କରାଯାଏ।



## ଫିଡିଙ୍ଗ୍ ଟ୍ରେ’ ପାଇଁ ୩ ଥର ଗିରଫ

**ଆଲବେନୀ:** ନ୍ୟୁୟର୍କ ସୋଦସ ପଏଣ୍ଟର ୭୧ ବର୍ଷୀୟ ଡୋନାଲ୍ଡ ଆଷ୍ଟାଲଙ୍କୁ ୩ ସପ୍ତାହ ଭିତରେ ୩ ଥର ପୋଲିସ ଗିରଫ କରିଛି। ଘର ଆଗରେ ଥିବା ବଗିଚାରେ ଉକ୍ତ ବ୍ୟକ୍ତି ଜଣକ ଆବଶ୍ୟକତାଠାରୁ ଅଧିକ ବାର୍ଡ ଫିଡିଙ୍ଗ୍ ଟ୍ରେ ରଖିବା କାରଣରୁ ତାଙ୍କୁ ଗିରଫ କରାଯାଇଥିବା କୁହାଯାଉଛି। ଦୁଇ ଡଜନରୁ ଅଧିକ ପରିମାଣର ଫିଡିଙ୍ଗ୍ ଟ୍ରେ’ ବଗିଚାର ରଖିଥିବା ନେଇ ପଡ଼ୋଶୀମାନେ ଅଭିଯୋଗ କରିବା ପରେ ତାଙ୍କ ବିରୋଧରେ ଏ ପ୍ରକାର କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଖାଦ୍ୟ ଟ୍ରେ ବଗିଚାରେ ରଖିବା କାରଣରୁ ଶତାଧିକ ପକ୍ଷୀ ସେଠାରେ ଜମା ହେବା ଫଳରେ ପାରିପାର୍ଶ୍ୱିକ ବାତାବରଣ ବିଗୁଡୁଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି। ସ୍ଥାନୀୟ ଅଞ୍ଚଳର ନିୟମ ଅନୁସାରେ ପ୍ରତ୍ୟେକ ଘର ପିଛା ଦୁଇଟି ଫିଡିଙ୍ଗ୍ ଟ୍ରେ’ ବ୍ୟବହାର କରାଯାଇ ପାରିବ। ଦୁଇ ଟ୍ରେ ମଧ୍ୟରେ ଦୂରତା ୫ ଫୁଟ ରହିବା ବାଧ୍ୟତାମୂଳକ। ତେବେ ଆଷ୍ଟାଲ ମାତ୍ରାଧିକ ପକ୍ଷୀଙ୍କୁ ଖାଦ୍ୟ ଦେବା କାରଣରୁ ଏହା ସୋଦସରେ ପରିଚାଳିତ ନିୟମକୁ ଭଙ୍ଗ କରୁଥିବା ନେଇ ତାଙ୍କୁ ଗିରଫ କରାଯାଇଛି। ତେବେ ଏ ଖବର ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ତେବେ ଫିଡିଙ୍ଗ୍ ଟ୍ରେ’ ପାଇଁ ଏ ପ୍ରକାର ରାଜଦଣ୍ଡ ମିଳିବା ସୋସିଆଲ ମିଡିଆ ୟୁଜର୍ସଙ୍କୁ ଆଶ୍ଚର୍ଯ୍ୟ କରିଦେଇଛି।



# ଭାରତ ପାଇଁ 'କର ଅବା ମର'



ଅଭ୍ୟାସ ଅବସରରେ ଟେମ୍ବା ବଭୁମା ଓ ଭାନ୍ ଡର୍ ଡୁସେନ।

**ବିଶାଖାପାଟଣା, ୧୩।୬ (ପି.ଟି.)**

ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଚଳିତ ସିରିଜ୍‌ର ତୃତୀୟ ଟି୨୦ ମ୍ୟାଚ୍ ମଙ୍ଗଳବାର ଏଠାରେ ଅନୁଷ୍ଠିତ ହେବ। ପ୍ରଥମ ୨ଟି ମ୍ୟାଚ୍ ଜିତି ଦକ୍ଷିଣ ଆଫ୍ରିକା ୫ ମ୍ୟାଚବିଶିଷ୍ଟ ସିରିଜରେ ୨-୦ରେ ଅଗ୍ରଣୀଲାଭ କରିସାରିଛି। ତେଣୁ ସିରିଜକୁ ଉଜ୍ଜୀବିତ ରଖିବାକୁ ଭାରତ ପାଇଁ 'କର ଅବା ମର' ପରିସ୍ଥିତି ସୃଷ୍ଟି ହୋଇଛି। ଘରୋଇ ପରିବେଶରେ ସ୍ପିନରମାନେ ଦକ୍ଷତା ଅନୁସାରେ ପ୍ରଦର୍ଶନ କରିପାରିନାହାନ୍ତି। ଓପନରମାନେ ଫର୍ମରେ ନ ଥିବାବେଳେ ନିଜେ ରିଷଭ ପନ୍ତଙ୍କ ଖରାପ ପ୍ରଦର୍ଶନ ଜାରି ରହିଛି। ଏ ସବୁକୁ ମନ ମଧ୍ୟରେ ରଖି ଯୁବ ଅଧିନାୟକ ପନ୍ତଙ୍କୁ ଆଗାମୀ ମ୍ୟାଚ୍‌ରେ ପଡ଼ିଆକୁ ଓହ୍ଲାଇବାକୁ ପଡ଼ିବ।

କ୍ରମାଗତ ୧୨ ମ୍ୟାଚ୍ ବିଜୟ ସହ ଭାରତ ସିରିଜ ଆରମ୍ଭ କରିଥିଲା। ମାତ୍ର ଦକ୍ଷିଣ ଆଫ୍ରିକା କ୍ରମାଗତ ମ୍ୟାଚ୍ ଜିତି ଘରୋଇ ଦଳକୁ ବ୍ୟାକ୍‌ଫୁଟ୍‌କୁ ଠେଲିଦେଇଛି। ଦ୍ୱିତୀୟ ଓ ତୃତୀୟ ମ୍ୟାଚ୍ ମଧ୍ୟରେ ମଝିରେ ମାତ୍ର ଗୋଟିଏ ଦିନ ସମୟ ମିଳିଛି। ତେଣୁ କୋଚ୍ ରାହୁଲ ଦ୍ରାବିଡ ଓ ଅଧିନାୟକ ପନ୍ତଙ୍କୁ ଶୀଘ୍ର ଏ ସମ୍ପର୍କରେ ଚିନ୍ତା କରିବାକୁ ପଡ଼ିବ। ପ୍ରଥମ ମ୍ୟାଚ୍‌ରେ ବୋଲିଂ ବିଭାଗ ଭାରତକୁ ପରାଜୟ ଆଡ଼କୁ ଠେଲିଥିବାବେଳେ ଦ୍ୱିତୀୟ ମ୍ୟାଚ୍‌ରେ ନୈରାଶ୍ୟଜନକ ବ୍ୟାଟିଂ ଦଳ ପାଇଁ ଚିନ୍ତାଜନକ ହୋଇଛି।

**ତୃତୀୟ ଟି୨୦ ଆଜି**
ମ୍ୟାଚ୍ ଆରମ୍ଭ: ରାତି ୭ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

ଯୁବ ଓପନର ଋତୁରାଜ ଗାଏକ୍ୱାଡ ଓ ନିର୍ଭରଯୋଗ୍ୟ ଶ୍ରେୟାସ ଆୟାରଙ୍କ ଷ୍ଟ୍ରାଇକ୍ ରେଟ୍ ଭଲ ନାହିଁ। ଗତ ୨ ମ୍ୟାଚ୍‌ରେ ଅନ୍ୟତମ ଓପନର ଇଶାନ କିଷନ ଦକ୍ଷତା ଅନୁସାରେ ପ୍ରଦର୍ଶନ କରିଛନ୍ତି। ମାତ୍ର ଗାଏକ୍ୱାଡ ଯଥାକ୍ରମେ ୨୩ ଓ ୧ ରନ୍ କରି ଆଉଟ୍ ହୋଇଛନ୍ତି। ତେଣୁ କ୍ୱାଲିଟି ପେସ୍ ବୋଲରଙ୍କ ବିପକ୍ଷରେ ତାଙ୍କ ଟେକ୍ନିକ୍‌କୁ ନେଇ ପ୍ରଶ୍ନ ଉଠିଛି। ଫାଷ୍ଟ ବୋଲରଙ୍କ ବିପକ୍ଷରେ ଆୟାରଙ୍କ ପ୍ରଦର୍ଶନକୁ ନେଇ ମଧ୍ୟ ସମାଲୋଚନା ଆରମ୍ଭ ହୋଇଛି। ସେ ଭଲ ଆରମ୍ଭ କରୁଥିଲେ ହେଁ ରନ୍‌ହାର ବଢ଼ାଇପାରୁ ନ ଥିବାରୁ ମିଡିଲ ଅର୍ଡରରେ ପରବର୍ତ୍ତୀ ବ୍ୟାଟରଙ୍କ ଉପରେ ଚାପ ବଢୁଛି। ଗତ ଆଇପିଏଲ୍‌ରେ ଗୁଜରାଟ ଟାଇଟାନ୍ସ ପକ୍ଷରୁ ଖେଳି ଚମତ୍କାର ଫର୍ମ ଦେଖାଇଥିବା ହାର୍ଦ୍ଦିକ ପାଣ୍ଡ୍ୟା ମଧ୍ୟ କଟକ ପିଚ୍‌ରେ ପେସ୍ ବୋଲରଙ୍କ ବିପକ୍ଷରେ ସଂଘର୍ଷ କରୁଥିବା ପରିଲକ୍ଷିତ ହୋଇଥିଲା। ୨ଟି ମ୍ୟାଚ୍‌ରେ ସେ ୪ ଓଭର ବୋଲିଂ କରି ୪୯ ରନ୍ ଦେଇଥିବାରୁ ମହଙ୍ଗା ସାବ୍ୟସ୍ତ ହୋଇଛନ୍ତି।

ଲୋକେଶ ରାହୁଲ ଆହତ ହେବାରୁ ଅଧିନାୟକ ଦାୟିତ୍ୱ ପାଇଥିବା ରିଷଭ ପନ୍ତ ଏପର୍ଯ୍ୟନ୍ତ ସ୍ୱାଭାବିକ ବ୍ୟାଟିଂ କରିବାରେ ଅସଫଳ ହୋଇଛନ୍ତି। ସେ ୨ଟି ଇନିଂସ୍‌ରେ ଯଥାକ୍ରମେ ୨୯ ଓ ୫ ରନ୍ କରିଛନ୍ତି। ଏପର୍ଯ୍ୟନ୍ତ ସେ ୪୫ଟି ଟି୨୦ ଖେଳିସାରିଥିଲେ ହେଁ ମାତ୍ର ୩ଟି ଅର୍ଦ୍ଧଶତକ ହାସଲ କରିଛନ୍ତି। ତାଙ୍କ ଆଭରେଜ୍ ୨୩.୯ ଓ ଷ୍ଟ୍ରାଇକ୍ ହାର ୧୨୬.୬ ରହିଛି। ଭବିଷ୍ୟତରେ ଅଧିନାୟକ ଦାୟିତ୍ୱ ବଜାୟ ରଖିବା ଭଳି ଆତ୍ମବିଶ୍ୱାସ ଦେଖାଇପାରି ନାହାନ୍ତି ଏହି ଉଇକେଟକିପର/ବ୍ୟାଟର। କଟକ ମ୍ୟାଚ୍‌ରେ ଅଭିଜ୍ଞ ଦୀନେଶ କାର୍ତ୍ତିକଙ୍କ ଆଗରୁ ଅକ୍ଷର ପଟେଲଙ୍କୁ ପ୍ରମୋଟ କରି ବ୍ୟାଟିଂ ଅର୍ଡରରେ ପଠାଇବା ଅନେକଙ୍କୁ ବିସ୍ମିତ କରିଥିଲା। ଦଳରେ ସ୍ଥାନ ପକ୍କା କରିବାକୁ ହେଲେ ପନ୍ତଙ୍କୁ ଏକାକୀ ମ୍ୟାଚ୍ ଜିତାଇ ଚୟନକର୍ତ୍ତାଙ୍କୁ ପ୍ରଭାବିତ କରିବାକୁ ହେବ।

ଚଳିତ ସିରିଜରେ ଭାରତକୁ ସବୁଠାରୁ ଅଧିକ କ୍ଷତି ପହଞ୍ଚାଇଛନ୍ତି ଦୁଇ ତାରକା ସ୍ପିନର ଯୁଜ୍‌ବେନ୍ଦ୍ର ଚହଲ ଓ ଅକ୍ଷର ପଟେଲ। ଏହି ସ୍ପିନରଦ୍ୱୟ ୨ଟି ମ୍ୟାଚ୍‌ରେ ଯଥାକ୍ରମେ ୬ ଓ ୫ ଓଭର ବୋଲିଂ ସୁଯୋଗ ପାଇଛନ୍ତି। ଏଥିରେ ସେମାନେ ୭୫ ଓ ୫୯ ରନ୍ ବ୍ୟୟକରି ଦଳକୁ ନିରାଶ କରିଛନ୍ତି। ଅନ୍ୟପକ୍ଷରେ ଦକ୍ଷିଣ ଆଫ୍ରିକା ସବୁ ବିଭାଗରେ ଉନ୍ନତ ପ୍ରଦର୍ଶନ କରି ସିରିଜର ବିଜୟ ଦ୍ୱାରରେ ପହଞ୍ଚି ଯାଇଛି। ପ୍ରଥମ ମ୍ୟାଚ୍‌ରେ ମିଲର ଓ ଡୁସେନ ଏବଂ ଦ୍ୱିତୀୟ ଗେମ୍‌ରେ କ୍ଲାସେନ ମ୍ୟାଚ୍‌ବିଜୟୀ ଇନିଂସ ଖେଳିଛନ୍ତି। ଅଧିନାୟକ ଟେମ୍ବା ବଭୁମା ମଧ୍ୟ କଟକରେ ଉପଯୋଗୀ ଇନିଂସ ଖେଳିଥିଲେ। ଏହାସହ ବୋଲିଂ ବିଭାଗରେ କାଗିଶୋ ରାବାଡ଼ା, ଏନ୍‌ରିଚ୍ ନର୍ଜେ ଓ ୱେନ୍ ପାର୍ନେଲ ଘାତକ ସାବ୍ୟସ୍ତ ହୋଇଛନ୍ତି।

# ଆଞ୍ଜେଲୋ, ତୁବା ପ୍ଲେୟର ଅଫ୍ ଦି ମନ୍ଥ୍


ଆଞ୍ଜେଲୋ ମାଥ୍ୟୁସ  ତୁବା ହସନ

**ଦୁବାଇ (ୟୁଏଇ), ୧୩।୬ (ପି.ଟି.):** ଶ୍ରୀଲଙ୍କାର ଆଞ୍ଜେଲୋ ମାଥ୍ୟୁସ ଓ ପାକିସ୍ତାନର ପଦାର୍ପଣକାରୀ ସ୍ପିନ୍ ସେନ୍‌ସେଶନ ତୁବା ହସନ ସୋମବାର ମେ' ମାସ ପାଇଁ ଯଥାକ୍ରମେ ପୁରୁଷ ଓ ମହିଳା ବିଭାଗରେ ଆଇସିସି (ଅନ୍ତର୍ଜାତୀୟ କ୍ରିକେଟ ପରିଷଦ)ଦ୍ୱାରା ପ୍ଲେୟର ଅଫ୍ ଦି ମନ୍ଥ୍ ବିବେଚିତ ହୋଇଛନ୍ତି। ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଅନ୍ତର୍ଗତ ବାଂଲାଦେଶ ବିପକ୍ଷ ସିରିଜରେ ମାଥ୍ୟୁସ ପ୍ରଭାବୀ ପ୍ରଦର୍ଶନ କରିଥିଲେ। ସେ ଦୁଇଟି ଟେଷ୍ଟରେ ୧୭୨ ରନ୍‌ରୁ ଊର୍ଦ୍ଧ୍ୱ ଆଭରେଜ୍‌ରେ ମୋଟ ୩୪୪ ରନ୍ ସଂଗ୍ରହ କରିଥିଲେ। ଚିଟ୍ଟାଗଙ୍ଗଠାରେ ଡ୍ର' ମ୍ୟାଚ୍‌ରେ ସେ ୧୯୯ ରନ୍ ସଂଗ୍ରହ କରିଥିଲେ। ମୀରପୁରଠାରେ ସେ ୧୪୫ ରନ୍ କରି ଅପରାଜିତ ରହିଥିଲେ। ଦ୍ୱିତୀୟ ଟେଷ୍ଟରେ ତାଙ୍କର ଚମତ୍କାର ଇନିଂସ୍ ସହାୟତାରେ ତାଙ୍କ ଦଳ ୫୦୬ ରନ୍ ସଂଗ୍ରହ କରିଥିଲା ଏବଂ ମ୍ୟାଚ୍‌କୁ ୧୦ ଉଇକେଟରେ ଜିତି ଆଇସିସି ଡବ୍ଲ୍ୟୁଟିସି ଷ୍ଟାଣ୍ଡିଂରେ ମୂଲ୍ୟବାନ ପଏଣ୍ଟ ହାସଲ କରିପାରିଥିଲା। ୨୦୨୧ ଜାନୁୟାରୀରୁ ପ୍ଲେୟର ଅଫ୍ ଦି ମନ୍ଥ୍ ପ୍ରଚଳନ ହେବାପରଠାରୁ ଏହି ପୁରସ୍କାର ଜିତିବାରେ ମାଥ୍ୟୁସ୍ ଶ୍ରୀଲଙ୍କାର ପ୍ରଥମ ଖେଳାଳି। ପୁରସ୍କାର ଦୌଡ଼ରେ ସେ ତାଙ୍କର ଅନ୍ୟ ଦୁଇ ପ୍ରତିଦ୍ୱନ୍ଦ୍ୱୀ ଆସିଥା ଫର୍ନାଣ୍ଡୋ (ଶ୍ରୀଲଙ୍କା) ଓ ମୁସ୍‌ଫିକର ରହିମ୍ (ବାଂଲାଦେଶ)କୁ ପଛରେ ପକାଇ ଦେଇଥିଲେ। ଅନ୍ୟପକ୍ଷରେ ୨୧ ବର୍ଷୀୟା ଲେଗ୍ ସ୍ପିନର ତୁବା ହସନ ପାକିସ୍ତାନରେ ଖେଳାଯାଇଥିବା ଶ୍ରୀଲଙ୍କା ବିପକ୍ଷ ୩ ମ୍ୟାଚ୍‌ବିଶିଷ୍ଟ ଅନ୍ତର୍ଜାତୀୟ ଟି୨୦ ସିରିଜରେ ଉଚ୍ଚକୋଟୀର ବୋଲିଂ କରିଥିଲେ। ସେ ୮.୮ ଆଭରେଜ୍‌ରେ ୫ ଉଇକେଟ ଅକ୍ତିଆର କରିଥିଲେ। ତାଙ୍କ ଇକୋନୋମି ରେଟ୍ ୩.୬୬ ରହିଥିଲା।

CLASSIFIED DISPLAY
ALL EDITION - B/W (Everyday)
for Booking Contact: 0674-2580385, 8637280816, 7894447167, 9338226625
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W
(Everyday)
for Booking Contact:
0674-2580385
8637280816,
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା
ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ,
ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି ।
ମହିଳାଙ୍କ ପାଇଁ ବିଶେଷ ରିହାତି ।
ଅନ୍‌ଲାଇନ୍ ସୁବିଧା ।
Mudra Finance
Mob. 9470149388
Whatsapp: 9470149608

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org

ପତ୍ର ସଂଖ୍ୟା: ୧୬୯ | **ବିଜ୍ଞାପନ** | ତା:୦୯।୦୬।୨୨

No. CAD-815: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଭି.ଏସ୍.ଏସ୍. ନଗର, ୧ମ ପର୍ଯ୍ୟାୟ ହାଉସିଂ ପ୍ରକଳ୍ପ ଭୁବନେଶ୍ୱରରେ ଘର ନଂ. ଏ.ଇ.–୮୨ (AE-82)ଟିକୁ (୧) ଶ୍ରୀମତୀ ପ୍ରତିମା ଶତପଥି, ସ୍ୱା.– ୰ଦୟାନିଧି ଶତପଥି, (୨) ଶ୍ରୀ ଦିବ୍ୟ ପ୍ରସାଦ ଶତପଥି, ପି.– ୰ଦୟାନିଧି ଶତପଥି, ସ୍ଥା.: ପାଟଯୋଶୀପୁର, ପୋ.: ବରଡ଼ି ହରିକୁଦ, ଥା: ବାଣପୁର, ଜି.: ଖୋର୍ଦ୍ଧାଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀମତୀ ପଙ୍କଜିନୀ ନାୟକ, ସ୍ୱା.– ସାରଦା ପ୍ରସନ୍ନ ପରିଡ଼ା, ସା.: ସମେଇଗାଡ଼ିଆ, ପୋ.: ରସୁଲଗଡ଼, ଥା: ମଞ୍ଚେଶ୍ୱର, ଜି.: ଖୋର୍ଦ୍ଧାଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./– ସହ ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0156/2223

# ଶୁଭସ୍ମିତା, ପ୍ରତୀକ, ମନୀଷ, ସୁହାନା ଚାମ୍ପିୟନ



କୃତୀ ପ୍ରତିଯୋଗୀମାନେ ପୁରସ୍କାର ସହ ଅତିଥିଙ୍କ ଗହଣରେ।

**ଭୁବନେଶ୍ୱର, ୧୩।୬ (କ୍ରୀଡ଼ା ପ୍ରତିନିଧି)**

ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ (ଏଓସିଏ) ଆନୁକୂଲ୍ୟରେ ସୃଷ୍ଟି ଏକାଡେମୀ ଅଫ୍ ମ୍ୟାନେଜମେଣ୍ଟ ପରିସରରେ ଅନୁଷ୍ଠିତ ରାଜ୍ୟ ୯ ଓ ୧୯ ବର୍ଷରୁ କମ୍ ଚେସ୍ ଟୁର୍ନାମେଣ୍ଟରେ ଯଥାକ୍ରମେ ଶୁଭସ୍ମିତା ପ୍ରିୟଦର୍ଶିନୀ, ପ୍ରତୀକ କୁଶାଲ ରାଉତ, ମନୀଷ କୁମାର ଓ ସୁହାନା ଚାମ୍ପିୟନ ହୋଇଛନ୍ତି। ୭ ରାଉଣ୍ଡ ବିଶିଷ୍ଟ ୯ ବର୍ଷରୁ କମ୍ ବାଳିକାରେ ଶୁଭସ୍ମିତା ୬, ସାଇ ବିଧି ତ୍ରିପାଠୀ ୫.୫ ଏବଂ ଅମୃତ ପ୍ରିୟଲକ୍ଷ୍ମୀ ଓ ମୁକ୍ତିକା ନାୟକ ୫ ପଏଣ୍ଟ ଲେଖାଏ ପାଇ ପ୍ରଥମ ୪ ସ୍ଥାନରେ ରହିଛନ୍ତି। ବାଳକ ବିଭାଗରେ ପ୍ରତୀକ ୭, ବିନିତ ନାୟକ ୫.୫ ପଏଣ୍ଟ ପାଇ ଏବଂ ଦେବପ୍ରିୟ ବିଶ୍ୱାଳ ଓ ମନୀଷ ମିଶ୍ର (ଉଭୟେ ୫ ପଏଣ୍ଟ ଲେଖାଏ) ଯଥାକ୍ରମେ ୧ମରୁ ୪ର୍ଥ ସ୍ଥାନ ପାଇଛନ୍ତି। ସେହିପରି ୫ ରାଉଣ୍ଡ ବିଶିଷ୍ଟ ୧୯ ବର୍ଷରୁ କମ୍ ବାଳିକାରେ ସୁହାନା ଜେନା ୪.୫, ବିଜୟ ଲକ୍ଷ୍ମୀ ବାରିକ ୪, ପି. ସାଇରୂପା ଏବଂ ଆରୁଶୀ ଶ୍ରୀଚନ୍ଦନ ୩.୫ ପଏଣ୍ଟ ଲେଖାଏ ପାଇ ପ୍ରଥମ ୪ ସ୍ଥାନରେ ରହିଥିବାବେଳେ ୭ ରାଉଣ୍ଡ ବିଶିଷ୍ଟ ଓପନ ବିଭାଗରେ ମନୀଷ ୬, ଶ୍ରେୟାସ ଶୁଭମ୍ ପଟ୍ଟନାୟକ ୫.୫, ଓମ୍ ଆଦିତ୍ୟ ଖାଡ଼ଙ୍ଗା ୫ ଓ ସୂରଜ ମହନ୍ତ ୪.୫ ପଏଣ୍ଟ ପାଇ ଯଥାକ୍ରମେ ୧ରୁ ୪ର୍ଥ ସ୍ଥାନ ପାଇଛନ୍ତି। ବାଳିକା ଓ ବାଳକ ବିଭାଗର ୯ ବର୍ଷରୁ କମ୍ ବର୍ଗରେ ଶ୍ରେଷ୍ଠ ୨ ଜଣ ଲେଖାଏ ଏବଂ ୧୯ ବର୍ଷରୁ କମ୍ ବର୍ଗର ଶ୍ରେଷ୍ଠ ୪ ଜଣ ଲେଖାଏ ଓଡ଼ିଶା ପକ୍ଷରୁ ଜାତୀୟ ପ୍ରତିଯୋଗିତାରେ ପ୍ରତିନିଧିତ୍ୱ କରିବେ। ଗ୍ରାଣ୍ଡମାଷ୍ଟର ସ୍ୱୟମ୍ଭୁ ମିଶ୍ର ମୁଖ୍ୟ ଅତିଥି, ଏଓସିଏ ସଭାପତି ଗୋବିନ୍ଦ ଚନ୍ଦ୍ର ମହାପାତ୍ର, କୋଷାଧ୍ୟକ୍ଷ ଭବେଶ ମହାନ୍ତି, ସୃଷ୍ଟି ଏକାଡେମୀ ଅଫ୍ ମ୍ୟାନେଜମେଣ୍ଟ ଚେୟାରମ୍ୟାନ ସରୋଜ କୁମାର ସାହୁ, ଡାଇରେକ୍ଟର (ଟ୍ରେନିଂ ଆଣ୍ଡ ପ୍ଲେସ୍‌ମେଣ୍ଟ) ଗଙ୍ଗାଧର ମିଶ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ସୁରେଶ ଚନ୍ଦ୍ର ସାହୁ ମୁଖ୍ୟ ଆର୍ବିଟର ଏବଂ ତାପସ କୁମାର ମହାନ୍ତି, ଭବେଶ ମହାନ୍ତି ଓ ସନ୍ତୋଷ କୁମାର ମହାନ୍ତି ସହକାରୀ ଆର୍ବିଟର ଦାୟିତ୍ୱ ନିର୍ବାହ କରିଥିଲେ।

**ODISHA UNIVERSITY OF TECHNOLOGY AND RESEARCH**
(Formerly College of Engineering & Technology, Bhubaneswar)
Techno Campus, Ghatikia, P.O. Mahalaxmi Vihar
BHUBANESWAR-751029 ODISHA, INDIA
Ref. No. 1348 /OUTR, Date: 11.06.2022
EXTENTION OF DATE OF TENDER NOTICE NO. 1110/OUTR, DATED 10.05.2022

**No.KK-62:** The last date of submission of tender for (i) comprehensive student insurance policy for the students to be admitted in the Academic Year 2021-22 and 2022-23 for their entire tenure of study on a long term basis and (ii) the Group Accident Policy for the Employees for one year is hereby extended up to 30.06.2022. The technical and financial bids will be opened on 02.07.2022 and 08.07.2022 respectively. Other terms and conditions remains the same.

Sd./-OFFICER ON SPECIAL DUTY
OIPR-16005/11/0014/2223

# ଟିଭି ଅଧିକାର ୨.୭୨ ବିଲିୟନ ଡଲାରରେ ବିକ୍ରି

**ନୂଆଦିଲ୍ଲୀ, ୧୩।୬:** ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ମ୍ୟାଚ ପିଛା ମୂଲ୍ୟ ବହୁପରିମାଣରେ ବୃଦ୍ଧି ପାଇଛି। ଯାହାଫଳରେ ମ୍ୟାଚ ପିଛା ମୂଲ୍ୟରେ ଅନ୍ୟ ସମସ୍ତ ଖେଳଠାରୁ ଆଗରେ ରହିଥିବା ନ୍ୟାଶନାଲ ଫୁଟ୍‌ବଲ ଲିଗ୍ (ଏନ୍‌ଏଫ୍‌ଏଲ୍) ଓ ଇଂଲିଶ ପ୍ରିମିୟର ଲିଗ୍ ସହ ଆଇପିଏଲ୍ ସମାସ୍କନ୍ଧ ହୋଇପାରିଛି। ସୋମବାର ଆଇପିଏଲ ମିଡିଆ ରାଇଟ୍ସ ନିଲାମର ଦ୍ୱିତୀୟ ଦିବସ ଥିଲା। ଖବର ଅନୁସାରେ ଆଇପିଏଲ୍ ୨୦୨୩–୨୭ ଚକ୍ର ପାଇଁ ଭାରତ ଉପମହାଦେଶ ଲାଗି ଟିଭି ଅଧିକାର ୨.୭୨ ବିଲିୟନ ଆମେରିକୀୟ ଡଲାରରେ ବିକ୍ରୀ ହୋଇଛି। ସମାନ ସମୟ ପାଇଁ ଡିଜିଟାଲ ଅଧିକାରର ସର୍ବୋଚ୍ଚ ବିଡ୍ ୨.୨୭ ବିଲିୟନ ଡଲାର ରହିଛି। ହେଲେ ଟିଭି ଅଧିକାର ହାସଲ କରିଥିବା ସଂସ୍ଥା ଡିଜିଟାଲ ଅଧିକାର ଅକ୍ତିଆର କରିବା ପାଇଁ ଇଚ୍ଛା ପ୍ରକାଶ କରିପାରେ। ବିଡ୍ ଲଢେଇ ବେଳେ ଏହି ବ୍ୟୟବହୁଳ ଲିଗ୍‌ର ମ୍ୟାଚ ପିଛା ଉଭୟ ଟିଭି ଓ ଡିଜିଟାଲ ଅଧିକାରର ମିଳିତ ମୂଲ୍ୟ ୧୦୦ କୋଟି ଅତିକ୍ରମ କରିଯାଇଛି। ୨୦୨୩ ରୁ ୨୭ ପର୍ଯ୍ୟନ୍ତ ଆଇପିଏଲ୍‌ର ପରବର୍ତ୍ତୀ ଚକ୍ର ପାଇଁ ଦୁଇଟି ସର୍ବାଧିକ ଲାଭଜନକ କାଟୋଗୋରୀ ହେଲା ଟିଭି ଓ ଡିଜିଟାଲ ଅଧିକାର। ପ୍ୟାକେଜ–ଏ'ରେ ଭାରତୀୟ ଉପମହାଦେଶ ପାଇଁ ଟିଭି ଅଧିକାର ଲାଗି ସର୍ବୋଚ୍ଚ ବିଡ୍ ୫୭.୫ କୋଟି ଟଙ୍କା (ପ୍ରାୟ ୭.୩୭ ନିୟୁତ ଡଲାର) ରହିଛି। ପ୍ୟାକେଜ ବି'ରେ ଭାରତୀୟ ଉପମହାଦେଶ ପାଇଁ ଡିଜିଟାଲ ଅଧିକାର ପାଇଁ ସର୍ବୋଚ୍ଚ ବିଡ୍ ୪୮ କୋଟି ଟଙ୍କା (ପ୍ରାୟ ୬.୧୫ ନିୟୁତ ଡଲାର) ରହିଛି। ଉଭୟ ପ୍ୟାକେଜ ଏ' ଓ ବି' ପାଇଁ ଏକ ସଙ୍ଗରେ ଇ– ନିଲାମରେ ବିଡ୍ ହୋଇଥିଲା। ପ୍ରଥମ ଦିବସରେ ପ୍ୟାକେଜ ଏ'ର ସର୍ବାଧିକ କ୍ଲୋଜିଂ ବିଡ୍ ୫୭କୋଟି ଟଙ୍କା ଏବଂ ପ୍ୟାକେଜ ବି' ୪୮ କୋଟି ଟଙ୍କାରେ ରହିଥିଲା। ରବିବାର ମିଳିତ ମୂଲ୍ୟ ୧୦୫.୫ କୋଟି ଟଙ୍କା (ପ୍ରାୟ ୧୩.୫ ନିୟୁତ ଡଲାର)ରେ ପହଞ୍ଚିଛି। ପ୍ୟାକେଜ ଏ' ପାଇଁ ଆଇପିଏଲ୍‌ର ଟିଭି ଅଧିକାରର ବେସ୍ ପ୍ରାଇସ୍ ୪୯ କୋଟି ଟଙ୍କା (ପ୍ରାୟ ୬.୩ ନିୟୁତ ଡଲାର) ରଖାଯାଇଥିଲା। ଏହାର ମୂଲ୍ୟ ୧୭.୩% ବୃଦ୍ଧି ପାଇଛି। ଅନ୍ୟପକ୍ଷରେ ପ୍ୟାକେଜ ବି' ରେ ଡିଜିଟାଲ ଅଧିକାରର ବେସ୍ ପ୍ରାଇସ୍ ୩୩କୋଟି ଟଙ୍କା ରଖାଯାଇଥିବା ବେଳେ ବିଡ୍‌ରେ ଏହାର ମୂଲ୍ୟ ୪୫.୪% ବୃଦ୍ଧି ଘଟିଛି। ଗତ ୨୦୧୮–୨୨ ଆଇପିଏଲ୍ ଚକ୍ର ପାଇଁ ଉଭୟ ଟିଭି ଓ ଡିଜିଟାଲ ଅଧିକାରର ମ୍ୟାଚ ପିଛା ମୂଲ୍ୟ ଯାହା ଥିଲା, ଏଥର ସେଥିରେ ୯୪.୫% ବୃଦ୍ଧି ଘଟିଛି। ଗତଥର ମ୍ୟାଚ ପିଛା ମୂଲ୍ୟ ୫୪.୨୩ କୋଟି ଟଙ୍କା ରହିଥିଲା।

ଆଇପିଏଲ୍ କର୍ତ୍ତୃପକ୍ଷଙ୍କ ଦ୍ୱାରା ବିଜେତାଙ୍କ ନାମ ଏପର୍ଯ୍ୟନ୍ତ ଘୋଷଣା କରାଯାଇନାହିଁ। ଇ–ନିଲାମ ପ୍ରକ୍ରିୟା ଜାରି ରହିଛି। ନିୟମାନୁସାରେ ପ୍ୟାକେଜ ଏ' ବିଜେତାଙ୍କୁ ପ୍ୟାକେଜ ବି' ପାଇଁ ପ୍ରତିଯୋଗିତାରେ ଭାଗ ନେବାକୁ ସୁଯୋଗ ଦେବ। ସର୍ବୋଚ୍ଚ ବିଡର ହିଁ ଡିଜିଟାଲ ଅଧିକାର ହାସଲ କରିବ। ତେବେ ଏହା ପ୍ୟାକେଜ ଏ' ବିଜେତାଙ୍କ ଇଚ୍ଛା ଉପରେ ନିର୍ଭର କରେ।

**ଆଇପିଏଲ୍ ୨୦୨୩-୨୭**

**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BARIPADA**
E-Mail ID: serwcbaripada@gmail.com, Ph. No.: 06792-261343/261344, Gangraj, Baripada

No. O-464
**"e" Procurement Notice for Bridge Work**
Letter No. 1964 — Identification No. - Online Tender - Bridge N.C.B. No. 231 for 2022-23 — Date: 10.06.2022

1. Name of the Work : Construction of H.L. Bridge over river Kantakhairi at 1.90 Km. on PWD Road to Nuabeda via Bangriposi in the district of Mayurbhanj under BSY.
2. Total No. of Work : 01 No. (One)
3. Estimated Cost : Rs.840.16 lakhs (Approximately)
4. Eligible Class of Contractor : As per annexure
5. Period of Completion : As per annexure
6. Other details :

| Procurement Officer | Bid Identification No. | Availability of tender Online for Bidding | | Last date & time of seeking tender clarification | Date & time of Opening of Tender in O/o. C.C.E.R.W. Circle, Baripada | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Baripada | Bridge Online N.C.B. No. 231 | Dt.18.06.2022 at 11.00 A.M. | Dt.04.07.2022 upto 5.00 P.M. | Dt.02.07.2022 upto 5.00 P.M. | Dt.05.07.2022 at 11.00 A.M. | Will be intimated later |

- Further details can be seen from the website: www.tendersorissa.gov.in.
- Any Corrigendum/Addendum will be displayed in the above e_tender website only.

OIPR-25181/11/0020/2223
Sd./- Chief Construction Engineer, R.W. Circle, Baripada

**OFFICE OF THE NOTIFIED AREA COUNCIL, BOUDHGARH**
e-mail:boudhgarhnac@yahoo.co.in, Ph.No.06841-222024
Letter No.3888 Date:10.06.2022

**Limited Tender Call Notice**

**No.C-533:** Sealed quotation are invited for "Sale of E-Waste collected in Wealth Centers of Boudhgarh NAC" to the intending (buyers) authorized E-waste collection agencies/dismantler centers (dismantler/PROs/firms/suppliers/dealers/NGOs) registered with CPCB/OSPCB. The E-waste collection from different wards of Sonepur Municipality is stored/ stacked in one no. of Materials Recovery Facilities (MRF). The short quotation call notice is also published in the. The bidder shall quote the buying price (lot basis per MRF) of the e-waste already collected and stocked in different MRFs. The bidder must submit the application along with the financial proposal on or before 24.06.2022 at 5.30 PM through Speed Post/Registered Post/Courier/by hand (To be delivered in the box kept for the purpose in the office of Boudhgarh NAC ). Application received after due date and time shall be summarily rejected and Boudhgarh NAC is not responsible for any delay of postal/courier delivery. The received application shall be opened on date 27.06.2022 at 11.00 AM in the Office of the Executive Officer, Boudhgarh NAC in presence of the quotationers or their authorized representative. No tender will be entertained after the stipulated date and time. The authority reserves the right to reject any or all tenders without assigning any reason thereof.

Sd./- Executive Officer, Boudhgarh NAC
OIPR-13155/11/0009/2223

# ପାରାମାଉଣ୍ଟ–ଗ୍ରୀନ୍ସ ଫାଇନାଲ

**ଭୁବନେଶ୍ୱର, ୧୩।୬ (କ୍ରୀଡ଼ା ପ୍ରତିନିଧି):** ଅରବିନ୍ଦ ସ୍ମାରକୀ ପାରାମାଉଣ୍ଟ ପ୍ରିମିୟର ଲିଗ୍ (୧୬ ବର୍ଷରୁ କମ୍)ର ୨ଟି ଯାକ ସେମିଫାଇନାଲ ଅନୁଷ୍ଠିତ ହୋଇଯାଇଛି। ପୂର୍ବରୁ ପାରାମାଉଣ୍ଟ ଫାଇଟର୍ସ ଫାଇନାଲରେ ପ୍ରବେଶ କରିଥିବାବେଳେ ସୋମବାର ଅନୁଷ୍ଠିତ ମ୍ୟାଚରେ ଗ୍ରୀନ୍ସ କ୍ରିକେଟ ଏକାଡେମୀ ୧୨୦ ରନରେ ଜୁଭେନାଇଲ ସ୍ପୋର୍ଟିଂକୁ ହରାଇ ଟାଇଟଲ ପର୍ଯ୍ୟାୟରେ ପହଞ୍ଚିଛି। ତେଣୁ ପାରାମାଉଣ୍ଟ–ଗ୍ରୀନ୍ସ ଫାଇନାଲ ଆସନ୍ତା ବୁଧବାର ଅନୁଷ୍ଠିତ ହେବ। ଦ୍ୱିତୀୟ ସେମିରେ ଗ୍ରୀନ୍ସ ପ୍ରଥମେ ବ୍ୟାଟିଂ କରି ୫୦ ଓଭରରେ ୬ ଉଇକେଟ ହରାଇ ୨୩୯ ରନ କରିଥିଲା। ଦଳ ପକ୍ଷରୁ ମୃତ୍ୟୁଞ୍ଜୟ ସର୍ବାଧିକ ୯୩ ରନକରି ଅପରାଜିତ ଥିଲେ। ୨୪୦ ରନ ବିଜୟ ଲକ୍ଷ୍ୟରେ ଜୁଭେନାଇଲ ୩୨ ଓଭରରେ ୧୧୯ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା।

ମନେ ପଡ଼ନ୍ତି

**ଷଷ୍ଠ ଶ୍ରାଦ୍ଧବାର୍ଷିକ**

ସ୍ୱର୍ଗତା ସ୍ମିତିପ୍ରଜ୍ଞା ସାହୁ (ରୋଜି)
କଟକ
ତିରୋଧାନ: ଦେବସ୍ନାନ ପୂର୍ଣ୍ଣିମା
ଅକାଳରେ ମୃତ୍ୟୁବରଣ କରିଥିବା ପିଲାର ପିତା ମାତାଙ୍କ ପାଇଁ ଏହି ନିଷ୍ଠୁର ସତ୍ୟକୁ ଗ୍ରହଣ କରିବା କେତେ ଯେ କଷ୍ଟ, ଏହା ସମସ୍ତେ ହୃଦୟଙ୍ଗମ କରିବାରେ ଅସମର୍ଥ ହେଲେ ମଧ୍ୟ ଗ୍ରହଣ କରିବାକୁ ବାଧ୍ୟ ଓ ଉପାୟଶୂନ୍ୟ। ମନେ ପଡ଼ିଯାଏ ଆଜି ତୋର କଥା, ଆଖିଯାଏ ଲୁହେ ଭିଜି ରଜରେ ଆସିବି କହି ଚାଲିଗଲୁ, ପାଉନି ଆଜି ମୁଁ ଖୋଜି।
ତୋର ବାବା, ମାମା, ଲୋନି ଓ ଓମ୍‌ଶ୍ରୀ।
ଧ-୭୩୫

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି**

୰ରବି ନାରାୟଣ ତ୍ରିପାଠୀ
ଆର୍ବିଭାବ : ତା ୧୪.୧୨.୧୯୪୭
ତିରୋଧାନ : ତା ୨୫.୦୬.୨୦୨୧
କଳ୍ପନା, ଭୁବନେଶ୍ୱର
ଆପଣ ପ୍ରକୃତରେ ଥିଲେ ରବି। ଆପଣ ଅସ୍ତମିତ ହେଲା ପରେ ଏବେ ଚାରିଆଡେ ଅନ୍ଧାର। ପରଲୋକରେ ଥାଇ ଆମ ସମସ୍ତଙ୍କ ଚଲାପଥକୁ ଆଲୋକିତ କରିବା ପାଇଁ ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ପ୍ରତିମା. କୌଶିକ. ପ୍ରଜ୍ଞା. ସିଦ୍ଧାର୍ଥ ଓ ଦିବ୍ୟାର୍ଥ
ଧ-୭୩୭

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**

୰ମାଳତୀ ମଞ୍ଜରୀ ଦାସ
ଗୋପାଳଜୀଉ ପାଟଣା, କେନ୍ଦ୍ରାପଡ଼ା
ଆବିର୍ଭାବ: ୦୧।୦୧।୧୯୩୬
ତିରୋଧାନ: ୦୪।୦୬।୨୦୨୨
ଆଜି ଏକାଦଶାହ ଅବସରରେ ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା କରୁଅଛୁ।
-:ଶୋକସନ୍ତପ୍ତ:-
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୭୪୦

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**

ସ୍ୱର୍ଗତ କବିନ୍ଦ୍ର ସାମଲ
ପୂର୍ବତନ ବ୍ୟାଙ୍କ ଅଧିକାରୀ, ଭାରତୀୟ ଷ୍ଟେଟ ବ୍ୟାଙ୍କ
କଳାଙ୍ଗ, ଭାପୁର, ଢେଙ୍କାନାଳ
ଆର୍ବିଭାବ: ୦୮।୦୪।୧୯୫୯
ତିରୋଧାନ: ୧୪।୦୬।୨୦୨୧
ଆପଣଙ୍କ ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭକରୁ, ଏତିକି ଜଗତର ନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ: ଆପଣଙ୍କର ହତଭାଗିନୀ ପତ୍ନୀ: ବୀଣାପାଣି, ପୁତ୍ର: ଜଗଦୀଶ, ଆଶିଷ, ଝିଅ: ସସ୍ମିତା, ନାତୁଣୀ: ରୋଜାଲିନ, ସ୍ୱାତି, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୭୩୮

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**

୰ସୁରୁଜ ଦେବୀ
ଆବିର୍ଭାବ: ୨୭.୦୩.୧୯୪୦
ତିରୋଧାନ: ୨୪.୦୬.୨୦୨୧
ଚାହୁଁ ଚାହୁଁ ଗୋଟିଏ ବର୍ଷ ବିତିଗଲା, ପ୍ରତି ମୁହୂର୍ତ୍ତରେ ତୁମର ଅନୁପସ୍ଥିତିକୁ ଆମେ ଅନୁଭବ କରୁଛୁ। ହେ ମାଆ ତୁମର ପ୍ରତିଟି ସ୍ମୃତି ଆମ ପାଇଁ ଅତୁଲା ହୋଇରହିଛି ଏବଂ ରହିବ। ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ, ନିଷ୍ଠା ସମ୍ପୂର୍ଣ୍ଣ ନିଆରା ଥିଲା ରହିବ ବି ସେ ଫଳ ଆମର ପାଥେୟ। ଆଜି ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ତୁମର ପବିତ୍ର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ବିନମ୍ର ଅନୁରୋଧ କରୁଛୁ।
ଶୋକସନ୍ତପ୍ତ ପିଲାମାନେ: ବିନାୟକ, ସୀତା, ସୁଶାନ୍ତ, ଜୟା, ବାପୁ, ସୋନି, ବାବୁନି, ପାପୁନି
ଧ-୭୩୯

# ମାଟି ମାତୃକାର ପର୍ବ

ରଜପର୍ବ ଏକ କୃଷିଭିତ୍ତିକ ପର୍ବ । ଏହି ପର୍ବ ଆମ ରାଜ୍ୟର ଏକ ବିଶେଷତ୍ୱ। ଅନ୍ୟ ରାଜ୍ୟ କିମ୍ବା ଦେଶରେ ଏହା ପାଳନ ହେବାର ପରିଲକ୍ଷିତ ହୁଏ ନାହିଁ।

ଏକ ଆଧାତ୍ମିକ ଓ ମମତାଭରା ଉଚ୍ଚ ଚିନ୍ତାଧାରାରେ ମାଟି ମା'କୁ ନାରୀଟିଏ ପରି କଳନା କରାଯାଇଛି । ସେହି ମାଟି ମା' ମଧ୍ୟ ଆଦ୍ୟ ଆଷାଢ଼ରେ ଋତୁମତୀ ହେବାର ଚିନ୍ତାଧାରା ଆମ ରାଜ୍ୟର ଏକ ମହାନ୍ ପରମ୍ପରା ଓ ସଂସ୍କୃତିର ପରିଚୟ ଦିଏ। 'ପହିଲି ରଜ', ତା' ପରଦିନ ରଜ ବା ମିଥୁନ ସଂକ୍ରାନ୍ତି, ତା'ପରଦିନ ଭୂଇଁଦଅଣ ଓ ଶେଷଦିନ ବସୁମତୀ ବା ବସୁଧାସ୍ନାନ । କେତେକ ସ୍ଥାନରେ ୪ ଦିନ ବଦଳରେ ୩ଦିନ ରଜ ପାଳନ କରାଯାଏ। ଋତୁମତୀ ହେଲେ ଯେପରି ମହିଳାମାନେ ସ୍ନାନ କରନ୍ତି ଓ ସଫାସୁତୁରା ହୁଅନ୍ତି, ପୃଥିବୀ ମା' ମଧ୍ୟ ପ୍ରଥମ ବର୍ଷାରେ ସ୍ନାନ କରନ୍ତି ଓ ସଫା ହୁଅନ୍ତି।



**ପରମ୍ପରା ଓ ସଂସ୍କୃତି**

ସାଧାରଣତଃ ରଜ ୪ଦିନ ଘରର ବିଭିନ୍ନ ସାମଗ୍ରୀ ଶିଳ, ଢିଙ୍କି, ଚକି, ଛେଚାଯନ୍ତ୍ର ଇତ୍ୟାଦି ପୂଜା କରାଯାଇଥାଏ। ମହିଳାମାନେ କେବଳ ଦିନରେ ଖାଆନ୍ତି । ଅର୍ଥାତ୍ ସନ୍ଧ୍ୟା ଥାଉଁ ଥାଉଁ ଖାଇବାକୁ ପଡ଼େ। ଭୂଇଁଦଅଣ ଦିନ କେହି ଖାଲିପାଦରେ ମାଟି ଉପରେ ଚାଲିବା ମନା ହୋଇଥାଏ। ରଜପର୍ବରେ ମୁଖ୍ୟତଃ ଝିଅମାନେ ନୂଆ ପୋଷାକ ପିନ୍ଧିବା, ରଜଦୋଳି ଖେଳିବା, ପୋଡ଼ପିଠା ଓ ରଜପାନ ଖାଇବା ସହ ପାଦରେ ଅଳତା ଲଗାଇଥାନ୍ତି । ରଜରେ ଜମିରେ ଚାଷକାମ ବନ୍ଦ ରହିଥାଏ।

**ବୈଜ୍ଞାନିକ କାରଣ:** ଦୋଳି ଆମ ମାନଙ୍କୁ ପୃଥିବୀର ମାଧ୍ୟାକର୍ଷଣଠାରୁ କିଛି ସମୟ ଉପରକୁ ନିଏ ଓ ପୁଣି ଆମେ ତଳକୁ ଆସୁ । ଦୋଳି ଖେଳିବା ଦ୍ୱାରା ଶରୀର ନିମ୍ନାର୍ଦ୍ଧରୁ ଅଧିକ ରକ୍ତ ଶରୀର ମଧ୍ୟ ଦେଇ ଫୁସ୍‌ଫୁସ୍‌କୁ ଆସି ବିଶୋଧିତ ହୋଇଥାଏ । ରଜ ପାଇଁ ଘରେ ଘରେ ହେଉଥିବା ପିଠାପଣା ଚାଷୀଘର ପାଇଁ ସ୍ୱତନ୍ତ୍ର । ପୋଡ଼ପିଠାରେ ଅଧିକ ମାତ୍ରାରେ ଆଇରନ ଥାଏ। କାରଣ ଏଥିରେ ଗୁଡ଼ ସହିତ ଅନ୍ୟାନ୍ୟ ଶସ୍ୟ ଓ ଖାଦ୍ୟ ତତ୍ତ୍ୱ ମିଶିଥାଏ । ସେହିପରି ପାନରେ ଜୀବାଣୁ ନିରୋଧ ତତ୍ତ୍ୱ ସହିତ ଚୂନରେ କ୍ୟାଲ୍‌ସିୟମ ଥାଏ। ଏହା ରକ୍ତସ୍ରାବର ପରିମାଣ କମ୍ କରେ । ପାନ ପାଟିର ଦୁର୍ଗନ୍ଧ ନାଶ କରିଥାଏ। ଅଳତା ଲଗାଇବା ଦ୍ୱାରା ପାଦ ସୁନ୍ଦର ଦେଖାଯିବା ସହ ପାଦରେ ହେଉଥିବା ଫଙ୍ଗସ୍ ଓ ବିଭିନ୍ନ ଚର୍ମରୋଗ ହୋଇ ନ ଥାଏ ।

ରଜପର୍ବରେ ରଜଦୋଳି ଗୀତର ସ୍ୱତନ୍ତ୍ର ଆକର୍ଷଣ ରହିଥାଏ। ଗୀତ ମାଧ୍ୟମରେ ଝିଅମାନେ ସାମାଜିକ ବେଦନା, ସମବେଦନା ସହ ସେମାନଙ୍କ ମନର ଅକୁହା କଥାକୁ ବେଶ୍ ସୁନ୍ଦରଭାବେ ସୁଲଳିତ ଢଙ୍ଗରେ ପ୍ରକାଶ କରିଥାନ୍ତି।

**–ଡା. ରାମଚନ୍ଦ୍ର ରାଉତ**
ଗୋପାଳପୁର, ବାଙ୍କୀ, କଟକ
ମୋ: ୯୪୩୭୭୪୨୪୯୯

## ଶାଢ଼ି ଷ୍ଟାଇଲ

ସବୁ ଉତ୍ସବରେ ଶାଢ଼ିର ଫ୍ୟାଶନ ରହିଥାଏ। କିନ୍ତୁ ଠିକ୍ ଭାବେ ଶାଢ଼ି ପିନ୍ଧି ନ ପାରିଲେ ସୌନ୍ଦର୍ଯ୍ୟ ଖରାପ ହୋଇଯାଇଥାଏ। ତେଣୁ ଶାଢ଼ି ପିନ୍ଧିବା ସମୟରେ କେଉଁ ଦିଗ ପ୍ରତି ଧ୍ୟାନଦେବାକୁ ହୁଏ ଜାଣିରଖନ୍ତୁ...



- ବଡିର ଶେପ୍ ଅନୁସାରେ ଶାଢ଼ିର ଫେବ୍ରିକ ବାଛନ୍ତୁ। ଗରମ ଦିନେ ମୋଟା କପଡ଼ାର ଶାଢି ପିନ୍ଧନ୍ତୁ ନାହିଁ।
- ଶାଢ଼ି ପିନ୍ଧିବା ସମୟରେ ପ୍ରଥମେ ଶାଢ଼ିର କୁଞ୍ଚଗୁଡ଼ିକୁ ଠିକ୍‌ଭାବେ କରନ୍ତୁ ଏବଂ ତାକୁ ନାଭି ପାଖରେ ହିଁ ରଖନ୍ତୁ। ଏହା ସହିତ ଶାଢ଼ିର କୁଞ୍ଚକୁ ଟାଇଟ୍ କରି ବାନ୍ଧନ୍ତୁ, ନଚେତ୍ ଢିଲା ରହିଲେ ଖରାପ ଦିଶିବ।
- ଶାଢ଼ିକୁ ସବୁବେଳେ ପାଦର ଠିକ୍ ତଳକୁ ଲାଗିବା ଭଳି ପିନ୍ଧନ୍ତୁ। ଯଦି ଶାଢ଼ି ପିନ୍ଧିବା ପରେ ହିଲ୍ ଚପଲ ପିନ୍ଧିବାର ଥାଏ ତେବେ ଆଉ ଟିକେ ଅଧିକ ତଳକୁ ଶାଢ଼ି ପିନ୍ଧନ୍ତୁ।
- ଶାଢ଼ିର ରଙ୍ଗ ଅନୁସାରେ ପେଟିକୋଟ୍ ପିନ୍ଧନ୍ତୁ। ଯଦି ଶାଢ଼ି ଟ୍ରାନ୍ସପରେଣ୍ଟ ହୋଇଥାଏ ତେବେ ପେଟିକୋଟ୍‌କୁ ମ୍ୟାଚ କରାଇ ପିନ୍ଧନ୍ତୁ।
- ଶାଢ଼ିରେ ପିନ୍ ଲଗାଇବା ପୂର୍ବରୁ ଠିକ୍‌ଭାବେ ଭାଙ୍ଗ କରନ୍ତୁ।

## ଖାଦ୍ୟରୁଚି: ପୋଡ଼ପିଠା



**ଆବଶ୍ୟକ ସାମଗ୍ରୀ–** ଅରୁଆ ଚାଉଳ– ୧ କେଜି, ନଡ଼ିଆ– ୧ଟି, ଗୁଡ଼– ୧ କେଜି, ଗୁଜୁରାତି ଗୁଣ୍ଡ– ଅଳ୍ପ ଗୋଲମରିଚ ଗୁଣ୍ଡ– ୧ ବଡ ଚାମଚ, ଅଦା– ଖଣ୍ଡେ (ଛୋଟ), ତେଜପତ୍ର– ୪ଟି, କଦଳୀପତ୍ର– ୨ ଖଣ୍ଡ, ଲୁଣ ଓ ରିଫାଇନ୍ ତେଲ ଆବଶ୍ୟକ ଅନୁସାରେ।

**ପ୍ରସ୍ତୁତି ପ୍ରଣାଳୀ–** ପ୍ରଥମେ ଅରୁଆ ଚାଉଳକୁ ୮ରୁ ୧୦ ଘଣ୍ଟା ପର୍ଯ୍ୟନ୍ତ ଭିଜାନ୍ତୁ। ଏହାପରେ ଚାଉଳକୁ ଧୋଇ ଛାଣି ଦିଅନ୍ତୁ। ଏହାକୁ ଗୁଣ୍ଡକରି ରଖନ୍ତୁ। ନଡ଼ିଆକୁ ଖଣ୍ଡ ଖଣ୍ଡ କରି କାଟି ରଖନ୍ତୁ। ଅଦାକୁ ମଧ ଧୋଇ ଛୋଟ ଛୋଟ କରି କାଟି ରଖନ୍ତୁ। ଏବେ ଚୁଲିରେ ଏକ ବଡ଼ ପାତ୍ରରେ ପାଣି ବସାଇ ସେଥିରେ ଗୁଡ଼, ନଡ଼ିଆ, ଲୁଣ ଓ ତେଜପତ୍ର ପକାନ୍ତୁ। ଚାଉଳ ଚୂନା ଅନୁସାରେ ପାଣି ଦିଅନ୍ତୁ, ଯେପରି ଜନ୍ତନୀ ଅଧିକ ପତଳା ନ ହେବ। କଟା ହୋଇଥିବା ଅଦାକୁ ମଧ ସେଥିରେ ପକାଇ ଦିଅନ୍ତୁ। ପାଣି ଫୁଟିବା ପରେ ସେଥିରେ ଚାଉଳ ଚୂନାକୁ ଧୀରେ ଧୀରେ ପକାଇ ଗୋଳାନ୍ତୁ। ପୂରା କମ୍ ଆଞ୍ଚରେ କିଛି ସମୟ ଗୋଳାନ୍ତୁ ଯେପରି ଜନ୍ତନୀ ବହଳିଆ ହେବ। ଜନ୍ତନୀ ଭଲଭାବେ ମିଶି ସାରିବା ପରେ ଚୁଲିରୁ ଓହ୍ଲାଇ ଆଣନ୍ତୁ। ଏବେ ଅନ୍ୟ ଏକ କଡ଼େଇକୁ ଚୁଲିରେ ବସାଇ ଗରମ କରନ୍ତୁ। ଗରମ ହେବା ପରେ ସେଥିରେ କଦଳୀପତ୍ର ରଖି ଦିଅନ୍ତୁ। କଦଳୀ ପତ୍ରରେ ରିଫାଇନ୍ ତେଲ କିମ୍ବା ଘିଅ ଲଗାଇ ଜନ୍ତନୀକୁ ରଖନ୍ତୁ। ତା' ଉପରେ କଦଳୀପତ୍ର ଘୋଡ଼ାଇ ଢାଙ୍କି ଦିଅନ୍ତୁ। ଏହାପରେ କମ୍ ଆଞ୍ଚରେ ଘଣ୍ଟାଏ ପର୍ଯ୍ୟନ୍ତ ଚୁଲିରେ ବସାନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ପୋଡ଼ପିଠା। ଥଣ୍ଡା ହେଲାପରେ ଏହାକୁ କାଟି ଛୋଟ ଛୋଟ କରି ପରଷନ୍ତୁ।

କୁଆଁରୀ ଝିଅଙ୍କ ପର୍ବ ରଜ । ହେଲେ ଭିନ୍ନ ଭିନ୍ନ ଢଙ୍ଗରେ ସମସ୍ତେ ଉପଭୋଗ କରିଥାନ୍ତି ଏହି ପର୍ବକୁ। ପିଠାପଣା ସହ ରଜର ସବୁ ବିଧି ପାଳିବାକୁ ଭୁଲନ୍ତି ନାହିଁ ଗୃହିଣୀମାନେ। ଯେଉଁଠି ଥିଲେ ବି ପୂରା ଓଡ଼ିଆଣୀ ଢଙ୍ଗରେ ପର୍ବ ପାଳିବାକୁ ସମସ୍ତଙ୍କର ସ୍ୱତନ୍ତ୍ର ପ୍ରସ୍ତୁତି...



# ଆସିଛି ରଜ

କୁଆଁରୀ ଝିଅ ତଥା ନାରୀ ଓ ପ୍ରକୃତି ଉପାସନାର ପର୍ବ ରଜ। ତେଣୁ ସମସ୍ତଙ୍କ ପାଇଁ ଖୁସିମଜା ଆଉ ବିଶ୍ରାମର ଅବସର। ଘରେ ଘରେ ପିଠାପଣା, ବୁଲାବୁଲି, ମଜାମସ୍ତିର ପରିବେଶ। ସେଥିପାଇଁ ତ ଏକାଠିହୋଇ ଏହି ପର୍ବକୁ ପାଳିବା ନିମନ୍ତେ ସମସ୍ତେ ଚାହିଁ ରହିଥାନ୍ତି। ଆଉ ଏଥର କଟକଣା ନ ଥିବାରୁ ସ୍ୱତନ୍ତ୍ର ଢଙ୍ଗରେ ରଜ ଉତ୍ସବର ମଜା ନେବାକୁ ବିଭିନ୍ନ ସ୍ଥାନରେ ପ୍ରସ୍ତୁତି। ଯେଉଁଠି ଥିଲେ ବି ଓଡ଼ିଆଙ୍କର ଏହି ପର୍ବକୁ ଧୁମଧାମରେ ପାଳନ କରିଥାନ୍ତି ଓଡ଼ିଆଣୀମାନେ।

କରୋନା କଟକଣା ନ ଥିବାରୁ ଏଥର ରଜ ଉତ୍ସବ ପାଇଁ ଗାଁ ଅଭିମୁଖୀ ହୋଇଛନ୍ତି ସମସ୍ତେ। କିନ୍ତୁ ବିଭିନ୍ନ କାରଣରୁ ଘରକୁ ଆସିବାକୁ କେତେଜଣ ସୁବିଧା ପାଇନାହାନ୍ତି। ତେଣୁ ସେମାନେ ବାହାରେ ରହି ବି ରଜ ପର୍ବକୁ ଧୁମଧାମରେ ପାଳନ କରିବା ପାଇଁ ଯୋଜନା କରିଛନ୍ତି।



### ଏମାନେ କ'ଣ କରନ୍ତି

**ଏକାଠି ଭୋଜି କରୁ**

ଯେଉଁଠି ଥିଲେ ବି ରଜକୁ ଭୁଲିବା ସମ୍ଭବ ନୁହେଁ। ଛୁଟି ନାହିଁ ବୋଲି ଆମେ ଗାଁକୁ ଯାଇପାରୁନାହୁଁ। ତେଣୁ ଏଇଠି ଆମେ ରଜକୁ ବିଶେଷଭାବେ ଖିଆପିଆ କରି ପାଳନ କରୁ। ଓଡ଼ିଆ ବନ୍ଧୁମାନେ ସମସ୍ତେ ଏକାଠି ମିଶି ଜଣଙ୍କ ଘରେ ସ୍ୱତନ୍ତ୍ରଭାବେ ରଜ ଉତ୍ସବର ଆୟୋଜନ କରିଥାଉ। ପୂରା ଓଡ଼ିଆ ଶୈଳୀର ବିଭିନ୍ନ ଖାଦ୍ୟ ଆଉ ପିଠା ତିଆରି କରାହୁଏ। ସମଗ୍ର ପରିବାର ସହ ସମସ୍ତେ ମିଶି ରଜରେ ଏମିତି ମଜା କରୁ। ତେବେ ଗାଁ ଆମ୍ବତୋଟାରେ ପିଲାବେଳ ଭଳି ଗଛରେ ରଜ ଦୋଳିକୁ ବହୁତ ମିସ୍ କରୁ।

*–ଦେବଦର୍ଶିନୀ ସାମନ୍ତରାୟ,*
*ସାଇଣ୍ଟିଷ୍ଟ, ଆଇଆଇଟି, ମାଡ୍ରାସ, ଚେନ୍ନାଇ*

**ସମସ୍ତେ ମିଶି ପାଳନ କରୁ**

ଆମେ ତ ଓଡ଼ିଆ ଲୋକ। ଯେଉଁଠି ରହିଲେ ବି ରଜ ପାଳନ କରିବୁ। ରଜରେ ସବୁବର୍ଷ ତ ଗାଁକୁ ଯାଇହୁଏନି, କିନ୍ତୁ ଯେଉଁଠି ଥିଲେ ବି ରଜରେ ଘରେ ବିଭିନ୍ନ ପ୍ରକାର ପିଠା ଓ ମିଠା ତିଆରି କରେ। ରଜ ପାଇଁ ଆମେ ସମସ୍ତେ ନୂଆ ଡ୍ରେସ୍ ପିନ୍ଧୁ। ପାଖ ମନ୍ଦିରକୁ ଯାଇ ମାଆଙ୍କ ଦର୍ଶନ କରୁ। ଏଠି ପାଖରେ ଥିବା ସବୁ ଓଡ଼ିଆ କଥା ହୋଇ ଜଣଙ୍କ ଘରେ ଭୋଜି କରିବା ପାଇଁ ସ୍ଥିର କରିଥାଉ। ବେଳେବେଳେ ୩ଦିନ ଯାକ ଭୋଜି କରୁ। କିନ୍ତୁ ରଜପାନ ଆଉ ରଜଦୋଳିକୁ ସବୁଥର ଆୟୋଜନ କରିପାରୁନାହୁଁ। କିନ୍ତୁ ଘରେ ପିଲାଙ୍କ ଖୁସି ପାଇଁ କିଣା ପ୍ଲାଷ୍ଟିକ୍ ଦୋଳି ଲଗାଇ ଦେଇଥାଉ। ହେଲେ ରଜ ୩ଦିନ ଯାକ ଖୁବ୍ ଏନ୍‌ଜଏ କରୁ।

*–ବୈଶାଳୀ ଶତପଥୀ,*
*ଗୃହିଣୀ, ଇନ୍ଦୋର, ମଧ୍ୟପ୍ରଦେଶ*

**ଘରେ ଦୋଳି ଲଗାଏ**

ରଜରେ ମୋର ଗାଁ କଥା ବହୁତ ମନେପଡ଼େ। କିନ୍ତୁ ସବୁଥର ଗାଁକୁ ଯାଇପାରେନି। ସେଥିପାଇଁ ଏଠି ଆମେରିକାରେ ବି ମୁଁ ରଜ ପାଳନ କରେ। ଘରେ ପିଲାଙ୍କ ପାଇଁ ପ୍ଲାଷ୍ଟିକ୍ ଦୋଳି ଲଗାଏ। ଆଉ ବିଭିନ୍ନ ପ୍ରକାର ପିଠା ତିଆରି କରେ। ରଜ ୩ ଦିନ ଭିତରେ ଏଠି ରହୁଥିବା ଆମ ଓଡ଼ିଆ ବନ୍ଧୁମାନଙ୍କୁ ଘରକୁ ନିମନ୍ତ୍ରଣ କରି ଖାଇବାକୁ ଦିଏ। କରୋନା ପୂର୍ବରୁ ଆମେ ସମସ୍ତେ ଏକାଠିହୋଇ ଏକ ସ୍ଥାନରେ ରଜ ପାଇଁ ସ୍ୱତନ୍ତ୍ର ଆୟୋଜନ କରୁଥିଲୁ। କିନ୍ତୁ ଏ ବର୍ଷ ସେଭଳି କୌଣସି ଯୋଜନା ନ ଥିବାରୁ ଘରେ ରଜ ପାଳନ କରିବୁ ବୋଲି ସମସ୍ତେ ସ୍ଥିର କରିଛୁ। ମଜା କଥା ହେଉଛି ଆମ ଓଡିଆଙ୍କ ପୂଜା ପର୍ବ ପ୍ରତି ଏଠିକାର କିଛି ଲୋକ ବି ଆଗ୍ରହ ଦେଖାଉଛନ୍ତି।

*–ତୃଷ୍ଣା ଦେବଗୋସ୍ୱାମୀ, ଗୃହିଣୀ,*
*କାଲିଫର୍ନିଆ, ଆମେରିକା*

**ସବୁ ବିଧି ପାଳନ କରୁ**

ଏଠି ତ ରଜ ପାଇଁ ଖୁବ୍ ମଜା ହୁଏ। ରାଜସ୍ଥାନର ଜୟପୁର ଆଇଆଇଟିରେ ଆମେ ପଢୁଥିବା ସବୁ ଓଡ଼ିଆ ଝିଅ ମିଶି ରଜ ପାଇଁ ଏକାଠି ଭୋଜିକରୁ। ଗୋଟିଏ ସ୍ଥାନରେ ଛୋଟ ଦୋଳି ଲଗାଇ କିଛି ସମୟ ଝୁଲିଥାଉ। ଗାଁ ରଜକୁ ମନେପକାଇ ସମସ୍ତେ ଅଳତା ଲଗାଉ ଆଉ ନୂଆ ଡ୍ରେସ୍ ପିନ୍ଧି ଖୁବ୍ ମଜା କରୁ। କିନ୍ତୁ ରଜରେ ଆମ ସହିତ ଏଠାକାର ସାଙ୍ଗମାନେ ବି ମିଶି ଓଡ଼ିଆ ଖାଦ୍ୟ ଓ ପିଠା ଖାଇ ଖୁସି ହୁଅନ୍ତି। ଅବଶ୍ୟ ଗାଁରେ ତିଆରି ହେଉଥିବା ପୋଡପିଥା ଆମେ ଖାଇପାରୁ ନାହିଁ। ତେବେ ରଜରେ ସମସ୍ତେ ଏକାଠିହୋଇ ମଜା କରିବା ପାଇଁ ଆମେ ସୁଯୋଗ ପାଇଥାଉ।

*ଅର୍ପିତା ପ୍ରିୟଦର୍ଶିନୀ ସାମଲ*
ଆଇଆଇଟି, ଯୋଧପୁର, ରାଜସ୍ଥାନ


ତୃଷ୍ଣା ଦେବଗୋସ୍ୱାମୀ


ବୈଶାଳୀ


ଦେବଦର୍ଶିନୀ


ଅର୍ପିତା ପ୍ରିୟଦର୍ଶିନୀ





## ଘରେ କରନ୍ତୁ ଫେସିଆଲ

ରଜରେ ସଜବାଜର ଏକ ସ୍ୱତନ୍ତ୍ର ବିଧି ରହିଥାଏ। ତେବେ ସଜବାଜ ପୂର୍ବରୁ ଯଦି ପାର୍ଲର ଯିବାକୁ ଭୁଲିଯାଇଛନ୍ତି ତେବେ ଘରେ କରନ୍ତୁ ଫେସିଆଲ୍...




**ବେସନ ପ୍ୟାକ୍** – ଏକ ବଡ଼ ଚାମଚ ବେସନ, ଏକ ଛୋଟ ଚାମଚ ଅର୍ଗାନିକ୍ ହଳଦୀ ଗୁଣ୍ଡ, ୧ ଚାମଚ ମହୁ ଓ ୨ ବଡ଼ ଚାମଚ କ୍ରିମ୍‌କୁ ନେଇ ଭଲଭାବେ ମିଶାନ୍ତୁ। ଏହି ମିଶ୍ରଣକୁ ମୁହଁରେ ଲଗାଇ ଶୁଖିବା ପାଇଁ ଛାଡ଼ି ଦିଅନ୍ତୁ। ଶୁଖିବା ପରେ ଗୋଲାପ ଜଳ ଲଗାଇ ଗୋଲାକାରରେ ଘଷି ଧୋଇଦିଅନ୍ତୁ। ସପ୍ତାହକୁ ଅତିକମ୍‌ରେ ଦୁଇ ଥର ଏପରି ଫେସିଆଲ କଲେ ତ୍ୱଚାର ଚମକ ଢେର୍ ବୃଦ୍ଧି ପାଇବ।

**ଚାଉଳ ପ୍ୟାକ୍** – ୨ ଚାମଚ ଚାଉଳ ଗୁଣ୍ଡରେ ୧ ଚାମଚ କ୍ରିମ୍ ଓ ଗୋଲାପ ଜଳ ମିଶାଇ ପ୍ୟାକ୍ ତିଆରି କରନ୍ତୁ। ଏହାକୁ ମୁହଁ ଏବଂ ବେକରେ ଲଗାଇ ଶୁଖିବା ପରେ ହାଲ୍‌କା ମସାଜ୍ କରି କିଛି ସମୟ ପରେ ମୁହଁ ଧୋଇଦିଅନ୍ତୁ। ଏପରି କରିବା ଦ୍ୱାରା ତ୍ୱଚା ମୁଲାୟମ ହେବ।

**କଦଳୀ ପ୍ୟାକ୍** – ୧ ବଡ଼ କଦଳୀକୁ ଭଲଭାବେ ପେଷ୍ଟ କରି ସେଥିରେ ୧ ଚାମଚ ମହୁ ଓ ଅଳ୍ପ ଚନ୍ଦନ ପାଉଡର ମିଶାନ୍ତୁ। ଏହି ମିଶ୍ରଣକୁ ମୁହଁରେ ଲଗାଇ କିଛି ସମୟ ମସାଜ୍ କରିବା ପରେ ଧୋଇଦିଅନ୍ତୁ।

**ଗୋଲାପଫୁଲ ପ୍ୟାକ୍** – ୧୫–୨୦ଟି ଗୋଲାପ ଫୁଲ ପାଖୁଡ଼ାକୁ ଗାଢ଼ କ୍ଷୀରରେ ମିଶାଇ ଗ୍ରାଇଣ୍ଡିଂ କରନ୍ତୁ। ଏହି ମିଶ୍ରଣକୁ କିଛି ସମୟ ଫ୍ରିଜ୍‌ରେ ରଖି ମୁହଁ ଓ ବେକରେ ଲଗାନ୍ତୁ। ୧୫ ମିନିଟ୍ ପରେ ମୁହଁ ଧୋଇଦିଅନ୍ତୁ। ତ୍ୱଚା ଫ୍ରେଶ୍ ଲାଗିବ।



## ସଂକ୍ଷେପରେ

### ଶ୍ରୀରାମଚରିତ ମାନସ ଉଦ୍‌ଯାପିତ

କ.ନୂଆଗାଁ,୧୩।୬(ଡି.ଏନ୍.ଏ.): କ.ନୂଆଗାଁ ପ୍ରାଣୀ ଚିକିତ୍ସାଳୟ ନିକଟରେ ଗତ ୯ ଦିନ ଧରି ଚାଲିଥିବା ଶ୍ରୀରାମଚରିତ ମାନସ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିନ ଅଧିବାସ ଓ କଳସ ଯାତ୍ରା ସହ ଶିକ୍ଷକ ସୁକାନ୍ତ କୁମାର ମହାପାତ୍ରଙ୍କ ଦ୍ୱାରା ନିର୍ମିତ ମୃଣ୍ମୟମୂର୍ତ୍ତିଙ୍କୁ ମଣ୍ଡପରେ ସ୍ଥାପନ ଓ ପ୍ରତିଦିନ ସକାଳେ ବିଧି ପୂର୍ବକ ପୂଜା ଅର୍ଚ୍ଚନା ସହ ମଙ୍ଗଳ ଆଳତୀ, ସୂର୍ଯ୍ୟ ପୂଜା, ଗୋପୂଜା ଓ ଯଜ୍ଞ କର୍ତ୍ତା ଗୋପିନାଥ ପାତ୍ର ଓ ପୁରୋହିତ କମଳ ଲୋଚନ ଦାସଙ୍କ ଦ୍ୱାରା କରାଯାଇଥିଲା। ଗୋସ୍ୱାମୀ ତୁଳସୀ ଦାସ କୃତମାନସ ଗ୍ରନ୍ଥକୁ ଗଞ୍ଜାମ ବିଡିପୁରରୁ ଆସିଥିବା ପ୍ରକାଶ ଚନ୍ଦ୍ର ମିଶ୍ରଙ୍କ ଦ୍ୱାରା ପାରାୟଣ କରାଯାଇଥିଲା। ସନ୍ଧ୍ୟାରେ ହରିରାମ କିର୍ତ୍ତନ, ଭଜନ ସହ ଭଦ୍ରକରୁ ଆସିଥିବା ମାନସ ପ୍ରବକ୍ତା ବିଜୟ ରାଘବ ଚନ୍ଦ୍ର ଦାସ ପ୍ରବଚନ ଦେଇଥିଲେ। କାର୍ଯ୍ୟକ୍ରମକୁ ଦିବ୍ୟ ଜୀବନ ସଂଘ ସମ୍ପାଦକ ଶ୍ୟାମଘନ ସାହୁ ସଂଯୋଜନା କରିଥିଲା ବେଳେ ମାନସ ପରିଚାଳନା କମିଟି ସଭାପତି ରଞ୍ଜିତ କୁମାର ପଣ୍ଡା, ସଦସ୍ୟ ଶୁଶିଲ କୁମାର ପାତ୍ର, ପ୍ରଭାତ କୁମାର ପାଣିଗ୍ରାହୀ, ବିଜୟ କୁମାର ସାହୁ, ଧବଳେଶର ପାତ୍ର, ହୃଷୀକେଶ ପାଢ଼ୀ, ଚିତ୍ତ ରଞ୍ଜନ ପାତ୍ର, ଚନ୍ଦନ ପଣ୍ଡା, ରାମଚନ୍ଦ୍ର ପଣ୍ଡାଙ୍କ ସମେତ ବହୁ ବରିଷ୍ଠ କର୍ମକର୍ତ୍ତା ସହଯୋଗ କରିଥିଲେ। ପ୍ରତିଦିନ ସନ୍ଧ୍ୟାରେ ଶହ ଶହ ଭକ୍ତଙ୍କ ସମାଗମ ହୋଇଥିଲା ବେଳେ ସୋମବାର ବିସର୍ଜନ ସମାପନ ହୋଇଯାଇଛି।

### ପାଚିକା ସହାୟିକାଙ୍କ ବିକ୍ଷୋଭ

ଫୁଲବାଣୀ ଅଫିସ,୧୩।୬- ବିଦ୍ୟାଳୟ ପାଚିକା ଓ ସହାୟିକାମାନଙ୍କ ପାରିଶ୍ରମିକ ବୃଦ୍ଧି ସମେତ ୧୨ ଦଫା ଦାବି ନେଇ ସୋମବାର ରାଜ୍ୟ ମିଳିତ ବିଦ୍ୟାଳୟ ପାଚିକା-ସହାୟିକା ସଂଘ ପକ୍ଷରୁ ଫୁଲବାଣୀ ସହରରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଏଥିସହ ଏକ ଦାବିପତ୍ର ଜିଲାଶିକ୍ଷାଧିକାରୀଙ୍କ ଜରିଆରେ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଛି। ସଂଘର ରାଜ୍ୟ ସଭାପତି ବିଷ୍ଣୁ ଦାସ, ଜିଲା ସଂଘର ସଭାପତି ପପୁନ ସେଠୀଙ୍କ ସମେତ ସମସ୍ତ କର୍ମକର୍ତ୍ତାଙ୍କ ନେତୃତ୍ୱରେ ବହୁ ପାଚିକା ଓ ସହାୟିକା ଫୁଲବାଣୀ ବସଷ୍ଟାଣ୍ଡ ନିକଟରୁ ଶୋଭାଯାତ୍ରାରେ ବାହାରିଥିଲେ । ସେମାନେ ବିଭିନ୍ନ ଦାବି ସମ୍ପର୍କିତ ସ୍ଲୋଗାନ ଦେଇ କନ୍ଧମାଳ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆସିଥିଲେ । ସେଠାରେ ବିକ୍ଷୋଭ ପ୍ରଦର୍ଶନ ସହ ସଂଘ କର୍ମକର୍ତ୍ତାମାନେ ସେମାନଙ୍କ ଦାବି ଉପରେ ପ୍ରତିବାଦ ସଭା କରିଥିଲେ । ନିର୍ଦ୍ଧାରିତ ସମୟ ମଧ୍ୟରେ ସରକାର ଦାବି ପୂରଣ ନ କରନ୍ତି ତେବେ ଆଗାମୀ ଦିନରେ ସଂଘ ପୁଣି ଆନ୍ଦୋଳନ କରିବାକୁ ବାଧ ହେବ ବୋଲି ସଂଘର ରାଜ୍ୟ ସଭାପତି ଚେତାବନୀ ଦେଇଥିଲେ ।

### ପ୍ରତାପଧନଞ୍ଜୟପୁରରେ ଶୀତଳଷଷ୍ଠୀ ଯାତ୍ରା

ପାଟପୁର,୧୩।୬-ସାନଖେମୁଣ୍ଡି ବ୍ଲକ ଅନ୍ତର୍ଗତ ପ୍ରତାପଧନଞ୍ଜୟପୁର ଶାସନରେ ଦୁଇ ଦିନ ବ୍ୟାପୀ ବାର୍ଷିକ ଶୀତଳଷଷ୍ଠୀ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଯାତ୍ରାରେ ମହାଦେବ ଚନ୍ଦ୍ରଶେଖର ବିମାନରେ ବିଜେକରି ବାଜା ରୋଶଣୀ ଶଙ୍ଖ ମହୁରୀ, ଘଣ୍ଟ ମୃଦଙ୍ଗର ତାଳେ ତାଳେ ବେଦିରେ ବିରାଜମାନ ହୋଇଥିଲେ। ଯାତ୍ରାର ପ୍ରଥମ ଦିନ ସଖିନାଚ ଓ ଦ୍ୱିତୀୟ ଦିନରେ ବୁରୁପଡ଼ା ଅଞ୍ଚଳର ପ୍ରସିଦ୍ଧ ପ୍ରହଲ୍ଲାଦ ନାଟକ ପରିବେଷଣ ହୋଇଥିଲା। ଏହି ଶୀତଳଷଷ୍ଠୀ ଯାତ୍ରାରେ ଗ୍ରାମବାସୀ ସମେତ ଆଖପାଖ ଅଞ୍ଚଳର ଲୋକ ଓ ଯୁବ ସ୍ୱେଚ୍ଛାସେବୀମାନେ ସହଯୋଗ କରିଥିଲେ।

# ମୋବାଇଲ ଟାୱାରରୁ ବ୍ୟାଟେରି ଚୋରି

## ଅଭିଯୁକ୍ତ ୨ ଭାଇଙ୍କ ସମେତ ୪ ଗିରଫ, ୨୫୩ ବ୍ୟାଟେରି ଜବତ

ଆସିକା,୧୩।୬ (ଡି.ଏନ.ଏ.)

ଗଞ୍ଜାମ ଜିଲାର ବିଭିନ୍ନ ଥାନା ଅଞ୍ଚଳରେ ଥିବା ମୋବାଇଲ ଟାୱାରରୁ ବ୍ୟାଟେରି ଚୋରି କରି କବାଡିବାଲାଙ୍କୁ ବିକ୍ରି କରୁଥିବା ଓ ଚୋରି ବ୍ୟାଟେରି କିଣିବା ଅଭିଯୋଗରେ ପୋଲିସ ୪ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କବିସୂର୍ଯ୍ୟନଗର ଥାନା ଝାଡ଼ବନ୍ଧ ଗ୍ରାମର ଆଦିତ୍ୟ ବେହେରା, ତାଙ୍କ ଭାଇ ସତ୍ୟନାରାୟଣ ବେହେରା, ହିଞ୍ଜିଳିର ଲିପୁନ ନାୟକ ଓ ବ୍ରହ୍ମପୁର ସଦର ଥାନା ଅଞ୍ଚଳର ରାମଦାସ ଗୁପ୍ତା। ଅଭିଯୁକ୍ତମାନଙ୍କ ନିକଟରୁ ବିଭିନ୍ନ ପ୍ରକାରର ୨୫୩ଟି ବ୍ୟାଟେରି ଜବତ କରାଯାଇଛି । ଯାହାର ମୂଲ୍ୟ ୪୦ ଲକ୍ଷ ଟଙ୍କା ହେବ ବୋଲି ସୋମବାର ଆସିକା ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପୋଲିସ ସୂଚନା ଦେଇଛି।

ବ୍ୟାଟେରି ଚୋରିରେ ପ୍ରତ୍ୟକ୍ଷ ଭାବେ ସମ୍ପୃକ୍ତ ଦୁଇ ଭାଇ ଆଦିତ୍ୟ ଓ ସତ୍ୟନାରାୟଣଙ୍କୁ ଗିରଫ ପରେ ସେମାନଙ୍କ ବୟାନ ପ୍ରକାରେ ପୋଲିସ ୨ କବାଡିବାଲା ଲିପୁନ ଏବଂ ରାମଦାସଙ୍କୁ ମଧ୍ୟ ରବିବାର ଗିରଫ କରିଥିଲା। ଆଦିତ୍ୟ ଏକ ଘରୋଇ ମୋବାଇଲ ଟାୱାର କମ୍ପାନୀରେ ରକ୍ଷଣାବେକ୍ଷଣ ଦାୟିତ୍ୱରେ ରହିଥିଲେ । ସେ ପୁରୁଷୋତ୍ତମପୁର, କବିସୂର୍ଯ୍ୟନଗର, ଭଞ୍ଜନଗର ଓ ଆସିକା ଥାନା ଅଞ୍ଚଳରେ କାର୍ଯ୍ୟ କରୁଥିବା ସମୟରେ ଗୋଟିଏ ମୋବାଇଲ ଟାୱାରରେ ୨୪ଟି ବ୍ୟାଟେରି ରହୁଥିବା ଓ ପ୍ରତ୍ୟେକର ଦାମ ୪୦ ହଜାରରୁ ଅଧିକ ଟଙ୍କା ବୋଲି ଜାଣିଥିଲେ। ମୋବାଇଲ ଟାୱାରଗୁଡିକରେ କୌଣସି ସୁରକ୍ଷା ବ୍ୟବସ୍ଥା ନଥିବା ଓ ସିସିଟିଭି ଲାଗୁ ନ ଥିବାରୁ ଏହାର ସୁଯୋଗ ନେଇ ଅଭିଯୁକ୍ତ ଦୁଇଭାଇ ବ୍ୟାଟେରି ଚୋରି କରି କବାଡିବାଲାଙ୍କୁ ବିକ୍ରି କରୁଥିଲେ। ଘଟଣା ସମ୍ପର୍କରେ ଗତ ମାର୍ଚ୍ଚ ୨୭ରେ ପ୍ରଥମେ ଆସିକା ଥାନାରେ ଏକ ଅଭିଯୋଗ ହୋଇଥିଲା । ପୋଲିସ ନଂ.୧୫୦/୨୨ରେ ଏକ ମାମଲା ରୁଜୁ କରିଥିଲା । ପରେ ଗତ ୨ ତାରିଖରେ ପୁଣି ଏଭଳି ବ୍ୟାଟେରି ଚୋରି ଅଭିଯୋଗ ପହଞ୍ଚିବା ପରେ ପୋଲିସ ତଦନ୍ତକୁ ଜୋରଦାର କରିଥିଲା। ଅଭିଯୁକ୍ତଙ୍କ ନାଁରେ ଶେରଗଡ, ସୋରଡା, ପୁରୁଷୋତ୍ତମପୁର ଓ ବ୍ରହ୍ମପୁର ସଦର ଥାନାରେ ୬ଟି ମାମଲା ରହିଥିବା ପୋଲିସ ପକ୍ଷରୁ କୁହାଯାଇଛି। ଖବରଦାତା ସମ୍ମିଳନୀରେ ଆସିକା ଏସଡିପିଓ ଉମାଶଙ୍କର ସିଂ, ଆସିକା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ଓ ସୋରଡା ଥାନା ଅଧିକାରୀ ରମେଶ ପ୍ରଧାନ ଉପସ୍ଥିତ ଥିଲେ।



ଜବତ ହୋଇଥିବା ବିଭିନ୍ନ ପ୍ରକାରର ବ୍ୟାଟେରି।

# ୧୮ ପରିବାରକୁ ସାମାଜିକ ବାସନ୍ଦ

## ନ୍ୟାୟ ଲାଗି ଏସ୍‌ପିଙ୍କ ଦ୍ୱାରସ୍ଥ

ଛତ୍ରପୁର,୧୩।୬(ଡି.ଏନ.ଏ)

ଗଞ୍ଜାମ ବ୍ଲକରେ ସାମାଜିକ ବାସନ୍ଦ ବ୍ୟାଧି ମହାମାରୀ ଭଳି ବ୍ୟାପିବାରେ ଲାଗିଛି । ବ୍ଲକ ଅନ୍ତର୍ଗତ କାଇଁଚପୁର ଗ୍ରାମର ୧୮ ପରିବାରକୁ ୬ ବର୍ଷ ହେଲା ବାସନ୍ଦ କରାଯାଇଥିବା ଅଭିଯୋଗ ହୋଇଛି । କୈବର୍ତ୍ତ ମହାସଂଘର ସଭାପତି ତଥା ବର୍ତ୍ତମାନର ଜିଲା ପରିଷଦ ସଭ୍ୟ ସନାତନ ବେହେରାଙ୍କ ଉପରେ ଏହି ଅଭିଯୋଗ ଆସିଛି। ପୂର୍ବରୁ ବହୁବାର ସ୍ଥାନୀୟ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ପଦକ୍ଷେ ନିଆଯାଇନଥିବା ଉକ୍ତ ବାସନ୍ଦ ପରିବାର ଅଭିଯୋଗ କରିଛନ୍ତି। ସୋମବାର ଉକ୍ତ ପରିବାରଗୁଡିକ ଛତ୍ରପୁର ଆସି ଗଞ୍ଜାମ ଏସପି ବ୍ରିଜେଶ କୁମାର ରଏଙ୍କୁ ଭେଟି ଏ ସମ୍ପର୍କରେ ଜଣାଇବା ସହ ନ୍ୟାୟ ପ୍ରଦାନ କରିବାକୁ ଅନୁରୋଧ କରିଛନ୍ତି। ଏମାନଙ୍କ କହିବାନୁଯାୟୀ, କୈବର୍ତ୍ତ ସମାଜର ଲୋକଙ୍କ ବାର୍ଷିକ କୋଠ ଟଙ୍କାର ହିସାବ ମାଗିବାରୁ ମହାସଂଘର ସଭାପତି ଟଙ୍କାର ହିସାବ ଦେଇ ନ ଥିବା ସହ ହିସାବପତ୍ର ମୂଷା ଖାଇ ଦେଇଥିବା ସେ କହିଥିବା ନେଇ ଅଭିଯୋଗ ହୋଇଛି । ଏହାକୁ ବିରୋଧ କରିବାରୁ ୬ ବର୍ଷ ପୂର୍ବେ ତାଙ୍କ ଗାଁରେ ଏମାନଙ୍କୁ ସାମାଜିକ ବାସନ୍ଦ କରାଯାଇଥିଲା ବୋଲି ଅଭିଯୋଗ ହୋଇଛି । ଏହାର ତଦନ୍ତ କରାଯାଇ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସପି କହିଛନ୍ତି। ଅପରପକ୍ଷରେ ଏହା ଭିତ୍ତିହୀନ ବୋଲି ଜିଲାପରିଷଦ ସଭ୍ୟ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।


ଗଞ୍ଜାମ ଏସ୍‌ପିଙ୍କୁ ଭେଟି ଫେରୁଛନ୍ତି।

# କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରୀଙ୍କ ଗଜପତି ଗସ୍ତ

ପାରଳାଖେମୁଣ୍ଡି/କାଶୀନଗର,୧୩।୬(ଡି.ଏନ୍.ଏ.)

କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶସ୍ତୀକରଣ ମନ୍ତ୍ରୀ ଏ.ନାରାୟଣ ସ୍ୱାମୀ ସୋମବାର ଦୁଇଦିନିଆ ଗଜପତି ଜିଲା ଗସ୍ତରେ ଆସିଛନ୍ତି। ପ୍ରଥମ ଦିନରେ ପାରଳାଖେମୁଣ୍ଡି ପହଞ୍ଚ ପ୍ରଶାସନିକ ଅଧିକାରୀ ଓ ସ୍ଥାନୀୟ ବିଧାୟକଙ୍କ ସହ ଆଲୋଚନା ପରେ କାଶୀନାଗର ବ୍ଲକ ଗସ୍ତ କରି ବ୍ଲକର ମୋଡେଲ ସ୍କୁଲ ପରିଦର୍ଶନ କରିଥିଲେ। ସେଠାକାର ଆଧୁନିକ ଶିକ୍ଷା ବ୍ୟବସ୍ଥା, ସ୍ମାର୍ଟ ସ୍କୁଲ ବ୍ୟବସ୍ଥାରେ ପାଠ୍ୟକ୍ରମ ପରିଚାଳିତ ସମସ୍ତ ବ୍ୟବସ୍ଥାକୁ ସେଠାକାର କର୍ମଚାରୀ ଙ୍କ ଠାରୁ ପଚାରି ବୁଝିଥିଲେ। ଏହାପରେ ବ୍ଲକର ବିସିରିଂ ଗ୍ରାମକୁ ଯାଇ କେନ୍ଦ୍ରୀୟ ଯୋଜନା ଗୁଡିକ ଗ୍ରାମାଞ୍ଚଳରେ କିପରି କାର୍ଯ୍ୟକାରୀ ହେଉଛି ସେହି ସମ୍ପର୍କରେ ଅନୁଧ୍ୟାନ କରି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଏହି ସମୟରେ ଜିଲାପାଳ ଲିଙ୍ଗରାଜ ପଣ୍ଡା, ବିଧାୟକ କେ.ନାରାୟଣ ରାଓ ପ୍ରମୁଖ ଉପସ୍ଥିତ ଥିଲେ। ଏହା ପରେ ଜିଲାସ୍ତରୀୟ ଅଧିକାରୀଙ୍କ ସହ ଗ୍ରାମ୍ୟ ଉନ୍ନୟନ ବିଭାଗର ସମ୍ମିଳନୀ କକ୍ଷରେ ଜିଲାର ସମସ୍ତ ବିଭାଗୀୟ ଅଧିକାରୀଙ୍କ ସହ ବିଭିନ୍ନ ଯୋଜନାର ସମୀକ୍ଷା କରିଛନ୍ତି। କାର୍ଯ୍ୟକ୍ରମରେ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଶିକ୍ଷା ସ୍ୱାସ୍ଥ୍ୟ ଗମନାଗମନ, କୃଷି ଏବଂ କୌଶଳ ବିକାଶ କ୍ଷେତ୍ରକୁ ମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ଏ ସମ୍ପର୍କରେ ଜିଲାସ୍ତରୀୟ ଅଧିକାରୀମାନଙ୍କୁ ସମସ୍ତ ତଥ୍ୟ ମାଗିବା ସହ ଜିଲାରେ କେନ୍ଦ୍ରୀୟ ଯୋଜନା କିଭଳି ସୁଚାରୁ ରୂପେ ପରିଚାଳନା ହୋଇପାରିବ ସେ ନେଇ ଜିଲାସ୍ତରୀୟ ଅଧିକାରୀମାନଙ୍କୁ ବୁଝାଇଥିଲେ। ସମୀକ୍ଷା ବୈଠକ ପରେ ଏକ ସାମ୍ବାଦିକ ସମ୍ମିଳନୀରେ ନିଜର ଗସ୍ତର ଉଦ୍ଦେଶ୍ୟ ଉପସ୍ଥାପନ କରିବା ସହ ଜିଲାରେ ପରିଚାଳିତ ହେଉଥିବା ସରକାରୀ କଳରେ ଅନେକ ତ୍ରୁଟି ଥିବା ଜାହିର କରିଛନ୍ତି । ବ୍ୟବସ୍ଥିତ ଢଙ୍ଗରେ ବିଭିନ୍ନ ଯୋଜନା ଗୁଡିକୁ ସୁପରିଚାଳନା କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ଉପଦେଶ ଦେଇଛନ୍ତି। ମୁଖ୍ୟତଃ ଜିଲାରେ କୃଷକମାନଙ୍କୁ କୃଷି କ୍ଷେତ୍ରରେ ଜଳ ଯୋଗାଇବା କ୍ଷେତ୍ରରେ ପ୍ରଶାସନିକ ଅବହେଳାକୁ ଦାୟି କରିଛନ୍ତି ମନ୍ତ୍ରୀ। ସେପଟେ ଜିଲାରେ ୫ ଆଦିବାସୀ ଅଧ୍ୟୁଷିତ ବ୍ଲକ ରହିଥିବାରୁ ସେହି ଅଞ୍ଚଳରେ ଧନ୍ଦା ମୂଳକ ଶିକ୍ଷା, ଗମନାଗମନର ବିକାଶ, ମହିଳାଙ୍କ ଉନ୍ନତି କ୍ଷେତ୍ରରେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ରହିଥିବା ସତ୍ୱେ ବିକାଶର ଅନେକ ବାଟ ଯିବା ଆବଶ୍ୟକ ରହିଛି ବୋଲି ମତ ପ୍ରକାଶ କରିଛନ୍ତି। ଆସନ୍ତାକାଲି ମନ୍ତ୍ରୀଙ୍କ ଜିଲାରେ ବିଭିନ୍ନ ଜାଗା ପରିଦର୍ଶନ କରିବା କାର୍ଯ୍ୟକ୍ରମ ରହିଛି। କାଶୀନାଗର ବ୍ଲକର ଖାରଡା, ସିଧାମଡଙ୍ଗ ଗ୍ରାମ ଓ ଅନ୍ୟାନ୍ୟ ଗ୍ରାମ ଗସ୍ତ କରିବା କାର୍ଯ୍ୟକ୍ରମ ରହିଛି।



କେନ୍ଦ୍ରମନ୍ତ୍ରୀ ପାରଳାଖେମୁଣ୍ଡିରେ ସମୀକ୍ଷା କରୁଛନ୍ତି ।

## ହତ୍ୟା ଉଦ୍ୟମ ମାମଲା, ଅଭିଯୁକ୍ତ ବୃଦ୍ଧ ଗଲେ ଜେଲ

ଦିଗପହଣ୍ଡି,୧୩।୬(ଡି.ଏନ.ଏ.)

ହତ୍ୟା ଉଦ୍ୟମ ମାମଲାରେ ଦିଗପହଣ୍ଡି ପୋଲିସ ସୋମବାର ଭୀଷ୍ମଗିରି ଗ୍ରାମର ସେନାଲୁ ତ୍ରିନାଥ(୭୮)ଙ୍କୁ କୋର୍ଟ ଚାଲାଣ କରିଛି। ଥାନା ମାମଲା ନଂ.୧୯୫/୨୨ଅନୁଯାୟୀ ଜାମିନ ଆବେଦନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ୍ ଜେଲକୁ ପଠାଯାଇଛି। ଗତ ୬ ତାରିଖରେ ଗ୍ରାମର କଲେଜ ଛକକୁ ଚାହା ପିଇବା ପାଇଁ ଯାଇଥିବା ଏନ୍. ସୁକୁଟାଙ୍କୁ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏସ୍.ତ୍ରିନାଥ ଏକ ଠେଙ୍ଗାରେ ଆକ୍ରମଣ କରିଥିଲେ। ଠେଙ୍ଗା ମାଡ଼ରେ ସୁକୁଟା ଚେତାଶୂନ୍ୟ ହୋଇ ରାସ୍ତାରେ ପଡ଼ି ଯାଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା।

## ଚୁଲି ନିଆଁରୁ ଅଗ୍ନିକାଣ୍ଡ, ୧୦ ବଖରା ଜଳିଗଲା

ରାଜନଗର,୧୩।୬(ଡି.ଏନ୍.ଏ.)

ରାଜନଗର ବ୍ଲକ ଭିତରଗଡ଼ ପଞ୍ଚାୟତ ବ୍ରାହ୍ମଣୀ କୋହ୍ଲାଗାଁରେ ଭୟାବହ ଅଗ୍ନିକାଣ୍ଡ ଘଟି ୫ ପରିବାରର ୧୦ ବଖରା ଘର ସହ ସମସ୍ତ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ସୋମବାର ପୂର୍ବାହ୍ନ ୧୧ଟା ବେଳେ ଚୁଲି ନିଆଁରୁ ଏହି ଅଗ୍ନିକାଣ୍ଡ ଘଟିଥିଲା। ଗାଁର ସୁଜିତ୍ ସ୍ୱାଇଁ, ସଞ୍ଜୟ ସ୍ୱାଇଁ, ବିଶ୍ୱଜିତ୍ ସ୍ୱାଇଁ, କାଙ୍ଗାଳି ସ୍ୱାଇଁ ଓ ବାସନ୍ତୀ ସ୍ୱାଇଁ ପ୍ରମୁଖ ୫ ପରିବାରର ୧୦ ବଖରା ପୋଡ଼ିଯାଇଛି। ଅସହ୍ୟ ଗରମ ଓ ଗୁଳୁଗୁଳି ଯୋଗୁ ନିଆଁକୁ ଆୟତ୍ତ କରିବା ଗ୍ରାମବାସୀଙ୍କ ପକ୍ଷେ ସମ୍ଭବ ହୋଇପାରି ନ ଥିଲା। ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ୨ ଘଣ୍ଟା ଅକ୍ଳାନ୍ତ ପରିଶ୍ରମ କରିବା ପରେ ନିଆଁକୁ ଆୟତ୍ତ କରିଥିଲେ। ଏହି ଅଗ୍ନିକାଣ୍ଡରେ ବହୁ ପରିମାଣର ଧାନ, ଚାଉଳ ପୋଡ଼ିଯାଇଛି।

# ଡାକ କର୍ମଚାରୀ ସଂଘ ସମ୍ମିଳନୀ

ଆସିକା,୧୩।୬(ଡି.ଏନ୍.ଏ.)

ଆସିକା ଡାକ ମଣ୍ଡଳ ଜାତୀୟ ଡାକ କର୍ମଚାରୀ ସଂଘର ଦ୍ୱିବାର୍ଷିକ ସମ୍ମିଳନୀ ରବିବାର ସ୍ଥାନୀୟ କୃଷ୍ଣସିଂହ ସାହିତ୍ୟ ପରିଷଦଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରମୋଦ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠି ଏହି ସମ୍ମିଳନୀରେ ପୂର୍ବତନ ସର୍କଲ ସଭାପତି ରାମଚନ୍ଦ୍ର ଦାସ ମୁଖ୍ୟଅତିଥି, ପୂର୍ବତନ ସର୍କଲ ସମ୍ପାଦକ ଅନିଲ କୁମାର ଚୌଧୁରୀ ମୁଖ୍ୟବକ୍ତା ଏବଂ ବ୍ରହ୍ମପୁର ଡିଭିଜନ ସମ୍ପାଦକ କେଦାରନାଥ ଶତପଥୀ, ବିଭୂତି ଭୂଷଣ ପଟ୍ଟନାୟକ, ଜିତେନ୍ଦ୍ର ସ୍ୱାଇଁ, ଅକ୍ଷୟ କୁମାର ବେହେରା ଓ ବାଳକୃଷ୍ଣ ମଲିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ଗ୍ରୁପ ସି ଆସିକା ମଣ୍ଡଳ ସମ୍ପାଦକ କାଳୁଚରଣ ବେହେରା ବିବରଣୀ ପାଠ କରିଥିଲେ। ସୂର୍ଯ୍ୟନାରାୟଣ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଏହି ଅବସରରେ ସଂପ୍ରତି ଡାକ ବିଭାଗର ସମସ୍ତ କାର୍ଯ୍ୟ ଲାଗି ଇଣ୍ଟରନେଟ ସେବା ଉପରେ ନିର୍ଭରଶୀଳ ରହିଥିଲା ବେଳେ ବହୁ ସମୟରେ ଏହି ସେବା ଉପଯୁକ୍ତ ଭାବେ ମିଳୁ ନଥିବାରୁ କର୍ମଚାରୀମାନେ କାର୍ଯ୍ୟ କରିବାରେ ଅସୁବିଧା ଭୋଗୁଥିବା ନେଇ ଉଦବେଗ ପ୍ରକାଶ କରାଯାଇଥିଲା । କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇ ସଂଘବଦ୍ଧ ଭାବେ ଏହାର ମୁକାବିଲା ଲାଗି ସମସ୍ତେ ସଂକଳ୍ପବଦ୍ଧ ହେବାଲାଗି ନିବେଦନ କରାଯାଇଥିଲା । ଏହି ଅବସରରେ ଆସନ୍ତା ବର୍ଷ ପାଇଁ କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା । ଗ୍ରୁପ ସି ସଭାପତି ଭାବେ ଜିତେନ୍ଦ୍ର ସ୍ୱାଇଁ, ସଂପାଦକ ଭାବେ ଅକ୍ଷୟ କୁମାର ବେହେରା ଏବଂ ପୋଷ୍ଟମ୍ୟାନ ଓ ଏମଟିଏସ ସଂଘର ସଭାପତି ଭାବେ ବାଳକୃଷ୍ଣ ମଲିକ ଓ ସମ୍ପାଦକ ଭାବେ କୃଷ୍ଣଚନ୍ଦ୍ର ସାହୁଙ୍କୁ ମନୋନିତ କରାଯାଇଥିଲା ବେଳେ ଗ୍ରୁପ ସି ଲାଗି ୧୬ଜଣ ଓ ପୋଷ୍ଟମ୍ୟାନ ଏମ.ଟି.ଏସ ସଂଘ ଲାଗି ୭ଜଣଙ୍କୁ ନେଇ କାର୍ଯ୍ୟକାରୀ କମିଟି ଗଠିତ ହୋଇଥିଲା ।



ବାର୍ଷିକ ସମ୍ମିଳନୀରେ ମଞ୍ଚାସୀନ ଅତିଥି।

# ପ୍ରକଳ୍ପ ସ୍ଥଳରେ ଆନ୍ଦୋଳନ ତୃତୀୟ ଦିନରେ

## ଟାଟା କମ୍ପାନୀରେ ନିଯୁକ୍ତି ଦାବି

ଛତ୍ରପୁର,୧୩।୬(ଡି.ଏନ.ଏ)

ଛତ୍ରପୁର ବ୍ଲକ କାଳିପଲ୍ଲୀ ନିକଟରେ ଟାଟା କମ୍ପାନୀ ଅଧିକୃତ ଜମିରେ ପ୍ରକଳ୍ପ କାର୍ଯ୍ୟକୁ ବିରୋଧ କରି ଚାଲିଥିବା ଆନ୍ଦୋଳନ ସୋମବାର ତୃତୀୟ ଦିନରେ ପହଞ୍ଚିଛି। ୩ ଦିନ ହେଲା କାର୍ଯ୍ୟ ବନ୍ଦ ରହିଛି । ଆସନ୍ତା ୧୭ ତାରିଖରେ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଆଲୋଚନା ବୈଠକ ବସିବ ବୋଲି ପ୍ରଶାସନ ପକ୍ଷରୁ ଆନ୍ଦୋଳନକାରୀଙ୍କୁ ଅବଗତ କରାଯାଇଛି। ତେବେ ଆନ୍ଦୋଳନ ସ୍ଥଳରେ ଆଲେଚାନା କରାଯାଉ ବୋଲି ଗ୍ରାମବାସୀଙ୍କ ପକ୍ଷରୁ ଜିଲାପାଳଙ୍କ ଅନୁପସ୍ଥିତିରେ ତାଙ୍କ ଉଦ୍ଦେଶ୍ୟରେ ଅଫିସ ଇନଚାର୍ଜଙ୍କୁ ସୋମବାର ଲିଖିତ ଭାବେ ଅନୁରୋଧ କରାଯାଇଛି।

ପ୍ରକାଶ ଯେ, କମ୍ପାନୀ ଇସ୍ପାତ କାରଖାନା ପାଇଁ କାଳିପଲ୍ଲୀ ଏବଂ ନିକଟସ୍ଥ ଅଞ୍ଚଳରେ ୧୯୯୬ରେ ଜମି ଅଧିଗ୍ରହଣ ହୋଇଥିଲା । ଦୀର୍ଘ ୨୫ ବର୍ଷ ପରେ ମଧ୍ୟ ଟାଟା କମ୍ପାନୀ ପକ୍ଷରୁ ଜମି ହରାଇଥିବା ପରିବାରର ସଦସ୍ୟଙ୍କୁ ନିଯୁକ୍ତି ଦିଆଯାଇ ନ ଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଲାଗି ରହିଛି । ଏବେ କାଳିପଲ୍ଲୀ ନିକଟ ଉକ୍ତ ଜମିରେ ଟାଟା କମ୍ପାନୀ ଠାରୁ ଲିଜ୍ ନେଇ ଦୀପକ ଫର୍ଟିଲାଇଜର କମ୍ପାନୀ ସ୍ଥାପନ ପାଇଁ ନିର୍ମାଣ କାର୍ଯ୍ୟ ଚାଲିଥିଲା। ଏହି କାମକୁ ଶନିବାର ଠାରୁ ସ୍ଥାନୀୟ ଶତାଧିକ ଲୋକେ ବିରୋଧ କରି ଆନ୍ଦୋଳନ ରେ ବସିଛନ୍ତି। ସ୍ଥାନୀୟ ପିଲାଙ୍କୁ ନିଯୁକ୍ତି ର ବ୍ୟବସ୍ଥା ନକଲା ପର୍ଯ୍ୟନ୍ତ ଏହି କାମ କରିବାକୁ ଦେବା ପାଇଁ ଦିଆଯିବନି ବୋଲି ସ୍ଥାନୀୟ ଲୋକେ ଅଡି ବସିଛନ୍ତି।

# ଆଞ୍ଚଳିକ ସୁରକ୍ଷା ମଞ୍ଚ ବୈଠକ, ଦାବିପତ୍ର


ଆଞ୍ଚଳିକ ସୁରକ୍ଷା ମଞ୍ଚର ବୈଠକ।

ଆର.ଉଦୟଗିରି,୧୩।୬(ଡି.ଏନ.ଏ.)

ମୋହନା ଥାନା ଅନ୍ତର୍ଗତ ଚନ୍ଦ୍ରଗିରି ଶିବ ମନ୍ଦିର ନିକଟରେ ଗଜପତି ଜିଲା ଆଞ୍ଚଳିକ ସୁରକ୍ଷା ମଞ୍ଚର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲାରେ ବାରମ୍ବାର ଆଦିବାସୀ ହିନ୍ଦୁମାନଙ୍କୁ ଜମିଜମା ବିବାଦକୁ ନେଇ ଆକ୍ରମଣ ହେଉଛି। କିନ୍ତୁ ଦୋଷୀ ଦଣ୍ଡ ପାଉନି କି ଜମି ଚିହ୍ନଟ ହୋଇପାରିନି। ହିନ୍ଦୁ ଆଦିବାସୀଙ୍କ ଜମିକୁ ନେଇ ଖ୍ରୀଷ୍ଟିଆନ ଧର୍ମର ଲୋକେ ଅତ୍ୟାଚାର କରୁଛନ୍ତି। ଯାହାକି ଗତ ୫ତାରିଖରେ ବାହାଡ଼ାପଦା ଗ୍ରାମରେ କିଛି ମହିଳା ଓ ପୁରୁଷ ଜମିରେ ଚାଷ ପାଇଁ ଗଛ ସଫା କରିବା ବେଳେ ବିଜାପୁରୁ ଗ୍ରାମର ଖ୍ରୀଷ୍ଟିଆନମାନେ ଆକ୍ରମଣ କରିଥଲେ। ଯେଉଁଥିରେ ମହିଳା ପୁରୁଷ ଆହତ ହୋଇ ବ୍ରହ୍ମପୁର ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ସେହିପରି ଜିଲାର ରାମଗିରି ହାଟ ପଦା ଜମି ଦଖଲ, ନିଳକୁଟି ଓ ଡମ୍ବଗୁଡା, ସହିଲଙ୍ଗ ଜମି ଉପରେ ପି ସହିଲଙ୍ଗ, ଚାନ୍ଦିପୁଟ ଠାକୁରାଣୀ ମନ୍ଦିର ଜମି ଉପରେ ଜବରଦଖଲ ଏଭଳି ୧୦ ଦଫା ସମ୍ବଳିତ ଦାବିପତ୍ର ଜିଲାପାଳ ଓ ଏସପିଙ୍କୁ ଫାଣ୍ଡି ଅଧିକାରୀଙ୍କ ଜରିଆରେ ପ୍ରଦାନ କରିଛନ୍ତି। ଏଥିସହ ଦାବିପତ୍ରର ନକଲ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀଙ୍କ ନିକଟକୁ ପଠାଯାଇଛି। ଏଭଳି ବିଭିନ୍ନ ଦାବି ନେଇ ଅନୁଷ୍ଠିତ ବୈଠକରେ ୩୯ଟି ପଞ୍ଚାୟତର ଆଦିବାସୀ ହିନ୍ଦୁ ଶତାଧିକ ମହିଳା ପୁରୁଷ ଯୋଗ ଦେଇଥିଲେ। ଉକ୍ତ ଦାବି ଗୁଡ଼ିକ ତୁରନ୍ତ ସମାଧାନ କରିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସଂଘ ତରଫରୁ ଜଣାଇଛନ୍ତି। ନଚେତ ଆଗାମୀ ଦିନରେ ବିରାଟ ଜନ ସମାବେଶ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି।

# ଦିବ୍ୟାଙ୍ଗ ପରିବାରକୁ ପ୍ରଶାସନର ସହାୟତା

ପାରଳାଖେମୁଣ୍ଡି,୧୩।୬(ଡି.ଏନ୍.ଏ.)

ଓଳିଏ ଖାଇଲେ ଓଳିଏ ଉପାସ। ସେପଟେ ପରିବାରରେ ଦିବ୍ୟାଙ୍ଗ। ଆର୍ଥିକ ଉପାର୍ଜନ ପନ୍ଥା ଏମାନଙ୍କ ପାଖରେ ନାହିଁ। ଏହିପରି ଏକ ଖବର ପାଇ ପ୍ରଥମେ ତାଙ୍କ ପାଖକୁ ପହଞ୍ଚି ରାଶନ ସାମଗ୍ରୀ ଓ ଆର୍ଥିକ ସହାୟତାର ହାତ ବଢ଼ାଇଥିଲା ଭାରତୀୟ ମାନବାଧିକାର ପରିଷଦ। ଗ୍ରାମକୁ ଯିବା ପାଇଁ ଭଲ ରାସ୍ତାଟିଏ ମଧ୍ୟ ନାହିଁ। ବଣଜଙ୍ଗଲ ଭିତରେ ପଡ଼େ ଦିବ୍ୟାଙ୍ଗ ପରିବାରଙ୍କ ଘର। ସେମାନଙ୍କୁ ସରକାରୀ ଯୋଜନାରେ ମିଳୁଥିଲା କେବଳ ୫ କିଲୋ ଲେଖାଏ ଚାଉଳ ଓ ଦିବ୍ୟାଙ୍ଗ ଭତ୍ତା। ଏତିକିରେ ସୀମିତ ଥିଲା ସରକାରୀ ସହାୟତା। ଏହା ବ୍ୟତୀତ ଅନ୍ୟ କୌଣସି ସରକାରୀ ଯୋଜନା ତାଙ୍କ ପାଖରେ ପହଞ୍ଚିପାରୁ ନ ଥିଲା। ଏହା ଦେଖିବାକୁ ମିଳିଛି ଗଜପତି ଜିଲା ନୂଆଗଡ଼ ବ୍ଲକର ଦୁର୍ଗମାଞ୍ଚଳର ପୁଟୁରୁପଡ଼ା ଗ୍ରାମପଞ୍ଚାୟତର ପୁଟୁରୁପଡ଼ା ଗ୍ରାମର କୈଳାସ ରଇତଙ୍କ ପରିବାରରେ। ପରିବାର କହିଲେ ସ୍ତ୍ରୀ ଏବଂ ୪ ପୁଅ ପ୍ରଫୁଲ୍ଲ (୨୦), ବଡ଼ନାଥ (୧୬), କ୍ଷୀରସିନ୍ଧୁ(୧୪) ଏବଂ ସନୁ (୧୦)। ପୁଅମାନେ ଦିବ୍ୟାଙ୍ଗ ହୋଇଥିଲେ ମଧ୍ୟ ଏମାନଙ୍କ ପାଇଁ ନା ମିଳୁଥିଲା ଅନ୍ତ୍ୟୋଦୟ ନା ଅନ୍ନପୂର୍ଣ୍ଣା ନା ମିଳିଛି ଆବାସ ଯୋଜନା। ଏହି ଖବରକୁ ଅତି ଗୁରୁତ୍ୱ ଦେଇ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ଭାରତୀୟ ମାନବାଧିକାର ପରିଷଦ ସଦସ୍ୟ ତଥା ସାମାଜିକ କର୍ମୀ ଦୁଃଖବନ୍ଧୁ ବିଶ୍ୱାଳ। ଭାରତୀୟ ମାନବାଧିକାର ପରିଷଦ ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ସାହୁ, ଜାତୀୟ ସଭାପତି ଜବାହରଲାଲ ଓଝା, ଜାତୀୟ କାର୍ଯ୍ୟରତ ସଭାପତି ଦୁଃଖବନ୍ଧୁ ବିଶ୍ୱାଳ ଓ ଜିଲା ସଭାପତି ଆହ୍ଲାନ ନାୟକ। ଏମାନେ ପ୍ରଶାସନକୁ ଅବଗତ କରାଇବା ପରେ ଉକ୍ତ ଗାଁରେ ବ୍ଲକ ପ୍ରଶାସନ ପହଞ୍ଚି ଦିବ୍ୟାଙ୍ଗଙ୍କୁ ବାଇସାଇକେଲ, ସ୍ୱାସ୍ଥ୍ୟକାର୍ଡ ସହ ସେମାନଙ୍କ ଜୀବନଜୀବିକା ପାଇଁ ପଲ୍ଟ୍ରିଫାର୍ମ ମଧ୍ୟ ଯୋଗାଇ ଦିଆଯିବ।

ସେହି ପରିବାରକୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ସହ ଦିବ୍ୟାଙ୍ଗ ଭତ୍ତାରେ ଜଣକୁ ୩ ହଜାର ଟଙ୍କା ଲେଖାଏ ଭତ୍ତା ଦିଆଯିବ। ଏହାଛଡ଼ା ଅନ୍ତ୍ୟୋଦୟ, ଅନ୍ନପୂର୍ଣ୍ଣା ଯୋଜନା ସହ ଆବାସ ଯୋଜନାରେ ଘର ଏବଂ ସ୍ୱଚ୍ଛ ଭାରତ ମିଶନରେ ଶୌଚାଳୟ ସହିତ ସମସ୍ତଙ୍କୁ ଉତ୍ତମ ଚିକିତ୍ସା ଯୋଗାଇଦେବାକୁ ଜିଲା ପ୍ରଶାସନ ପ୍ରତିଶ୍ରୁତି ଦେଇଛି। ପ୍ରଥମେ ଭାରତୀୟ ମାନବାଧିକାର ପରିଷଦ ସଦସ୍ୟ ଆହ୍ୱାନ ନାୟକ ଓ ଭାରତୀୟ ମାନବାଧିକାର ପରିଷଦ ଟିମ୍ ଯାଇ ଚାଉଳ, ଚୁଡ଼ା, ବିସ୍କୁଟ ଏବଂ ଆର୍ଥିକ ସହାୟତା ଦେଇଥିଲେ।


ଦିବ୍ୟାଙ୍ଗ ପୁଅମାନଙ୍କ ସହ କୈଳାସ ରଇତ।

| Sl. No. | Survey No. | Type of land | Nature of land | Area (in Hectare) | Name of the land owner/ interested persons Part Survey No. |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 175 | 1923 | Private | Sarad Anajal sinchit Dui | 0.0143 | Private 1923 |
| 176 | 1952 | Private | Sarad Anajal sinchit Dui | 0.0308 | Private 1952 |
| 177 | 339 | Private | Sarad Anajal sinchit Dui | 0.0788 | Sudhanshu Shekhar Ray, Chandra Shekhar Ray, Minati Nayak, Sunitiprabha Ray, Kshanprabha Ray S/o: Ghanshyam Ray, Ashok Kumar Ray, Prasanna Kumar Ray S/o: Radhashyam Ray 339 |
| 178 | 341 | Private | Sharad anajal sinchit Dui | 0.0265 | Pratap Kumar Ray S/o: Prashant Kumar Ray Ja: Khandayat of: Thalakudi, Jharna Nayak Self: Santosh Kamar Nayak 341 |
| 179 | 342 | Private | Sharad anajal sinchit aek | 0.0292 | Shri Sadbhuj Radharman Deb BJ Nijgharha Marfat of:, Annada Prasad Rai, Mira Rai S/o: Krishnakant Rai 342 |
| 180 | 343 | Government | Pani nala | 0.1154 | Government 343 |
| 181 | 344 | Private | Jalasaya Dui | 0.0729 | Annadaprasad Rai S/o: Krishnakant Rai Ja: Mahalaik of: Thalakudi, Ashok Kumar Sahu S/o: Ghanshyam Sahu 344 |
| 182 | 345 | Private | Sarad Anajal sinchit Dui | 0.006 | Ashok Kumar Nayak of: Rajendra Kumar Nayak S/o: Rakshakar Nayak 345 |
| 183 | 346 | Private | Sarad Anajal sinchit Dui | 0.0128 | Shri Sadbhuj Radharman Deb BJ Nijgharha Marfat of:, Annada Prasad Rai, Mira Rai S/o: Krishnakant Rai 346 |
| 184 | 354 | Private | Sarad Anajal sinchit Dui | 0.0364 | Jitendra Kumar Behera S/o: Ramakant Behera 354 |
| 185 | 355 | Government | Patit | 0.0535 | Government 355 |
| 186 | 356 | Private | Sarad Anajal sinchit Dui | 0.004 | Annada Prasad Rai S/o: Krishnakant Rai 356 |
| 187 | 357 | Private | Sarad Anajal sinchit Dui | 0.0162 | Sreesadbhuj Radha Ramandev BJ Nijgharha Marfat Kamdev Raut S/o: Krishna Chandra Raut 357 |
| 188 | 358 | Private | Sarad Anajal sinchit Dui | 0.002 | Shri Radharman Jiu Bij Nijghar Marhat of: Annada Prasad Rai S/o: Krishnakant Rai 358 |
| 189 | 368 | Government | Gramya jangal | 0.0161 | Government 368 |
| 190 | 370 | Private | Sarad Anajal sinchit Dui | 0.042 | Ghanshyam Behuria S/o: Nalu Behuria 370 |
| 191 | 371 | Private | Sarad Anajal sinchit Dui | 0.0181 | Shet Kumar Sahu Self: Niranjan Sahu, Niranjan Sahu S/o: Daitari Sahu 371 |
| 192 | 372 | Private | Sarad Anajal sinchit Dui | 0.0202 | Sanatan Nayak S/o: Padan Nayak 372 |
| 193 | 409 | Private | Sarad Anajal sinchit Dui | 0.0405 | Murali Dhar Nayak S/o: Banamali Nayak 409 |
| 194 | 436 | Private | Sarad Anajal sinchit Dui | 0.0335 | Nakul Charan Barik S/o: Jagannath Barik 436 |
| 195 | 437 | Private | Sarad Anajal sinchit Dui | 0.0283 | Nakul Charan Barik S/o: Jagannath Barik 437 |
| 196 | 437/1847 | Private | Sarad Anajal sinchit Dui | 0.0162 | Arjun Barik S/o: Jagannath Barik 437/1847 |
| 197 | 438 | Private | Sarad Anajal sinchit Dui | 0.0181 | Arjun Barik S/o: Jagannath Barik 438 |
| 198 | 441 | Private | Sarad Anajal sinchit Dui | 0.0212 | Gopinath Nayak S/o: Bihari Nayak 441 |
| 199 | 442 | Private | Sarad Anajal sinchit Dui | 0.0202 | Shet Kumar Sahu Self: Niranjan Sahu, Niranjan Sahu S/o: Daitari Sahu 442 |
| 200 | 443 | Private | Sarad Anajal sinchit Dui | 0.0584 | Gopinath Nayak S/o: Bihari Nayak 443 |
| 201 | 444 | Private | Sarad Anajal sinchit Dui | 0.0189 | Mohan Charan Behuria S/o: Kalandi Charan Behuria 444 |
| 202 | 445 | Private | Sarad Anajal sinchit Dui | 0.0664 | Sanatan Nayak S/o: Padan Nayak 445 |
| 203 | 446 | Private | Sarad Anajal sinchit Dui | 0.018 | Murali Dhar Nayak S/o: Banamali Nayak 446 |
| 204 | 447 | Private | Sarad Anajal sinchit Dui | 0.002 | Shri Radharman Jiu Bij Nijghar Marhat of: Annada Prasad Rai S/o: Krishnakant Rai 447 |
| 205 | 448 | Private | Sarad Anajal sinchit Dui | 0.0142 | Narasimha Charan Nayak, Muralidhar Nayak S/o: Banamali Nayak 448 |
| 206 | 449 | Government | Patit | 0.002 | Government 449 |
| 207 | 450 | Private | Sarad Anajal sinchit Dui | 0.0486 | Ghanshyam Behuria S/o: Nalu Behuria 450 |
| 208 | 451 | Private | Sarad Anajal sinchit Dui | 0.0373 | Annada Prasad Rai S/o: Krishnakant Rai 451 |
| 209 | 453 | Private | Sarad Anajal sinchit Dooi | 0.0928 | Shri Sadbhuj Radharman Deb BJ Nijgharha Marfat of:, Annada Prasad Rai, Mira Rai S/o: Krishnakant Rai 453 |
| 210 | 454 | Government | Sharad anajal sinchit Dui | 0.0101 | Sanyukta Barik W/o: Trilochan Barik W/o:, Gitanjali Barik W/o: Amar Ranjan Barik 454 |
| 211 | 455 | Private | Sarada Anajalasechita Dui | 0.002 | Sudhanshu Shekhar Ray, Chandra Shekhar Ray, Minati Nayak, Sunitiprabha Ray, Kshanprabha Ray S/o: Ghanshyam Ray, Ashok Kumar Ray, Prasanna Kumar Ray S/o: Radhashyam Ray 455 |
| 212 | 465 | Government | Rasta | 0.045 | Government 465 |
| 213 | 549 | Private | Sarad Anajal sinchit Dui | 0.0131 | Mathuri Nayak S/o: Banamali Nayak 549 |
| 214 | 551 | Government | Gramya jangal | 0.0162 | Government 551 |
| 215 | 552 | Private | Sarad Anajal sinchit Dui | 0.0061 | Mathuri Nayak S/o: Banamali Nayak 552 |
| 216 | 553 | Private | Sarad Anajal sinchit Dui | 0.0325 | Arnada Das, Snehalta Das S/o: Govind Das, Makshilata Das Self: Govind Das 553 |
| 217 | 554 | Private | Sarad Anajal sinchit Dui | 0.0442 | Kripasindhu Jena S/o: Krishna Jena 554 |
| 218 | 555 | Government | Gramya jangal | 0.002 | Government 555 |
| 219 | 556 | Government | Gramya jangal | 0.0477 | Government 556 |
| 220 | 576 | Private | Sarad Anajal sinchit Dui | 0.0585 | Kripasindhu Jena, Gopbandhu Jena S/o: Krishna Jena, Sabitri Jena Self: Krishna Jena 576 |
| 221 | 577 | Private | Sarad Anajal sinchit Dui | 0.0162 | Chintamani Das S/o: Netrananda Das 577 |
| 222 | 578 | Private | Sarad Anajal sinchit Dui | 0.0114 | Vaidyanatha Dalai S/o: Hari Dalai 578 |
| 223 | 579 | Private | Sarad Anajal sinchit Dui | 0.0061 | Purastam Dalei, Narhari Dalei S/o: Sadhu Dalei 579 |
| 224 | 580 | Private | Sarad Anajal sinchit Dui | 0.0162 | Baidhar Dalei, Narayan Dalei S/o: Anam Dalei 580 |
| 225 | 581 | Private | Sarad Anajal sinchit Dui | 0.0243 | Bholanath Dalai S/o: Brindu Dalai, Kunchandra Dalai S/o: Bholanath Dalai 581 |
| 226 | 582 | Government | Gramiya Jungal | 0.0405 | Government 582 |
| 227 | 583 | Private | Sarad Anajal sinchit Dui | 0.0247 | Sarat Chandra Sethi, Bharat Chandra Sethi S/o: Purastam Sethi, Umarani Sethi W/o: Purastam Sethi 583 |
| 228 | 584 | Private | Sarad Anajal sinchit Dui | 0.0353 | Banamali Sahu, Kali Sahu, Bali Sahu S/o: Balakrishna Sahu 584 |
| 229 | 585 | Private | Sarad Anajal sinchit Dui | 0.0121 | Kunchandra Dalai S/o: Bholanath Dalai 585 |
| 230 | 586 | Private | Sarad Anajal sinchit Dui | 0.0161 | Gananath Dalai S/o: Bhagwan Dalai, Rukmini Dalai S/o: Bharat Dalai, Goddess Dalai Self: Bharat Dalai 586 |
| 231 | 587 | Private | Sarad Anajal sinchit Dui | 0.0141 | Rukmini Dalai S/o: Bharat Dalai, Devi Dalai W/o: Bharat Dalai, Bhagirathi Dalai, Dashrathi Dalai S/o: Vaidyanatha Dalai, Kunchandra Dalai S/o: Bholanath Dalai, Shova Dalai W/o: Bholanath Dalai 587 |
| 232 | 601 | Private | Sarad Anajal sinchit Dui | 0.0243 | Suresh Nayak S/o: Gopinath Nayak 601 |
| 233 | 602 | Private | Sarad Anajal sinchit Dui | 0.027 | Pritam Kumar Nayak S/o: Prashant Kumar Nayak 602 |
| 234 | 603 | Private | Sarad Anajal sinchit Dui | 0.004 | Babaji Sahu S/o: Nidhi Sahu 603 |
| 235 | 604 | Private | Sarad Anajal sinchit Dui | 0.0131 | Suresh Nayak, Akshay Kumar Nayak, Ajay Kumar Nayak S/o: Gopinath Nayak Ja: Gopal Ba :, Sanatan Nayak S/o: Padan Nayak, Narsingh Nayak, Murli Nayak S/o: Banamali Nayak 604 |
| 236 | 605 | Private | Sarad Anajal sinchit Dui | 0.0121 | Suresh Nayak S/o: Gopinath Nayak 605 |
| 237 | 606 | Private | Sarad Anajal sinchit Dui | 0.0112 | Keshab Patra S/o: Maguni Patra 606 |
| 238 | 683 | Private | Sarad Anajal sinchit Dui | 0.0209 | Shri Murli Mohan Jiu BJ Nijgharha Marfath of:, Jayaram Panda S/o: Vrindavan Panda 683 |
| 239 | 685 | Private | Sarad Anajal sinchit Dui | 0.0225 | Shri Kishore Laljiu BJ Thalakudi Marifat of:, Parshuram Mohanty, Radhashyam Mohanty, Kailash Mohanty, Abhiram Mohanty S/o: Bhagwan Mohanty 685 |
| 240 | 686 | Private | Sarad Anajal sinchit Dui | 0.0114 | Dasaratha Sahu, Basudev Sahu S/o: Nav Sahu 686 |
| 241 | 688 | Private | Sarad Anajal sinchit Dui | 0.0429 | Praful Kumar Bishwal S/o: Narayan Chandra Bishwal 688 |
| 242 | 689 | Private | Sarad Anajal sinchit Dui | 0.0692 | Bhagirathi Sahani S/o: Bhagwan Sahani, Gehlamani Sahani W/o: Bhagwan Sahani 689 |
| 243 | 690 | Private | Sarad Anajal sinchit Dui | 0.0392 | Shri Kishore Laljiu BJ Thalakudi Marifat of: Bhagirathi Sahu, Babaji Sahu, Shankar Sahu, Mahendra Sahu S/o: Gangadhar Sahu, Krishnachandra Sahu, Hira Sahu, Nila Sahu, Til Sahu S/o: Aparti Sahu, Makhi Sahu W/o: Aparti Sahu 690 |
| 244 | 691 | Private | Sarad Anajal sinchit Dui | 0.0374 | Shri Kishore Laljiu BJ Thalakudi Marifat of: Bhagirathi Sahu, Babaji Sahu, Shankar Sahu, Mahendra Sahu S/o: Gangadhar Sahu, Krishnachandra Sahu, Hira Sahu, Nila Sahu, Til Sahu S/o: Aparti Sahu, Makhi Sahu W/o: Aparti Sahu 691 |
| 245 | 692 | Private | Sarad Anajal sinchit Dui | 0.0185 | Shri Kishorlal Jiu Bij Thalakudi Marfat of: Chowdhury Nand Kumar Mohapatra S/o: Chowdhury Rabindra Mohapatra 692 |
| 246 | 693 | Private | Sarad Anajal sinchit Dui | 0.0142 | Shri Kishore Laljiu BJ Thalakudi Marifat of: Bhagirathi Sahu, Babaji Sahu, Shankar Sahu, Mahendra Sahu S/o: Gangadhar Sahu, Krishnachandra Sahu, Hira Sahu, Nila Sahu, Til Sahu S/o: Aparti Sahu, Makhi Sahu W/o: Aparti Sahu 693 |
| 247 | 694 | Private | Sarad Anajal sinchit Dui | 0.004 | Annada Das, Vishnu Charan Das, Snehalta Das S/o: Govind Das, Makhi Das Self: Govind Das 694 |
| 248 | 717 | Private | Sarad Anajal sinchit Dui | 0.002 | Gopal Charan Patra S/o: Padan Patra 717 |
| 249 | 725 | Private | Sarad Anajal sinchit Dui | 0.002 | Shri Murli Mohan Jiu BJ Nijgharha Marfath of:, Jayaram Panda S/o: Vrindavan Panda 725 |
| 250 | 726 | Private | Sarad Anajal sinchit Dui | 0.0243 | Srinivasa Sahu S/o: Narayan Sahu 726 |
| 251 | 727 | Private | Sarad Anajal sinchit Dui | 0.0173 | Kun Chandra Dalai S/o: Bholanath Dalai 727 |
| 252 | 728 | Private | Sarad Anajal sinchit Dui | 0.0112 | Vaidyanatha Dalai S/o: Hari Dalai 728 |
| 253 | 729 | Private | Sarad Anajal sinchit Dui | 0.0202 | Maguni Dalai S/o: Bihari Dalai 729 |
| 254 | 730 | Private | Sarad Anajal sinchit Dui | 0.0191 | Kun Chandra Dalai S/o: Bholanath Dalai 730 |
| 255 | 731 | Private | Sarad Anajal sinchit Dui | 0.0793 | Shri Murli Mohan Jiu BJ Nijgharha Marfath of:, Jayaram Panda S/o: Vrindavan Panda of thalkuri 731 |
| 256 | 732 | Private | Sarad Anajal sinchit Dui | 0.0101 | Shri Murli Mohan Jiu BJ- Nijgaon Marfat of:, Krishnachandra Panda S/o: Vrindavan Panda 732 |
| 257 | 738 | Private | Sarad Anajal sinchit Dui | 0.0637 | Shri Kishore Laljiu BJ Nijgaon Marifat of: Bhagirathi Sahu, Babaji Sahu, Shankar Sahu, Mahendra Sahu of: Gangadhar Sahu, Krishnachandra Sahu, Hira Sahu, Nila Sahu, Til Sahu S/o: Aparti Sahu, Makhi Sahu W/o: Aparti Sahu 738 |
| 258 | 739 | Private | Sarad Anajal sinchit Dui | 0.0304 | Chintamani Das S/o: Netra Das, Hrishikesh Das, Sadashiv Das, Dinbandhu Das S/o: Naran Das, Hari Das W/o: Naran Das, Sanatan Das S/o: Suryamani Das, Murli Das, Banshidhar Das S/o: Govind Das 739 |
| 259 | 744 | Private | Sarad Anajal sinchit Dui | 0.0389 | Purastam Dalei, Narhari Dalei S/o: Sadhu Dalei 744 |
| 260 | 748 | Private | Sarad Anajal sinchit Dui | 0.056 | Gananath Dalai S/o: Bhagwan Dalai, Rukmini Dalai S/o: Bharat Dalai, Debi Dalai Self: Bharat Dalai 748 |
| 261 | 749 | Private | Sarad Anajal sinchit Dui | 0.0175 | Chintamani Das S/o: Netrananda Das 749 |
| 262 | 750 | Private | Sarad Anajal sinchit Dui | 0.0303 | Shri Murli Mohan Jiu BJ Nijgharha Marfath of:, Jayaram Panda S/o: Vrindavan Panda 750 |
| 263 | 838 | Private | Sarad Anajal sinchit Dui | 0.0822 | Shri Murli Mohan Jiu ,Marfat of:, Krishnachandra Panda S/o: Vrindavan Panda 838 |
| 264 | 839 | Private | Sarad Anajal sinchit Dui | 0.006 | Shankar Sethi, Makar Sethi S/o: Kusun Sethi 839 |
| 265 | 842 | Private | Sarad Anajal sinchit Dui | 0.0393 | Kalyan Ashram Thalkuri Marifat of:, Swami Brahmananda Sharaswati Chele Swami Sadananda Tirtha 842 |
| 266 | 842/1795 | Private | Sarad Anajal sinchit Dui | 0.0202 | Sanatan Patra, Niranjan Patra S/o: Purnachandra Patra 842/1795 |
| 267 | 843 | Private | Sarad Anajal sinchit Dui | 0.004 | Gaurang Sethi S/o: Gani Sethi, Makar Sethi S/o: Kusun Sethi, Purastam Sethi S/o: Nidhi Sethi 843 |
| 268 | 844 | Private | Sarad Anajal sinchit Dui | 0.0483 | Laxmidhar Sahu S/o: Banamali Sahu 844 |
| 269 | 845 | Private | Sarad Anajal sinchit Dui | 0.0081 | Laxmidhar Sahu S/o: Banamali Sahu 845 |
| 270 | 846 | Private | Sarad Anajal sinchit Dui | 0.0364 | Praful Chandra Patra S/o: Pahali Patra 846 |
| 271 | 848 | Private | Sarad Anajal sinchit Dui | 0.004 | Ghanshyam Behuria S/o: Nalu Behuria 848 |
| 272 | 868 | Private | Sarad Anajal sinchit Dui | 0.0162 | Kalyan Ashram , Sri Swamibrahmananda Saraswati:, Swami Abhedananda Saraswatija. Gurukul Vaishnav Baba 868 |

| Sl. No. | Survey No. | Type of land | Nature of land | Area (in Hectare) | Name of the land owner/ interested persons Part Survey No. |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 273 | 869 | Private | Sarad Anajal sinchit Dui | 0.1131 | Sanatan Patra of:, Niranjan Patra S/o: Punananda Patra 869 |
| 274 | 870 | Private | Sarad Anajal sinchit Dui | 0.0263 | Kalyan Ashram of Marfat Brahmananda, Chele Swami Sivanandatirtha 870 |
| 275 | 871 | Private | Sarad Anajal sinchit Dui | 0.0665 | Jibani Nayak W/o: Parameswar Nayak 871 |
| **VILLAGE: AKARPADA-243** | | | | | |
| 276 | 173 | Government | Sharad Jal aek | 0.0166 | Odisha Government (public) 173 |
| 277 | 174 | Government | Sharad Jal aek | 0.0283 | Odisha Government (public) 174 |
| 278 | 175 | Private | Sharad Jal aek | 0.0332 | Ramakant Das, Umakant Das, Tarakant Das S/o: Harekrishna Das 175 |
| 279 | 188 | Private | Sharad Jal aek | 0.0324 | Satishchandra Das S/o: Rameshchandra Das, Santosh Kumar Das S/o: Girishchandra Das 188 |
| 280 | 189 | Private | Sharad Jal aek | 0.0345 | Satishchandra Das S/o: Rameshchandra Das, Santosh Kumar Das S/o: Girishchandra Das 189 |
| 281 | 190 | Private | Sharad Jal aek | 0.1093 | Subhendu Kumar Parida S/o: Banshidhar Parida 190 |
| 282 | 201 | Private | Sharad Jal aek | 0.0486 | Gaur Chandra Das, Govind Chandra Das S/o: Gagan Chandra Das, Rashmiranan Das S/o: Golek Chandra Das 201 |
| 283 | 229 | Government | Road | 0.0202 | Odisha Government (public) 229 |
| 284 | 233 | Private | Gharbaari | 0.0121 | Manoj Kumar Pristi S/o: Narsingh Charan Pristi 233 |
| 285 | 234 | Private | Sharad Jal aek | 0.0277 | Gokulchandra Das S/o: Dayanidhi Das 234 |
| 286 | 235 | Private | Sharad Jal aek | 0.0509 | Satishchandra Das S/o: Rameshchandra Das, Santosh Kumar Das S/o: Girishchandra Das 235 |
| 287 | 236 | Private | Sharad Jal aek | 0.088 | Vimsen Das S/o: Mahani Das of: Sumitra Das W/o: Vimsen Das 236 |
| 288 | 237 | Private | Sharad Jal aek | 0.0202 | Vimsen Das S/o: Mahani Das of: Sumitra Das W/o: Vimsen Das 237 |
| 289 | 238 | Private | Sharad Jal aek | 0.0648 | Vimsen Das S/o: Mahani Das of: Sumitra Das W/o: Vimsen Das 238 |
| 290 | 239 | Private | Sharad Jal aek | 0.0405 | Vimsen Das S/o: Mahani Das of: Sumitra Das W/o: Vimsen Das 239 |
| 291 | 241 | Private | Sharad Jal aek | 0.0324 | Vimsen Das S/o: Mahani Das of: Sumitra Das W/o: Vimsen Das 241 |
| 292 | 242 | Private | Sharad Jal aek | 0.0526 | Gaurachandra Das, Govind Chandra Das S/o: Gagan Chandra Das, Rashmi Ranan Das S/o: Golek Chandra Das Kismat T 0. Chariana, Pramod Kumar Das S/o: Sourendra Das Kismat T 0. Ekana Charipahi, Manoj Kumar Das, Pralay Kumar Das S/o: Harjaksha Das, Biplabasatyasunder Das S/o: Utkal Kumar Das, Kashmira Das W/o: Utkal Kumar Das Kismat 0.Two or eight Athapahi of:, Girish Chandra Das S/o: Harish Chandra Das Kismat 0. 0. Athana 242 |
| 293 | 245 | Government | Sharad Jal aek | 0.006 | Odisha Government (public) 245 |
| 294 | 246 | Private | Patit | 0.0229 | Vimsen Das S/o: Mahani Das of: Sumitra Das W/o: Vimsen Das 246 |
| 295 | 247 | Private | Sharad Jal aek | 0.0248 | Ajay Chandra Mohanty S/o: Purnachandra Mohanty 247 |
| 296 | 252 | Private | Sharad Jal aek | 0.002 | Malay Kumar Das, Prakash Kumar Das S/o: Raghunath Das, Harapriya Das Self: Raghunath Das 252 |
| 297 | 253 | Private | Sharad Jal aek | 0.0688 | Amalkumar Das, Bimal Kumar Das S/o: Narendrakumar Das 253 |
| 298 | 254 | Private | Gharbaari | 0.0304 | Manoj Kumar Lenka S/o: Nilamani Lenka 254 |
| 299 | 255 | Private | Gharbaari | 0.0517 | Manoj Kumar Lenka S/o: Nilamani Lenka 255 |
| 300 | 258 | Private | Sharad Jal aek | 0.0081 | Amalkumar Das, Bimal Kumar Das S/o: Narendrakumar Das 258 |
| 301 | 626 | Private | Sharad Jal aek | 0.0101 | Prashannakumar Mohanty, Ranjan Kumar Mohanty, Pradyumna Kumar Mohanty, Chinmayi Mohanty, Vijay Lakshmi Mohanty S/o: Pramod Chandra Mohanty, Saraswati Mohanty Self: Pramod Chandra Mohanty of: Jalpur, Kismat Panchana Charipahi 626 |
| 302 | 627 | Government | Sharad Jal aek | 0.004 | Odisha Government (public) 627 |
| 303 | 628 | Private | Sharad Jal aek | 0.006 | Banindra Nath Das, Dhirendra Nath Das, Birendranath Das S/o: Trilokyanath Das 628 |
| 304 | 629 | Private | Sharad Jal aek | 0.0179 | Eternal Sandhivigraha, Eternal Sandhivigraha, Adikanda Sandhivigraha, Ashok Sandhivigraha, Kumari Sandhivigraha S/o: Shambhunath Sandhivigraha 629 |
| 305 | 630 | Government | Sharad Jal aek | 0.0081 | Odisha Government (public) 630 |
| 306 | 631 | Government | Sharad Jal aek | 0.0121 | Odisha Government (public) 631 |
| 307 | 632 | Private | Sharad Jal aek | 0.2997 | Prashannakumar Mohanty, Ranjan Kumar Mohanty, Pradyumna Kumar Mohanty, Chinmayi Mohanty, Vijay Lakshmi Mohanty S/o: Pramodchandra Mohanty, Saraswati Mohanty Self: Pramodchandra Mohanty 632 |
| 308 | 633 | Private | Sharad Jal aek | 0.0309 | Prashannakumar Mohanty, Ranjan Kumar Mohanty, Pradyumna Kumar Mohanty, Chinmayi Mohanty, Vijay Lakshmi Mohanty S/o: Pramodchandra Mohanty, Saraswati Mohanty Self: Pramodchandra Mohanty 633 |
| 309 | 720 | Private | Chak | 0.0967 | Dharanidhar Sahu S/o: Jagannath Sahu 720 |
| 310 | 721 | Private | Chak | 0.1033 | Jagbandhu Mishra S/o: Damodar Mishra 721 |
| 311 | 722 | Private | Chak | 0.1437 | Prahlad Pristi S/o: Yogendra Pristi 722 |
| 312 | 733 | Private | Chak | 0.0891 | Anand Pristi, Binod Pristi S/o: Sridhar Pristi, Uma Pristi Self: Sridhar Pristi 733 |
| 313 | 734 | Private | Chak | 0.1295 | Ravi Narayan Pristi S/o: Vaidyanatha Pristi 734 |
| 314 | 735 | Private | Chak | 0.0081 | Rabinarayan Pristi S/o: Vaidyanatha Pristi 735 |
| 315 | 738 | Private | Chak | 0.1093 | Tilottama Maharana W/o: Karthikchandra Maharana 738 |
| 316 | 740 | Private | Chak | 0.1822 | Mayadhar Behera, Chakradhar Behera, Vidyadhar Behera, Gadadhar Behera S/o: Gangadhar Behera 740 |
| 317 | 741 | Private | Chak | 0.0486 | Ashok Kumar Das, Ajay Kumar Das, Ashwinikumar Das, Dilip Kumar Das, Prabir Kumar Das S/o: Basant Kumar Das, Prabhati Kumari Das Self: Basant Kumar Das 741 |
| 318 | 742 | Private | Chak | 0.1275 | Satish Chandra Das S/o: Ramesh Chandra Das, Santosh Kumar Das S/o: Girish Chandra Das, Snehalta Das Self: Girish Chandra Das, Malay Kumar Das, Prakash Kumar Das S/o: Raghunath Das, Harapriya Das Self: Raghunath Das 742 |
| 319 | 743 | Private | Chak | 0.002 | Vidyadhar Behera, Gadadhar Behera S/o: Gangadhar Behera 743 |
| 320 | 744 | Private | Chak | 0.0972 | Malay Kumar Das, Prakash Kumar Das S/o: Raghunath Das, Harapriya Das Self: Raghunath Das 744 |
| 321 | 748 | Private | Chak | 0.0202 | Sushant Kumar Sandhivigraha, Prashant Kumar Sandhivigraha S/o: Dungshasan Sandhivigraha, Basanti Sandhivigraha W/o: Dushasan Sandhivigraha 748 |
| 322 | 749 | Private | Chak | 0.0952 | Kanchanbala Sandhivigraha W/o: Praful Chandra Sandhivigraha 749 |
| 323 | 750 | Government | Nala | 0.018 | Odisha Government (public) 750 |
| 324 | 752 | Government | Sharad Jal aek | 0.006 | Odisha Government (public) 752 |
| 325 | 788 | Private | Chak | 0.2774 | Aditya Kumars Pati S/o: Krishnachandras Pati, Harihars Pati, Brajkishores Pati, Rajkishores Pati S/o: Passionate Pati 788 |
| 326 | 790 | Private | Chak | 0.0475 | Golakha sandhivigraha Umakant Sandhivigraha, Ramakant Sandhivigraha, Kamalakant Sandhivigraha, Nalinikanth Sandhivigraha S/o: Raghunath Sandhivigraha, Rangalata Sandhivigraha W/o: Raghunath Sandhivigraha Anandi Sandhivigraha, Anandha Sandhivigraha:Adikanda Sandhivigraha, Ashok Sandhivigraha, Kumari Sandhivigraha S/o: Sambhunath Sandhivigraha 790 |
| 327 | 797 | Private | Chak | 0.0682 | Shantilata Das W/o: Sur Das 797 |
| 328 | 798 | Government | Gochar | 0.089 | Odisha Government (public) 798 |
| 329 | 799 | Government | Gochar | 0.0318 | Odisha Government (public) 799 |
| 330 | 801 | Private | Chak | 0.0353 | Anadi Sandhivigraha, Ananta Sandhivigraha, Adikanda Sandhivigraha, Ashok Sandhivigraha, Kumari Sandhivigraha S/o: Shambhunath Sandhivigraha 801 |
| 331 | 802 | Private | Chak | 0.0608 | Sukdev pati, Bamdev pati, Chintamani pati S/o: Indramani pati, Radhashyam pati S/o: Suryamani pati, Lakshmi pati W/o: Suryamani pati, Rabinarayan pati S/o: Duryodhan pati 802 |
| 332 | 803 | Private | Chak | 0.004 | Ramchandra Das S/o: Kalandi Das 803 |
| 333 | 823 | Government | Sharad Jal aek | 0.0093 | Odisha Government (public) 823 |
| 334 | 826 | Private | Chak | 0.0101 | Prabhat Kumar Das S/o: Kelucharan Das Ja: Kandra, Sridhar Raut S/o: Bandhu Raut, Govardhan Raut, Narayan Raut S/o: Kangali Raut 826 |
| 335 | 827 | Government | Sharad Jal aek | 0.0202 | Odisha Government (public) 827 |
| 336 | 828 | Private | Chak | 0.174 | Prabhatkumar Das S/o: Kelu Charan Das 828 |
| 337 | 829 | Private | Chak | 0.0243 | Rabindra Kumar Das S/o: Kelucharan Das 829 |
| 338 | 830 | Government | Gochar | 0.0283 | Odisha Government (public) 830 |
| 339 | 831 | Government | Sharad Jal aek | 0.0243 | Odisha Government (public) 831 |
| 340 | 832 | Private | Chak | 0.006 | Krishnachandra Mohanty S/o: Bhagwan Mohanty 832 |
| 341 | 833 | Private | Chak | 0.0769 | Kanchanbala Sandhivigraha W/o: Praful Chandra Sandhivigraha 833 |
| 342 | 834 | Private | Chak | 0.004 | Ashok Kumar Das, Ajay Kumar Das, Ashwinikumar Das, Dilip Kumar Das, Prabir Kumar Das S/o: Basant Kumar Das, Prabhati Kumari Das Self: Basant Kumar Das 834 |
| 343 | 921 | Private | Chak | 0.0311 | Manoja Manjari Sahu S/o: Dharanidhar Sahu 921 |
| 344 | 923 | Private | Chak | 0.0162 | Nilamani Lenka, Kulmani Lenka, Jadumani Lenka, Tara Lenka S/o: Govind Lenka, Indramani Lenka S/o: Narayan Lenka, Mushi Lenka W/o: Narayan Lenka, Nandkishore Lenka, Radhashyam Lenka S/o: Daitari Lenka 923 |
| **Village: Andola-241** | | | | | |
| 345 | 3628 | Private | Sharad jal dophsali aek | 0.1821 | Laxmidhar Sethi S/o: Yogi Sethi 3628 |
| 346 | 3877 | Private | Sharad jal dophsali aek | 0.1134 | Parameswar Barik, Shukdev Barik S/o: Ramchandra Barik 3877 |
| 347 | 3893 | Private | Sharad jal dophsali aek | 0.0728 | Rabindranath Nayak S/o: Bhavagrahi Nayak, Malati Nayak W/o: Bhavagrahi Nayak, Padmalav Nayak, Nandkishore Nayak S/o: Durgacharan Nayak 3893 |
| 348 | 3894 | Private | Sharad jal dophsali aek | 0.0972 | Sheikh Abdul Sakur S/o: Syed Abdul Vaheb, Jalia Bibi W/o: Sheikh Abdul Baheb, Sheikh Suleiman S/o: Mohammad Meherban, Chandini Bibi W/o: Mohammad Meherban 3894 |
| 349 | 3895 | Private | Sharad jal dophsali aek | 0.0081 | Rabindranath Nayak S/o: Bhavagrahi Nayak, Malati Nayak W/o: Bhavagrahi Nayak, Padmalav Nayak, Nandkishore Nayak S/o: Durgacharan Nayak 3895 |
| 350 | 3898 | Private | Sharad jal dophsali aek | 0.006 | Purnachandra Jena, Navkishore Jena S/o: Jairam Jena 3898 |
| 351 | 3899 | Private | Sharad jal dophsali aek | 0.002 | Aditya Kumars Pati S/o: Krishnachandras Pati, Harihars Pati, Braj Kishores Pati, Rajkishores Pati S/o: Bhav Pati 3899 |
| 352 | 3901 | Private | Sharad jal dophsali aek | 0.1352 | Madhavananda Mohanty S/o: Duryodhan Mohanty 3901 |
| 353 | 3902 | Private | Sharad jal dophsali aek | 0.1012 | Bauribandhu Nayak S/o: Hari Nayak 3902 |
| 354 | 3903 | Private | Sharad jal dophsali aek | 0.0445 | Nityananda Sandhivigraha, Hridananda Sandhivigraha, Rabinarayan Sandhivigraha S/o: Krishnachandra Sandhivigraha, Soraswati Sandhivigraha W/o: Krishnachandra Sandhivigraha 3903 |
| 355 | 3904 | Private | Sharad jal dophsali aek | 0.0225 | Nityananda Sandhivigraha, Hridananda Sandhivigraha, Rabinarayan Sandhivigraha S/o: Krishnachandra Sandhivigraha, Soraswati Sandhivigraha W/o: Krishnachandra Sandhivigraha 3904 |
| 356 | 3905 | Private | Sharad jal dophsali aek | 0.006 | Rabindra Kumar Jena S/o: Vishnacharan Jena 3905 |
| 357 | 3913 | Private | Sharad jal dophsali aek | 0.0081 | Laxmidhar Mahalik S/o: Bauri Mahalik 3913 |
| 358 | 4045 | Private | Sharad jal dophsali aek | 0.0196 | Laxmidhar Das, Bhimse Das S/o: Mahani Das, Magi Das W/o: Mahani Das 4045 |
| 359 | 4047 | Private | Sharad jal dophsali aek | 0.0243 | Sheikh Soleman S/o: Sheikh Merhum Merciful 4047 |
| 360 | 4049 | Private | Sharad jal dophsali aek | 0.1863 | Biswajit Jena, Ranjit Jena, Satyajit Jena S/o: Akshay Kumar Jena, Ajay Kumar Jena S/o: Duryodhan Jena 4049 |
| 361 | 4050 | Private | Sharad jal dophsali aek | 0.2076 | Prashant Kumar Das, Sushant Kumar Das, Srikant Kumar Das, Shiv Kumar Das S/o: Vishnucharan Das 4050 |
| 362 | 4051 | Private | Sharad jal dophsali aek | 0.0081 | Sheikh Abdul Sakur S/o: Syed Abdul Vaheb, Jalia Bibi W/o: Sheikh Abdul Baheb, Sheikh Suleiman S/o: Mohammad Meherban, Chandini Bibi W/o: Mohammad Meherban 4051 |
| 363 | 4052 | Private | Sharad jal dophsali aek | 0.0708 | Arvind Mohanty S/o: Harekrishna Mohanty 4052 |
| 364 | 4053 | Private | Sharad jal dophsali aek | 0.0348 | Sheikh Soleman S/o: Sheikh Merhum Merciful 4053 |
| 365 | 4059 | Private | Sharad jal dophsali aek | 0.0155 | Rasdin Nesha Bibi W/o: Abdul Sakur, Asarfun Nesha Bibi W/o: Sek Soleman 4059 |

ଦେଖନ୍ତୁ ପୃଷ୍ଠା 'ଗ'...

## ୧୨୧ କେଜି ଗଞ୍ଜେଇ ଜବତ, ୩ ଗିରଫ

ଫୁଲବାଣୀ ଅଫିସ: ଫିରିଙ୍ଗିଆ ଥାନା ପୋଲିସ ଟେଲାପାଲି ଗାଁ ନିକଟରେ ଏକ ଅଟୋରୁ ୧୨୧ କିଲୋ ୫୦୦ ଗ୍ରାମ ଗଞ୍ଜେଇ ଜବତ କରିଛି । ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରାଯାଇଛି । ସେମାନେ ହେଲେ ଫିରିଙ୍ଗିଆ ବ୍ଲକ ନୂଆପଦର ପଞ୍ଚାୟତ ବିଲୁପଦର ଗାଁର ଗିରିଶ ଶେଖର ବେହେରା, ଡ଼ିମିରିଗୁଡା ପଞ୍ଚାୟତ ଟାମଟିଙ୍ଗିଆ ଗାଁର ସନ୍ତୋଷ କହଁର ଓ ଶ୍ରୀପଲା ଗାଁର ରମାକାନ୍ତ କହଁର । ବିଶେଷ ସୂତ୍ରରୁ ଖବରପାଇ ଥାନା ଅଧିକାରୀ ପି. ଶ୍ୟାମସୁନ୍ଦର ରାଓଙ୍କ ନିର୍ଦ୍ଦେଶକ୍ରମେ ଏକ ଟିମ୍ ଟେଲାପାଲି ଗାଁ ନିକଟରେ ଅଟକି ଯାଞ୍ଚ କରିବାରୁ ସେଥିରୁ ଗଞ୍ଜେଇ ମିଳିଥିଲା । ଏ ନେଇ ଥାନାରେ ୯୧/୨୨ ରେ ମାମଲା ରୁଜୁ ହୋଇଛି ।

## ସଂକ୍ଷେପରେ...

### ଜେଲ ଗଲେ ବିଇଓ ଅଫିସ କିରାଣି

ବ୍ରହ୍ମପୁର ଅଫିସ,୧୩।୬- ଗଞ୍ଜାମ ଜିଲା ଆସିକା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର କନିଷ୍ଠ କିରାଣି ମନୋଜ କୁମାର ପ୍ରଧାନ ଜଣେ ଅବସରପ୍ରାପ୍ତ ଶିକ୍ଷକଙ୍କଠାରୁ ରବିବାର ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାବୁଡ଼ରେ ଧରାପଡି ଗିରଫ ହୋଇଥିଲେ। ମାମଲା ନମ୍ବର ୮/୨୨ରେ ଭିଜିଲାନ୍ସ କିରାଣି ମନୋଜଙ୍କୁ ସୋମବାର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଚାଲାଣ କରିଥିଲା। ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି। ସେହିପରି ଭିଜିଲାନ୍ସ ବିଭାଗ ପକ୍ଷରୁ କୋର୍ଟରେ ଏହି ମାମଲାର ସିଡୀ ଆସନ୍ତା ୨୦ ତାରିଖ ସୁଦ୍ଧା ଦାଖଲ କରିବାକୁ ଜଜ୍ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୨୦ରେ ଏହି ମାମଲାର ଜାମିନ ଶୁଣାଣି ହେବ ବୋଲି କୋର୍ଟ ତାରିଖ ଧାର୍ଯ୍ୟ କରିଥିବା ମୁଦାଲାଙ୍କ ଓକିଲ ପ୍ରସାଦ ପଟ୍ଟନାୟକ ଓ ପ୍ରଦୀପ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଅବସରପ୍ରାପ୍ତ ଶିକ୍ଷକ ନବଘନ ଗୌଡ଼ଙ୍କ ବର୍ଦ୍ଧିତ ଦରମା ସମ୍ପର୍କିତ କାଗଜପତ୍ର ଉପରିସ୍ଥ ଅଧିକାରୀଙ୍କୁ ପଠାଇବା ପାଇଁ କିରାଣି ମନୋଜଙ୍କୁ ସେ ଅନୁରୋଧ କରିଥିଲେ। ଏହି କାମ ପାଇଁ ମନୋଜ ଆବେଦନକାରୀଙ୍କୁ ୫ହଜାର ଟଙ୍କା ଲାଞ୍ଚ ଦେବାକୁ କହିଥିଲେ। ଯୋଜନା ମୁତାବକ ରବିବାର ଅପରାହ୍ନରେ ଆସିକା ବସ୍‌ଷ୍ଟାଣ୍ଡକୁ ଆସି ଟଙ୍କା ଦେବାକୁ ମନୋଜ ଶିକ୍ଷକ ନବଘନଙ୍କୁ କହିଥିଲେ। ନବଘନ ବସଷ୍ଟାଣ୍ଡ ଯାଇ ସେଠାରେ ସେ ଠିଆ ହୋଇଥିବା ବେଳେ ତାଙ୍କୁ ୫ହଜାର ଟଙ୍କା ଲାଞ୍ଚ ଦେଇଥିଲେ। ଭିଜିଲାନ୍ସ ଟିମ ଚଢ଼ାଉ କରି ମନୋଜଙ୍କୁ କାବୁ କରି ତାଙ୍କ ଠାରୁ ଲାଞ୍ଚ ଟଙ୍କା ଜବତ କରିଥିଲା।

### ଯୁବକଙ୍କୁ ଛୁରାମାଡ ମାମଲା, ଅଭିଯୁକ୍ତ ଗିରଫ

ଦିଗପହଣ୍ଡି,୧୩।୬(ଡି.ଏନ.ଏ.)-କେ.ନୂଆଗାଁ ପୋଲିସ ସୋମବାର ଜରଡ଼ା ଥାନା କେଲୁଆ ନାରାୟଣପୁର ଗ୍ରାମର ଲକ୍ଷ୍ମୀ ଚରଣ ସେଠୀଙ୍କୁ କୋର୍ଟକୁ ଚାଲାଣ କରିଛନ୍ତି। ମାମଲା ନଂ. ୧୪୨/୨୨ ଅନୁଯାୟୀ ଜାମିନ ଆବେଦନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ବ୍ରହ୍ମପୁର ଜେଲକୁ ପଠାଯାଇଛି। ଏଥିରେ ସମ୍ପୃକ୍ତ ଥିବା ଜଣେ ନାବଳକଙ୍କୁ ପୋଲିସ ବ୍ରହ୍ମପୁର ଯୁଭେନାଇଲ ଜଷ୍ଟିସବୋର୍ଡରେ ହାଜର କରିବା ପରେ ବ୍ରହ୍ମପୁର ସ୍ଥିତ ବାଳ ସୁଧାର ଗୃହକୁ ପଠାଇଛି। ଦିଗପହଣ୍ଡି ବ୍ଲକ ବମକେଇ ଗ୍ରାମର ତୋଫାନ ପ୍ରଧାନଙ୍କୁ ଗତ ମଙ୍ଗଳବାର ରାତିରେ ଟିକିଟି ଠାକୁରାଣୀ ଯାତ୍ରାରେ କେତେଜଣ ଯୁବକ ସଂଘବଦ୍ଧ ଭାବେ ଛୁରୀରେ ଭୁଷି ହତ୍ୟାଉଦ୍ୟମ କରିଥିଲେ।

# ଇଞ୍ଜିନିୟରିଂ ସ୍କୁଲ ଛକରେ ବଢୁଛି ଲୁଟେରାଙ୍କ ଦୌରାତ୍ମ୍ୟ

ବ୍ରହ୍ମପୁର ଅଫିସ,୧୩।୬

ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅଞ୍ଚଳରେ ଲୁଟେରାଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବଢ଼ିବାରେ ଲାଗିଛି। ଏପରି କି ୧୫ଦିନ ମଧ୍ୟରେ ଲୁଟେରାମାନେ ଇଞ୍ଜିନିୟରିଂ ସ୍କୁଲ ଛକରେ ଥିବା ଗୋଟିଏ ଦୋକାନକୁ ଦୁଇ ଦୁଇଥର ଟାର୍ଗେଟ କରିଛନ୍ତି। ଫଳରେ ବ୍ୟବସାୟୀମାନେ ଏବେ ହତାଶ ହୋଇପଡିଛନ୍ତି। ମେ' ୨୭ରେ ଏହି ଛକରେ ଥିବା ୩ଟି ଦୋକାନରୁ ଲକ୍ଷାଧିକ ଟଙ୍କା ଓ ସାମଗ୍ରୀ ଚୋରି ହୋଇଥିଲା। ପୋଲିସର ପାଟ୍ରୋଲିଂ ଓ ଚୋର, ଲୁଟେରାଙ୍କୁ ଧରିବା ପାଇଁ ଗଠିତ ସ୍ୱତନ୍ତ୍ର ଟିମ୍‌ର ଗୋଇନ୍ଦା ବ୍ୟବସ୍ଥାର ଅଭାବ ଯୋଗୁ ପୁଣିଥରେ ଶନିବାର ବିଳମ୍ବିତ ରାତିରେ ଉକ୍ତ ଅଞ୍ଚଳରେ ଥିବା ସାହିଲ ଏଜେନ୍ସି ଓ ଆପୋଲୋ ଫାର୍ମାସିୟୁଟିକାଲ ଦୋକାନରୁ ଲକ୍ଷାଧିକ ଟଙ୍କା ଓ ସାମଗ୍ରୀ ଚୋରି ହୋଇଛି। ପୋଲିସ ନିକଟରେ ଏନେଇ ଅଭିଯୋଗ କରାଯାଇଥିଲେ ମଧ୍ୟ ଏଯାବତ୍ କୌଣସି ସୁଫଳ ମିଳିପାରିଲାନାହିଁ। ଏଣୁ ସୋମବାର ଅଞ୍ଚଳର ଜୟ ମା' ଦୁର୍ଗା ବ୍ୟବସାୟୀ ସଂଘର ଶତାଧିକ ସଭ୍ୟ ବ୍ରହ୍ମପୁର ଏସ୍‌ପି ଶ୍ରବଣା ବିବେକ ଏମ୍‌ଙ୍କୁ ଭେଟିଥିଲେ। ଅଞ୍ଚଳରେ ଦୁର୍ବୃତ୍ତମାନେ ବିଭିନ୍ନ ଦୋକାନକୁ ଟାର୍ଗେଟ କରି ଟଙ୍କା ଓ ମୂଲ୍ୟବାନ ସାମଗ୍ରୀ ଚୋରିକରି ନେଉଛନ୍ତି।

ଚୋର ଗ୍ୟାଙ୍ଗ୍‌କୁ ଧରିବା ସହ ଅଞ୍ଚଳରେ ପୋଲିସ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରିବାକୁ ସେମାନେ ଦାବି କରିଛନ୍ତି। ଏସ୍‌ପି କହିଛନ୍ତି, ବ୍ୟବସାୟୀଙ୍କ ଦୋକାନର ସୁରକ୍ଷା ଦିଗରେ ଅଧିକ ଦୃଷ୍ଟି ଦିଆଯିବ। ସେଠାରେ ପୋଲିସ ମୁତୟନ କରାଯିବା ସହ ରାତ୍ରିକାଳୀନ ପାଟ୍ରୋଲିଂକୁ କଡ଼ାକଡ଼ି କରାଯିବ। ଏଥିସହ ବ୍ୟବସାୟୀମାନେ ନିଜ ନିଜ ଦୋକାନର ସୁରକ୍ଷା ପାଇଁ ସେଠାରେ ସୁରକ୍ଷାକର୍ମୀ ରଖିବା ସହ ଅଞ୍ଚଳରେ ସିସିଟିଭି ଲଗାଇବାକୁ ସେ ପରାମର୍ଶ ଦେଇଛନ୍ତି।

### ଏସ୍‌ପିଙ୍କୁ ଭେଟିଲା ବ୍ୟବସାୟୀ ସଂଘ



ବ୍ରହ୍ମପୁର ଏସ୍‌ପିଙ୍କୁ ଭେଟିବାକୁ ଆସିଥିବା ଜୟ ମା' ଦୁର୍ଗା ବ୍ୟବସାୟୀ ସଂଘର ସଭ୍ୟମାନେ ।

# ଛାତ୍ର ସଂସଦ ସଭାପତିରୁ ବିଧାୟକ, ମନ୍ତ୍ରୀ ପରେ ବାଚସ୍ପତି

ଭଞ୍ଜନଗର,୧୩।୬ (ଡି.ଏନ.ଏ.)

ଗଞ୍ଜାମ ଜିଲା ଭଞ୍ଜନଗର ନିର୍ବାଚନମଣ୍ଡଳୀର ଅପ୍ରତିଦ୍ୱନ୍ଦ୍ୱୀ ନେତା ଭାବେ ଜଣାଶୁଣା ବିକ୍ରମ କେଶରୀ ଆରୁଖ ସୋମବାର ଓଡ଼ିଶା ବିଧାନସଭାର ବାଚସ୍ପତି ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଏଥିପାଇଁ ଭଞ୍ଜନଗର ଅଞ୍ଚଳବାସୀ ଖୁସିବ୍ୟକ୍ତ କରିଛନ୍ତି। ଭଞ୍ଜନଗର ବ୍ଲକ ବିଜେଡି ସଭାପତି ରାଜେନ୍ଦ୍ର ପ୍ରସାଦ ପ୍ରଧାନ ପ୍ରମୁଖ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ବିକ୍ରମ ଛାତ୍ର ସଂସଦ ସଭାପତିରୁ ରାଜନୀତି ଆରମ୍ଭ କରି ବିଧାୟକ ପରେ ମନ୍ତ୍ରୀ ଭାବେ ନିଜର ଦକ୍ଷତା ପ୍ରତିପାଦନ କରି ଏବେ ବାଚସ୍ପତି ହୋଇଛନ୍ତି। ଗଞ୍ଜାମ ଜିଲାର ଜଣାଶୁଣା ଚାଷୀ ନେତା ତଥା ବାମପନ୍ଥୀ ନେତା ବଳଭଦ୍ର ଆରୁଖଙ୍କ ପୁତ୍ର ବିକ୍ରମ ୧୯୬୨ ସେପ୍ଟେମ୍ବର ୨୮ରେ ଅଗଖୋଳ ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ। ପିତା ବଳଭଦ୍ର ୧୯୬୭ରେ ଭଞ୍ଜନଗର ନିର୍ବାଚନ ମଣ୍ଡଳୀରୁ ବିଧାୟକ ଭାବେ ପ୍ରତିଦ୍ୱନ୍ଦ୍ୱିତା କରି ପରାଜିତ ହୋଇଥିଲେ। ୧୯୮୨ରେ ସେ ସ୍ଥାନୀୟ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟର ଛାତ୍ର ସଂସଦ ସଭାପତି, ୧୯୮୪ରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ ଛାତ୍ର ସଂସଦ ଉପସଭାପତି ଭାବେ ନିର୍ବାଚିତ ହୋଇଥିଲେ। ୧୯୯୨ରେ ଭଞ୍ଜନଗର ବ୍ଲକ ଜିଲୁଣ୍ଡି ପଞ୍ଚାୟତରୁ ସମିତିସଭ୍ୟ ନିର୍ବାଚିତ ପରେ ବ୍ଲକ ଅଧ୍ୟକ୍ଷ ହୋଇଥିଲେ। ଏଥିସହ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସିନେଟ ସଭ୍ୟ ଭାବେ ମନୋନୀତ ହୋଇଥିଲେ। ୧୯୯୫ରେ ବିକ୍ରମଙ୍କ ରାଜନୈତିକ ଦକ୍ଷତାକୁ ଦେଖି ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଜନତା ଦଳରୁ ତାଙ୍କୁ ଭଞ୍ଜନଗର ବିଧାୟକ ପ୍ରାର୍ଥୀ କରିଥିଲେ। ସଂଘର୍ଷ ମଧ୍ୟରେ ବିକ୍ରମ ପୂର୍ବତନ ବାଚସ୍ପତି ସୋମନାଥ ରଥଙ୍କୁ ୧୫ ଶହରୁ ଊର୍ଦ୍ଧ୍ୱ ଭୋଟରେ ପରାସ୍ତ କରିଥିଲେ। ପରେ ସେ ଲଗାତର ୬ ଥର ବିଧାୟକ ନିର୍ବାଚିତ ହୋଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମନ୍ତ୍ରିମଣ୍ଡଳରେ ବିଭିନ୍ନ ସମୟରେ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ମନ୍ତ୍ରୀ ପଦରେ ରହିଥିଲେ। ବିକ୍ରମ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଥିବା ସମୟରେ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା କୁ ରାଜ୍ୟରେ ସଫଳତାର ସହ କାର୍ଯ୍ୟକାରୀ କରିଥିବାରୁ ଦେଶରେ ପ୍ରଥମ ପୁରସ୍କାର ମିଳିଥିଲା। ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଥିବା ସମୟରେ ଜଙ୍ଗଲ ସୁରକ୍ଷା ପାଇଁ ନୂତନ ବୈଷୟିକ ଜ୍ଞାନ କୌଶଳ ପ୍ରୟୋଗ, ନୂତନ ଜଙ୍ଗଲ ସୃଷ୍ଟିପାଇଁ ମଧ୍ୟ କେନ୍ଦ୍ର ସରକାର ଉଚ୍ଚ ପ୍ରଶଂସା କରିବା ସହ ପୁରସ୍କୃତ କରିଥିଲେ।



ବିକ୍ରମ କେଶରୀ ଆରୁଖ।

# ସମର କପ୍ ହ୍ୟାଣ୍ଡବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

ବ୍ରହ୍ମପୁର ଅଫିସ,୧୩।୬

ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଖେଳପଡ଼ିଆ ଠାରେ ଗଞ୍ଜାମ ଜିଲା ହ୍ୟାଣ୍ଡବଲ ଆସୋସିଏଶନ ପକ୍ଷରୁ ମେ'୨୮ରୁ ଚାଲିଥିବା ହ୍ୟାଣ୍ଡବଲ ସମର କପ୍ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ସଂଘ ସମ୍ପାଦକ ସୁରେଶ କୁମାର ପାଢ଼ୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବିଏମ୍‌ସି କମିଶନର ସିଦ୍ଧେଶ୍ୱର ବଳିରାମ ବୋନ୍ଦାର ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ। ଆଗାମୀ ଦିନରେ ବ୍ରହ୍ମପୁର ସହରରେ କ୍ରୀଡ଼ାର ପ୍ରଚାର ପ୍ରସାର ନିମନ୍ତେ ହ୍ୟାଣ୍ଡବଲ କ୍ରୀଡ଼ା ଲାଗି ସିନ୍ଥେଟିକ୍ ଗ୍ରାଉଣ୍ଡ କ୍ରୀଡ଼ାବିତ୍‌ଙ୍କୁ ଯୋଗାଇ ଦିଆଯିବ ବୋଲି ସେ କହିଥିଲେ।

ଏହି ସମର କପ୍ ଟୁର୍ନାମେଣ୍ଟରେ ବ୍ରହ୍ମପୁର ସମେତ ଗଞ୍ଜାମ ଜିଲାର ଗୋଳାବନ୍ଧ, ଗୋପାଳପୁର, ଗଞ୍ଜାମ, ଗୋଳନ୍ଥରା ଅଞ୍ଚଳର ୬ଟି ଟିମ୍ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଦିବସର ଶେଷ ମ୍ୟାଚ୍ ବ୍ରହ୍ମପୁର ଓ ଗଞ୍ଜାମ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ରହ୍ମପୁର ଟିମ୍ ମ୍ୟାଚ୍ ଶେଷ ସୁଦ୍ଧା ୧୮ ଗୋଲ କରିଥିବା ବେଳେ ଗଞ୍ଜାମ ଟିମ୍ ମାତ୍ର ୧୬ ଗୋଲରେ ସିମୀତ ରହିଥିଲା। ଏହି ମ୍ୟାଚ୍‌ରେ ଟିମ୍ ବ୍ରହ୍ମପୁର ୧୮-୧୬ ପଏଣ୍ଟରେ ବିଜୟ ଲାଭ କରିଥିବା ବେଳେ ଗଞ୍ଜାମ ଟିମ୍ ରନର୍ସ ଅପ୍ ମାନ୍ୟତା ପାଇଛି। ଦୀର୍ଘ ୩ ସପ୍ତାହ ଧରି ଚାଲିଥିବା ଏହି ସମର କପ୍ ଟୁର୍ନାମେଣ୍ଟର ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି କମିଶନର ବୋନ୍ଦାର ବିଜୟୀ ଓ ରନର୍ସ ଅପ୍ ଟିମ୍‌କୁ ପୁରସ୍କୃତ କରିବା ସହ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। କରୋନା ମହାମାରୀ ପ୍ରଭାବରୁ ଦୀର୍ଘ ଦୁଇବର୍ଷ ପରେ କ୍ରୀଡ଼ାବିତ୍‌ଙ୍କୁ ପୁଣି ସେମାନଙ୍କ ସ୍ଥିତି ସୁଧାରିବା ନିମନ୍ତେ ଓ ସମର କପ୍ ଜରିଆରେ ହ୍ୟାଣ୍ଡବଲ କ୍ରୀଡ଼ାର ବିଭିନ୍ନ କୌଶଳ ଶିଖିବା ସୁଯୋଗ ମିଳିଥିବା କ୍ରୀଡ଼ାବିତ୍‌ମାନେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜାତୀୟ ହ୍ୟାଣ୍ଡବଲ କୋଚ୍ ପ୍ରଶାନ୍ତ କୁମାର ରଥ, ଅନ୍ତର୍ଜାତୀୟ କ୍ରୀଡ଼ାବିତ୍ ସନ୍ଦୀପ ପାତ୍ର, କ୍ରୀଡ଼ା ଶିକ୍ଷକ ତଥା ଜାତୀୟ ରେଫରି ଏ. ତେଜସ୍ୱୀ, ପ୍ରମୋଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ମୁଖ୍ୟ ଅତିଥିଙ୍କ ଦ୍ୱାରା ବିଜୟୀ ଟିମ୍ କ୍ରୀଡ଼ାବିତ୍‌ଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି ।

# ବିଦ୍ୟୁତ୍ ତାର ଚୋରି ଅଭିଯୋଗ, ୪ ଗିରଫ

ଧରାକୋଟ,୧୩।୬ (ଡି.ଏନ୍.ଏ.)

ଧରାକୋଟ ଅଞ୍ଚଳରେ ବିଦ୍ୟୁତ ତାର ଚୋରି ହୋଇଥିବା ନେଇ ବିଭାଗର ଠିକାଦାର ଅନିଲ କୁମାର ଜେନା ସ୍ଥାନୀୟ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ.୧୪୭/୨୨ରେ ୪ ଜଣଙ୍କୁ ସୋମବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଧରାକୋଟ ଥାନା ଅନ୍ତର୍ଗତ ଜାନିବିଲି ଗ୍ରାମର ଗଣେଶ ସ୍ୱାଇଁ, ଚନ୍ଦନ ବିଷୋୟୀ, ଜଗନ୍ନାଥ ନାୟକ ଓ କାଳଷଣ୍ଡପୁର ଗ୍ରାମର କବାଡି ବାଲା ଶିବ ନାୟକ। ସେମାନଙ୍କଠାରୁ ନଗଦ ୨୫୦୦୦ଟଙ୍କା ସହ ଚୋରିରେ ବ୍ୟବହୃତ ସାମଗ୍ରୀ ଜବତ ହୋଇଛି। ସୋରଡ଼ା ଥାନା ଅଧୀନ ତତାବାଲି,ଭାଲିଆଗୋଛା, ହିଞ୍ଜିଳିଥାନା ଅଧୀନ ଟିକିରୀ ଓ ଖରିଡା ଅଞ୍ଚଳରୁ ବିଦ୍ୟୁତ୍ ତାର ଚୋରି କରି କବାଡି ବାଲା ଶିବ ନାୟକଙ୍କୁ ବିକ୍ରି କରିଥିଲେ।

# ୬ ଲକ୍ଷ ଟଙ୍କାର ସୁନା ଧରି କର୍ମଚାରୀ ଚମ୍ପଟ୍

ବ୍ରହ୍ମପୁର ଅଫିସ,୧୩।୬

ବ୍ରହ୍ମପୁର ବଡ଼ବଜାର ଥାନା ଅନ୍ତର୍ଗତ ସାନବଜାରଠାରେ ଥିବା ଏକ ସୁନା ଅଳଙ୍କାର ପ୍ରସ୍ତୁତି ଦୋକାନରୁ ୧୩୦ ଗ୍ରାମ ସୁନା ଅଳଙ୍କାର ଚୋରି ହୋଇଥିବା ଅଭିଯୋଗ ହୋଇଛି। ସୁନା ଅଳଙ୍କାର ପ୍ରସ୍ତୁତି କାର୍ଯ୍ୟରେ ନିୟୋଜିତ କର୍ମଚାରୀ ଜଣଙ୍କ ସୁନା ନେଇ ଚମ୍ପଟ ମାରିଥିବା ନେଇ ମାଲିକ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏ ନେଇ ନଂ. ୧୪୩/୨୨ରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି।

ପ୍ରକାଶ ଯେ, ପଶ୍ଚିମବଙ୍ଗ ଦାସପୁର ଥାନା ଅନ୍ତର୍ଗତ ଭୁଟା ଗ୍ରାମର ନୁରାଲାମ ମଲ୍ଲିକଙ୍କ ବ୍ରହ୍ମପୁର ବଡବଜାର ଥାନା ଅନ୍ତର୍ଗତ ସାନବଜାର ଛକଠାରେ ଏକ ସୁନା ଅଳଙ୍କାର ପ୍ରସ୍ତୁତି କାରଖାନା ତଥା ୱାର୍କଶପ୍ ରହିଛି। ସେହି ଦୋକାନରେ ନୁରାଲାମଙ୍କ ଗ୍ରାମର ରୁପମ ନାମକ ଜଣେ ଯୁବକ କାରିଗର ଭାବେ କାର୍ଯ୍ୟ କରୁଥିଲେ। ରୁପମ ପ୍ରତିଦିନ ସକାଳୁ ଦୋକାନକୁ ଯାଇ ମାଲିକଙ୍କଠାରୁ ସୁନା ନେଇ ଅଳଙ୍କାର ଡିଜାଇନ କରିବା ପରେ ମାଲିକଙ୍କୁ ଫେରାଉଥିଲେ। ମେ ମାସ ୧୫ ସକାଳୁ ରୁପମ ମାଲିକଙ୍କଠାରୁ ୧୩୦ ଗ୍ରାମ ସୁନା ନେଇଥିଲେ। ହେଲେ ଖରାବେଳେ ଶ୍ରୀରାମନଗରଠାରେ ଥିବା ଭଡାଘରକୁ ଖାଇବାକୁ ଯାଉଛି କହି ଆଉ ସେ ଦୋକାନକୁ ଫେରିନଥିଲେ। ରୁପମ ଦୋକାନକୁ ନ ଫେରିବାରୁ ମାଲିକ ନୁରାଲାମଙ୍କ ସନ୍ଦେହ ହୋଇଥିଲା। ସେ ଶ୍ରୀରାମନଗରସ୍ଥିତ ଘରକୁ ଯାଇ ଦେଖିବା ବେଳକୁ ସେହି ଘରେ ଚାବି ପଡ଼ିଥିଲା। ରୁପମ ତାଙ୍କ ସ୍ତ୍ରୀଙ୍କୁ ନେଇ କେଉଁଆଡେ ଫେରାର ହୋଇଯାଇଥିବା ମାଲିକ ଅନୁମାନ କରୁଛନ୍ତି। ରୁପମ ନିଜ ଦରମା ବାବଦକୁ ନୁରାଲାମଙ୍କଠାରୁ ଆଗୁଆ ୧ ଲକ୍ଷ ଟଙ୍କା ନେଇଥିବା ବେଳେ ଏବେ ପ୍ରାୟ ୬ ଲକ୍ଷ ଟଙ୍କାର ସୁନା ନେଇ ଫେରାର ହୋଇଯାଇଛନ୍ତି।

# ରାସ୍ତାରେ ମଦ, ପୋଚ ଢାଳିଲେ ମହିଳା

ମହାକାଳପଡ଼ା,୧୩।୬(ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଜମ୍ବୁ ପଞ୍ଚାୟତର ଜମ୍ବୁ ଗ୍ରାମରେ ବେଆଇନ୍ ଦେଶୀ ମଦ ବିଭିନ୍ନ ସ୍ଥାନରେ ବିକ୍ରି ହେଉଛି । ପଞ୍ଚାୟତ ମହିଳା ମହାସଂଘ ପକ୍ଷରୁ ଏହାକୁ ବିରୋଧ କରାଯିବା ସହିତ ବେଆଇନ ଦେଶୀ ମଦ ଭାଟିକୁ ସୋମବାର ଭଙ୍ଗାରୁଜା କରିଥିଲେ। ଏପରି କି ପ୍ଲାଷ୍ଟିକ୍ ଜାରକିନ୍‌ରେ ଥିବା ମଦ ଓ ପୋଚକୁ ସେମାନେ ରାସ୍ତାରେ ଢ଼ାଳି ଦେଇଥିଲେ । ଏକ ସପ୍ତାହ ମଧ୍ୟରେ ମହିଳାମାନେ ୫୦ରୁ ଊର୍ଦ୍ଧ୍ୱ ମଦ ଭାଟି ଭଙ୍ଗା ରୁଜା କରିଛନ୍ତି। ଏହାକୁ ନେଇ ସେହି ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଇଛି । ମହାସଂଘର ମହିଳା ସଦସ୍ୟାମାନେ କହିଛନ୍ତି, ଆମ ଅଞ୍ଚଳର ବହୁ ଗରିବ ଶ୍ରେଣୀର ଶ୍ରମିକ ଦୈନିକ ରୋଜଗାର କରୁଥିବା ମଜୁରୀକୁ ମଦପିଇ ଉଡାଇ ଦେଉଛନ୍ତି । ପରିଶ୍ରମର ଉପାର୍ଜିତ ଅର୍ଥ ଯଦି ମଦ ଭାଟିକୁ ଚାଲିଯାଏ ତେବେ ଆମ ପରିବାର ଚଳିବ କେମିତି ବୋଲି ସେମାନେ ପ୍ରଶ୍ନ କରିଛନ୍ତି । ଅନ୍ୟପକ୍ଷେ ଦେଶୀ ମଦ ପିଇବା ଦ୍ୱାରା ଯକୃତ ଜନିତ ନାନା ରୋଗ ବଢ଼ିଛି । ଏ ସଂକ୍ରାନ୍ତରେ ଜିଲା ପ୍ରଶାସନ ତୁରନ୍ତ ପଦକ୍ଷେପ ନେଉ ବୋଲି ସେମାନେ ଦାବି କରିଛନ୍ତି । ଶକୁନ୍ତଳା ଘଡାଇ, ଶେଫାଳୀ ମଣ୍ଡଳ, ଆରତୀ ମଣ୍ଡଳ , ଲକ୍ଷ୍ମୀ ମାଲ , ନମିତା କଳା , ରାନୁ ମଣ୍ଡଳ , କମଳା ଦାସ, ସନ୍ଧ୍ୟାରାଣୀ କଳାଙ୍କ ସମେତ ବହୁ ମହିଳା ଏହି ଅଭିଯାନରେ ସାମିଲ ହୋଇଛନ୍ତି ।

# ଜ୍ୱାଇଁଙ୍କ ଛୁରାମାଡ଼ରେ ଶ୍ୱଶୁର ଗୁରୁତର

ହିଞ୍ଜିଳିକାଟୁ,୧୩।୬(ଡି.ଏନ୍.ଏ)

ହିଞ୍ଜିଳି ଥାନା ଗଣ୍ଡଳାରେ ସୋମବାର ଜ୍ୱାଇଁଙ୍କ ଛୁରା ମାଡ଼ରେ ଶ୍ୱଶୁର ଗୁରୁତର ହୋଇଥିବା ଅଭିଯୋଗ ହୋଇଛି। ଆହତ ଶ୍ୱଶୁର ହେଲେ କଙ୍କୋରଡ଼ା ଗ୍ରାମର ସୀମାଞ୍ଚଳ ଦାସ। ସୀମାଞ୍ଚଳଙ୍କ ଝିଅ ହିଞ୍ଜିଳି ଥାନା ଗଣ୍ଡଳା ଗ୍ରାମ ଟୁକୁନା ନାୟକଙ୍କୁ ବିବାହ କରିଥିଲେ। ଜ୍ୱାଇଁ ଓ ଝିଅଙ୍କ ମଧ୍ୟରେ ଉପୁଜିଥିବା ଗଣ୍ଡଗୋଳକୁ ସମାଧାନ ପାଇଁ ସୀମାଞ୍ଚଳ ଗଣ୍ଡଳା ଆସିଥିଲେ। ଜ୍ୱାଇଁ ଓ ଝିଅଙ୍କ ଗଣ୍ଡଗୋଳର ସମାଧାନ କରିବା ବେଳେ ଜ୍ୱାଇଁ ରାଗି ଯାଇ ଏକ ଛୁରୀରେ ଶ୍ୱଶୁରଙ୍କୁ ଭୁଷି ଦେଇଥିଲେ। ଗୁରୁତର ସୀମାଞ୍ଚଳଙ୍କୁ ଚିକିତ୍ସା ପାଇଁ ପ୍ରଥମେ ବେଲଗାଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ଏ ନେଇ ହିଞ୍ଜିଳି ଥାନାରେ ନଂ. ୨୮୭/୨୨ରେ ମାମଲା ରୁଜୁ ହୋଇଛି।

# ଆରଏସ୍‌ଏସ୍ ପକ୍ଷରୁ ହିନ୍ଦୁ ସାମ୍ରାଜ୍ୟ ଦିବସ ପାଳିତ



ହିନ୍ଦୁ ସାମ୍ରାଜ୍ୟ ଦିବସରେ ଉପସ୍ଥିତ ଅତିଥି ଓ ସଂଘର ସଦସ୍ୟବୃନ୍ଦ।

ବ୍ରହ୍ମପୁର ଅଫିସ,୧୩।୬

ରାଷ୍ଟ୍ରୀୟସ୍ୱୟଂସେବକସଂଘ(ଆରଏସ୍‌ଏସ୍) ଉପନଗର ପକ୍ଷରୁ ରବିବାର ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟ ପଡ଼ିଆଠାରେ ହିନ୍ଦୁ ସାମ୍ରାଜ୍ୟ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବଡ଼ ବଜାର ଥାନାଧିକାରୀ ପ୍ରଶାନ୍ତ କୁମାର ଭୂପତି ଯୋଗଦେଇଥିଲେ। ସଂଘର ଧର୍ମ ଜାଗରଣର ଜିଲା ସଭାପତି ରମେଶ ଚନ୍ଦ୍ର ତ୍ରିପାଠୀ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ହିନ୍ଦୁତ୍ୱକୁ ବଞ୍ଚାଇବାକୁ ହେଲେ ଗର୍ବରେ ଆମ୍ଭେ ହିନ୍ଦୁ କହିବାକୁ ପଡ଼ିବ। ହିନ୍ଦୁ ରାଷ୍ଟ୍ର ଗଢ଼ିବାକୁ ହେଲେ ଶିବାଜୀଙ୍କ ଭିତରେ ଥିବା ତେଜୀୟାନ ହିନ୍ଦୁତ୍ୱବାଦୀ ହେବାକୁ ପଡ଼ିବ ବୋଲି ସଭାପତି କହିଥିଲେ। କାର୍ଯ୍ୟକ୍ରମରେ ସଂଘର ବହୁ ସଦସ୍ୟ ଉପସ୍ଥିତ ରହି ଛତ୍ରପତି ଶିବାଜୀଙ୍କ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ।

# ୧୬ ବର୍ଷ ବିତିଲା, କଣ୍ଢିଆ ସେତୁ ନିର୍ମାଣ ସରୁନି

- କେନ୍ଦ୍ର-ରାଜ୍ୟ ସରକାରଙ୍କ ମଧ୍ୟରେ ସମନ୍ୱୟ ଅଭାବ
- ୩ ରାଜସ୍ୱ ଗ୍ରାମବାସୀ ମୌଳିକ ସୁବିଧାରୁ ବଞ୍ଚିତ
- ଆମ୍ବୁଲାନ୍ସ ସେବା ମିଳୁନି,ଭାରରେ ବୁହା ହେଉଛନ୍ତି ଗର୍ଭବତୀ

କେନ୍ଦ୍ରାପଡ଼ା ଅଫିସ,୧୩।୬

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ସିଂହଗାଁ ପଞ୍ଚାୟତର କଣ୍ଢିଆ ସେତୁ ନିର୍ମାଣ ୧୬ ବର୍ଷ ତଳେ ଆରମ୍ଭ ହୋଇଥିଲା । ଅଦ୍ୟାବଧି ନିର୍ମାଣ ଶେଷ ହୋଇନି । ଆଗକୁ ବର୍ଷାଋତୁ ଆସୁଥିବା ବେଳେ ଏହି ପଞ୍ଚାୟତର ୩ ରାଜସ୍ୱ ଗ୍ରାମବାସୀ ମୌଳିକ ସୁବିଧାରୁ ବଞ୍ଚିତ ହେବେ ବୋଲି ମତ ପ୍ରକାଶ ପାଇଛି । ଏ ସମ୍ପର୍କରେ ସିଂହଗାଁ ଗ୍ରାମର ହରିହର ଜେନା କୁହନ୍ତି, ସହରଠାରୁ ସିଂହଗାଁ ମାତ୍ର ୨୬ କିଲୋମିଟର। ସିଂହଗାଁର ପ୍ରସୂତିଙ୍କ ପାଇଁ ୧୦୨ ଆମ୍ବୁଲାନ୍ସ ସେବା ଏବେ ବି ଅପହଞ୍ଚ । ଗର୍ଭବତୀ ଭାର ସାହାଯ୍ୟରେ ୧୦ କିଲୋମିଟର ଦୂର ଅଣ୍ଡରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅଥବା ୨୨ କିଲୋମିଟର ଦୂର ଆଳି ସିଏଚ୍‌ସିକୁ ଯାଉଛନ୍ତି । ସିଂହଗାଁ, ରାଉଳିଆଡ଼ିଆ ଓ କୃଷ୍ଣଦାସପୁର ରାଜସ୍ୱ ଗ୍ରାମରେ ଅଗ୍ନିକାଣ୍ଡ ଘଟିଲେ ଦମକଳ ପହଞ୍ଚି ପାରୁନାହିଁ । କେବଳ ଏତିକି ନୁହେଁ, ଏହି ୩ ରାଜସ୍ୱ ଗ୍ରାମର ଛାତ୍ରୀଛାତ୍ର ନିକଟସ୍ଥ ବ୍ରାହ୍ମଣୀ କଲେଜ ଯିବାକୁ କଣ୍ଢିଆ ନାଳ ବାଧା ସାଜିଛି। ବର୍ଷକ ମଧ୍ୟରେ ପ୍ରାୟ ୮ ମାସ ଧୋୟା ଅଞ୍ଚଳରେ ଥିବା ଏହି ୩ ରାଜସ୍ୱ ଗ୍ରାମବାସୀ ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ସମନ୍ୱୟ ଅଭାବରୁ ସିଂହଗାଁ ସେତୁ ନିର୍ମାଣ ହୋଇପାରି ନାହିଁ। ୫ନଂ.ଜାତୀୟ ଜଳପଥ ଏଥିପାଇଁ ବାଧକ ସାଜିଛି ।

ଏ ସମ୍ପର୍କରେ ବୁଦ୍ଧିଜୀବୀ ଗଣେଶ ଚନ୍ଦ୍ର ସାମଲ କହିଛନ୍ତି, ୨୦୦୮ରେ ଭାରତୀୟ ଅନ୍ତର୍ଦ୍ଦେଶୀୟ ଜଳପଥ ପ୍ରାଧିକରଣ ଅଧୀନରେ ଥିବା ୬୨୩ କି.ମି. ଲମ୍ବର ୫ ନଂ. ଜାତୀୟ ଜଳପଥ ପ୍ରକଳ୍ପକୁ ମଞ୍ଜୁରୀ ମିଳିଥିଲା । ସେଥିରୁ ପଶ୍ଚିମବଙ୍ଗରେ ୯୧ କି.ମି. ଥିବା ବେଳେ ଓଡ଼ିଶାରେ ଅବଶିଷ୍ଟ ୫୩୨ କି.ମି. ରହିଛି । ବ୍ରାହ୍ମଣୀ ନଦୀର ତାଳଚେରଠାରୁ ଧାମରା ପର୍ଯ୍ୟନ୍ତ ପ୍ରାଥମିକ ପର୍ଯ୍ୟାୟରେ ଉପଯୋଗ ପାଇଁ ଅର୍ଥ ଅନୁଦାନ ଦିଆଯାଇଛି। ଏହି ଜଳପଥ ପ୍ରକଳ୍ପ ନିର୍ମାଣ କେତେକ କାରଣରୁ ବନ୍ଦ ରହିଛି । ଏହି ଜଳପଥ ମଧ୍ୟରେ ସିଂହଗାଁ କଣ୍ଢିଆ ନାଳ ଅନ୍ତର୍ଭୁକ୍ତ ହୋଇଛି। ଏଠାରେ ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୦୮ରେ ସେତୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ତେବେ ଏହି ସେତୁ ନିର୍ମାଣ ସମୟରେ ଜାତୀୟ ଜଳପଥ ଅନ୍ତର୍ଭୁକ୍ତ ହେବାରୁ ତାହା ବନ୍ଦ ହୋଇଛି। ଜାତୀୟ ଜଳପଥ ନିର୍ମାଣର ଅହେତୁକ ବିଳମ୍ବ ଏବେ ଜିଲାର ଏହି ଧୋୟାଞ୍ଚଳବାସୀଙ୍କ ପାଇଁ କାଳ ହୋଇଛି।

ସିଂହଗାଁର ପୂର୍ବତନ ସରପଞ୍ଚ ନିର୍ମଳ ଚନ୍ଦ୍ର ମଲ୍ଲିକ କହିଛନ୍ତି, ଏହି ସେତୁ ନିର୍ମାଣ ପରେ ୩ ରାଜସ୍ୱ ଗ୍ରାମର ୩ ହଜାରରୁ ଊର୍ଦ୍ଧ୍ୱ ଅଧିବାସୀଙ୍କ ସମସ୍ୟା ତୁଟିଯିବ । କେନ୍ଦ୍ରାପଡ଼ା ସଦରକୁ ରାସ୍ତା ମିଳିବା ସହିତ କେନ୍ଦ୍ରାପଡ଼ା ଓ ଯାଜପୁର ଜିଲାର ସଂଯୋଗ ହେବ । ୨୦୦୮ରେ ସେତୁ ନିର୍ମାଣ ପାଇଁ ଜମି ସମସ୍ୟା ଦେଖାଦେଇଥିଲା। ୨୦୧୨ରେ ସରପଞ୍ଚ ଦାୟିତ୍ୱ ନେବା ପରେ ସ୍ଥାନୀୟ ଲୋକଙ୍କ ସହ ବୁଝାମଣା କରି ଜମି ଅଧିଗ୍ରହଣ ପ୍ରସ୍ତାବ ସମସ୍ୟାର ସମାଧାନ ହୋଇଛି । ଏହାପରେ ସେତୁ ନିର୍ମାଣ ବିଳମ୍ବକୁ ବରଦାସ୍ତ କରା ନ ଯାଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବାରମ୍ବାର ଆନ୍ଦୋଳନ ହୋଇଛି । କଣ୍ଢିଆ ନାଳରେ ଏବେ କୁମ୍ଭୀର ଆତଙ୍କ ଦେଖାଦେଇଛି। ସେତୁ ନିର୍ମାଣ ହୋଇଥିଲେ ସ୍ଥାନୀୟ ଲୋକଙ୍କ କୁମ୍ଭୀର ଆତଙ୍କ କମିଥା'ନ୍ତା । ସେତୁ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ସେ ଦାବି କରିଛନ୍ତି ।

ପୂର୍ବତନ ସରପଞ୍ଚ ଜୟନ୍ତୀ ଦାସ କହିଛନ୍ତି, ସିଂହଗାଁ ସେତୁ ନିର୍ମାଣ ପଞ୍ଚାୟତର ଉନ୍ନୟନ କାର୍ଯ୍ୟକୁ ବାଧା ସୃଷ୍ଟି କରିଛି । ଆବାସ ଯୋଜନାଠାରୁ ଆରମ୍ଭ କରି ଶିକ୍ଷା, ସ୍ୱାସ୍ଥ୍ୟ, ବିଦ୍ୟୁତ୍, ପାନୀୟ ଜଳ ଆଦି ମୌଳିକ ସୁବିଧା ଲୋକଙ୍କ ପାଇଁ କାର୍ଯ୍ୟକାରୀ ହୋଇ ପାରୁନାହିଁ । ଜଳପଥ ପ୍ରକଳ୍ପ ବନ୍ଦ ହୋଇଥିବାରୁ ରାଜ୍ୟ ସରକାର ଏହି ସେତୁ ନିର୍ମାଣକୁ ଗୁରୁତ୍ୱ ଦେବା କଥା । ଏନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ବୃଦ୍ଧି ପାଉଥିବା ଦାସ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଏଡିଏମ୍ ପୀତାମ୍ବର ସାମଲ କୁହନ୍ତି, ସେତୁ ପାଇଁ ପ୍ରାଥମିକ ଅବସ୍ଥାରେ ବାଧା ସୃଷ୍ଟି କରୁଥିବା ଜମି ସମସ୍ୟାର ସମାଧାନ ହୋଇଛି। ଏହି ସ୍ଥାନ ଦେଇ ଜାତୀୟ ଜଳପଥ ଯାଉଥିବାରୁ ସିଂହଗାଁ ସେତୁ ନିର୍ମାଣ ବିଳମ୍ବ ହୋଇଛି । ତେବେ ଏହାର ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ଜିଲା ପ୍ରଶାସନ ପକ୍ଷରୁ ଉଦ୍ୟମ ଅବ୍ୟାହତ ରହିଛି ବୋଲି ଏଡିଏମ୍ ସାମଲ ପ୍ରକାଶ କରିଛନ୍ତି ।



କଣ୍ଢିଆ ସେତୁ ନିର୍ମାଣ ଚାଲିଛି ।

# ସର୍ବଭାରତୀୟ କବାଡ଼ି ଉଦ୍‌ଘାଟିତ



ଉଦ୍‌ଘାଟନୀ ସମାରୋହରେ ଅଂଶଗ୍ରହଣକାରୀ ଦଳ ଗୁଡ଼ିକର ପ୍ରତିଯୋଗୀମାନେ।

**ରସୁଲପୁର, ୧୩।୬ (ଡି.ଏନ.ଏ.):** ଯାଜପୁର ଜିଲା ରସୁଲପୁର ବ୍ଲକର ଖଣ୍ଡିତରଠାରେ ଯାଜପୁର କବାଡ଼ି ଆସୋସିଏସନ ଆନୁକୂଲ୍ୟରେ ଆୟୋଜିତ ୬୭ତମ ସର୍ବଭାରତୀୟ କବାଡ଼ି ପ୍ରତିଯୋଗିତା ସୋମବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ଯାଜପୁର ଏସ୍‌ପି ରାହୁଲ ପି.ଆର୍ ମୁଖ୍ୟଅତିଥି ଭାବରେ ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ରସୁଲପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଅରୁଣ କୁମାର ରାଉତ, ଯାଜପୁର ଜିଲା କ୍ରୀଡ଼ା ସଂସଦ ସାଧାରଣ ସମ୍ପାଦକ ସମ୍ବିତ ମହାନ୍ତି, ଯାଜପୁର ଜିଲା କବାଡ଼ି ଆସୋସିଏଶନ ସାଧାରଣ ସମ୍ପାଦକ ରବୀନ୍ଦ୍ର କୁମାର ପୃଷ୍ଟି, ଉପସଭାପତି ନିଗମାନନ୍ଦ ମହାନ୍ତି ପ୍ରମୁଖ ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇ କବାଡ଼ି ଖେଳର ପ୍ରଚାର ପ୍ରସାର ଦିଗରେ ଯାଜପୁର କବାଡ଼ି ଆସୋସିଏଶନର ଅବଦାନ ଅତୁଳନୀୟ ବୋଲି ମତ ରଖିଥିଲେ। ଏଠାରେ ଅନୁଷ୍ଠିତ ଖେଳରେ ରାଜ୍ୟ ବାହାରୁ ୬ଟି ପୁରୁଷ ଓ ୨ଟି ମହିଳା ଦଳ ଅଂଶଗ୍ରହଣ କରୁଥିବା ବେଳେ ଓଡ଼ିଶାରୁ ୨୦ଟି ପୁରୁଷ ଓ ମହିଳା ଦଳ ଅଂଶଗ୍ରହଣ କରୁଛନ୍ତି ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ମିଳିଛି। ଏହି ଟୁର୍ନାମେଣ୍ଟ ୪ଦିନ ବ୍ୟାପି ଅନୁଷ୍ଠିତ ହେବ। ଚଳିତବର୍ଷଠାରୁ ଟୁର୍ନାମେଣ୍ଟରେ ମ୍ୟାଟ୍ ବ୍ୟବହାର କରାଯିବ। ୧୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମିତ ଷ୍ଟାଡିୟମରେ ଦର୍ଶକ ବସି ଖେଳ ଦେଖିବା ସୁଯୋଗ ପାଇବାର ବ୍ୟବସ୍ଥା କରାଯାଇଛି। କରୋନା ପାଇଁ ୨ବର୍ଷ ଟୁର୍ନାମେଣ୍ଟ ବନ୍ଦ ରହିଥିଲା। ଚଳିତବର୍ଷ ପୁଣି ଥରେ ଆରମ୍ଭ ହୋଇଥିବାରୁ ଖେଳକୁ ନେଇ ଆୟୋଜକ, ଖେଳାଳି, ଖେଳପ୍ରେମୀଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି। ଟୁର୍ନାମେଣ୍ଟର ପ୍ରଥମ ମ୍ୟାଚ୍ ଆୟୋଜକ ଯାଜପୁର ଓ କିଟ୍-ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଥିଲା।

## ପ୍ରମୋଦଙ୍କୁ ରୌପ୍ୟ



**ଭୁବନେଶ୍ୱର, ୧୩।୬ (କ୍ରୀଡ଼ା ପ୍ରତିନିଧି)** କାନାଡ଼ା ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ଓଡ଼ିଶାର ପ୍ରମୋଦ ଭଗତ ରୌପ୍ୟ ପଦକ ହାସଲ କରଛନ୍ତି। ଅନ୍ତିମ ଦିନରେ ପ୍ରମୋଦ ସିଙ୍ଗଲ୍ସ ଫାଇନାଲ୍‌ରେ ଇଂଲଣ୍ଡର ଡାନିଏଲ୍ ବେଥେଲଙ୍କଠାରୁ ୧୪-୨୧, ୨୧-୦୯, ୧୫-୨୧ରେ ପରାସ୍ତ ହୋଇଛନ୍ତି। ୨୦୨୨ରେ ପ୍ରମୋଦ ଏବଂ ବିଥେଲ ୨ ଥର ଫାଇନାଲରେ ପରସ୍ପରକୁ ଭେଟିଥିବାବେଳେ ଉଭୟ ଥର ବିଥେଲ ବାଜି ମାରିଛନ୍ତି।

## ଆରାଧ୍ୟା ଚାମ୍ପିୟନ, କ୍ରିଷ୍ଣା ରନର୍ସଅପ୍

**ଭୁବନେଶ୍ୱର, ୧୩।୬ (କ୍ରୀଡ଼ା ପ୍ରତିନିଧି)**


ପୁରସ୍କାର ସହ ଆରାଧ୍ୟା ବର୍ମା ଓ କ୍ରିଷ୍ଣା ରାଜ।

ଦୁଇଟି ଭିନ୍ନ ପ୍ରତିଯୋଗିତାରେ ଓଡ଼ିଶା ଟେନିସ ଖେଳାଳି ଆରାଧ୍ୟା ବର୍ମା ଚାମ୍ପିୟନ ଓ କ୍ରିଷ୍ଣା ରାଜ ରନର୍ସଅପ୍ ହୋଇଛନ୍ତି। ଅହମଦାବାଦରେ ଅନୁଷ୍ଠିତ ପ୍ରତିଯୋଗିତାରେ ଆରାଧ୍ୟା ଡବଲ୍ସରେ ଟାଇଟଲ ବିଜୟୀ ହୋଇଥିବାବେଳେ ସିଙ୍ଗଲ୍ସରେ ରନର୍ସଅପ୍ ହୋଇଥିଲେ। ଡବଲ୍ସ ପାର୍ଟନର ଗୁଜରାଟର ଜାହ୍ନବୀ ଆସାଓ୍ୱାଙ୍କୁ ସାଥିକରି ଆରାଧ୍ୟା ଫାଇନାଲରେ ତାମିଲନାଡୁର ହରିତାଶ୍ରୀ ଭେଙ୍କଟେଶ ଓ କର୍ଣ୍ଣାଟକର ଜି.ଡି. ମେଘନାଙ୍କୁ ୬-୪, ୬-୭, ୧୦-୪ ସେଟ୍‌ରେ ହରାଇଥିଲେ। ସିଙ୍ଗଲ୍ସ ଫାଇନାଲରେ ସେ କିନ୍ତୁ ହରିତାଶ୍ରୀଙ୍କଠାରୁ ୩-୬, ୨-୬ ସେଟ୍‌ରେ ହାରି ଯାଇଥିଲେ। ତାଙ୍କ କ୍ୟାମ୍ପମେଟ୍ କ୍ରିଷ୍ଣା ହାଇଦ୍ରାବାଦରେ ଅନୁଷ୍ଠିତ ଏସିଆନ ଟେନିସର ଡବଲ୍ସରେ ହାରି ଯାଇଥିଲେ। ମହାରାଷ୍ଟ୍ରର ପ୍ରତିଷ୍ଠା ସଇନୀଙ୍କୁ ସାଥିକରି କ୍ରିଷ୍ଣା ତେଲେଙ୍ଗାନା ଯୋଡ଼ି ଭେନେଲା ରେଡ୍ଡୀ ଓ ଶ୍ରୀମାନ୍ୟା ରେଡ୍ଡୀଙ୍କଠାରୁ ୩-୬, ୭-୧୦ରେ ପରାଜିତ ହୋଇଥିଲେ। ଉଭୟ ଆରାଧ୍ୟା ଓ କ୍ରିଷ୍ଣା ପଟିଆସ୍ଥିତ ଫରହାନ ଅଲୀ ଟେନିସ ଏକାଡେମୀରେ ପ୍ରଶିକ୍ଷଣରତ। ଉଭୟ ଖେଳାଳି ନିଜ ନିଜ ପ୍ରତିଯୋଗିତାରେ ବହୁତ ଭଲ ଖେଳିଥିଲେ ବୋଲି ଫରହାନ ପ୍ରକାଶ କରିଛନ୍ତି।






HeroMotoCorp.com TheHeroMotoCorp HeroMotoCorpLimited HeroMotoCorp HeroMotoCorpIndia
Regd. Office: Hero MotoCorp Ltd., The Grand Plaza, Plot No.2, Nelson Mandela Road, Vasant Kunj - Phase -II, New Delhi - 110070, India. CIN: L35911DL1984PLC017354. It is our endeavour to improve our product. This could lead to changes in product specifications without notice. Accessories and features shown may not be a part of the standard fitment. Always wear a helmet while riding a two-wheeler. **As per the cumulative global production volume till 21st January 2021. ***Largest two-wheeler selling company in the world for any particular country for the year 2020. *The offer is valid on select models in select cities only and is subject to change without any prior notice. ^Based on offers from empanelled dealers on Wheels of Trust platform. All features may not be part of all products. T&C apply. For further information, contact nearest Hero MotoCorp authorised outlet (s) or call Toll Free No. 1800-266-0018 or visit website www.heromotocorp.com

Authorized Dealers: Bhubaneswar: Rohan Hero, Ph: 9289922474, Bharat Hero, Ph: 7799766378, DD Hero, Ph: 7799766329, Arundhati Hero, Ph: 9289923183, Cuttack: JMG Hero, Ph: 9289922178, Sunny Hero, Ph: 9289922697, Essen Hero, Ph: 9289923078, Angul: Parbati Hero, Ph: 9289922902, Balasore: Neelam Hero, Ph: 9289922519, Baripada: Aditya Hero, Ph: 7799766370, Bhadrak: Sanjib Hero, Ph: 9289922608, Chandikhol: S. K. Hero, Ph: 9289922900, Jagatsinghpur: Trishul Hero, Ph: 9289922675, Jajpur Road: Soumik Hero, Ph: 9289922611, Jaleswar: Sai Hero, Ph: 9289922844, Jatni: Vishal Hero, Ph: 9289922984, Keonjhar: Supreme Hero, Ph: 9289922182, Nayagarh: Bhagabati Hero, Ph: 9289922687, Puri: Sanjib Hero, Ph: 9289923107, Behrampur: Lakshmi Motors, Dharma Nagar, Ph: 9289923187, Lakshmi Automotives, Gajapati Nagar, Ph: 9289922184, Jeypore: Supreme Hero, Ph: 9289922183, Phulbani: Narayani Hero, Ph: 9289922991, Raygada: Ajit Hero, Ph: 9289922819, Bargarh: Aakash Hero, Ph: 9289922181, Bhawanipatna: Arundhati Hero, Ph: 9289922837, Bolangir: Arundhati Hero, Ph: 9289923033, Jharsuguda: Vijaylaxmi Hero, Ph: 9289922595, Rourkela: Dua Hero, Ph: 9289922179, Sambalpur: Sri Shyam Hero, Ph: 9289922484, Sonepur: Jai Jawan Hero, Ph: 9289922800, Sundergarh: Robotech Hero, Ph: 9289923063, Dhenkanal: Som Hero, Ph: 9289922614, Talcher: Tarini Hero, Ph: 9289922736.

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# ସର୍ବଭାରତୀୟ କବାଡ଼ି ଉଦ୍‌ଘାଟିତ



ଉଦ୍‌ଘାଟନୀ ସମାରୋହରେ ଅଂଶଗ୍ରହଣକାରୀ ଦଳ ଗୁଡ଼ିକର ପ୍ରତିଯୋଗୀମାନେ।

**ରସୁଲପୁର, ୧୩।୬ (ଡି.ଏନ.ଏ.):** ଯାଜପୁର ଜିଲା ରସୁଲପୁର ବ୍ଲକର ଖଣ୍ଡିତରଠାରେ ଯାଜପୁର କବାଡ଼ି ଆସୋସିଏସନ ଆନୁକୂଲ୍ୟରେ ଆୟୋଜିତ ୬୭ତମ ସର୍ବଭାରତୀୟ କବାଡ଼ି ପ୍ରତିଯୋଗିତା ସୋମବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ଯାଜପୁର ଏସ୍‌ପି ରାହୁଲ ପି.ଆର୍ ମୁଖ୍ୟଅତିଥି ଭାବରେ ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ରସୁଲପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଅରୁଣ କୁମାର ରାଉତ, ଯାଜପୁର ଜିଲା କ୍ରୀଡ଼ା ସଂସଦ ସାଧାରଣ ସମ୍ପାଦକ ସମ୍ପିତ ମହାନ୍ତି, ଯାଜପୁର ଜିଲା କବାଡ଼ି ଆସୋସିଏଶନ ସାଧାରଣ ସମ୍ପାଦକ ରବୀନ୍ଦ୍ର କୁମାର ପୃଷ୍ଟି, ଉପସଭାପତି ନିଗମାନନ୍ଦ ମହାନ୍ତି ପ୍ରମୁଖ ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇ କବାଡ଼ି ଖେଳର ପ୍ରଚାର ପ୍ରସାର ଦିଗରେ ଯାଜପୁର କବାଡ଼ି ଆସୋସିଏଶନର ଅବଦାନ ଅତୁଳନୀୟ ବୋଲି ମତ ରଖିଥିଲେ। ଏଠାରେ ଅନୁଷ୍ଠିତ ଖେଳରେ ରାଜ୍ୟ ବାହାରୁ ୬ଟି ପୁରୁଷ ଓ ୨ଟି ମହିଳା ଦଳ ଅଂଶଗ୍ରହଣ କରୁଥିବା ବେଳେ ଓଡ଼ିଶାରୁ ୨୦ଟି ପୁରୁଷ ଓ ମହିଳା ଦଳ ଅଂଶଗ୍ରହଣ କରୁଛନ୍ତି ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ମିଳିଛି। ଏହି ଟୁର୍ନାମେଣ୍ଟ ୪ଦିନ ବ୍ୟାପି ଅନୁଷ୍ଠିତ ହେବ। ଚଳିତବର୍ଷଠାରୁ ଟୁର୍ନାମେଣ୍ଟରେ ମ୍ୟାଟ୍ ବ୍ୟବହାର କରାଯିବ। ୧୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମିତ ଷ୍ଟାଡିୟମରେ ଦର୍ଶକ ବସି ଖେଳ ଦେଖିବା ସୁଯୋଗ ପାଇବାର ବ୍ୟବସ୍ଥା କରାଯାଇଛି। କରୋନା ପାଇଁ ୨ବର୍ଷ ଟୁର୍ନାମେଣ୍ଟ ବନ୍ଦ ରହିଥିଲା। ଚଳତିବର୍ଷ ପୁଣି ଥରେ ଆରମ୍ଭ ହୋଇଥିବାରୁ ଖେଳକୁ ନେଇ ଆୟୋଜକ, ଖେଳାଳି, ଖେଳପ୍ରେମୀଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି। ଟୁର୍ନାମେଣ୍ଟର ପ୍ରଥମ ମ୍ୟାଚ୍ ଆୟୋଜକ ଯାଜପୁର ଓ କିଟ୍-ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଥିଲା।

## ପ୍ରମୋଦଙ୍କୁ ରୌପ୍ୟ



**ଭୁବନେଶ୍ୱର, ୧୩।୬ (କ୍ରୀଡ଼ା ପ୍ରତିନିଧି)**

କାନାଡ଼ା ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ଓଡ଼ିଶାର ପ୍ରମୋଦ ଭଗତ ରୌପ୍ୟ ପଦକ ହାସଲ କରଛନ୍ତି। ଅନ୍ତିମ ଦିନରେ ପ୍ରମୋଦ ସିଙ୍ଗଲ୍ସ ଫାଇନାଲ୍‌ରେ ଇଂଲଣ୍ଡର ଡାନିଏଲ୍ ବେଥେଲଙ୍କଠାରୁ ୧୪-୨୧, ୨୧-୦୯, ୧୫-୨୧ରେ ପରାସ୍ତ ହୋଇଛନ୍ତି। ୨୦୨୨ରେ ପ୍ରମୋଦ ଏବଂ ବିଥେଲ ୨ ଥର ଫାଇନାଲରେ ପରସ୍ପରକୁ ଭେଟିଥିବାବେଳେ ଉଭୟ ଥର ବିଥେଲ ବାଜି ମାରିଛନ୍ତି।

## ଆରାଧା ଚାମ୍ପିୟନ, କ୍ରିଷ୍ଣା ରନର୍ସଅପ୍

**ଭୁବନେଶ୍ୱର, ୧୩।୬ (କ୍ରୀଡ଼ା ପ୍ରତିନିଧି)**



ପୁରସ୍କାର ସହ ଆରାଧା ବର୍ମା ଓ କ୍ରିଷ୍ଣା ରାଜ।

ଦୁଇଟି ଭିନ୍ନ ପ୍ରତିଯୋଗିତାରେ ଓଡ଼ିଶା ଟେନିସ ଖେଳାଳି ଆରାଧା ବର୍ମା ଚାମ୍ପିୟନ ଓ କ୍ରିଷ୍ଣା ରାଜ ରନର୍ସଅପ୍ ହୋଇଛନ୍ତି। ଅହମଦାବାଦରେ ଅନୁଷ୍ଠିତ ପ୍ରତିଯୋଗିତାରେ ଆରାଧା ଡବଲ୍ସରେ ଟାଇଟଲ ବିଜୟୀ ହୋଇଥିବାବେଳେ ସିଙ୍ଗଲ୍ସରେ ରନର୍ସଅପ୍ ହୋଇଥିଲେ। ଡବଲ୍ସ ପାର୍ଟନର ଗୁଜରାଟର ଜାହ୍ନବୀ ଆସାୱାଙ୍କୁ ସାଥିକରି ଆରାଧା ଫାଇନାଲରେ ତାମିଲନାଡୁର ହରିତାଶ୍ରୀ ଭେଙ୍କଟେଶ ଓ କର୍ନାଟକର ଜି.ଡି. ମେଘନାଙ୍କୁ ୬-୪, ୬-୭, ୧୦-୪ ସେଟ୍‌ରେ ହରାଇଥିଲେ। ସିଙ୍ଗଲ୍ସ ଫାଇନାଲରେ ସେ କିନ୍ତୁ ହରିତାଶ୍ରୀଙ୍କଠାରୁ ୩-୬, ୨-୬ ସେଟ୍‌ରେ ହାରି ଯାଇଥିଲେ। ତାଙ୍କ କ୍ୟାମ୍ପମେଟ୍ କ୍ରିଷ୍ଣା ହାଇଦ୍ରାବାଦରେ ଅନୁଷ୍ଠିତ ଏସିଆନ ଟେନିସର ଡବଲ୍ସରେ ହାରି ଯାଇଥିଲେ। ମହାରାଷ୍ଟ୍ରର ପ୍ରତିଷ୍ଠା ସଇନୀଙ୍କୁ ସାଥିକରି କ୍ରିଷ୍ଣା ତେଲେଙ୍ଗାନା ଯୋଡ଼ି ଭେନେଲା ରେଡ୍ଡୀ ଓ ଶ୍ରୀମାନ୍ୟା ରେଡ୍ଡୀଙ୍କଠାରୁ ୩-୬, ୭-୧୦ରେ ପରାଜିତ ହୋଇଥିଲେ। ଉଭୟ ଆରାଧା ଓ କ୍ରିଷ୍ଣା ପଟିଆସ୍ଥିତ ଫରହାନ ଅଲୀ ଟେନିସ ଏକାଡେମୀରେ ପ୍ରଶିକ୍ଷଣରତ। ଉଭୟ ଖେଳାଳି ନିଜ ନିଜ ପ୍ରତିଯୋଗିତାରେ ବହୁତ ଭଲ ଖେଳିଥିଲେ ବୋଲି ଫରହାନ ପ୍ରକାଶ କରିଛନ୍ତି।








HeroMotoCorp.com TheHeroMotoCorp HeroMotoCorpLimited HeroMotoCorp HeroMotoCorpIndia

Regd. Office: Hero MotoCorp Ltd., The Grand Plaza, Plot No.2, Nelson Mandela Road, Vasant Kunj - Phase -II, New Delhi - 110070, India. CIN: L35911DL1984PLC017354. It is our endeavour to improve our product. This could lead to changes in product specifications without notice. Accessories and features shown may not be a part of the standard fitment. Always wear a helmet while riding a two-wheeler. **As per the cumulative global production volume till 21st January 2021. ***Largest two-wheeler selling company in the world for any particular country for the year 2020. *The offer is valid on select models in select cities only and is subject to change without any prior notice. ^Based on offers from empanelled dealers on Wheels of Trust platform. All features may not be part of all products. T&C apply. For further information, contact nearest Hero MotoCorp authorised outlet (s) or call Toll Free No. 1800-266-0018 or visit website www.heromotocorp.com

Authorized Dealers: Bhubaneswar: Rohan Hero, Ph: 9289922474, Bharat Hero, Ph: 7799766378, DD Hero, Ph: 7799766329, Arundhati Hero, Ph: 9289923183, Cuttack: JMG Hero, Ph: 9289922178, Sunny Hero, Ph: 9289922697, Essen Hero, Ph: 9289923078, Angul: Parbati Hero, Ph: 9289922902, Balasore: Neelam Hero, Ph: 9289922519, Baripada: Aditya Hero, Ph: 7799766370, Bhadrak: Sanjib Hero, Ph: 9289922608, Chandikhol: S. K. Hero, Ph: 9289922900, Jagatsinghpur: Trishul Hero, Ph: 9289922675, Jajpur Road: Soumik Hero, Ph: 9289922611, Jaleswar: Sai Hero, Ph: 9289922844, Jatni: Vishal Hero, Ph: 9289922984, Keonjhar: Supreme Hero, Ph: 9289922182, Nayagarh: Bhagabati Hero, Ph: 9289922687, Puri: Sanjib Hero, Ph: 9289923107, Behrampur: Lakshmi Motors, Dharma Nagar, Ph: 9289923187, Lakshmi Automotives, Gajapati Nagar, Ph: 9289922184, Jeypore: Supreme Hero, Ph: 9289922183, Phulbani: Narayani Hero, Ph: 9289922991, Raygada: Ajit Hero, Ph: 9289922819, Bargarh: Aakash Hero, Ph: 9289922181, Bhawanipatna: Arundhati Hero, Ph: 9289922837, Bolangir: Arundhati Hero, Ph: 9289923033, Jharsuguda: Vijaylaxmi Hero, Ph: 9289922595, Rourkela: Dua Hero, Ph: 9289922179, Sambalpur: Sri Shyam Hero, Ph: 9289922484, Sonepur: Jai Jawan Hero, Ph: 9289922800, Sundergarh: Robotech Hero, Ph: 9289923063, Dhenkanal: Som Hero, Ph: 9289922614, Talcher: Tarini Hero, Ph: 9289922736.


4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ଯନ୍ତ୍ର କରୁଛି ଜବ୍‌କାର୍ଡଧାରୀ କାମ



**ନୟାଗଡ଼ ଅଫିସ,୧୩।୬:** ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ ଚଣ୍ଡିପ୍ରସାଦ ଗ୍ରାମ ପୋଖରୀ ପୁନରୁଦ୍ଧାର କାମ ଜେସିବି ଓ ଟ୍ରାକ୍ଟର କରୁଛି । ଜବ୍ କାର୍ଡଧାରୀଙ୍କ କାମ ମେଶିନ କରୁଥିବାବେଳେ ପ୍ରତିବାଦ କଲେ ଧମକ ମିଳୁଥିବା ଅଭିଯୋଗ ହୋଇଛି । ଏହି ପୋଖରୀ ପୁନରୁଦ୍ଧାର ଓ ଗାର୍ଡୱାଲ ପାଇଁ ୨୦ ଲକ୍ଷ ମଞ୍ଜୁର ହୋଇଛି । ଏଠାରେ ଜବ୍‌କାର୍ଡଧାରୀଙ୍କୁ କାମ ଦିଆଯାଉ ନ ଥିବାରୁ ଜିଲାପାଳ, ଖଣ୍ଡପଡ଼ା ବିଡିଓ, ଭିଜିଲାନ୍ସ, ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କରାଯାଇଛି। ଅଭିଯୋଗ ପରେ ତଦନ୍ତ ହେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ଓ କ୍ଷୋଭ ପ୍ରକାଶ ପାଇଛି ।

### ଛାମୁସ ଲାୟନ୍ସ, ଓଡ଼ଗାଁ ଥଣ୍ଡର, ଇଲେଭେନ ଏମ୍ପରର ବିଜୟୀ

#### ଓଡ଼ଗାଁ କ୍ରିକେଟ ଲିଗ୍‌ର ଦ୍ୱିତୀୟ ଦିବସ

**ଓଡ଼ଗାଁ, ୧୩।୬ (ସ୍ୱ.ପ୍ର.):** ଓଡ଼ଗାଁ ରଘୁନାଥ ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ୧୩ ତମ ଓଡ଼ଗାଁ କ୍ରିକେଟ ଲିଗ୍‌ର ୩ଟି ମ୍ୟାଚ ସୋମବାର ଅନୁଷ୍ଠିତ ହୋଇଥିଲା। ପ୍ରଥମ ଲିଗ ମ୍ୟାଚ୍ ଛାମୁସ ଲାଏନ୍ସ ଓ ଫିଟନେଓ କ୍ଲବ ମଧ୍ୟରେ ଅନଷ୍ଠିତ ହୋଇଥିଲା । ଫିଟନେଓ କ୍ଲବ ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା । ଫିଟ୍‌ନେଓ କ୍ଲବ୍ ବ୍ୟାଟିଂ ଆରମ୍ଭ କରି ୮ ଉଇକେଟ ବିନିମୟରେ ୧୨ ଓଭରରେ ୮୧ ରନ ହାସଲ କରିଥିବା ବେଳେ ପ୍ରତିପକ୍ଷ ଛାମୁସ ଲାୟନ୍ସ ୧୦ ଓଭରରେ ୪ ଇଉକେଟ ବିନିମୟରେ ବିଜୟ ପାଇଁ ଆବଶ୍ୟକ ୮୨ ରନ ହାସଲ କରି ୬ ଉଇକେଟରେ ବିଜୟୀ ହୋଇଥିଲା। ସେହିପରି ଲିଗର ୨ୟ ମ୍ୟାଚ୍ ଓଡ଼ଗାଁ ଥଣ୍ଡର ଓ ଜୟ ଶ୍ରୀରାମ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଓଡ଼ଗାଁ ଥଣ୍ଡର ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୭ ଉଇକେଟ ହରାଇ ୧୧୪ ରନ ହାସଲ କରିଥିବା ବେଳେ ପ୍ରତିପକ୍ଷ ଜୟଶ୍ରୀରାମ୧୧ ଓଭରରେ ୯୪ ରନ କରି ସମସ୍ତ ଉଇକେଟ ହରାଇଥିଲା। ବିଜୟୀ ଓଡ଼ଗାଁ ଥଣ୍ଡର ୨୦ ରନରେ ବିଜୟୀ ହୋଇଥିବା ବେଳେ ଦଳର ନଗେଶ ପ୍ରଧାନଙ୍କୁ ଉଲ୍ଲେଖନୀୟ ଖେଳ ପ୍ରଦର୍ଶନ ପାଇଁ ମ୍ୟାନ ଅଫ ଦି ମ୍ୟାଚ ଘୋଷଣା କରାଯାଇଥିଲା । ଅନ୍ତିମ ଲିଗ୍ ମ୍ୟାଚ୍ ଇଲେଭେନ ଏମ୍ପରର ଓ ୟୁନିକ୍ ଇଲେଭେନ ଷ୍ଟାର ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ୟୁନିକ୍ ଇଲେଭେନ ଷ୍ଟାର ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ମାତ୍ର ୬୪ ରନ ସଂଗ୍ରହ କରିଥିଲା । ପ୍ରତିପକ୍ଷ ଇଲେଭେନ ଏମ୍ପରର ୬ ଓଭରରେ ୨ଉଇକେଟ ହରାଇ ୬୭ ରନ ହାସଲ କରିବା ସହିତ ବିଜୟୀ ହୋଇଥିଲା। ଏହି ଦଳର ବାଦଲ ମହାପାତ୍ର ୪ ଓଭରରେ ୧୨ ରନ ସଂଗ୍ରହ କରିବା ସହିତ ୪ ଉଡକେଟ ହାସଲ କରି ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ ହୋଇଥିଲେ। ରୋହନ, ଚନ୍ଦନ, ମିଥୁନ, ସନ୍ତୋଷ ଦୋରା ମ୍ୟାଚ ପରିଚାଳନା କରିଥିଲେ ।

# ଗଜା ହେଉନି ଧାନ ବିହନ

**ନୟାଗଡ଼ ଅଫିସ,୧୩।୬**

ସରକାର ଯୋଗାଉଥିବା ଧାନ ବିହନ ଗଜା ହେଉନି। ପ୍ୟାକେଟ୍ ଖୋଲିବା ପରେ ଅଧିକାଂଶ ବିହନର ମାନ ଠିକ୍ ନ ଥିବା ଅଭିଯୋଗ ହୋଇଛି। ବିହନ ଗଜା ହେବ କି ନାହିଁ କେତେଜଣ ଚାଷୀ ପରୀକ୍ଷା କରିଥିଲେ। ହେଲେ ଅଧିକାଂଶ କ୍ଷେତ୍ରରେ ଜଣାପଡ଼ିଛି, ୧୦ଟି ଧାନ ବିହନରୁ ୧ରୁ ୩ଟି ଗଛ ହେଉଛି । ଯଦି ଗଛ ଠିକ୍‌ରେ ନ ହେବ, ଚାଷୀ ଧାନ ବିହନ କିଣି ଲାଭ କ'ଣ ବୋଲି ପ୍ରଶ୍ନ ଉଠିଛି। ଏଣୁ ବିହନର ମାନ ଉପରେ ସନ୍ଦେହ କରି କେତେଜଣ ଚାଷୀ ବିହନ ଫେରାଉଛନ୍ତି। ଅନ୍ୟପକ୍ଷେ ସବ୍‌ସିଡି ମିଳିବ ବୋଲି କୁହାଯାଉଛି। ହେଲେ କେତେ ମିଳିବ କୁହାଯାଉ ନାହିଁ। ୨୦ କେଜି ଧାନ ବିହନର ଦାମ ୭୦୨ ଟଙ୍କା ରହିଛି। ଏଭଳି ସ୍ଥଳେ ଧାନ ବିହନ ଗଜା ନ ହେବା ଓ ବିହନର ମୂଲ୍ୟ ଶୁଣି ଅନେକ ଚାଷୀ ମୁହଁ ମୋଡ଼ି ଦେଉଛନ୍ତି ।

ନୟାଗଡ଼ ବ୍ଲକ କଣ୍ଟାବଣିଆ ଗାଁର ଚାଷୀ ବାଳକୃଷ୍ଣ ଜେନା କୁହନ୍ତି, ଧାନର ମାନ ଠିକ୍ ନ ଥିବା ଦେଖିବା ପରେ ଗଛ ହେବ କି ନାହିଁ ପରୀକ୍ଷା କରିଥିଲି। କଳାଚମ୍ପା ବିହନକୁ ଗୋଟିଏ ପାତ୍ରରେ ୧୦ଟି ପକାଇଲି। ତେବେ ମାତ୍ର ଗୋଟିଏ ଗଛ ଉଠିଲା। ଏଣୁ ଏହି ବିହନ ଗଛ ହେବ କି ନାହିଁ ସନ୍ଦେହ ସୃଷ୍ଟି କରିଛି।



ଜଣେ ଚାଷୀ ଗଜା ଧାନ ଦେଖାଉଛନ୍ତି।

ପୁଣି ଆଉ କିଛି ବିହନ ପରୀକ୍ଷଣ କରିଛି। ଦେଖାଯାଉ କିପରି ରେଜଲ୍ଟ ଆସୁଛି। କଣ୍ଟାବଣିଆର କୁମୁଦ ଚନ୍ଦ୍ର ଜେନା ଓ ଦିଲ୍ଲୀପ ନନ୍ଦ କୁହନ୍ତି, ଧାନ ବିହନ ଗଜା ଠିକ୍‌ରେ ହେଉନି। ପାଖରେ ବିହନ ନାହିଁ। ବିହନ ଫେରାଇବୁ କି ବୁଣିବୁ ଜାଣିପାରୁନୁ। ରଘୁନାଥପ୍ରସାଦର ପ୍ରମୋଦ ତ୍ରିପାଠୀ କୁହନ୍ତି, ମୃଣାଳିନୀ ବିହନରୁ ୧୦୦ରୁ ୭୨ ଗଛ ଉଠୁଛି। ୯୦% ବିହନ ଗଜା ନ ହେଲେ ଏହା ଉପରେ ସନ୍ଦେହ ହେବା ସ୍ୱାଭାବିକ। ସୁବର୍ଣ୍ଣ, ସ୍ୱର୍ଣ୍ଣ ବିହନ ୬୪% ଗଛ ହେଉଛି। ଏଣୁ ସରକାରୀ ବିହନ ଉପରେ ଭରସା ପାଉନି ବୋଲି ସେ କହିଛନ୍ତି। ରଘୁନାଥପ୍ରସାଦର ବାସୁଦେବ ମହାନ୍ତି କୁହନ୍ତି, ହସଦ ବିହନ ଆଣିଥିଲି। ହେଲେ ବିହନର ମାନ ଠିକ୍ ନ ଥିବାରୁ ଜେମାଦେଈପୁର ସୋସାଇଟିରେ ଯାଇ ବିହନ ଫେରାଇଲି । ଦଶପଲ୍ଲାର ମାଘା ସାହୁ କୁହନ୍ତି, ଧାନ ବିହନ ଠିକ୍ ଭାବେ ଗଛ ହେଉନି। ଏଭଳି ସ୍ଥଳେ ସରକାରୀ ବିହନ ବୁଣିବୁ କିପରି ବୋଲି ଚିନ୍ତା ଘାରିଲାଣି ।

- ୧୦ଟି ବିହନରୁ ଗଛ ହେଉଛି ଗୋଟିଏ
- ଭରସା ନ ପାଇବାରୁ ଫେରାଉଛନ୍ତି ଚାଷୀ
- ମିଳୁନି ସବ୍‌ସିଡି, ବିହନ ମୂଲ୍ୟ ବାଧୁଛି

### ଚାଷୀଙ୍କ ପାଖରେ ବିହନ ନାହିଁ

ଚାଷୀଙ୍କ ପାଖରେ ଧାନ ବିହନ ନାହିଁ। ଗତବର୍ଷ ବାତ୍ୟା ଯୋଗୁ ଧାନ ଫସଲ ନଷ୍ଟ ହୋଇଗଲା। ଏଣୁ ଚାଷୀ ବିହନ ରଖିପାରିଲା ନାହିଁ। ଚଳିତବର୍ଷ ବିହନ କେଉଁଆଡୁ ଆସିବ, ଚାଷ କିପରି ହେବ ସେହି ଚିନ୍ତା ଚାଷୀଙ୍କୁ ଘାରିଛି। ସରକାରୀ ବିହନ ଗଛ ହେଉ ନ ଥିବାରୁ ଚିନ୍ତା ବଢ଼ିଛି । କୃଷି କର୍ମଚାରୀ ଏହାର ସମାଧାନର ମାର୍ଗ ଦେଖାଉ ନାହାନ୍ତି ବୋଲି ଅଭିଯୋଗ ଉଠିଛି ।

### ମୌସୁମୀ ଧୋକା ଦେଲାଣି

ଖରିଫ ଋତୁ ଆରମ୍ଭରୁ ବର୍ଷା ନାହିଁ। ଅକ୍ଷୟତୃତୀୟ ଗଲାଣି, କିନ୍ତୁ ଜମି ପଡ଼ିଆ ପଡିଛି। ପ୍ରାରମ୍ଭରୁ ମୌସୁମୀ ଧୋକା ଦେବା ଆରମ୍ଭ କରିଛି। ଚଳିତବର୍ଷ ଭଲ ଫସଲ ହେବ ନାହିଁ ବୋଲି ଚାଷୀ ସନ୍ଦେହ ପ୍ରକାଶ କରିଛି। ଏଭଳିସ୍ଥଳେ ବିହନ ଚିନ୍ତା ଘାରିଛି। ଏନେଇ ଗଣିଆର ସୁଦାମ ପ୍ରଧାନ କୁହନ୍ତି, ବିହନ ଉପରେ ସମସ୍ୟା ଦେଖାଦେଇଛି। ଜିଲା ମୁଖ୍ୟ କୃଷି ଅଧିକାରୀଙ୍କୁ ଫୋନ କଲେ ଫୋନ ଉଠାଉ ନାହାନ୍ତି। ଗଣିଆ କୃଷି ବିଭାଗର କର୍ମଚାରୀଙ୍କ ସହଯୋଗ ମିଳୁନି। ଏପଟେ ବର୍ଷା ଧୋକା ଦେଇଛି। ସେପଟେ କୃଷି ବିଭାଗ କୃଷକଙ୍କଠାରୁ ଦୂରେଇ ଚାଲିଛି। ଜିଲା ମୁଖ୍ୟ କୃଷି ଅଧିକାରୀ ବିଜୟ ପ୍ରଧାନ କୁହନ୍ତି, ବିହନ ପରୀକ୍ଷା କରି ବୁଣନ୍ତୁ। ଭଲ ବିହନ ନ ହେଲେ ଫେରାଇ ଦିଅନ୍ତୁ ବୋଲି ସେ କହିଛନ୍ତି ।

### ଶ୍ରଦ୍ଧାଞ୍ଜଳି ସଭାରେ ସ୍ମୃତି ଚାରଣ



**ନୟାଗଡ଼ ଅଫିସ,୧୩।୬**

ଶିକ୍ଷକ ବନ୍ଧୁ ତଥା ବରିଷ୍ଠ ଖବରଦାତା ଭକ୍ତ ରଞ୍ଜନ ମହାରଣା ଓ ପ୍ରାଧ୍ୟାପକ ଗୀତା ଦେବୀଙ୍କ ବିୟୋଗରେ ନୟାଗଡ଼ରେ ଏକ ଶ୍ରଦ୍ଧାଞ୍ଜଳି ସଭା ରବିବାର ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ଖବରଦାତା ପ୍ରଦୀପ୍ତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ କବି ବିଜୟ କୁମାର ଚୌଧୁରୀ, ସାମାଜିକ କର୍ମୀ ବୈକୁଣ୍ଠ ପ୍ରଧାନ, ନିରଞ୍ଜନ ମିଶ୍ର, କିଶୋର ପରମଗୁରୁ, ଦାମୋଦର ସାହୁ, ଅନାଦି ମହାନ୍ତ ଓ ପ୍ରତାପ ନନ୍ଦ, ନାଟ୍ୟକାର ରାମଚନ୍ଦ୍ର ମିଶ୍ର ପ୍ରମୁଖ ଯୋଗ ଦେଇ ଭକ୍ତ ରଞ୍ଜନ ମହାରଣା ଓ ଗୀତା ଦେବୀଙ୍କ ସ୍ମୃତି ଚାରଣ କରିଥିଲେ। ରୋଟାରିଆନ ଗୋଦାବରୀଶ ସାହୁ ଧନ୍ୟବାଦ ଦେଇଥିଲେ ।

### କୁମ୍ଭାରପଡ଼ା ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଇଁ ପ୍ରସ୍ତୁତି

**ଖଣ୍ଡପଡ଼ା,୧୩।୬ (ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ ଅଧୀନ କୁମ୍ଭାରପଡ଼ା ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ସୋମବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସୁବର୍ଣ୍ଣ ଜୟନ୍ତୀ କମିଟିର ସମ୍ପାଦକ ଅଜୟ କୁମାର ସେଠୀଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ବୈଠକରେ କୁମ୍ଭରପଡ଼ା ସରପଞ୍ଚ ଚିନ୍ମୟ କୁମାର ପଣ୍ଡା, ପୂର୍ବତନ ସରପଞ୍ଚ ଅଖିଳ କୁମାର ପଣ୍ଡା, ଅବସରପ୍ରାପ୍ତ ପୋଲିସ ପ୍ରଶାସକ ପ୍ରସନ୍ନ କୁମାର ପଣ୍ଡା, ପୁରାତନ ଛାତ୍ରୀଛାତ୍ର,ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକମାନେ ଯୋଗଦେଇ ମତାମତ ଦେଇଥିଲେ । ସର୍ବସମ୍ମତି ପ୍ରସ୍ତାବ କ୍ରମେ ଜୁଲାଇ ୧୨ ଓ ୧୩ରେ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ କରାଯିବ ବୋଲି ନିଷ୍ପତି ନିଆଯାଇଛି । ଏ ଅବସରରେ ଏକ ସ୍ମରଣିକା ପ୍ରକାଶ ପାଇବ । ବିଦ୍ୟାଳୟର ପୁରାତନ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ ଓ ସ୍ଥାନୀୟ ଅଞ୍ଚଳର ଗଣମାନ୍ୟ ବ୍ୟକ୍ତିଙ୍କ ଆଲେଖ୍ୟକୁ ଉକ୍ତ ସ୍ମରଣିକାରେ ସ୍ଥାନ ଦିଆଯିବ । ଉଦ୍‌ଘାଟନୀ ଉତ୍ସବରେ ସ୍ଥାନୀୟ ବିଧାୟକ, ମନ୍ତ୍ରୀ ଓ ରାଜନୈତିକ ବ୍ୟକ୍ତିଙ୍କୁ ନିମନ୍ତ୍ରଣ କରିବା ପାଇଁ ମତ ପ୍ରକାଶ ପାଇଥିଲା । ୨ୟ ଦିବସରେ ଜିଲା ଓ ବ୍ଲକ ପ୍ରଶାସନିକ ଅଧିକାରୀମାନଙ୍କୁ ନିମନ୍ତ୍ରଣ କରାଯିବ ବୋଲି ଆୟୋଜକମାନେ କହିଛନ୍ତି। ଏ ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।



ଶ୍ରୀଜୀଉଙ୍କ ହାତୀମୁଣ୍ଡ, ଟାହିଆ ନିର୍ମାଣ ଚାଲିଛି ।

### ଦେବସ୍ନାନ ପୂର୍ଣ୍ଣିମୀ ପାଇଁ ହାତୀମୁଣ୍ଡ, ଟାହିଆ ପ୍ରସ୍ତୁତ

**ଖଣ୍ଡପଡ଼ା,୧୩।୬ (ସ୍ୱ.ପ୍ର.)**

କଣ୍ଟିଲୋ ଶ୍ରୀନୀଳମାଧବ ଜୀଉଙ୍କ ପାର୍ଶ୍ୱଠାକୁର ଶ୍ରୀଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରା ମଙ୍ଗଳବାର ଦେବସ୍ନାନ ପୂର୍ଣ୍ଣମୀରେ ରତ୍ନ ସିଂହାସନରୁ ଓହ୍ଲାଇ ସ୍ନାନମଣ୍ଡପକୁ ବିଜେ କରିବେ । ତିନି ଠାକୁରଙ୍କ ସ୍ନାନଯାତ୍ରା ପାଇଁ ରବିବାରଠାରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ଠାକୁରଙ୍କ ହାତୀ ବେଶ ପାଇଁ କଣ୍ଟିଲୋ ଖୁଦ ବେହେରା ପାଟଣା ଗ୍ରାମର ଯୁବ ଶିଳ୍ପୀ ପ୍ରଶାନ୍ତ କୁମାର ସାହୁ ଓ ତାଙ୍କର ସହଯୋଗୀମାନେ ମୁଖା ଓ ଟାହିଆ ପ୍ରସ୍ତୁତ କରିଛନ୍ତି । ଚଳିତବର୍ଷ ସ୍ନାନଯାତ୍ରା ପାଳନ ନିମନ୍ତେ ପୁରୀ ବାଲିସାହି ଗିରି ସ୍ୱାମୀ ମଠର ମହନ୍ତ ସ୍ୱାମୀ ଇନ୍ଦିରା ରମଣ ମହାରାଜ ସମସ୍ତ ସାହାଯ୍ୟ ସହଯୋଗ ଯୋଗାଇ ଦେଉଥିବା ମନ୍ଦିର ପ୍ରଶାସନ ସୂତ୍ରରୁ ସୂଚନା ମିଳିଛି। ଜ୍ୟେଷ୍ଠ ପୂର୍ଣ୍ଣମୀରେ ଶ୍ରୀଜଗନ୍ନାଥଙ୍କ ଆବିର୍ଭାବ ତଥା ଜନ୍ମତିଥି । ଏହି ଦିବସରେ ତାଙ୍କ ପ୍ରତିମାକୁ ଅଧିବାସ ପୂର୍ବକ ସ୍ନାନ କରାଇଲେ କୋଟି ଜନ୍ମ ପାପର ବିନାଶ ଘଟିଥାଏ ବୋଲି ବିଶ୍ୱାସ ରହିଛି ।

### ଜିଲା ପ୍ରଶାସନ ପକ୍ଷରୁ ଜନଶୁଣାଣି ଶିବିର

**ଖଣ୍ଡପଡ଼ା,୧୩।୬ (ସ୍ୱ.ପ୍ର.)**

#### ୪୭ ଅଭିଯୋଗ ସମାଧାନ ହେଲା

ନୟାଗଡ଼ ଜିଲା ପ୍ରଶାସନ ପକ୍ଷରୁ ଖଣ୍ଡପଡ଼ା ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ, ଗ୍ରାମ୍ୟ ଉନ୍ନୟନ ବିଭାଗ ପ୍ରକଳ୍ପ ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ରାୟ, ଉପଜିଲାପାଳ ଲଗ୍ନଜିତ ରାଉତ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ମକରନ୍ଦ ବେଉରା, ଖଣ୍ଡପଡ଼ା ବ୍ଲକ ଅତିରିକ୍ତ ଦାୟିତ୍ୱରେ ଥିବା ଗଣିଆ ବିଡିଓ ସିରିୟାଲ ଶୁଭ୍ର ପଟେଲ, ତହସିଲଦାର ପାର୍ଥ ସାରଥୀ ହାଁସଦାଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଶୁଣିଥିଲେ। ଶିବିରରେ ହସ୍ତଗତ ହୋଇଥିବା ଅଭିଯୋଗ ମଧ୍ୟରେ ୧୩୦ ବ୍ୟକ୍ତିଗତ ଓ ୯ଟି ଗ୍ରାମ୍ୟ ସମସ୍ୟା ସମ୍ପର୍କୀତ ଥିଲା । ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ପାଇବା ନିମନ୍ତେ ଆବେଦନ କରିଥିବା ୩ ବ୍ୟକ୍ତିଙ୍କୁ ସହାୟତା ପ୍ରଦାନରେ ବିଳମ୍ବକୁ ନେଇ ଅଭିଯୋଗ ଉଠିଥିଲା।

ଜିଲା ପ୍ରଶାସନିକ ଅଧିକାରୀମାନେ ଶୁଣାଣି କରି ୪୭ ଅଭିଯୋଗର ତ୍ୱରିତ ସମାଧାନ କରିଥିଲେ । ଖଣ୍ଡପଡ଼ା ବ୍ଲକ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଯୋଜନାରେ ବିଭିନ୍ନ ଅନିୟମିତତା ନେଇ ଅଭିଯୋଗ ଉଠିଥିଲା । ଅଙ୍ଗନୱାଡିକେନ୍ଦ୍ରକୁ ନିମ୍ନମାନର ଛତୁଆ ଯୋଗାଣ ହେଉଥିବା ନେଇ ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ସେହିପରି ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ଖାଉଟି କାର୍ଡ ବଣ୍ଟନ, ସାମାଜିକ ନିରପତ୍ତା ବିଭାଗ ଓ ରାଜସ୍ୱ ବିଭାଗ ସମ୍ପର୍କୀତ ଅଭିଯୋଗଗୁଡ଼ିକର ଶୁଣାଣି କରାଯାଇଥିଲା । ଖଣ୍ଡପଡ଼ା ବ୍ଲକ ଅଧୀନ ୨୨ ପଞ୍ଚାୟତରୁ ବିଭିନ୍ନ ଅଭିଯୋଗ ନେଇ ଅଭିଯୋଗକାରୀମାନେ ଜିଲାପାଳଙ୍କୁ ଭେଟିବାକୁ ଆସିଥିଲେ । ହେଲେ ଜିଲାପାଳ ଅନୁପସ୍ଥିତ ଥିବାରୁ ସେମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ ।



ଜନଶୁଣାଣି ଶିବିରରେ ବିଭାଗୀୟ ଅଧିକାରୀ ଓ ଅଭିଯୋଗକାରୀ ।

### ବିପଦସଙ୍କୁଳ ପୋଲରେ ଯାତାୟାତ ବନ୍ଦ ଦାବି

**ନୟାଗଡ଼ ଅଫିସ,୧୩।୬**

ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥର ଇଟାମାଟି ଥାନା ବଡପଣ୍ଡୁସର ପୋଲରେ ତେଲ ଟ୍ୟାଙ୍କର କୁସୁମୀ ନଦୀ ଭିତରକୁ ଓଲଟି ୪ଜଣ ଜୀବନ୍ତ ଦଗ୍ଧ ହେବା ପରେ ଚର୍ଚ୍ଚାକୁ ଆସିଛି । ପୋଲଟି ବିପଦସଙ୍କୁଳ ଥିବାରୁ ଏକ ନୂଆ ପୋଲ ନିର୍ମାଣ ଚାଲିଛି। ପୁରୁଣା ପୋଲ ଦେଇ ଓଜନିଆ ଗାଡ଼ି ଯାତାୟତ କରିଲେ ଦୋହଲୁଛି । ଏଥିଯୋଗୁ ସେହି ପୋଲ ଉପରେ ଯାତାୟତ ବନ୍ଦ କରାଯାଉ ବୋଲି ସିପିଏମ୍ ପକ୍ଷରୁ ଦାବି କରାଯାଇଛି। ନୂଆ ପୋଲ ନିର୍ମାଣ ପୂର୍ଣ୍ଣାଙ୍ଗ ନ ହେବା ପର୍ଯ୍ୟନ୍ତ ତୁରନ୍ତ ବିକଳ୍ପ ରାସ୍ତା ବ୍ୟବସ୍ଥା କରାଯାଉ ବୋଲି ସିପିଏମ୍ ନେତା ବିଶ୍ୱନାଥ ମହାପାତ୍ର ଓ ଏସ୍.କରିମ କହିଛନ୍ତି।

### ୫୦ ୟୁନିଟ୍ ରକ୍ତ ସଂଗ୍ରହ

**ରାୟଗଡ଼(ଗଜପତି)୧୩।୬ (ଡି.ଏନ୍.ଏ.)**

ରାୟଗଡ଼ ବ୍ଲକରେ ବିଶ୍ୱ ରକ୍ତ ଦାତା ଦିବସ ଅବସରରେ ଓଡ଼ିଶା ମୋ ପରିବାର ତରଫରୁ ଜୀବନ ବିନ୍ଦୁ ରକ୍ତଦାନ ଶିବିର ସୋମବାର ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ଏଙ୍ଗାରସିଂ ପଞ୍ଚାୟତର ସରପଞ୍ଚ କୁମାରୀ କାର୍ଯ୍ୟ ପ୍ରଥମେ ରକ୍ତ ଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ମୋଟ ୫୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ମୋ ପରିବାର ସଦସ୍ୟମାନେ ଉପସ୍ଥିତ ଥିଲେ।

### ଏଏସ୍ ୱାରିୟର ଚାମ୍ପିୟନ

**ଦଶପଲ୍ଲା,୧୩।୬ (ଡି.ଏନ.ଏ.)**

#### ମଧଖଣ୍ଡ ପ୍ରିମିୟର ଲିଗ୍ ଉଦ୍‌ଯାପିତ

ଦଶପଲ୍ଲା ବ୍ଲକ୍ ଅନ୍ତର୍ଗତ ମଧଖଣ୍ଡରେ ୧୫ ଦିନ ଧରି ଚାଲିଥିବା କ୍ରିକେଟ୍ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା,ବ୍ଲକ୍ ଅଧକ୍ଷା ସୁନନ୍ଦା ସାହୁ,୧୧ ନଂ. ଜିଲା ପରିଷଦ ସଭ୍ୟ ବସନ୍ତ ପ୍ରଧାନ, ପୂର୍ବତନ ଜିଲା ପରିଷଦ ସଭ୍ୟ ଦିଲ୍ଲୀପ ବେହେରା, ସରପଞ୍ଚ ସସ୍ମିତା ପ୍ରଧାନ, ଓ ସମିତି ସଭ୍ୟା ଅନୁପମା ବେହେରା ପ୍ରମୁଖ ଯୋଗଦେଇଥିଲେ । ଏହି ଲିଗ୍ ମ୍ୟାଚ୍‌ରେ ୪ ଟି ଦଳ ଅଂଶଗ୍ରହଣ କରିଥିବାବେଳେ ଫାଇନାଲ୍ ମ୍ୟାଚ୍ ଚିତ୍ତାକର୍ଷକ ହୋଇଥିଲା। ମ୍ୟାଚ୍‌ରେ ଏଏସ୍ ୱାରିୟର ଚମ୍ପିୟାନ ହୋଇଛି। ମ୍ୟାନ ଅଫ୍ ଦି ମ୍ୟାଚ୍, ଚିତ୍ତ ରଞ୍ଜନ ଡାକୁଆ, ମ୍ୟାନ ଅଫ୍ ଦି ସିରିଜି ରାଜେନ୍ଦ୍ର ଖମାରୀଙ୍କୁ ସମ୍ମାନିତ କରାଯାଇଥିଲା। ଏହି ପ୍ରିମିୟର ଲିଗ୍‌ରେ ମଧ୍ୟଖଣ୍ଡ, ଘୋଲାହାଣ୍ଡି, ଡିହଗା, ପଞ୍ଚାୟତର ଯୁବକମାନେ ଭାଗ ନେଇଥିଲେ ।



ଅତିଥିଙ୍କ ଗହଣରେ ଖେଳାଳିମାନେ ।

### ଖଳିସାହିରେ ଭାଜପାର ସଂକଳ୍ପ ସମାବେଶ




ଭାଜପା ସମାବେଶରେ ଦଳୀୟ କର୍ମୀ ଓ ନେତା ।

**ଖଣ୍ଡପଡ଼ା,୧୩।୬ (ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ ଅଧୀନ ଖଳିସାହି ଦଶଦୋଳ ଯାତ୍ରା ପଡ଼ିଆରେ ଭାଜପା ପକ୍ଷରୁ ସୋମବାର ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ୮ବର୍ଷ ପୂର୍ତ୍ତି ଅବସରରେ କେନ୍ଦ୍ର ସରକାରଙ୍କ ଜନହିତରେ ଯୋଜନାଗୁଡ଼ିକ ସମ୍ପର୍କରେ ସର୍ବସାଧାରଣଙ୍କୁ ଅବଗତ କରିବା ସହ ପ୍ରତ୍ୟେକ ପଞ୍ଚାୟତରେ ଦଳୀୟ ସଙ୍ଗଠନକୁ ସୁଦୃଢ କରିବା ଲାଗି ନେତାମାନେ ଗୁରୁତ୍ୱାରୋପ କରିଥିଲେ । ଖଳିସାହି ମଣ୍ଡଳ ସଭାପତି ଭରତ ବିଶ୍ୱାଳ, ଯୁବ ସଙ୍ଗଠକ ତଥା ଆଇନଜୀବୀ ଅଭିଳାଷ ପଣ୍ଡା, ପୂର୍ବତନ ସରପଞ୍ଚ ଧନେଶ୍ୱର ମହାପାତ୍ର, ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂ, ନିର୍ମଳା ବିଶ୍ୱାଳ, ପ୍ରଦୀପ୍ତ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଭାଜପା ନେତା ଓ ସଙ୍ଗଠକମାନେ ଦଳୀୟ ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ସଂକଳ୍ପ ନେଇଥିଲେ ।